

କୋହଲିଙ୍କ ରେକର୍ଡ ଭାଙ୍ଗିଲେ ରାହୁଲ
ପୃଷ୍ଠା ୬

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 57 | ଭାଗ ୩୪ | ସଂଖ୍ୟା ୫୭ | Bhubaneswar | Tuesday 20 May 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୨୦ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ପାକିସ୍ତାନ ଟାର୍ଗେଟ୍‌ରେ ଥିଲା ସ୍ୱର୍ଣ୍ଣ ମନ୍ଦିର




### ଉଦ୍ୟମ ପଣ୍ଡ କରିଥିଲା 'ଆକାଶ'

**ନୂଆଦିଲ୍ଲୀ,୧୯।୫:** ଗତ ୬-୭ରେ 'ଅପରେସନ୍ ସିନ୍ଦୂର' ମାଧମରେ ପହଲଗାମ୍ ଆତଙ୍କୀ ହମ୍‌ଲାର ପ୍ରତିଶୋଧ ନେଇଛି ଭାରତ। ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ପାକିସ୍ତାନର ଏକାଧିକ ସ୍ଥାନରେ ହମ୍‌ଲା ପରି ଭାରତୀୟ ସେନା ପାକିସ୍ତାନର ପ୍ରମୁଖ ଆତଙ୍କୀ ସଙ୍ଗଠନଗୁଡ଼ିକୁ ଜବରଦସ୍ତ ଝଟ୍‌କା ଦେଇଥିଲା। ଏହାପରେ ପାକିସ୍ତାନ ଏହାର ଜବାବ ଦେବା ସକାଶେ ସମସ୍ତ ପ୍ରକାର ପ୍ରସ୍ତୁତ କରିଥିଲା। ଏପରିକି ପାକିସ୍ତାନ ପକ୍ଷରୁ ପଞ୍ଜାବର ବିଶ୍ୱବିଖ୍ୟାତ ସ୍ୱର୍ଣ୍ଣ ମନ୍ଦିର ଉପରେ ଆକ୍ରମଣ କରାଯିବା ସକାଶେ ଯୋଜନା ହୋଇଥିଲା। କିନ୍ତୁ ପାକିସ୍ତାନର ଏହି ଉଦ୍ୟମକୁ ପଣ୍ଡ କରିଥିଲା ଭାରତୀୟ ସେନା। ଭାରତର ସାମରିକ ଶକ୍ତିକୁ ବହୁଗୁଣିତ କରିଥିବା 'ଆକାଶ' ମିସାଇଲ ଓ ଏଲ୍-୭୦ ଏୟାର୍ ଡିଫେନ୍ସ ଗନ୍ ପାକିସ୍ତାନ ସେନା ପକ୍ଷରୁ ପଠାଯାଇଥିବା ଡ୍ରୋନ୍ ଓ ମିସାଇଲକୁ ଧରାଶାୟୀ କରିଦେବାରେ ସକ୍ଷମ ହୋଇଥିଲେ। ଏପରି ସୂଚନା ଦେଇଛନ୍ତି ୧୫ ପଦାତିକ ଡିଭିଜନ୍‌ର ଜିଓସିର ମେଜର ଜେନେରାଲ କାର୍ତ୍ତିକ ଡି. ଶେଷାଦ୍ରି। ସୋମବାର ଅମୃତସରଠାରେ ଭାରତୀୟ ସେନା ପକ୍ଷରୁ ପାକିସ୍ତାନର କେଉଁ କେଉଁ ଅସ୍ତ୍ରକୁ କିପରି ଭାବେ ଅକାମୀ କରିଦିଆଯାଇଛି, ସେନେଇ ଏକ ଡେମୋ ଦେଖାଯିବାର ବନ୍ଦୋବସ୍ତ ହୋଇଥିଲା। ➪ପୃଷ୍ଠା-୬

## ସମ୍ବେଦନଶୀଳତା ଦେଖାଇଲେ ମୁଖ୍ୟମନ୍ତ୍ରୀ
# ସିଙ୍ଗଲ୍ ୱିଣ୍ଡୋରେ ସାଢ଼େ ୧୩ ଲକ୍ଷ ସହାୟତା

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** 'ଲୋକଙ୍କ ମୁଖ୍ୟମନ୍ତ୍ରୀ' ଭାବେ ପରିଚିତି ହାସଲ କରିଥିବା ମୋହନ ଚରଣ ମାଝୀଙ୍କ ଲୋକଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଆଜି ଏକାଦଶ ପାଳି ଥିଲା। ଲୋକଙ୍କ ସରକାର ଲୋକଙ୍କ ସହିତ ଅଛନ୍ତି। ସମସ୍ତଙ୍କ ଅଭିଯୋଗର ଓ ତାଙ୍କ ମନ୍ତ୍ରିମଣ୍ଡଳର ୬ ଜଣ ବରିଷ୍ଠ ମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଓ ସଚିବସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ମୁଖ୍ୟମନ୍ତ୍ରୀ ଲୋକଙ୍କ ଅଭିଯୋଗ ଶୁଣି ବିହିତ କାର୍ଯ୍ୟାନୁଷ୍ଠାନ ପାଇଁ ଝଲସିଉଠୁଥିଲା। ପୂର୍ବ ପରି ଆଜି ମଧ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ସ୍ୱପ୍ରକୋଷ୍ଠରେ ପହଞ୍ଚି ତାଙ୍କୁ ଅପେକ୍ଷା କରିଥିବା ଭିନ୍ନକ୍ଷମ ଓ ଦୁରାରୋଗ୍ୟ ପୀଡ଼ିତଙ୍କୁ ଭେଟିବା ସହ ସେମାନଙ୍କ ସମସ୍ୟା

- ● ମୁଖ୍ୟମନ୍ତ୍ରୀଙ୍କ ସହ ୬ ମନ୍ତ୍ରୀ, ବିଭାଗୀୟ ଶାସନ ସଚିବ ଓ ପଦାଧିକାରୀ ଉପସ୍ଥିତ
- ● ଗତ ୧୦ଟି ପାଳିରେ ୮୫ ପ୍ରତିଶତ ଅଭିଯୋଗର ସମାଧାନ ହୋଇଛି
- ● ଗରିବ, ଅସହାୟଙ୍କ ସହାୟତା ଆମ ସରକାରଙ୍କ ପ୍ରାଥମିକତା

ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେଉଛନ୍ତି। ଆଜି ୟୁନିଟ-୨ସ୍ଥିତ ନୂଆ ଅଭିଯୋଗ ପ୍ରକୋଷ୍ଠରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଲୋକଙ୍କ ସମସ୍ୟା ଓ ଦୁଃଖ ଶୁଣିବା ସହ ଏହାର ସମାଧାନ ଓ ପ୍ରତିକାର ପାଇଁ ତତ୍କାଳ ପଦକ୍ଷେପ ନେଇଛନ୍ତି। ଆଜିର ଶୁଣାଣି ପାଇଁ ୧ ହଜାର ଅଭିଯୋଗକାରୀ ଅନ୍‌ଲାଇନରେ ନାମ ପଞ୍ଜିକରଣ କରିଥିବା ବେଳେ ମୁଖ୍ୟମନ୍ତ୍ରୀ ବିଭାଗୀୟ ମନ୍ତ୍ରୀ ଓ ସଚିବମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ସିଧାସଳଖ ଭେଟିବା ସହ ଆପତ୍ତି ଅଭିଯୋଗ ନେଇ ଅବଗତ କରାଇ ଅଭିଯୋଗକାରୀମାନେ ବେଶ୍ ଆତ୍ମସନ୍ତୋଷର ସହ ଫେରୁଥିବା ଦେଖିବାକୁ ମିଳିଥିଲା। ମୁଖ୍ୟମନ୍ତ୍ରୀଙ୍କ ଆଶ୍ୱାସନାଭରା କଥା ସେମାନଙ୍କୁ ଗଭୀର ଭାବେ ପ୍ରଭାବିତ କରିବା ସହ ସୁଶାସନର ଅନୁଭୂତି ସେମାନଙ୍କ ଆଖିରେ ଶୁଣିଥିଲେ। ଏଥିସହ ସିଙ୍ଗିଲ୍ ୱିଣ୍ଡୋ ସିଷ୍ଟମରେ ଅସାଧ ଓ ଦୁରାରୋଗ୍ୟ ପୀଡ଼ିତଙ୍କୁ



ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଛି। ଆଜି ଚିକିତ୍ସା ଖର୍ଚ୍ଚ ପାଇଁ ମୋଟ ୧୪ ଜଣଙ୍କୁ ସାଢ଼େ ୧୩ ଲକ୍ଷ ଟଙ୍କାର ସହାୟତା ପ୍ରଦାନ କରାଯାଇଛି। ଏଥିରେ ନୟାଗଡ଼ର ସନ୍ତୋଷ ବିଶ୍ୱାଳଙ୍କୁ ୫୦ ହଜାର, ଯାଜପୁରର ବିଷ୍ଣୁଚରଣ ସାହୁଙ୍କୁ ୧ ଲକ୍ଷ, ଭଦ୍ରକର ଲକ୍ଷ୍ମୀଧର ସେଠୀଙ୍କୁ ୧ ଲକ୍ଷ, କଟକର ସାତ୍ତ୍ୱିକ କରଙ୍କୁ ୧ ଲକ୍ଷ, କେନ୍ଦୁଝରର ନବୀନ କୁମାର ସେଠୀଙ୍କୁ ୨ ଲକ୍ଷ, ମୟୂରଭଞ୍ଜର ସୁନୀତା ଚୌଧୁରୀଙ୍କୁ ୧ ଲକ୍ଷ, କଟକର ପ୍ରଶାନ୍ତ କୁମାର ପଣ୍ଡାଙ୍କୁ ୫୦ ହଜାର, ବୌଦ୍ଧର ନୀଳକଣ୍ଠ ପ୍ରଧାନ ଓ ଯଦୁମଣି କର୍ମୀଙ୍କୁ ୧ ଲକ୍ଷ ଲେଖାଏଁ, ଗଞ୍ଜାମର ଛାୟା ନାୟକଙ୍କୁ ୧ ଲକ୍ଷ,, ଭଦ୍ରକର ବୁଦ୍ଧିଆ ମଣ୍ଡଳଙ୍କୁ ୧ ଲକ୍ଷ, ନବରଙ୍ଗପୁରର କମଳା ନାୟକଙ୍କୁ ୧ ଲକ୍ଷ, ଖୋର୍ଦ୍ଧାର କୈଳାସ ➪ପୃଷ୍ଠା-୬

# ପୋଲାଭରମ ବିବାଦ: ହସ୍ତକ୍ଷେପ କରିବେ ମୋଦି

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ବର୍ଷ ବର୍ଷ ଧରି ପୋଲାଭରମ ପ୍ରକଳ୍ପ ବିବାଦ ତୁଟିପାରୁନି। ଶେଷରେ ହସ୍ତକ୍ଷେପ କରିବେ ପ୍ରଦାନମନ୍ତ୍ରୀ ନରେନ୍ଦ୍ର

- ● ୨୮ରେ ଚାରି ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା
- ● ରାଜ୍ୟ ସ୍ୱାର୍ଥର ସୁରକ୍ଷା ପାଇଁ ଯୁକ୍ତି ରଖିବେ ସରକାର



ମୋଦି। ଏହି ଗୋଟିଏ ପ୍ରକଳ୍ପକୁ ନେଇ ୪ ରାଜ୍ୟରେ ମଧରେ ତୁତୁ ମେଁମେଁ ଚାଲିଥିବା ବେଳେ ନିଜେ ପ୍ରଧାନମନ୍ତ୍ରୀ ଓଡ଼ିଶା, ଆନ୍ଧ୍ର, ତେଲେଙ୍ଗାନା ଓ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିବେ।

ପୋଲାଭରମକୁ ପ୍ରଥମେ ଜାତୀୟ ପ୍ରକଳ୍ପ ମାନ୍ୟତା ଓ ପରେ ସ୍ୱତନ୍ତ୍ର ଅନୁଦାନ ଦେଲେ କେନ୍ଦ୍ର ସରକାର। କୋର୍ଟରେ ମାମଲା ସତ୍ତ୍ୱେ କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ପୋଲାଭରମ ପ୍ରକଳ୍ପ ପାଇଁ ଓଡ଼ିଶା ଦୀର୍ଘବର୍ଷ ହେବ ଲଢୁଛି ନ୍ୟାୟିକ ଲଢେଇ। ଏହି ପ୍ରକଳ୍ପ ଦ୍ୱାରା ହଜାର ହଜାର ଲୋକ କ୍ଷତିଗ୍ରସ୍ତ ହେବେ ବୋଲି ବିଜେଡି ଓ କଂଗ୍ରେସ କହୁଛନ୍ତି। ଘରଠାରୁ ଚାଷଜମି ସବୁକିଛି ବୁଡ଼ିଯିବ ବୋଲି ଆଶଙ୍କା କରାଯାଉଛି। ଦୀର୍ଘବର୍ଷର ଏହି ସମସ୍ୟାର ସମାଧାନ ପାଇଁ ପ୍ରଥମ ଥର ପ୍ରଧାନମନ୍ତ୍ରୀ ଏ ବାବଦରେ ଆଲୋଚନା କରିପାରନ୍ତି ବୋଲି ଜାତୀୟ ଗଣମାଧମରେ ଚର୍ଚ୍ଚା ଜୋର ଧରିଛି।

ଆସନ୍ତା ୨୮ରେ ପୋଲାଭରମକୁ ନେଇ ପ୍ରଧାନମନ୍ତ୍ରୀ ଆନ୍ଧ୍ର, ତେଲେଙ୍ଗାନା, ଓଡ଼ିଶା, ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କରିପାରନ୍ତି। ଜାତୀୟ ଗଣମାଧମର ଏପରି ଚର୍ଚ୍ଚା ଭିତରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ନେଇ ଖବର ନାହିଁ। ଅଫିସର ସ୍ତରରେ ହୋଇପାରେ ଆଲୋଚନା। ପୋଲାଭରମକୁ ନେଇ ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା ଦ୍ୱାରା ଦାଖଲ ହୋଇଥିବା ଆବେଦନ ଏବେ ସୁପ୍ରିମକୋର୍ଟରେ ବିଚାରାଧୀନ ରହିଛି। ଏଭଳି ସ୍ଥିତିରେ ପ୍ରଧାନମନ୍ତ୍ରୀଙ୍କ ଆଲୋଚନା ପରେ ଓଡ଼ିଶା ନ୍ୟାୟ ପାଇବ ବୋଲି କହିଛନ୍ତି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଆଲୋଚନା ହେଲେ ସବୁପ୍ରକାର ଯୁକ୍ତି ➪ପୃଷ୍ଠା-୬

## ଦେଶଦ୍ରୋହ ମାମଲାରେ ବଢୁଛି ଗିରଫଦାରୀ

**ନୂଆଦିଲ୍ଲୀ,୧୯।୫:** ଦେଶଦ୍ରୋହ ମାମଲାରେ ଗିରଫ ହୋଇଥିବା ହରିଆଣାର ହିସାର୍ ନିବାସୀ ଜ୍ୟୋତି ମାଲ୍‌ହୋତ୍ରାଙ୍କ ସମ୍ପର୍କରେ ଦିନକୁ ଦିନ ନୂଆ ନୂଆ ତଥ୍ୟ ସାମ୍ନାକୁ ଆସିବାରେ ଲାଗିଛି। ଭାରତ ସମ୍ପର୍କରେ ପଡ଼ୋଶୀ ପାକିସ୍ତାନକୁ ବିଭିନ୍ନ ସମ୍ବେଦନଶୀଳ ସୂଚନା ପ୍ରଦାନ ଅଭିଯୋଗରେ ଗତ ସପ୍ତାହରେ ଗିରଫ ହୋଇଥିବା ଜ୍ୟୋତି ଏକାଧିକ ବାର ପାକିସ୍ତାନ ଗସ୍ତ କରିବା ସହ ସେ ପାକିସ୍ତାନ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ପାଇଁ କାମ କରୁଥିଲେ ବୋଲି ସ୍ଥାନୀୟ ପୁଲିସ୍ କହିଛି। ଆଜି ହିସାର ପୁଲିସ ପକ୍ଷରୁ କୁହାଯାଇଛି ଯେ ପାକିସ୍ତାନରେ କାମ କରୁଥିବା ଗୁଇନ୍ଦାମାନଙ୍କ ସଂସ୍ପର୍ଶରେ ଆସିବା ସହ ଜ୍ୟୋତି ନିୟମିତ ଭାବେ ସେମାନଙ୍କୁ ତଥ୍ୟ ଯୋଗାଉଥିଲେ। ସେଠାକାର ଗୁଇନ୍ଦାମାନେ ଜ୍ୟୋତିଙ୍କୁ ସଠିକ୍ ସମୟରେ ଭାରତ ବିରୁଦ୍ଧରେ ବ୍ୟବହାର କରିବା ସକାଶେ ପ୍ରସ୍ତୁତ କରୁଥିଲେ। ଜ୍ୟୋତି ମଧ ପହଲଗାମ ଆତଙ୍କୀ ହମ୍‌ଲା ପୂର୍ବରୁ ଜଣେ ଟ୍ରାଭେଲ ଏଜେଣ୍ଟ ଭାବେ ତିନି ଥର ପାକିସ୍ତାନ ଗସ୍ତ କରିଥିଲେ।

# ଜ୍ୟୋତିଙ୍କ ଚୀନ୍ ଲିଙ୍କ୍‌ର ଖୁଲାସା



ପହଲଗାମ୍ ହମ୍‌ଲାରେ ପର୍ଯ୍ୟଟକଙ୍କୁ ଦୋଷ ଦେଇଥିଲେ

ଏପରିକି ଏହି ସମୟ ମଧରେ ସେ ଚୀନ୍ ମଧ ଯାଇଥିଲେ। ପାକିସ୍ତାନ ସହ ଚୀନ୍ ମଧ ଭାରତ ବିରୋଧରେ ଶତ୍ରୁତା ଆଚରଣ କରିଆସିଥିବାରୁ ଜ୍ୟୋତିଙ୍କୁ ଏଥିପାଇଁ ବ୍ୟବହାର କରାଯିବାର ଯୋଜନା ଥିବା ସମ୍ଭାବନାକୁ ମଧ ହିସାର ପୁଲିସ୍ ଅସ୍ୱୀକାର କରିନାହିଁ।

ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏସପି ଶଶାଙ୍କ କୁମାର ସାୱନ କହିଛନ୍ତି ଯେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକ ହରିୟାଣା ପୁଲିସ୍‌କୁ କହିଛନ୍ତି ଯେ ପାକିସ୍ତାନରେ ସକ୍ରିୟ ଗୁଇନ୍ଦାମାନେ ବେଶ୍ କୋମଳ କଥାବାର୍ତ୍ତାକୁ ପ୍ରୋତ୍ସାହିତ କରିବା ସକାଶେ ସୋସିଆଲ ମିଡିଆରେ ସକ୍ରିୟ ଥିବା ଲୋକଙ୍କୁ ନିଯୁକ୍ତି ଦେଉଛନ୍ତି। ସେହିପରି ଗତ ଶୁକ୍ରବାର ଗିରଫ ହୋଇଥିବା ଜ୍ୟୋତିଙ୍କୁ ପାଞ୍ଚଦିନିଆ ପୁଲିସ ହେପାଜତକୁ ପଠାଇ ଦିଆଯାଇଛି। ଏଥିସହ ହରିୟାଣା ପୁଲିସ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ସହ ଯୋଗାଯୋଗ କରିବା ପରେ ଜ୍ୟୋତିଙ୍କୁ ପଚରାଉଚରା କରୁଛି। ଆମେ ତାଙ୍କ ଆୟର ଉତ୍ସ ଜାଣିବା ପାଇଁ ତାଙ୍କ ଯାତ୍ରା ଇତିହାସ ଏବଂ ଆକାଉଣ୍ଟ କାରବାରର ତଦନ୍ତ କରୁଛୁ। ତାଙ୍କ ଆୟ ଓ ଖର୍ଚ୍ଚ ମଧରେ ଯଥେଷ୍ଟ ପାର୍ଥକ୍ୟ ରହିଛି। ତେଣୁ ତାଙ୍କୁ ନିୟମିତ ଭାବେ କୌଣସି ବାହ୍ୟ ପାଣ୍ଠି ଯୋଗାଣ ହେଉଥିବା ନେଇ ସନ୍ଦେହ କରାଯାଉଛି। ସେ ଜଣେ ବ୍ଲଗର୍ ବ୍ୟତୀତ ଆହୁରି ଅନେକ କିଛି ଭୂମିକା ନିର୍ବାହ କରୁଥିବା ଅନୁମାନ କରାଯାଉଛି। ସେ ଥରେ ଚୀନ୍ ଗସ୍ତ କରିବା ସହ ସେଠାରେ ଭିସା ପାଇଁ ଏକ ଭିଡିଓ ଶେୟାର କରିଥିଲେ। ସେ ପାକିସ୍ତାନୀ ଗୁଇନ୍ଦା ଏଜେନ୍ସି ସମ୍ପର୍କରେ ଥିବା ଅନ୍ୟାନ୍ୟ କେତେକ ୟୁଟ୍ୟୁବ୍ ଇନଫ୍ଲୁଏନ୍ସରଙ୍କ ସହ ମଧ ଯୋଗାଯୋଗ ରଖୁଥିବା ତଥ୍ୟ ସାମ୍ନାକୁ ଆସିଛି।

ଅନ୍ୟପକ୍ଷରେ ଜ୍ୟୋତି ତାଙ୍କ ୟୁଟ୍ୟୁବ୍ ଭିଡିଓରେ ପାକିସ୍ତାନକୁ ପ୍ରଶଂସା କରିବା ସହ ବିଭିନ୍ନ ସମୟରେ ସେଠାକାର ବରିଷ୍ଠ ପଦାଧିକାରୀଙ୍କୁ ମଧ ପ୍ରଶଂସା କରୁଥିବା ଦେଖିବାକୁ ମିଳିଛି। ଏଥିସହ ସେ ଗତ ପହଲଗାମ୍ ଆତଙ୍କୀ ହମ୍‌ଲା ସମୟରେ ଏକ ➪ପୃଷ୍ଠା-୬




### ସେନା ଅଧିକାରୀ-ପୁଲିସ ବିବାଦ
## ୪ ପୁଲିସ ଅଧିକାରୀଙ୍କ ଉପରୁ ହଟିଲା ନିଲମ୍ବନ

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଭରତପୁର ଥାନା ସେନା ଅଧିକାରୀ ଓ ପୁଲିସ ବିବାଦ ମାମଲାରେ ୪ ପୁଲିସ ଅଧିକାରୀଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହୃତ ହୋଇଛି। ପୂର୍ବରୁ ସବ୍‌ଇନସ୍ପେକ୍ଟର ବୈଶାଳିନୀ ପଣ୍ଡା, ଏଏସଆଇ ସଲିଳମୟୀ ସାହୁ ଓ ସାଗରିକା ରଥଙ୍କ ସମେତ ୪ ଜଣ ପୁଲିସ କର୍ମଚାରୀଙ୍କ ନିଲମ୍ବନ କରାଯାଇଥିଲା। କିନ୍ତୁ ଆଜି ସେମାନଙ୍କ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇଥିବା ନେଇ ପୁଲିସ୍ ମୁଖ୍ୟାଳୟ ପକ୍ଷରୁ ➪ପୃଷ୍ଠା-୬

# ଜମି ପଟ୍ଟାର ହେବ ସଂଶୋଧନ

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ରାଜ୍ୟରେ ହେବ ପଟ୍ଟା ସଂଶୋଧନ। ଯାହାର ୪ ଡିସିମିଲ୍‌ରୁ କମ ଜାଗା ଥିବ, ତାକୁ ମଧ ଭୂମିହୀନ ଭାବେ ଗଣନା କରାଯିବ। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ଘର ଘର ଯାଇ ତଥ୍ୟ ସଂଗ୍ରହ କରିବ ରାଜସ୍ୱ ବିଭାଗ ।



୪ ଡିସିମିଲ୍‌ରୁ କମ୍ ଜମି ଥିବା ଲୋକଙ୍କୁ ସରକାର ଦେବେ ଜାଗା

ଅଜା ବାପାଙ୍କ ଦେହାନ୍ତ ପରେ ପୁଅ ନାତି ଓ ଝିଅଙ୍କ ନାମକୁ ପଟ୍ଟା ଚଢ଼ାଯିବ। ଓଡ଼ିଶା ଲ୍ୟାଣ୍ଡ ସେଟଲମେଣ୍ଟ ରୁଲ୍‌ସ, ୧୯୮୩ରେ ସଂଶୋଧନ କରାଯିବ। ବିବାହିତ ଝିଅମାନଙ୍କୁ ଏଥିରେ ସାମିଲ କରାଯିବ। ଭୂମିହୀନ ପରିଭାଷା ପରିବର୍ତ୍ତନ ହେବ। ୪ ଡିସିମିଲରୁ କମ ଥିବା ଜମି ମାଲିକଙ୍କୁ ସରକାର ଜମି ଯୋଗାଇଦେବେ। ସ୍ତମ୍ଭ-୨ରେ ସଂଶୋଧନ ହେବ। ୨ ଡିସିମିଲ ଜାଗା ଥିବା ବ୍ୟକ୍ତି ସରକାରଙ୍କୁ ଫେରାଇ ଅନ୍ୟ ସ୍ଥାନରେ ୪ ଡିସିମିଲ ଜାଗା ନେଇପାରିବେ। ଜମିହୀନଙ୍କୁ ଠାବ କରିବାକୁ ତହସିଲଦାରଙ୍କୁ ଦାୟିତ୍ୱ ଦିଆଯିବ। ଓଡ଼ିଶାରେ ଦୁଇଟି ରାଜସ୍ୱ ଆଇନ ଅଛି ଯେଉଁ ଆଇନ ଆଧାରରେ ଜମି ପଟ୍ଟା ବଣ୍ଟନ ହୋଇଆସିଛି। ରାଜ୍ୟ ସରକାରଙ୍କ ଲକ୍ଷ୍ୟ, ରାଜ୍ୟରେ କେହି ଯେଭଳି ଭୂମିହୀନ ନ ରହିବେ। ସମସ୍ତଙ୍କ ପାଖରେ ଘର ନିର୍ମାଣ ପାଇଁ ଅତି କମରେ ରହିବ ୪ ଡିସିମିଲ ଜମି। ଓଡ଼ିଶାରେ ଅପର୍ଯ୍ୟାପ୍ତ ଜମି ଅଛି, ମାତ୍ର ତାହା ପର୍ଯ୍ୟାପ୍ତ ନୁହେଁ। ଉତ୍ତରାଧିକାରୀ ସୂତ୍ରରେ କିଏ ୫ ଡିସିମିଲ ପାଇଛି ତ ପୁଣି କିଏ ଅଧା ଡିସିମିଲ ଜମି ପାଇଛି। ଏବେ ବି ଏଭଳି ଅନେକ ➪ପୃଷ୍ଠା-୬

# ଦଳଡିଆଁଙ୍କୁ ଘରବାହୁଡ଼ା ଚିନ୍ତା

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଗତ ସାଧାରଣ ନିର୍ବାଚନ ପୂର୍ବରୁ କିଛି ସ୍ୱପ୍ନ ନେଇ ବିଜେଡିରେ ମିଶିଥିବା କଂଗ୍ରେସ ନେତାମାନେ ଏବେ ଶଙ୍ଖ ଶିବିରରେ ଅଣନିଃଶ୍ୱାସୀ ହୋଇଗଲେଣି। ସେମାନଙ୍କୁ ଏବେ କଂଗ୍ରେସରୁ ଅଫର୍ ଆସୁଥିବା ବେଳେ ଅସନ୍ତୁଷ୍ଟମାନେ କେବଳ ସମୟ ଓ ସୁଯୋଗକୁ ଅପେକ୍ଷା କରିଛନ୍ତି। ବିଜେଡିରେ ଏମିତି ମାଳମାଳ ଅସନ୍ତୁଷ୍ଟ ଥିବା ବେଳେ ସୁରେନ୍ଦ୍ର ସିଂ ଭୋଇ ଓ ଚିରଞ୍ଜିବୀ ବିଶ୍ୱାଳକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଉପକୂଳ ଓଡ଼ିଶାର ଟାଣୁଆ ନେତା ଚିରଞ୍ଜିବୀ କଂଗ୍ରେସ ସହ ଦୀର୍ଘବର୍ଷର ସମ୍ପର୍କକୁ ଛିନ୍ନ କରି ବଡ଼ ଆଶା ନେଇ ବିଜେଡି ଶିବିରକୁ ଯାଇଥିଲେ। ବିଜେଡି ତାଙ୍କ ହାତରେ ଶଙ୍ଖ ଧରାଇଲା, ହେଲେ ୨୦୨୪ ନିର୍ବାଚନରେ ଲଢ଼ିବାର ସୁଯୋଗ




ଶ୍ୱାସରୁଦ୍ଧ ହେଲେଣି ସୁରେନ୍ଦ୍ର, ଚିରଞ୍ଜିବୀ

ଦେଲାନି। ପ୍ରତିବଦଳରେ ବଡ଼ ପଦବୀରେ ଥଇଥାନ ପାଇଁ ମିଳିଥିଲା ପ୍ରତିଶ୍ରୁତି। ହେଲେ ବିଜେଡି ଶାସନ କ୍ଷମତାରୁ ଯିବା ପରେ ଚିରଞ୍ଜିବୀଙ୍କ ସବୁ ଆଶା ମଉଳିଲା। ପଦବୀ ତ ମିଳିଲାନି, ଦଳରେ କୋଣଠେସା ବି ହୋଇଗଲେ ଚିରଞ୍ଜିବୀ। କିନ୍ତୁ ଗତ କିଛି ଦିନ ଭିତରେ ଭାଇ ରଞ୍ଜୀବ ବିଶ୍ୱାଳ ପୁଣିଥରେ କଂଗ୍ରେସ ଶିବିରରେ ସକ୍ରିୟ ହୋଇଛନ୍ତି। ଜଗତସିଂହପୁର ରାଜନୀତିରେ ଚର୍ଚ୍ଚା ହେଉଛି, ଖୁବଶୀଘ୍ର ଚିରଞ୍ଜିବୀ ବି ପୁରୁଣା ଘରକୁ ଫେରିପାରନ୍ତି। ସେହିଭଳି ପଶ୍ଚିମ ଓଡ଼ିଶାର ହେଭିୱେଟ ଚେହେରା ସୁରେନ୍ଦ୍ର ସିଂ ଭୋଇ। ଚିରଞ୍ଜିବୀଙ୍କ ଭଳି ସୁରେନ୍ଦ୍ର ମଧ ବଡ଼ ସ୍ୱପ୍ନ ନେଇ ବିଜେଡି କ୍ୟାମ୍ପକୁ ଆସିଥିଲେ। ସୁରେନ୍ଦ୍ର ଟିଟିଲାଗଡ଼ରୁ ଲଢ଼ିବାକୁ ଚାହୁଁଥିଲେ ➪ପୃଷ୍ଠା-୬

## ବାଇଡେନଙ୍କୁ କ୍ୟାନସର
### ଆଶୁ ଆରୋଗ୍ୟ କାମନା କଲେ ମୋଦି



**ୱାଶିଂଟନ୍/ନୂଆଦିଲ୍ଲୀ,୧୯।୫(ସଂଚାର ବ୍ୟୁରୋ):** ଆମେରିକାର ପୂର୍ବତନ ରାଷ୍ଟ୍ରପତି ଜୋ ବାଇଡେନ କ୍ୟାନସରରେ ପୀଡ଼ିତ ଥିବା ଜଣାପଡ଼ିଛି। ବାଇଡେନଙ୍କ ପରିଶ୍ରା ପରୀକ୍ଷାରେ କ୍ୟାନସର ରିପୋର୍ଟ ଆସିଥିବା ବେଳେ ସେ ପ୍ରୋଷ୍ଟେଟ କ୍ୟାନସରରେ ପୀଡ଼ିତ ଅଛନ୍ତି। ୮୨ ବର୍ଷୀୟ ବାଇଡେନଙ୍କ ଚିକିତ୍ସା ଚାଲିଥିବା ବେଳେ ରାଷ୍ଟ୍ରପତି ଡୋଲାଲ୍ଡ ଟ୍ରମ୍ପ ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଶ୍ୱର ବହୁ ନେତା ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମିଳିଥିବା ସୂଚନାନୁସାରେ, ବାଇଡେନ୍‌ଙ୍କ ହାଡ଼କୁ କ୍ୟାନ୍ସର୍ ବ୍ୟାପିଥିବା ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଗତକାଲି ଜାରି ଏକ ବିବୃତିରେ କୁହାଯାଇଛି। ଗତ ଜାନୁଆରୀରେ ପଦତ୍ୟାଗ କରିଥିବା ବାଇଡେନ୍‌ଙ୍କଠାରେ ଗତ ସପ୍ତାହରେ ମୂତ୍ରଜନିତ ସମସ୍ୟା ଦେଖାଯିବାରୁ ପରୀକ୍ଷା ପରେ ଡାକ୍ତର ଗତ ଶୁକ୍ରବାର ଏହି ରୋଗ ନିର୍ଣ୍ଣୟ କରିଥିଲେ। ଏହି କ୍ୟାନ୍ସରର ରୂପ ମଧ ଅଧିକ ଆକ୍ରମଣାତ୍ମକ ରହିଛି। ଅର୍ଥାତ୍ ଗ୍ଲିସନ୍ ସ୍କୋର ୧୦ରୁ ୯ ରହିଛି। ଏହାର ଅର୍ଥ ତାଙ୍କ ରୋଗଟି 'ଉଚ୍ଚ ଗ୍ରେଡ୍' ଭାବେ ଶ୍ରେଣୀଭୁକ୍ତ ହୋଇଛି ଏବଂ କ୍ୟାନ୍ସର୍ କୋଷଗୁଡ଼ିକ ବେଶ୍ ଦ୍ରୁତ ଗତିରେ ବ୍ୟାପିବାର ଆଶଙ୍କା ପ୍ରକଟ କରିଛି କ୍ୟାନସର ରିସର୍ଚ୍ଚ ୟୁକେ। ବାଇଡେନ୍ ଓ ତାଙ୍କ ପରିବାର ଚିକିତ୍ସା ବିକଳ୍ପଗୁଡ଼ିକୁ ପରଖୁଥିବା କୁହାଯାଇଛି। ତାଙ୍କ କାର୍ଯ୍ୟାଳୟ ପକ୍ଷରୁ ଆହୁରି କୁହାଯାଇଛି ଯେ ଏହି କ୍ୟାନ୍ସର୍ ହରମୋନ-ସମ୍ବେଦନଶୀଳ ହୋଇଥିବାରୁ ଏହାକୁ ସମ୍ଭବତଃ ନିୟନ୍ତ୍ରଣ କରାଯାଇପାରିବ।

ବାଇଡେନ୍‌ଙ୍କ ସମ୍ପର୍କରେ ଏପରି ସୂଚନା ପାଇବା ପରେ ପ୍ରଧାନମନ୍ତ୍ରୀ ➪ପୃଷ୍ଠା-୬



### କାନ ଡେରିଥା

ବାପା ମାଆ ଶବ୍ଦ ଦୁର୍ଲଭ ଅକ୍ଷର
ପୂଜା କରୁଥାଅ ନୀତି
ବାପା ଥିବା ପୁଅ ସଭାରେ ହାରେନା
ପୂର୍ବ ପୁରୁଷ କହନ୍ତି
ତାଙ୍କ ମନେ ଦିଅ ଶାନ୍ତି...
ସଂସାର ଭିତରେ ଯାତନା ସହନ୍ତି
ସିଏ ପରା ମାଆ ଜାତି।

■ ଦେବାଶିଷ

# ଭକ୍ତଙ୍କ ବିରୋଧରେ ଶକ୍ତ ହେଉଛି ଅସନ୍ତୋଷ

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ପ୍ରଦେଶ କଂଗ୍ରେସ ସଭାପତି ଭାବେ ଭକ୍ତ ଚରଣ ଦାସ ଦାୟିତ୍ୱ ନେବା ପରେ ରାଜ୍ୟ କଂଗ୍ରେସକୁ ବଳ ମିଳିବ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ଭକ୍ତଙ୍କ ଟିମ୍ ଗଠନ ପରେ ଏବେ ତାଙ୍କ ବିରୁଦ୍ଧରେ ଅସନ୍ତୋଷ କ୍ରମଶଃ ଶକ୍ତ ହେବାରେ ଲାଗିଛି। ବିଶେଷକରି କଂଗ୍ରେସର ଚେହେରା କୁହାଯାଉଥିବା ପୁରୁଖା ନେତାମାନଙ୍କୁ ଭକ୍ତଙ୍କ କୋଣଠେସାକୁ ସହଜରେ କଂଗ୍ରେସିଆମାନେ ଗ୍ରହଣ କରିପାରୁନାହାନ୍ତି।

ଭକ୍ତ ଦାୟିତ୍ୱ ନେବା ପରେ ଗଠନ କରିଥିଲେ ରାଜନୈତିକ ବ୍ୟାପାର କମିଟି। ହେଲେ ଏହି ୨୫ଜଣିଆ କମିଟିରେ ସ୍ଥାନ ପାଇନଥିଲେ ବରିଷ୍ଠ ନେତା ନରସିଂହ ମିଶ୍ର, ପଞ୍ଚାନନ




କାନୁନ୍‌ଗୋ ଓ ଅନନ୍ତ ସେଠୀଙ୍କ ଭଳି ପ୍ରମୁଖ ନେତା। ନରସିଂହଙ୍କ ସ୍ଥାନ ନ ପାଇବା ନେଇ ସେତେବେଳେ ପ୍ରଶ୍ନ ଉଠିଥିବା ବେଳେ ପରବର୍ତ୍ତୀ ସମୟରେ ନରସିଂହଙ୍କୁ ଦଳ ଗୁରୁତ୍ୱ ଦେବ ବୋଲି ଆଶା କରାଯାଉଥିଲା। ହେଲେ ଟିମ୍ ଗଠନ ପରେ ନରସିଂହ ବାଦ୍ ପଡ଼ିଛନ୍ତି। ଅନୁରୂପ ଅବସ୍ଥା ପଞ୍ଚାନନ ଓ ଅନନ୍ତଙ୍କର ବି। ଉଭୟ ଭେଟେରାନ ନେତାଙ୍କର କଂଗ୍ରେସ ଓ ରାଜ୍ୟ ରାଜନୀତି ଉପରେ ଢେର ପ୍ରଭାବ ରହିଛି। ପଞ୍ଚାନନ ପୂର୍ବତନ ଅର୍ଥମନ୍ତ୍ରୀ ହୋଇଥିବା ବେଳେ ଅନନ୍ତ ବିଧାୟକ ଓ ସାଂସଦ ମଧ ରହିଛନ୍ତି।

ସେହିଭଳି ପୁଅଙ୍କ ପାଇଁ କଂଗ୍ରେସରୁ ବିଦା ହୋଇଥିବା ସୁରଙ୍କ ଲେଉଟାଣି ପରେ ବି ଭକ୍ତଙ୍କ ଟିମ୍‌ରେ ସ୍ଥାନ ପାଇନାହାନ୍ତି। କ୍ୱାଇଁ ପ୍ରସାଦ ହରିଚନ୍ଦନ ରାଜନୈତିକ ବ୍ୟାପାର କମିଟିରେ ଥିବା ବେଳେ ସୁର କିନ୍ତୁ ଏବେ ଦଳରେ କୋଣଠେସା। କଂଗ୍ରେସ ଛାଡ଼ିବା ପରେ ମଧ ସୁର ଅନ୍ୟ ଦଳକୁ ଯାଇନଥିଲେ। ଭାବବିହ୍ୱଳ ହୋଇ ଦଳକୁ ଫେରିଥିଲେ। ସମସ୍ତେ ଭାବିଥିଲେ ସୁର ପୁଣିଥରେ ରାଜ୍ୟ କଂଗ୍ରେସର ଚେହେରା ହେବେ। ହେଲେ ଭକ୍ତ ସେଥିରୁ ତାଙ୍କୁ ବଞ୍ଚିତ କରିଛନ୍ତି। ସେହିଭଳି ଭକ୍ତଙ୍କର ଅତି ପ୍ରିୟ ମାନସ ଚୌଧୁରୀ ମଧ ଟିମ୍‌ରେ ନାହାନ୍ତି। ଏହା ଏବେ ଅନେକ କଂଗ୍ରେସିଆଙ୍କୁ ଆଶ୍ଚର୍ଯ୍ୟ କରିଛି।

ଅନ୍ୟ ପକ୍ଷରେ ଭକ୍ତଙ୍କ ଟିମ୍‌ରେ ଏଭଳି କେତେକ ନେତା ଅଛନ୍ତି, ଯାହାଙ୍କୁ କଂଗ୍ରେସିଆମାନେ ସହଜରେ ଗ୍ରହଣ କରିପାରୁନାହାନ୍ତି। ବିଶେଷକରି ସୋସିଆଲ ମିଡିଆ ଟିମ୍ ଅଧକ୍ଷ ହୋଇଥିବା ସତ୍ୟଜିତ ଗମାଙ୍ଗ ଓ ବିଜେଡିର ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ। ସୁବର୍ଣ୍ଣଙ୍କୁ ଭକ୍ତ ତାଙ୍କ ଟିମ୍‌ରେ ସାଧାରଣ ସମ୍ପାଦକ ପଦବୀ ଦେଇଛନ୍ତି। ସେହିଭଳି କଂଗ୍ରେସର ଏଭଳି ଆଉ କିଛିନେତା ଭକ୍ତଙ୍କ ଟିମ୍‌ରେ ସାମିଲ ହୋଇଛନ୍ତି, ଯେଉଁମାନେ ଦୀର୍ଘଦିନ ହେଲା କଂଗ୍ରେସ ଭବନ ଦୁଆର ବି ମାଡ଼ିନଥିଲେ।

ବରିଷ୍ଠମାନଙ୍କୁ ଅଣଦେଖା କରାଯିବା ପରେ ଏବେ ଧିରେ ଧିରେ ଭକ୍ତଙ୍କ ବିରୁଦ୍ଧରେ ଅସନ୍ତୋଷ ବଢ଼ିଚାଲିଛି। ଯଦିଓ ସିଧାସଳଖ କେହି ମୁହଁ ଖୋଲିନାହାନ୍ତି, କିନ୍ତୁ ନିର୍ବାଚନ ପାଖେଇ ଆସିଲେ ଅସନ୍ତୁଷ୍ଟମାନେ ନିରବ ରହିବାକୁ ଅଧିକ ପସନ୍ଦ କରିବେ ବୋଲି ତାଙ୍କର ଚେଲାଚାମୁଣ୍ଡାମାନେ କହି ବୁଲିଲେଣି। କାରଣ ଅସନ୍ତୁଷ୍ଟ କଂଗ୍ରେସ ନେତାମାନେ ବିଜେପିକୁ ଯିବାର ପ୍ରଶ୍ନ ଉଠୁନଥିବା ବେଳେ ବୁଡିଯାଉଥିବା ବିଜେଡି ମଧ ସେମାନଙ୍କର ପସନ୍ଦ ନୁହେଁ। ତେଣୁ ନିରବ ରହିବାକୁ ଅନେକ ପ୍ରସ୍ତୁତ ହେଉଛନ୍ତି। ହେଲେ ପ୍ରଦେଶ କଂଗ୍ରେସ ରାଜନୀତିର ଯାହା ଇତିହାସ ରହିଛି, ନିରବ କଂଗ୍ରେସିଆମାନେ ହିଁ ପ୍ରଦେଶ କଂଗ୍ରେସ ସଭାପତିଙ୍କ ପାଇଁ କାଳ ହୋଇଥାନ୍ତି। ➪ପୃଷ୍ଠା-୬

● ଭିନ୍ନକ୍ଷମ ପ୍ରମାଣପତ୍ର ନଥିବାରୁ ଭତ୍ତା ନମିଳିବା ଘଟଣା

# ଦଶନ୍ଧି ଲମ୍ବା ସମସ୍ୟାର ମାତ୍ର ୭ ଘଣ୍ଟାରେ ସମାଧାନ


ଘରେ ପହଞ୍ଚି ପରୀକ୍ଷା କଲା ମେଡିକାଲ୍ ଟିମ୍

ସଂଚାର ପ୍ରଭାବ

**ମହାକାଳପଡ଼ା,୧୯।୫(ସଂଚାର ବ୍ୟୁରୋ):** ୧୧ ବର୍ଷୀୟ ସୁଶ୍ରୀସଙ୍ଗୀତା ସାହୁଙ୍କ କାନକୁ ଶୁଭୁନି କି ଭଲଭାବରେ ସେ କଥା ମଧ୍ୟ କହି ପାରୁନାହାଁନ୍ତି। କିନ୍ତୁ ଭିନ୍ନକ୍ଷମ ପ୍ରମାଣପତ୍ର ହୋଇ ପାରୁନଥିବା ଯୋଗୁଁ ସେ ଭତ୍ତା ପାଉନଥିବାରୁ ବଞ୍ଚିତ ଅଛନ୍ତି। ପରିବାର ତରଫରୁ ବହୁତ ଥର ପ୍ରମାଣପତ୍ର ଟିଏ କରାଇବା ପାଇଁ ଚେଷ୍ଟା କରି ମଧ୍ୟ ବିଫଳ ହୋଇଥିଲେ। ସବୁ ଆଡୁ ନିରାଶ ହେବାପରେ ଶେଷରେ ଆମ ପ୍ରତିନିଧି ପ୍ରଭାତ ରଞ୍ଜନ ଜେନାଙ୍କ ନିକଟରେ ନିଜର ଦୁଃଖ ପ୍ରକାଶ କରିଥିଲେ ପରିବାର। ଏ ସମ୍ପର୍କରେ ଖବର ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶ ପାଇବା ପରେ ତତ୍ପରତା ଦେଖାଇଛି ପ୍ରଶାସନ। ଆଜି ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ମେଡିକାଲ୍ ଅଫିସର ଡଃ ନିରଞ୍ଜନ ଜେନାଙ୍କ ସହଯୋଗରେ ଅଡିଓମେଟ୍ରିକ୍ସ ରଞ୍ଜନ ବେହେରା ଓ ଟେକ୍ନୋ ହେମନ୍ତ ଦାସ ମହାକାଳପଡ଼ା ବ୍ଲକ ତେର ଗାଁ ପଞ୍ଚାୟତର ଗାଁ ପଶଣ ଗ୍ରାମର ସରୋଜକାନ୍ତ ସାହୁଙ୍କ ଘରେ ପହଞ୍ଚି ସୁଶ୍ରୀସଙ୍ଗୀତା ସାହୁଙ୍କର ମେଡିକାଲ୍ ଟେଷ୍ଟ କରିଛନ୍ତି।ସୁଶ୍ରୀସଙ୍ଗୀତା ଙ୍କୁ କଜରୁ ଶୁଭୁନି ଭଲଭାବରେ କଥା ମଧ୍ୟ କହି ପାରୁ ନାହାନ୍ତି। ହେଲେ ଭିନ୍ନକ୍ଷମ ପ୍ରମାଣପତ୍ର ଟିଏ ନହୋଇ ପାରିବାରୁ ସେ ଭତ୍ତା ପାଇବାରୁ ବଞ୍ଚିତ ଅଛନ୍ତି। ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ସୁଶ୍ରୀସଙ୍ଗୀତା ଙ୍କ ବାପା ୨୦୨୩ ମସିହା ଠାରୁ ଝିଅର ଭିନ୍ନକ୍ଷମ ପ୍ରମାଣପତ୍ର ଟିଏ ପାଇଁ ସବୁ ଚେଷ୍ଟା କରିକି ବିଫଳ ହୋଇଥିଲେ। ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ତରଫରୁ କର୍ମଚାରୀ ମାନଙ୍କୁ ଘରେ ଦେଖି ଝିଅର ଭିନ୍ନକ୍ଷମ ପ୍ରମାଣପତ୍ର ମିଳିବା ଆଶା ସାକାର ହେବାକୁ ଯାଉଛି ଓ ତାଙ୍କ ଝିଅ ଭତ୍ତା ପାଇ ପାରିବ ବୋଲି ସୁଶ୍ରୀସଙ୍ଗୀତା ଙ୍କ ବାପା କହିଛନ୍ତି। ଯାହା ତାଙ୍କ ଏତେଦିନର ପ୍ରୟାସ ଓ ଲୋକପ୍ରତିନିଧି କରୁନଥିଲେ ତାହା ଦୈନିକ ଖବରକାଗଜ ସଂଚାର ର ପ୍ରୟାସରେ ସମ୍ଭବ ହୋଇ ପାରିଲା। ସେଥିପାଇଁ ସେ ଆମ ପ୍ରତିନିଧି ଓ ସଂଚାର ଖବରକାଗଜକୁ ଧନ୍ୟବାଦ ଜଣାଇଛନ୍ତି।

ଶୁଣୁନି ବିଭାଗ କି ଦେଖୁନାହାନ୍ତି ଉଚ୍ଚପଦସ୍ଥ ଅଧିକାରୀ

# ପୁରୁଣା ପିଚୁ ଉପରେ ନୂଆ ଡଷ୍ଟ୍, ନିମ୍ନ ମାନର କାମ ଅଭିଯୋଗ


ପୂର୍ବରୁ


ଏବେ

**ରାଜକନିକା,୧୯।୫(ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗ ସିହୋପଡା-ହାଟସାହି ରାସ୍ତା ନିର୍ମାଣରେ ବହୁ ଅନିୟମିତତା ପଦାରେ ପଡ଼ିଲାଣି।ପୁରୁଣା ରାସ୍ତାରୁ ବାହାରି ଥିବା ପରିତ୍ୟକ୍ତ ପିଚୁ ଓ ଗୋଡି କୁ ପୁନର୍ବାର ବ୍ୟବହାର ନେଇ ସାଧାରଣରେ ଅଭିଯୋଗ ହୋଇଛି। ଏଥିପାଇଁ ରାସ୍ତାର ସ୍ଥାୟୀତ୍ୱ ନେଇ ମଧ୍ୟ ସନ୍ଦେହ ଦେଖା ଦେଇଛି। ଏ ସମ୍ପର୍କରେ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶ ହେବା ପରେ ବି ବିଭାଗୀୟ ପଦକ୍ଷେପ ଶୂନ। ଫଳରେ ରାସ୍ତା ନିର୍ମାଣର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ। ଅଭିଯୋଗ ମୁତାବକ ସିହୋପଡା ରୁ ହାଟସାହି ୫ କି:ମି ରାସ୍ତା (ସାଖୀ ସ୍କିମ୍) ରେ ୬ କୋଟି ୪୫ ଲକ୍ଷ ୪୭ ହଜାର ୫୫୩ ଟଙ୍କା ବ୍ୟୟ କରାଯାଉଛି। ଯେହେତୁ ଏହି ରାସ୍ତା ହାଟସାହି, ପଣସଗଣ୍ଡ, ଅବଦୁଲପୁର, ପଧାନପଡା ପଞ୍ଚାୟତର ହଜାର ହଜାର ଲୋକଙ୍କ ଯାତାୟାତର ପ୍ରମୁଖ ରାସ୍ତା ହୋଇ ଥିବାରୁ ଏହାର ନିର୍ମାଣର ଗୁରୁତ୍ୱ ରହିଛି। ଏଥିପାଇଁ ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ତେବେ ଏବେ ରାସ୍ତା ନିର୍ମାଣରେ କେଁ ଦେଖା ଦେଇଛି। ପ୍ରଥମେ ପୁରୁଣା ଭଙ୍ଗା ପିଚୁକୁ ବାହାର କରାଯିବା ସ୍ଥଳେ ନାମକୁ ମାତ୍ର କିଛି ପୁରୁଣା ପିଚୁ ରାସ୍ତା କଡକୁ ଫୋପଡ଼ା ଯାଇଥିବା ବେଳେ ଅଧେରୁ ଅଧିକ ପିଚୁ ଆଉ ପିଚୁ ମିଶା ଗୋଡ଼ିକୁ ରାସ୍ତାରେ ପକା ଯାଉଛି। ଅତି ଚତୁରତାର ସହିତ ସେଇ ପିଚୁ ଉପରେ ଡଷ୍ଟ୍ ପକା ଯାଇ ଲୁଚାଇ ଦିଆ ଯାଉଛି। ଫଳରେ ରାସ୍ତାର ସ୍ଥାୟୀତ୍ୱ ନେଇ ଆଶାବାଦୀ ଥିବା ଅଞ୍ଚଳବାସୀ ଙ୍କୁ ପରୋକ୍ଷରେ ଧୋକ୍କା ଦିଆ ଯାଉ ଥିବାରୁ ତୀବ୍ର ପ୍ରତିକ୍ରିୟା ମଧ୍ୟ ପ୍ରକାଶ ପାଇଛି। ଏହା ସହିତ ଠିକାଦାର ନିଜ ମର୍ଜିରେ କାମ କରୁଥିବାର ଅଭିଯୋଗ ହେଉଛି। ଏ ସମ୍ପର୍କରେ ମଧ୍ୟ ଗଣମାଧ୍ୟମରେ ଚର୍ଚ୍ଚା ହୋଇ ବିଭାଗୀୟ ଅଧିକାରୀ ତଦନ୍ତ କରି ପଦକ୍ଷେପ ନେବେ ପ୍ରତିଶ୍ରୁତି ପରେ ବି କୈଣସୀ ସୁଧାର ଆସିଲାନି। ପରନ୍ତୁ ଏବେ ମଧ୍ୟ ପୁରୁଣା ପିଚୁ, ଆଉ ଗୋଡି ଉପରେ ଡଷ୍ଟ ପକା ଯାଇ ଘୋଡେଇ ଦିଆ ଯାଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।ତୁରନ୍ତ ରାସ୍ତା ନିର୍ମାଣରେ ଉଚ୍ଚସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସି ପାରନ୍ତା ବୋଲି ଦାବି ହେଉଛି।

# ତ୍ରିରଙ୍ଗା ଶୋଭାଯାତ୍ରା

**ମାର୍ଶାଘାଇ, ୧୯।୫(ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ମଙ୍ଗରାଜପୁର ପଞ୍ଚାୟତରେ ଅପରେସନ 'ସିନ୍ଦୂର' ର ସଫଳତାକୁ ନେଇ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହା ଭାରତୀୟ ବୀର ଯବାନ ମାନଙ୍କ ସାହସକୁ ସମ୍ମାନ ଜଣାଇବା ପାଇଁ ଉଦ୍ଦିଷ୍ଟ ବୋଲି ଉପସ୍ଥିତ ଜନସାଧାରଣ ଓ ବୁଦ୍ଧିଜୀବି ମାନେ ପ୍ରକାଶ କରିଥିଲେ। ସ୍ଥାନୀୟ ପୋତାରୀ ଛକରୁ ଶତାଧିକ ଜନସାଧାରଣ, ବୁଦ୍ଧିଜୀବୀ ଓ ମହିଳା ମାନେ ଭାରତ ମାତା ଓ ବୀର ଯବାନ ମାନଙ୍କ ଜୟ ଗାନ କରି ଜନ ସାଧାରଣ ମାନଙ୍କୁ ସଚେତନ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରଶାନ୍ତ ସେଠୀ, ହିରନ୍ୟ ମହାପାତ୍ର, ଅଖିଳ ମହାପାତ୍ର, ପ୍ରଶାନ୍ତ ସାହୁ, ରମାକାନ୍ତ ତ୍ରିପାଠୀ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅନ୍ୟ ମାନଙ୍କ ମଧରେ ପ୍ରଭାସ ସାମନ୍ତରାୟ, ପ୍ରଦୀପ ବେହେରା, ନିରଞ୍ଜନ କାନୁନଗୋ, ସୁକାନ୍ତ ପଣ୍ଡା, ମାନସ ନାୟକ, ସୁବାସ ଦାସ, ଭାସ୍କର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



# ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କଲେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ

**କେନ୍ଦ୍ରାପଡା, ୧୯।୫(ସଂଚାର ବ୍ୟୁରୋ):** ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ଓଡିଶା (ପିଷ୍ଟା) କେନ୍ଦ୍ରାପଡା ଶାଖା ତରଫରୁ ଶିକ୍ଷକ ମାନଙ୍କର ସମସ୍ୟା ନେଇ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ପ୍ରଦାନ କରାଯାଇଛି। ଏହି ଦାବିପତ୍ର ରେ ଲେଵୁଲ ଭି(ଏ) ପ୍ରାଥମିକ ଶିକ୍ଷକ ମାନଙ୍କୁ ଲେଵୁଲ ଭି(ବି) କୁ ପଦୋନ୍ନତି ଦେବାପାଇଁ ପ୍ରାଥମିକ ନିର୍ଦ୍ଦେଶକଙ୍କୁ କୁହାଯାଇଛି। ଯେଉଁଥିରେ କି ଗତ ୨୦୧୧ ଫେବୃଆରୀ ପୂର୍ବରୁ ଯେଉଁମାନେ ଓଟିଇଟି କରି ନାହାଁନ୍ତି, ସେମାନଙ୍କୁ ପଦୋନ୍ନତି ଦେବାପାଇଁ ବାରଣ କରାଯାଇଛି। ନିର୍ଦ୍ଦେଶନାମା ପ୍ରାଥମିକ ଶିକ୍ଷକ ମାନଙ୍କ କ୍ୟାଡର ନିୟମ ୨୦୧୯ ର ପରିପନ୍ଥୀ ଅଟେ। ଏନସିଇଟି ର ନିୟମ ଅନୁଯାୟୀ ପ୍ରାଥମିକ ଶିକ୍ଷକ ମାନଙ୍କ ନିଯୁକ୍ତି ପାଇଁ ଓଟିଇଟି ଆବଶ୍ୟକ। ପଦୋନ୍ନତି ପଇଁ ଆବଶ୍ୟକ ନାହିଁ। କିନ୍ତୁ ସମସ୍ତ ଶିକ୍ଷକ ମାନଙ୍କ ପଦୋନ୍ନତି ପାଇଁ ଓଟିଇଟି ଆବଶ୍ୟକ ଅଛି ବୋଲି ଗଣଶିକ୍ଷା ବିଭାଗ ତରଫରୁ ନିର୍ଦ୍ଦେଶନାମା ଜାରି କରାଯାଇ ଥିବାରୁ ଏହା ସମସ୍ତ ଶିକ୍ଷକ ମାନଙ୍କୁ ଦୁଃଖିତ କରିଛି। ବିଭିନ୍ନ ପର୍ଯ୍ୟାୟରେ ଭିନ୍ନଭିନ୍ନ ପ୍ରାଥମିକ ଶିକ୍ଷକ ସଂଗଠନ ବିଭାଗ ତରଫରୁ ଆଲୋଚନା କରାଯାଇ ଥିଲେ ମଧ ଏପର୍ଯ୍ୟନ୍ତ ଦାବି ପୁରଣ ହୋଇନାହିଁ। ତୁରନ୍ତ ଏହି ଦାବି ଗୁଡିକୁ ପୁରଣ କରିବା ସହିତ ଶିକ୍ଷକ ମାନଙ୍କର ମୌଳିକ ସମସ୍ୟା ଦୂର କରିବା ସହିତ ବିଭାଗ ତରଫରୁ ଦିଆଯାଇଥିବା ନିର୍ଦ୍ଦେଶନାମା କୁ ୨୫ ତାରିଖ ସୁଦ୍ଧା ପ୍ରାତ୍ୟାହାର କରିବାକୁ ସଂଘ ତରଫରୁ ସଂପାଦକ ଅକ୍ଷୟ କୁମାର ପୋଥାଳ ଦାବି କରିଛନ୍ତି।

# ମାହାଙ୍ଗା ବିଧାୟକ ଶାରଦା ପ୍ରଧାନଙ୍କ ଆହ୍ୱାନ କ୍ରମେ ଲଳିତଗିରି ପଞ୍ଚାୟତର ତ୍ରିରଙ୍ଗା ପଦଯାତ୍ରା




**ମାହାଙ୍ଗା,୧୯।୫(ସଂଚାର ବ୍ୟୁରୋ):** ପହଲଗାମ ଆତଙ୍କବାଦୀ ଆକ୍ରମଣ ର ବଦଲା ଭାରତୀୟ ସେନା ନେବା ପରେ ମାହାଙ୍ଗା ବିଜେପି ଲଳିତଗିରି ପଞ୍ଚାୟତରେ ତ୍ରିରଙ୍ଗା ପଦଯାତ୍ରା ବିଜୟ ଉତ୍ସବ। ଲଳିତଗିରି ପଂଚାୟତର ପ୍ରାକ୍ତନ ସରପଞ୍ଚ ଜିତେନ୍ଦ୍ର ଶତପଥୀଙ୍କ ନେତୃତ୍ୱ ଆଜି ଲଳିତଗିରି ପଂଚାୟତର ହରିଭକ୍ତ ପୁର କୋଠି ଛକ ଠାରୁ ଏକ ବିରାଟ ପାଟୁଆରେ ହାତରେ ତ୍ରିରଙ୍ଗା ଧରି ଭାରତ ମାତା କି ଜୟ,ପାକିସ୍ତାନ ମୁର୍ଦାବାଦ, ହିନ୍ଦୁସ୍ତାନ ଜିନ୍ଦାବାଦ,ଅପରେସନ ସିନ୍ଦୁର ସ୍ୱାଗତମ, ସହିଦ ଯବାନ ଅମର ରହେ ସ୍ଲୋଗାନ ଦେଇ ଲଳିତଗିରି ପଂଚାୟତ ଅଫିସ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇ ଥିବା ଭାରତୀୟ ମାନଙ୍କ ପାଇଁ ଗାନ୍ଧୀମୂର୍ତ୍ତୀ ନିକଟରେ ନିରବ ପାର୍ଥନା କରାଯାଇ ଥିଲା।ଏହି କାର୍ଯ୍ୟକ୍ରମରେ ଲଳିତଗିରି ସମିତିସଭ୍ୟ ଧ୍ରୁବ ଚରଣ ସାମଲ, ୪୧ନଂ ଜୋନ ସଭାପତି ନିର୍ମଳ କୁମାର ରାଉତ, ଯୁବନେତା ସନ୍ଦୀପ କୁମାର ସିଂହ, ଯୁବ ସାମ୍ବାଦିକ ପ୍ରଦୀପ୍ତ ମହାରଣା, ସାମ୍ବାଦିକ ଯଯାତି କେଶରୀ ସିଂହ, ସାମ୍ବାଦିକ ଦାମୋଦର ପରିଡା,ସୁବାଷ ମଲ୍ଲିକ, ଦିପକ କୁମାର ସ୍ୱାଇଁ,ପ୍ରତାପ କୁମାର ସିଂହ,ରତିକାନ୍ତ ସିଂହ, ସୁଶାନ୍ତ ଦାସ,ପ୍ରମୁଖ ଶତାଧିକ ମାହାଙ୍ଗା ବିଧାୟକ କର୍ମୀ ମାନଙ୍କ ସହିତ ସାଧାରଣ ଜନତା ଯୋଗ ଦେଇଥିଲେ।

# ବଢୁଛି ବଜ୍ରପାତ ଭୟ: ରୋକିବ ତାଳ,ଖଜୁରିଗଛ

**ମହାକାଳପଡ଼ା,୧୯।୫(ସଂଚାର ବ୍ୟୁରୋ):** ବିଶ୍ୱରେ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ପୂର୍ବ ଅପେକ୍ଷା ବଜ୍ରପାତ ଭୟ ବୃଦ୍ଧି ପାଉଛି। ଫଳରେ ମୃତ୍ୟୁ ସଂଖ୍ୟା ବଢି ଚାଲିଛି। ଏହାକୁ ରୋକିବାକୁ କିଛି ବିକଳ୍ପ ନ ଥିବାରୁ ରାଜ୍ୟ ସରକାରଙ୍କ ଚିନ୍ତା ଘାରିଛି। କିପରି ମୁକାବିଲା କରିବାକୁ ପଡ଼ିବ ସେଥିପାଇଁ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଗାଁଗହଳିର ରାସ୍ତା ପାର୍ଶ୍ୱ, ଖୋଲା ପଡ଼ିଆ, ବାଡ଼ି ବଗିଚା, ନଦୀ କୂଳରେ ବ୍ୟାପକ ପରିମାଣରେ ତାଳ ଓ ଖଜୁରିଗଛ ରୋପଣ କରିବାକୁ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି। ଏଥିପାଇଁ ବ୍ୟାପକ ପରିମାଣରେ ଆର୍ଥିକ ଅନୁଦାନ ବ୍ୟୟ ବରାଦ କରାଯାଇଛି। ଅପରପକ୍ଷରେ ସାଧାରଣତଃ ତାଳ, ଖଜୁର ଗଛ ବଢ଼ିବା ପାଇଁ ଅତିକମ୍‌ରେ ୨୦ରୁ ୩୦ ବର୍ଷ ଲାଗିବ। ଏହାର ପ୍ରତି ଅନ୍ୟ ଏକ ବିକଳ୍ପ ରୂପେ ବ୍ୟାପକ ପରିମାଣରେ ଲୁଣୀ ହେନ୍ତାଳ ଜଙ୍ଗଲ ସୃଷ୍ଟି କରିବା ଆବଶ୍ୟକତା ରହିଛି ବୋଲି କୁହାଯାଇଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳରେ ୧୦ ବର୍ଷ ମଧ୍ୟରେ ୩୫ରୁ ଅଧିକ ବଜ୍ରପାତଜନିତ ମୃତ୍ୟୁ ଘଟିଛି। ବିଶେଷକରି ଚାଷ ଜମିରେ ୨୦ରୁ ଅଧିକ ଚାଷୀଙ୍କ ଜୀବନ ଯାଇଛି ବୋଲି କୁହାଯାଇଛି। ବ୍ଲକର ଜମ୍ବୁ, ବଡିଘର, ଖରିନାସି, ରାମନଗର, କୋଚିଲା, ଆଡୋଇ, ଗଡଡବାଡପୁର ଅଞ୍ଚଳରେ ଚାଷ ଜମିରେ ବଜ୍ରପାତଜନିତ ମୃତ୍ୟୁ ଘଟିଥିବା ତହସିଲ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

# ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

## ମୋଟ୍ ୬୨ ଅଭିଯୋଗ ମଧ୍ୟରୁ ୫ ସାମୂହିକ ଓ ୫୭ ବ୍ୟକ୍ତିଗତ



**କେନ୍ଦ୍ରାପଡା,୧୯।୫(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ସୋମବାର ଜିଲ୍ଲପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପୂର୍ବାହ୍ନ ସମୟରେ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ଅଜାମ୍ବର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ରବୀନ୍ଦ୍ର କୁମାର ମଲ୍ଲିକ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁନ୍ନ ସାମନ୍ତରାୟ, ପଟ୍ଟାମୁଣ୍ଡାଇ ଭାରପ୍ରାପ୍ତ ବିଡ଼ିଓ ଅଶୋକ ମହାନ୍ତି, ତହସିଲଦାର ପଞ୍ଚାନନ ନାୟକ, ପୌରାପରିଷଦ ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ବିଶ୍ୱାଳ, ଡେପୁଟି କଲେକ୍ଟର (ଗ୍ରୀଭେନ୍ସ) ତୃପ୍ତି ମହାନ୍ତି ସମେତ ସମସ୍ତ ବିଭାଗର ଜିଲ୍ଲା ବ୍ଲକ ସ୍ତରୀୟ ଅଧିକାରୀ, ଲାଇନ୍ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ, ପୋଲିସ ପ୍ରଶାସନ ଅଭିଯୋଗ ଶୁଣାଣି ଶିବିରରେ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣିରେ ମୋଟ୍ ୬୨ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୦୫ ଗୋଟି ସାମୁହିକ ଏବଂ ୫୭ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଅଭିଯୋଗ ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପାନୀୟ ଜଳ ଯୋଗାଣ, ନୂତନ ରାସନ୍‌କାର୍ଡ଼ ପ୍ରଦାନ, ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ, ବର୍ଦ୍ଧିତ ବାର୍ଦ୍ଧକ୍ୟ ଭତ୍ତା, ଜମି ସମସ୍ୟା, ଚିକିତ୍ସା ପାଇଁ ଆର୍ଥିକ ସହାୟତା, ରାସ୍ତା, ବିଦ୍ୟୁତ ଇତ୍ୟାଦି ରହିଥିଲା। ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଶେଷରେ ହିତାଧିକାରୀ ଜଣଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା।

# ଜିଲ୍ଲା ପ୍ରଶାସନ ତରଫରୁ ଗୋପ ବ୍ଲକରେ ଅଭିଯୋଗ ଶୁଣାଣି ଶାନ୍ତି ଶୃଙ୍ଖଳରେ ଶେଷ



**ଗୋପ,୧୯।୫(ସଂଚାର ବ୍ୟୁରୋ):** ଗୋପ ବ୍ଲକରେ ଜିଲ୍ଲାପାଳ ପୁରୀଙ୍କ ୨ୟ ତ୍ରୈମାସିକ ମିଳିତ ଅଭିଯୋଗ ଶୁଣାଣି ଗୋପ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ପାଇଁ ଗୋପ ବ୍ଲକ ପ୍ରଶାସନ ତରଫରୁ ଡାକବାଜି ଯନ୍ତ୍ରଦ୍ୱାରା ବ୍ଲକର ୩୧ ଗୋଟି ପଂଚାୟତରେ ପ୍ରଚାର ପ୍ରସାର କରାଯାଇ ସାଧାରଣଲୋକଙ୍କୁ ଅବଗତ କରାଯାଇଥିଲା। ଆଜି ଏହି ଅଭିଯୋଗ ସୁଣାଣୀ ଶିବିରରେ ୩୫ ଜଣ ଅଭିଯୋଗକାରୀ ତାଙ୍କର ବିଭିନ୍ନ ଅଭିଯୋଗ ତଥା ଆବାସ ଯୋଜନା, ଭତା, ଯୋଗାଣ ବିଭାଗ, ଜଳସମ୍ପଦ ଓ ବନବିଭାଗ ସମ୍ପର୍କେ ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ଙ୍କୁ ଅବଗତ କରିଥିଲେ। ଜିଲ୍ଲାପାଳ ୨ୟ ତ୍ରୈମାସିକ ମିଳିତ ଅଭିଯୋଗ ଶିବିର ଶୁଣାଣୀରେ ରାଜସ୍ୱ ବିଭାଗ ତହସିଲ କାର୍ଯ୍ୟାଳୟର ସର୍ବାଧିକ ଅଭିଯୋଗ ହୋଇଥିଲା। କିସମ ପରିବର୍ତ୍ତନ, ଜବରଦଖଲ, ମାପଚୁପ ଏବଂ ଜାତିପ୍ରମାଣ ପତ୍ର ସଠିକ ଭାବେ ତହସିଲରେ କାର୍ଯ୍ୟ କରଯାଉନଥିବା ଅଭିଯୋଗକାରୀ ମାନେ ଅତିରିକ୍ତ ଜିଲ୍ଲାପାଙ୍କୁ ଅଭିଯୋଗ କରିଥିଲେ।

# ବଳଦେବଜୀଉ ଗୋତୀର୍ଥକୁ ଆର୍ଥିକ ସହାୟତା



**କେନ୍ଦ୍ରାପଡ଼ା, ୧୯।୫(ସଂଚାର ବ୍ୟୁରୋ):** ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଇଛାପୁର ବସନ୍ତବଗିଚା ନାଗପାଟଣାସ୍ଥିତ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉ ଗୋତୀର୍ଥକୁ ୩ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟର ସଦସ୍ୟ ମମତା ଦାସ ଓ ଭୁବନମୋହନ ଦାସ ଗୋତୀର୍ଥର ତତ୍ତ୍ୱାବଧାରକ ବିରଜା ପ୍ରସାଦ ପତିଙ୍କୁ ଏହି ଆର୍ଥିକ ସହାୟତା ଚେକ ମାଧମରେ ପ୍ରଦାନ କରିଥିଲେ। ଏହି ଗୋତୀର୍ଥରେ ରହୁଥିବା ଗୋମାତାମାନଙ୍କ ଖାଦ୍ୟ, ପେୟ ଓ ଚିକିତ୍ସା ନିମନ୍ତେ ଏହି ସହାୟତା ପ୍ରଦାନ କରାଯାଇଛି।

# ବିପୁଳ ପରିମାଣରେ ଚୋରା ମଦ ଜବତ, ୧ ମହିଳାଙ୍କ ସମେତ ୭ କୋର୍ଟ ଚାଲାଣ



**କେନ୍ଦ୍ରାପଡ଼ା,୧୯।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡ଼ା ସଦର, ନିକିରେଇ, ଆଳି ଓ ମାର୍ଶାଘାଇ ଥାନା ଅଧିନସ୍ତ ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ଦଧିବାବନପୁର ଗୁରୁଚରଣ ପରିଡା ( ବୟସ-୫୬) ଙ୍କ ଠାରୁ ୨୫ ଲିଟର ବିଦେଶୀ ମଦ, ମୋହନପୁର ଗ୍ରାମର ସୁମତି ମଳିକ (ବୟସ-୬୫) ଙ୍କ ଠାରୁ ୩୦ ଲିଟର ବିଦେଶୀ ମଦ, ହିଂସାଡା ଗ୍ରାମର ପ୍ରଶାନ୍ତ ମଳିକ (୪୫) ଙ୍କ ଠାରୁ ୨୯ ଲିଟର ବିଦେଶୀ ମଦ, କଣ୍ଟିଆ ଗ୍ରାମର ଅଗଣି ଜେନା (ବୟସ -୫୭ ବର୍ଷ) ଙ୍କ ଠାରୁ ୩୭ ଲିଟର ଦେଶୀ ମଦ, ପାଳକଣା ଗ୍ରାମର ଦୀପକ ସେଠି (ବୟସ-୩୬ ବର୍ଷ) ଙ୍କ ଠାରୁ ୨୯ ଲିଟର ଦେଶୀ ମଦ, ନେମ୍ବରା ଗ୍ରାମର ବିଶ୍ୱଜିତ ସ୍ୱାଇଁ ( ବୟସ-୪୪) ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ଓ ମଙ୍ଗଳା ଛକ ଗ୍ରାମର ସନ୍ତୋଷ ବେହେରା (ବୟସ-୩୫) ଙ୍କ ଠାରୁ ୩୯ ଲିଟର ବିଦେଶୀ ମଦ ଜବତ କରି ଏମାନଙ୍କୁ ଗିରଫ କରାଯାଇ ଅଛି । ଏମାନଙ୍କ ପାଖରୁ ସମୁଦାୟ ୨୨୧ ଲିଟର ବିଦେଶୀ ଓ ଦେଶୀ ମଦ ଜବତ କରାଯାଇ ୧ ମହିଳା ସମେତ ୭ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଅବକାରୀ ଅଧିକ୍ଷକ, କେନ୍ଦ୍ରାପଡ଼ା କହିଛନ୍ତି । ଏହି ଚଢାଉରେ ଅବକାରୀ ନିରିକ୍ଷକ ଶ୍ରୀ ହିତାଂଶୁ ଶେଖର ମଳିକ, ଅବକାରୀ ଉପ ନିରିକ୍ଷକ ଶ୍ରୀ ଧର୍ମପଦ ଦାସ, ଶ୍ରୀ ନରେଶ କୁମାର ପଣ୍ଡା ଏବଂ ଅନ୍ୟ କର୍ମଚାରୀ ସାମିଲ ଥିଲେ ।

# ସସ୍ମିତା ପଣ୍ଡା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ନିଯୁକ୍ତ



**କେନ୍ଦ୍ରାପଡ଼ା, ୧୯।୫(ସଂଚାର ବ୍ୟୁରୋ):** ପୂର୍ବତନ କେନ୍ଦ୍ରାପଡା ଜିଲ୍ଲା ମହିଳା କଂଗ୍ରେସ ସଭାପତି ସସ୍ମିତା ପଣ୍ଡାଙ୍କୁ ଓଡିଶା ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଭାରତୀୟ ଜାତୀୟ କଂଗ୍ରେସ ସଭାପତିଙ୍କ ଅନୁମୋଦନ କ୍ରମେ ଏହି ନିଯୁକ୍ତି ପ୍ରଦାନ କରାଯାଇଥିବା ଏ.ଆଇ.ସି.ସି. ସାଧାରଣ ସମ୍ପାଦକ ତଥା ସାଂସଦ କେ.ସି. ଭେନୁଗୋପାଳ ଏକ ପ୍ରେସ ବିଜ୍ଞପ୍ତି ମାଧମରେ ଜଣାଇଛନ୍ତି। ପୂର୍ବରୁ ଜିଲ୍ଲା ମହିଳା କଂଗ୍ରେସର ସଭାପତି ଭାବେ ନିଜର ଦକ୍ଷତା ପ୍ରତିପାଦନ କରିଥିବା ଶ୍ରୀମତୀ ପଣ୍ଡାଙ୍କ ଉପରେ ଦଳ ଆସ୍ଥା ପ୍ରକଟ କରି ତାଙ୍କୁ ଏଭଳି ଗୁରୁଦାୟୀତ୍ୱ ପ୍ରଦାନ କରିଥିବାରୁ ଶ୍ରୀମତୀ ପଣ୍ଡା ଏ.ଆଇ.ସି.ସି. ସଭାପତି ମଲିକାର୍ଜ୍ଜୁନ ଖଡଗେ, ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ନିଯୁକ୍ତି ନେଇ ପଣ୍ଡାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# କ୍ଷୁଦ୍ର ବ୍ୟବସାୟୀଙ୍କ ହୃଦ୍‌ଘାତରେ ପରଲୋକ

**କେନ୍ଦ୍ରାପଡା,୧୯।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ର ମହିପାଳ ସ୍ଥିତ ନାମାଚାର୍ଯ୍ୟ ବାୟାବା ଙ୍କ ନୃସିଂହ ଟିକିରି ମଠରେ ଦୀର୍ଘ ବର୍ଷ ହେଲା ରହି କ୍ଷୁଦ୍ର ବ୍ୟବସାୟ କରି ଜୀବିକା ନିର୍ବାହ କରୁଥିବା ବ୍ୟବସାୟୀ ଜୟଦେବ ସାହାଙ୍କ ହୃଦ୍‌ଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୬୫ ବର୍ଷ ହୋଇଥିଲା। ପଶ୍ଚିମବଙ୍ଗର ଚବିଶପ୍ରଗଣା ଜିଲ୍ଲା ସୁହେଲି ତେଲିନିପଡା(ମଝିପଡା) ଗ୍ରାମର ସ୍ୱର୍ଗତ ସାହା ଦୀର୍ଘଦିନ ହେଲା କେନ୍ଦ୍ରାପଡା ଆସି ମଠରେ ରହିବା ସହ କ୍ଷୁଦ୍ର ବ୍ୟବସାୟ କରୁଥିଲେ ।

# ଠିକାଦାରଙ୍କ କବଳରୁ ବାତ୍ୟା ଆଶ୍ରୟସ୍ଥଳୀ ମୁକ୍ତ କରିବାକୁ ଦାବି

**କେନ୍ଦ୍ରାପଡା,୧୯।୫(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଆୟତପୁର ଗ୍ରାମରେ ଥିବା ବାତ୍ୟା ଆଶ୍ରୟସ୍ଥଳ କୁ ଜଣେ ଠିକାଦାର ଜୋର ଜବରଦସ୍ତ ନିଜ କବଜାରେ ରଖି ବ୍ୟବହାର କରୁଥିବା ନେଇ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗରୁ ପ୍ରକାଶ ଯେ, ଆୟତପୁର ଗ୍ରାମର ଶତାଧିକ ଗ୍ରାମବାସୀ ବାତ୍ୟା ଆଶ୍ରୟସ୍ଥଳୀ ରେ ଠିକାଦାର ରଖିଥିବା ଆସବାବପତ୍ର ଓ ମେସିନ ଇତ୍ୟାଦିକୁ ସେଠାରୁ ବାହାର କରିବା ସହିତ ଆଶ୍ରୟସ୍ଥଳୀ କୁ ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ଦାବି କରାଯାଇଛି। ଏହି ବାତ୍ୟା ଆଶ୍ରୟସ୍ଥଳୀ କୁ ଠିକାଦାର ନିଜ ଅକ୍ତିଆର ରେ ରଖି କାଛ ଝରକା ଇତ୍ୟାଦିକୁ ଭାଙ୍ଗିରୁଜି ଦେଇଥିବା ଗ୍ରାମାବସୀ ମାନେ ଅଭିଯୋଗ କରିଛନ୍ତି। ଏହାକୁ ତୁରନ୍ତ ଖାଲି କରିବା ପାଇଁ ଅବିନାଶ ଦାସ, ପ୍ରକାଶ ନାୟକ, ଶୈଳେନ୍ଦ୍ର ନାୟକ, ବିନୋଦ ସାମନ୍ତରାୟ, ରବିନ୍ଦ୍ର ନାୟକ, ପିନାକୀ ସାମନ୍ତରାୟ ପ୍ରମୁଖ ଦାବି କରିଛନ୍ତି।



# ନିର୍ବାଚନ ସମୟର ଦେଇଥିବା ପ୍ରତିଶ୍ରୁତି ପାଳନ କଲେ ବିଧାୟକ



**ଗରଦପୁର,୧୯।୫(ସଂଚାର ବ୍ୟୁରୋ):** ସାଧାରଣ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି କୁ କାର୍ଯ୍ୟରେ କରି ଦେଖାଇଛନ୍ତି ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର। ନିର୍ବାଚନ ସମୟରେ ଭୋଟ ଭିକ୍ଷା ପାଇଁ ବିଭିନ୍ନ ଅଞ୍ଚଳକୁ ଯାଇଥିଲେ ହେଲେ ଭୋଟ ମାଗିବା ପୂର୍ବରୁ ପଚାରି ବୁଝିଥିଲେ ଲୋକ ମାନଙ୍କର ସମସ୍ୟା। ଗମନାଗମନ, ଜଳନିଷ୍କାସନ, ଗ୍ରାମର ଦେବାଳୟ ମାନଙ୍କ ଉନ୍ନତି କରଣ, ରାସ୍ତାଘାଟ ଅଲୋକି କରଣ, ପାନୀୟ ଜଳ ଭଳି ଅସୁବିଧାକୁ ଦେଖିଥିଲେ। ବିଧାୟକ ଭାବେ ନିର୍ବାଚିତ ହୋଇ ସାରିବା ପରେ ଦେଇଥିବା ପ୍ରତିଶ୍ରୁତି କୁ ଅକ୍ଷରେ ଅକ୍ଷରେ ପାଳନ କରି ସମସ୍ତ ସୁଭିଦା ସୁଯୋଗ ଯୋଗାଇ ଦେଉଛନ୍ତି ପାଟକୁରାର ବିଧାୟକ ଅରବିନ୍ଦ ମହାପାତ୍ର। ଦେଇଥିବା ପ୍ରତିଶ୍ରୁତି ପୂରଣ କରିବା ପରେ ବିଧାୟକ ଙ୍କୁ ପ୍ରଶଂସା କରିଛନ୍ତି। ଗରଦପୁର ବ୍ଲକ ଅନ୍ତର୍ଗତ ତଳକୁସୁମା ପଞ୍ଚାୟତର ପୁଣ୍ଡିଲୋ ଗ୍ରାମରେ ଥିବା ବହୁ ଦିନର ସମସ୍ୟାକୁ ସମାଧାନ କରି ଗ୍ରାମର ସଭିଙ୍କ ମୁହଁରେ ହସ ଫୁଟାଇଛନ୍ତି। ସେହିପରି ଗରଦପୁର ବ୍ଲକ୍ ଅନ୍ତର୍ଗତ ସାନଅଡ଼ଙ୍ଗା ପଞ୍ଚାୟତ ଅର୍ଜୁନପୁର ଗ୍ରାମର ନଦୀବନ୍ଧ ସମସ୍ତ ଗଡ଼ା ସହିତ ସେହି ଗ୍ରାମରେ ଦଶହରା ସମୟରେ ପୂଜା ପାଉଥିବା ମାଆ ଦୁର୍ଗା ମଣ୍ଡପକୁ ଯିବା ଆସିବା ପାଇଁ ଭକ୍ତ ଶ୍ରଦ୍ଧାଳୁ ମାନଙ୍କ ସୁଭିଦା ଲାଗି ପକ୍କା ରାସ୍ତା ସହିତ ନଦୀବନ୍ଧ ଗଡ଼ା କରାଇବାରେ ସହଯୋଗ କରିଛନ୍ତି ବିଧାୟକ ଶ୍ରୀ ମହାପାତ୍ର। କଥା ଦେଇ କାର୍ଯ୍ୟ ସମ୍ପନ୍ନ କରାଇ ସରିବା ପରେ ରବିବାର ସମସ୍ତ କାର୍ଯ୍ୟ ବୁଲି ଦେଖିଥିଲେ ବିଧାୟକ। ପ୍ରଥମେ ପୁଣ୍ଡିଲୋ ଗ୍ରାମରେ ମହିଳା ମାନେ ଭବ୍ୟ ସ୍ୱାଗତ କରି ଗ୍ରାମ ଭ୍ରମଣ କରିଥିଲେ। ପରେ ପରେ ଅର୍ଜୁନପୁର ଗ୍ରାମର ଦୁର୍ଗା ମନ୍ଦିର ଗଡ଼ା, ଅଙ୍ଗନବାଡ଼ି ଗଡ଼ା, ଗଜଲକ୍ଷ୍ମୀ ଗଡ଼ାର ସମ୍ପନ୍ନ ହୋଇଥିବା କାର୍ଯ୍ୟକୁ ବୁଲି ଦେଖିଥିଲେ। ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ସହିତ ପ୍ରତିନିଧି ଖିତିସ୍ ଚନ୍ଦ୍ର ଦାସ୍, ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, ତାଳକୁସୁମା ସରପଞ୍ଚ ପ୍ରଭାତ ନଳିନୀ ଜେନା, ଅଜୟ ଦାସ୍, ଅଶୋକ ଜେନା, ତଳକୁସୁମା ଜିପିଏଲଏଫ୍ ର ସଭାନେତ୍ରୀ ବନିତା ବାରିକ, ଭାଗବତ ସ୍ୱାଇଁ, ଚିତ୍ତରଞ୍ଜନ ଖୁଣ୍ଟିଆ, ମଦନ ମୋହନ ମିଶ୍ର, ପବିତ୍ରା ସାହୁ ସମେତ ଗ୍ରାମର ସମସ୍ତ ମହିଳା ମାନେ ଉପସ୍ଥିତ ରହି ଗ୍ରାମ ଭ୍ରମଣ କରିଥିଲେ।


# ସତ୍ୟପାଠ

**ମୁଁ ଶ୍ରୀ ଯିତୁ ରଂଜନ ପ୍ରଧାନ ବୟସ :୪୧ବର୍ଷ ପିତା, ରମେଶ ଚନ୍ଦ୍ର ପ୍ରଧାନ, ଗ୍ରାମ-ପିକରାଳୀ, ଥାନା, ପାଟକୁରା, ଜିଲ୍ଲା କେନ୍ଦ୍ରାପଡ଼ା**

ଏତଦ୍ ଦ୍ୱାରା ମୁଁ ମାର୍ଶାଘାଇ ନୋଟାରୀ ମାଜିଷ୍ଟ୍ରେଟେ ଙ୍କ ପାଖରେ ତା ୧୧/୦୨/୨୦୨୫ରିଖ ରେ ହାଜର ହୋଇ ଏହି ସତ୍ୟପାଠ ଜରିଆରେ ଜଣାଉଅଛି ଯେ ମୋର ଝିଅର ଜନ୍ମ ସାର୍ଟିଫିକେଟ୍ ନମ୍ବର - ୫୮୭୮/୨୦୨୧ କେନ୍ଦ୍ରାପଡା ମୁନସିପାଲଟି ରେ ଉଲେଖ ଅଛି ସାଇଶ୍ରୀ ପ୍ରଧାନ, କିନ୍ତୁ ଭୁଲବସତ ପୋଷ୍ଟାଲ ଆକାଉଣ୍ଟ ବହିରେ ନର୍ମଦା ପ୍ରଧାନ ହୋଇଅଛି ଉପରୋକ୍ତ ଏହି ନାମ ସାଇ ଶ୍ରୀ ପ୍ରଧାନ ଓ ନର୍ମଦା ପ୍ରଧାନ ଜଣେ ବ୍ୟକ୍ତି ଅଟନ୍ତି, ଯାହା ମୋର ଏହି ସତ୍ୟପାଠ ନମ୍ବର - ୬୭ଏଏ୮୦୮୫୬୭ ରେ ଉଲ୍ଲେଖ ଅଛି, ଯଦି କୌଣସି ତ୍ରୁଟି ଥାଏ ତେବେ ଆଇନି ଅନୁଯାଇ ମୁଁ ଦଣ୍ଡିତ ହେବି ।

(ଯିତୁ ରଂଜନ ପ୍ରଧାନ)

ସରକାରୀ ଜମି ଜବରଦଖଲ ସହ ବେଆଇନ ନିର୍ମାଣ

# ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣିରେ ଅଭିଯୋଗ



ଲାଞ୍ଚ ନେଇ ପ୍ରଶ୍ରୟ ଦେଉଛନ୍ତି ସିଏମ୍‌ସି ଅଧିକାରୀ

**କଟକ,୧୯।୫(ସଂଚାର ବ୍ୟୁରୋ):** କଟକ ସହରରେ ସରକାରୀ ଜାଗାକୁ ପ୍ରଭାବଶାଳୀ ବ୍ୟକ୍ତି ଜବରଦଖଲ କରି ରଖିଥିବା ଦେଖାଯାଉଛି। ଏହି ଜବରଦଖଲ ଉଚ୍ଛେଦ ନିମନ୍ତେ ସରକାର ବାରମ୍ବାର ନିର୍ଦ୍ଦେଶନାମା ଜାରି କରିଆସିଥିଲେ ସୁଦ୍ଧା ଏହା ଫାଇଲ ତଳେ ଚାପି ହୋଇ ରହିଯାଉଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ଫଳସ୍ୱରୂପ କଟକ ସହରରେ ଦିନକୁ ଦିନ ଜବରଦଖଲ ଘଟଣା ବଢୁଥିବା ବେଳେ ଜବରଦଖଲକାରୀମାନେ ବଡ଼ ବଡ଼ କୋଠା ବି ନିର୍ମାଣ କରୁଥିବା ଦେଖାଯାଉଛି। ସିଏମସି ଓ ସିଡିଏ ଅଧିକାରୀ ମୋଟା ଅଙ୍କର ଲାଞ୍ଚ ନେଇ ଏହି ବେଆଇନ ନିର୍ମାଣକୁ ପ୍ରଶ୍ରୟ ଦେଉଥିବା ଅଭିଯୋଗ ହେଉଛି।

କଟକ ଶିଖରପୁର ଶ୍ରୀଗୁରୁକ୍ଷେତ୍ରକୁ ଲାଗି ସିଏମ୍‌ସି, ଜଳସେଚନ, ବିଦ୍ୟୁତ ବିଭାଗର ଓ ଅନାବାଦି ଜମି ପ୍ରାୟ ୧୫ ଏକର ରହିଛି। ଏହି ମୂଲ୍ୟବାନ ଜାଗାକୁ ଜବରଦଖଲ କରି ତା' ଉପରେ ସ୍ଥାୟୀ ନିର୍ମାଣ କରାଯିବା ସହ ବ୍ୟବସାୟ ଉଦ୍ଦେଶ୍ୟରେ ମଧ୍ୟ ବ୍ୟବହାର କରାଯାଉଛି। ଉକ୍ତ ଜବରଦଖଲକୁ ଉଚ୍ଛେଦ ପାଇଁ ସିଡିଏ, ସିଏମ୍‌ସି ଓ ଆରଡିସି କଟକ ପକ୍ଷରୁ ପୂର୍ବରୁ ଚିଠି କରାଯାଇଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ଏହି ଜବରଦଖଲ ଉଚ୍ଛେଦ ହୋଇନାହିଁ ବରଂ ଦିନକୁ ଦିନ ଜବରଦଖଲ ଜାଗାରେ ବେଆଇନ ନିର୍ମାଣ ସଂଖ୍ୟା ବଢ଼ିଚାଲିଥିବା ଦେଖିବାକୁ ମିଳିଛି। ସିଏମସି ଆଇନ ବିଭାଗର ଅଧିକାରୀ ଦିଗମ୍ବର ସ୍ୱାଇଁ ଅବସର ପରେ ସିଏମସିରେ ପୁନର୍ନିଯୁକ୍ତି ପାଇଥିବା ବେଳେ ସେ ଲାଞ୍ଚ ନେଇ ଏପରି ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଚର୍ଚ୍ଚା ହେଉଥିବା ବେଳେ କମିଶନର ଓ ମେୟରଙ୍କ ନୀରବତା ଅଧିକ ସନ୍ଦେହ ସୃଷ୍ଟି କରିଛି। ସରକାରୀ ଜାଗାକୁ ସୁରକ୍ଷିତ ରଖିବା ସହ ଏହାକୁ ଜନହିତକର କାର୍ଯ୍ୟରେ ଲଗାଇବା ପାଇଁ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ ରାଜସ୍ୱ ବିଭାଗରୁ ସମସ୍ତ ଜିଲ୍ଲାପାଳ, ତହସିଲଦାରଙ୍କୁ ଚିଠି ହୋଇଥିଲେ ସୁଦ୍ଧା ଏହା ଏବେ ଶୀତଳଭଣ୍ଡାରରେ ରହିଯାଇଥିବା ପରି ମନେ ହେଉଛି। କଟକ ଶିଖରପୁର ଶ୍ରୀଗୁରୁକ୍ଷେତ୍ରକୁ ଲାଗିରହିଥିବା ମୂଲ୍ୟବାନ ସରକାରୀ ଜାଗାରୁ ଜବରଦଖଲ ଉଚ୍ଛେଦ ପାଇଁ କଟକର ସୂଚନା ଅଧିକାର କର୍ମୀ ଜିତେନ୍ଦ୍ର କୁମାର ସାହୁ ଗତ ୨୦୨୩ ଏପ୍ରିଲ ୧୭ ଓ ୨୦୨୪ ସେପ୍ଟେମ୍ବର ୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସହ ବିଭିନ୍ନ ବିଭାଗ ନିକଟରେ ଲିଖିତ ଭାବେ ଅଭିଯୋଗ କରିଥିଲେ। କିନ୍ତୁ ତାଙ୍କ ଅଭିଯୋଗ ଉପରେ ଆଜି ପର୍ଯ୍ୟନ୍ତ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ଶ୍ରୀ ସାହୁ ଆଜି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ହୋଇଥିବା ଶୁଣାଣିରେ ମହଜୁଦ ରହି ଏ ସଂକ୍ରାନ୍ତରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଅଭିଯୋଗ କରିଛନ୍ତି। ସରକାରୀ ସମ୍ପତ୍ତିର ସୁରକ୍ଷା ପାଇଁ ବେଆଇନ ଜବରଦଖଲ ଉଚ୍ଛେଦ ସହ ବେଆଇନ ନିର୍ମାଣ କରିଥିବା ବ୍ୟକ୍ତିଙ୍କ ସହ ବେଆଇନ କାର୍ଯ୍ୟକୁ ପ୍ରଶ୍ରୟ ଦେଉଥିବା ଅଧିକାରୀ ଓ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସକାଶେ ସେ ଦାବି କରିଛନ୍ତି।

ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ ନେଇ ସମୀକ୍ଷା

# ସରକାରଙ୍କୁ ସୁପ୍ରିମକୋର୍ଟ କମିଟିଙ୍କ ପ୍ରଶଂସା

**ଭୁବନେଶ୍ୱର, ୧୯।୫ (ସଂଚାର ବ୍ୟୁରୋ):** ରାଜ୍ୟରେ ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏହି ଜିଓ-ରେଫରେନ୍ସିଂ କାର୍ଯ୍ୟ ଦ୍ୱାରା ଜଙ୍ଗଲ ଜମିର ସଂରକ୍ଷଣ, ଉନ୍ନୟନମୂଳକ କାର୍ଯ୍ୟ ତ୍ୱରାନ୍ୱିତ, ଜଙ୍ଗଲ ଜମି ଉପରେ ଆଦିବାସୀଙ୍କ ଅଧିକାରର ସୁରକ୍ଷା, ଜଙ୍ଗଲ ଉପକଣ୍ଠରେ ରହୁଥିବା ଲୋକମାନଙ୍କର ଅଣଜଙ୍ଗଲଜାତ ଉତ୍ପାଦ ସଂଗ୍ରହ ଏବଂ ଜଙ୍ଗଲ ଜମିକୁ ନେଇ ବିଭିନ୍ନ ସମୟରେ ସୃଷ୍ଟି ହେଉଥିବା ବିବାଦର ଅବସାନ କରିବା ଲକ୍ଷ୍ୟରେ ଏହି ଜିଓ-ରେଫରେନ୍ସିଂ ସହାୟତା କରିବ । ବିଭିନ୍ନ ମାମଲାକୁ ବିଚାରକୁ ନେଇ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ର ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ପକ୍ଷରୁ ଗଠିତ କେନ୍ଦ୍ରୀୟ କ୍ଷମତାସଂପନ୍ନ କମିଟି ନିର୍ଦ୍ଦେଶରେ ଏହି କାର୍ଯ୍ୟ ଜାରି ରହିଛି । କମିଟିର ଅଧ୍ୟକ୍ଷ ଶ୍ରୀ ସିଦ୍ଧାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ସମୀକ୍ଷା ବୈଠକରେ ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ



ସତ୍ୟବ୍ରତ ସାହୁ, ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁରେଶ ପନ୍ଥ, ପ୍ରଧାନ ମୁଖ୍ୟ ବନ୍ୟଜନ୍ତୁ ସଂରକ୍ଷକ ପ୍ରେମ କୁମାର ଝା, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସଦସ୍ୟ ସଚିବ ଉମା ନନ୍ଦୁରୀ, ବନ ସଂରକ୍ଷଣ ଆଇନ ନୋଡାଲ ଅଧିକାରୀ ଡଃ କେ. ମୁର୍ଗେସନ, ଓଏସଡି ଲିଙ୍ଗରାଜ ଓତା ଓ ବିଭାଗୀୟ ନିର୍ଦ୍ଦେଶକ ଜି. ରାଜେଶଙ୍କ ସମେତ ବିଭିନ୍ନ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

ଏହି ପ୍ରକଳ୍ପ ମାଧ୍ୟମରେ ରାଜ୍ୟର ୬୦ ହଜାର ବର୍ଗ କିମିର ଜଙ୍ଗଲ ଜମିର ଜିଓ-ରେଫରେନ୍ସିଂ କାର୍ଯ୍ୟ ଜାରି ରହିଥିବା ବେଳେ ଏଥି ମଧ୍ୟରୁ ପ୍ରାୟ ୯୫ ପ୍ରତିଶତ କାର୍ଯ୍ୟ ଶେଷ ହୋଇଛି। ଏହି ପ୍ରକ୍ରିୟାକୁ ଐତିହାସିକ ବୋଲି ଅଭିହିତ କରି କମିଟି ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ଯେ ଏହାଦ୍ୱାରା ରାଜ୍ୟର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ। ସମଗ୍ର ଦେଶରେ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାରେ ଓଡ଼ିଶା ଉଲ୍ଲେଖନୀୟ ସଫଳତା ସହ ସର୍ବାଗ୍ରେ ଥିବାରୁ ଏହାକୁ ଅନ୍ୟ ରାଜ୍ୟରେ କାର୍ଯ୍ୟକାରୀ କରାଯିବ। ଏହି ପ୍ରକଳ୍ପର ସଠିକ କାର୍ଯ୍ୟକାରିତା ଓ ସହଯୋଗ ପାଇଁ ସେ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ ଯେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ଅନୁଯାୟୀ ଯେକୌଣସି ଜଙ୍ଗଲ ଜମିରେ ଅଣଜଙ୍ଗଲ ବିକାଶ କାର୍ଯ୍ୟ କରିବା ପାଇଁ କେନ୍ଦ୍ରର ଅନୁମତି ଆବଶ୍ୟକ। ପୂର୍ବରୁ ସଠିକ୍ ରେକର୍ଡ ଉପଲବ୍ଧ ନ ଥିବାରୁ ବିଭିନ୍ନ ସମୟରେ ଉନ୍ନୟନ କାର୍ଯ୍ୟକୁ ନେଇ ବିଳମ୍ବ ହେଉଥିଲା। ଏହି ଜିଓ-ରେଫରେନ୍ସିଂ ମାଧ୍ୟମରେ ଜଙ୍ଗଲ ଜମିର ସଠିକ୍ ସୀମା ନିର୍ଦ୍ଧାରଣ ହୋଇପାରିବ ଓ ଜଙ୍ଗଲ ଜମିକୁ ନେଇ ଅନେକ ସମସ୍ୟା ସମାଧାନ ହୋଇପାରିବା ନେଇ ବୈଠକରେ ମତ ପ୍ରକାଶ ପାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପକୁ କାର୍ଯ୍ୟକାରୀ କରୁଥିବା ବୈଷୟିକ ସଂସ୍ଥା ସ୍ପାଟିଆଲ୍ ପ୍ଲାନିଂ ଆଣ୍ଡ ଆନାଲିସିସ୍ ରିସର୍ଚ୍ଚ ସେଣ୍ଟର ପରିଚାଳନା ନିର୍ଦ୍ଦେଶକ ଶୁଭଦର୍ଶୀ ମିଶ୍ର ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ପକ୍ଷରୁ ବିଭିନ୍ନ ଉପାଦେୟ ତଥ୍ୟ ଉପସ୍ଥାପନ କରାଯାଇଥିଲା।

# ଅଞ୍ଚଳବାସୀଙ୍କ ପକ୍କା ରାସ୍ତା ଦାବି, ନଚେତ୍ ଆନ୍ଦୋଳନ

**ତୁରେକେଲା,୧୯।୫(ସଂଚାର ବ୍ୟୁରୋ):** ତୁରେକେଲା ପଞ୍ଚାୟତ ମୁଖ୍ୟାଳୟରୁ ସାନଗମଡା ଦେଇ ଯାଇଥିବା ମୁଖ୍ୟ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଥିବାରୁ ସ୍ଥାନୀୟ ଲୋକେ ଏଠାରେ ପକ୍କା ରାସ୍ତା ପାଇଁ ଦାବି କରିଛନ୍ତି। ଉକ୍ତ ରାସ୍ତାଟି ଖାଲ ଖମାରେ ଭର୍ତ୍ତି ହୋଇଥିବା ବେଳେ ଅତି ବିପଜ୍ଜନକ ଅବସ୍ଥାରେ ରହିଛି। ଏହି ରାସ୍ତାକୁ ପକ୍କା ରାସ୍ତା କରିବା ସକାଶେ ଅଞ୍ଚଳବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କଠାରୁ ଆରମ୍ଭ କରି ନେତା ଓ ମନ୍ତ୍ରୀଙ୍କ ନିକଟରେ ମଧ୍ୟ ଅଭିଯୋଗ କରିସାରିଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ପକ୍କା ରାସ୍ତାଟିଏ ହୋଇପାରୁନାହିଁ। ଫଳରେ ସ୍ଥାନୀୟ ଲୋକେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି।

ଏବେ ଖରାଦିନ ହୋଇଥିବାରୁ ଏହି ରାସ୍ତାରେ ଯିବା ଆସିବା ସମ୍ଭବପର ହୋଇପାରୁଛି। କିନ୍ତୁ ବର୍ଷା ଦିନ କଥା ନ କହିଲେ ଭଲ। କାରଣ ଖାଲଖମାରେ ଭର୍ତ୍ତି ଏହି ରାସ୍ତାରେ ଅନେକ ଦୁର୍ଘଟଣା ଘଟି ବ୍ୟାପକ ମାତ୍ରାରେ ଧନଜୀବନ ନଷ୍ଟ ହୋଇଥିବା ଦେଖିବାକୁ ମିଳିଛି। ପଞ୍ଚାୟତକୁ ଚାଉଳ ପାଇଁ ଆସୁଥିବା ସାଧାରଣ ଲୋକ, ବୃଦ୍ଧବୃଦ୍ଧା ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ପରିଲକ୍ଷିତ ହୋଇଆସିଛି। ତୁରେକେଲା ପଞ୍ଚାୟତରୁ ଜୁରାବନ୍ଧ ପଞ୍ଚାୟତକୁ ସଂଯୋଗ କରୁଥିବା ସାନଗମଡା ରାସ୍ତାରେ ବିଭିନ୍ନ ସମୟରେ ଏହି ରାସ୍ତାରେ ୧୦୮ ଆମ୍ବୁଲାନ୍ସ ମଧ୍ୟ ଯାଇପାରୁନାହିଁ। ତେଣୁ ରୋଗୀ ସେବା ବ୍ୟାଘାତ ହୋଇଆସିଛି। ରାସ୍ତାକୁ ପକ୍କା କରିବା ସକାଶେ ସ୍ଥାନୀୟ ଲୋକେ ଏକାଧିକ ବାର ତୁରେକେଲା ସରପଞ୍ଚଙ୍କୁ ଜଣାଇଛନ୍ତି। ଏହାଛଡ଼ା ବିଡିଓ ମଧ୍ୟ ସବୁକିଛି ଜାଣିଛନ୍ତି। କିନ୍ତୁ କେହି ବି ଏହି ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କ ଦୁର୍ଦ୍ଦଶା ହୃଦବୋଧ କରିପାରିନାହାନ୍ତି। ଏପରିକି ସ୍ଥାନୀୟ ଲୋକେ ପକ୍କା ରାସ୍ତା ପାଇଁ ନିକଟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଆପତ୍ତି ଅଭିଯୋଗ ଶୁଣାଣିରେ ମଧ୍ୟ ଦାବି କରିଛନ୍ତି। ଏନେଇ ଟିଟିଲାଗଡ଼ ଉପଜିଲ୍ଲାପାଳ କହିଛନ୍ତି କିଭଳି ଶୀଘ୍ର ପକ୍କା ରାସ୍ତା ହେବ ସେ ନେଇ ପଦକ୍ଷେପ ନିଆଯିବ। ତେବେ ଉପଜିଲ୍ଲାପାଳ ତାଙ୍କ ପ୍ରତିଶ୍ରୁତି କେବେ ରକ୍ଷା କରୁଛନ୍ତି ଓ କେବେ ସ୍ଥାନୀୟ ଲୋକଙ୍କ ଦାବି ପୂରଣ ହେଉଛି, ତା' ଉପରେ ସମସ୍ତଙ୍କ ନଜର ରହିଛି।

● ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ନିମନ୍ତେ ସଂସ୍କୃତି ବିଭାଗର ବୈଠକ

# ପ୍ରତି ବର୍ଷ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଓଡ଼ିଆ ଚଳଚ୍ଚିତ୍ର ଜଗତର ସର୍ବାଙ୍ଗୀନ ବିକାଶ, ଓଡ଼ିଆ ଚଳଚ୍ଚିତ୍ରର ବହୁଳ ପ୍ରଚାର ଓ ପ୍ରସାର, ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଏବଂ ଚଳଚ୍ଚିତ୍ର ଜଗତ ସହିତ ସଂଶ୍ଳିଷ୍ଟ ବିଭିନ୍ନ ପ୍ରସଙ୍ଗକୁ ନେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଆଜି ଏକ ବୈଠକର ଆୟୋଜନ କରାଯାଇଥିଲା। ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ତଥା ଦିଗପହଣ୍ଡି ବିଧାୟକ ସିଦ୍ଧାନ୍ତ ମହାପାତ୍ର ବୈଠକରେ ଅଧ୍ୟକ୍ଷତା କରିଥିଲେ। ଓଡ଼ିଆ ଚଳଚ୍ଚିତ୍ର ଜଗତର ନିର୍ମାତା, ନିର୍ଦ୍ଦେଶକ, ଅଭିନେତା, ଅଭିନେତ୍ରୀ, ଲେଖକ, ସଙ୍ଗୀତଜ୍ଞ ପ୍ରମୁଖ ବୈଠକରେ ଯୋଗଦେଇ ଚଳଚ୍ଚିତ୍ର ଜଗତର ବିକାଶ ଦିଗରେ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ।



ବୈଠକରେ ଓଡ଼ିଶା ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ପ୍ରତିବର୍ଷ ନିୟମିତ ଭାବେ ପ୍ରଦାନ କରାଯିବା ନେଇ ଆଲୋଚନା ହୋଇଥିଲା। ଏଥିସହିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ବିଚାରକ ମଣ୍ଡଳୀର ସଦସ୍ୟ ଏବଂ ଅଧ୍ୟକ୍ଷଙ୍କ ଚୟନ, କଳା ଓ ଚଳଚ୍ଚିତ୍ର ଜଗତ ସହ ସମ୍ପୃକ୍ତ ଥିବା ବ୍ୟକ୍ତି ଓ ବିଶେଷ ଭାବେ ଯୁବବର୍ଗରୁ ଆସୁଥିବା କଳାପ୍ରେମୀମାନଙ୍କୁ ବିଚାରକ ମଣ୍ଡଳୀରେ ସାମିଲ କରିବା, ପୁରସ୍କାର ରାଶିକୁ ବଢ଼ାଇବା, ଏବେ ୩୩ଟି ବର୍ଗରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ କରାଯାଉଥିବା ବେଳେ ଆଗକୁ ଆହୁରି ଅଧିକ ବର୍ଗ ପାଇଁ ପୁରସ୍କାର ପ୍ରଦାନ ବ୍ୟବସ୍ଥା କରିବା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ଏକ ସ୍ୱତନ୍ତ୍ର ୱେବସାଇଟ୍ ମାଧ୍ୟମରେ ପୁରସ୍କାର ସମ୍ବନ୍ଧୀୟ ତଥ୍ୟ, ମନୋନୀତ ହୋଇଥିବା ଓ ପୁରସ୍କାର ପାଇଥିବା ଚଳଚ୍ଚିତ୍ର ଏବଂ କଳାକାରମାନଙ୍କର ବିବରଣୀକୁ ସ୍ଥାନିତ କରିବା ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା ହୋଇଥିଲା।

ଏହିସହ ଏକ ନୂତନ ଚଳଚ୍ଚିତ୍ର ନୀତି (ଫିଲ୍ମ ପଲିସି) ପ୍ରଣୟନ କରିବା, ଚଳଚ୍ଚିତ୍ର ନିର୍ମାଣ ପାଇଁ ସରକାରୀ ପ୍ରୋତ୍ସାହନ ରାଶି ପ୍ରଦାନ, ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ ଲିମିଟେଡ଼ (ଓଏଫ୍‌ଡିସିଏଲ୍)କୁ ସଶକ୍ତ କରିବା ସହ ଏହାର କାର୍ଯ୍ୟ ପ୍ରଣାଳୀର ସରଳୀକରଣ, କଳିଙ୍ଗ ଷ୍ଟୁଡିଓର ବିକାଶ ଆଦି ସମ୍ବନ୍ଧରେ ମଧ୍ୟ ଆଲୋଚନା କରାଯାଇଥିଲା। ରାଜ୍ୟରେ ଚଳଚ୍ଚିତ୍ର ନିର୍ମାଣ ପାଇଁ ଆବଶ୍ୟକ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଚଳଚ୍ଚିତ୍ର ପ୍ରେକ୍ଷାଳୟ ସଂଖ୍ୟା ବଢ଼ାଇବା, ଚଳଚ୍ଚିତ୍ର ପାଇଁ ରହିଥିବା ଟିକେଟ୍‌କୁ ଦର୍ଶକଙ୍କୁ ସୁଲଭ ମୂଲ୍ୟରେ ପ୍ରଦାନ କରିବା ପାଇଁ ବ୍ୟବସ୍ଥା ରହିବା, ଏକ ସ୍ୱତନ୍ତ୍ର ଚଳଚ୍ଚିତ୍ର ଅଭିଲେଖାଗାର ରଖିବା, ଓଟିଟି ଓ ଡିଜିଟାଲ୍ କଣ୍ଟେଣ୍ଟକୁ ପ୍ରୋତ୍ସାହନ ଦେବା ସହ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବା ଆଦି ସମ୍ବନ୍ଧରେ ଚଳଚ୍ଚିତ୍ର ଜଗତର ବ୍ୟକ୍ତିବିଶେଷ ପ୍ରସ୍ତାବ ରଖିଥିଲେ।

ରାଜ୍ୟରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିକାଶ ସହ ଦର୍ଶକଙ୍କ ମନୋରଞ୍ଜନ ପାଇଁ ଓଡ଼ିଆ ନିଚ୍ଛକ କାହାଣୀକୁ ଆଧାର କରି ଚଳଚ୍ଚିତ୍ର ନିର୍ମାଣ ଓ ଚଳଚ୍ଚିତ୍ର ସମାଜ ସହିତ ଜଡ଼ିତ ବ୍ୟକ୍ତିବିଶେଷଙ୍କୁ ସଶକ୍ତ କରିବା ନିମନ୍ତେ ସରକାରଙ୍କ ପକ୍ଷରୁ ପଦକ୍ଷେପ ନିଆଯିବାକୁ ନେଇ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ଅରିନ୍ଦମ ରାୟ, ଶ୍ରୀତମ ଦାସ, ସବ୍ୟସାଚୀ ମିଶ୍ର, ହରିହର ମହାପାତ୍ର, ବିଶିଷ୍ଟ ଅଭିନେତ୍ରୀ ଅର୍ଚ୍ଚିତା ସାହୁ, ପିଙ୍କି ପ୍ରଧାନ, ଅନୁ ଚୌଧୁରୀ, ସଙ୍ଗୀତଜ୍ଞ ଦେବାଶିଷ ମହାପାତ୍ର, ପଞ୍ଚାନନ ନାୟକ, ଦୂରଦର୍ଶନର ପୂର୍ବତନ ନିର୍ଦ୍ଦେଶକ ଦୀପ୍ତି ମିଶ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ, ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଡ଼ିଶା ସାହିତ୍ୟ ଏକଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଉପସ୍ଥିତ ଥିଲେ।

# ବଜ୍ରପାତ ରୋକିବାକୁ ଲାଗିବ ୨୫ ଲକ୍ଷ ତାଳ ଗଛ

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଚିନ୍ତା ବଢାଉଛି ବଜ୍ରପାତଜନିତ ମୃତ୍ୟୁ। ପ୍ରତିବର୍ଷ ରାଜ୍ୟରେ ବଜ୍ରାଘାତରେ ପାଖାପାଖି ୩ ଶହ ଜୀବନ ଯାଉଛି। ବିଜୁଳି ଓ ଘଡଘଡ଼ିର ପ୍ରକୋପ ହ୍ରାସ କରିବା ପାଇଁ ଅଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ବ୍ୟାପକ ତାଳ ଗଛ ଲଗାଇବା ପାଇଁ ପାଇଁ ନିଷ୍ପତ୍ତି ହୋଇଥିଲା। ଚଳିତ ବର୍ଷ ମଧ୍ୟ ପ୍ରାୟ ୨୫ ଲକ୍ଷ ତାଳ ଗଛ ଲଗାଇବାକୁ ଯୋଜନା କରିଛି ଜଙ୍ଗଲ ବିଭାଗ। ସେପଟେ ପାଣିପାଗ ବିଜ୍ଞାନୀ କହିଛନ୍ତି ଯେ ଅତ୍ୟାଧୁନିକ ଡପଲାର୍ ରାଡାର୍ ଲଗାଇ ବଜ୍ରପାତ ସମ୍ପର୍କିତ ଆଗୁଆ ସୂଚନା ସଠିକ୍ ଭାବେ ଲୋକଙ୍କୁ ଦିଆଯାଇପାରିଲେ ବଜ୍ରପାତଜନିତ ମୃତାହତ ସଂଖ୍ୟା ହ୍ରାସ କରାଯାଇପାରିବ। କାଳବୈଶାଖୀ ପ୍ରଭାବରେ ହେଉଥିବା ବଜ୍ରପାତରେ ପ୍ରତିଦିନ କେଉଁଠି ନା କେଉଁଠି ମୃତ୍ୟୁ ଖବର ଆସୁଛି। ଦିନକ ତଳେ ଗତ ଶୁକ୍ରବାର କେବଳ ଗୋଟିଏ ଦିନରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଯାଇଥିଲା ୧୩ ଜଣଙ୍କର ଜୀବନ। ଏମାନଙ୍କ ମଧ୍ୟରୁ ଯାଜପୁର ଧର୍ମଶାଳା ବ୍ଲକରେ ଦୁଇ ନାବାଳକ ଗାଁ ଦାଣ୍ଡରେ ଖେଳୁଥିବା ସମୟରେ ବଜ୍ରପାତରେ ଉଡ଼ିଯାଇଥିଲା ପ୍ରାଣବାୟୁ। ସେହିପରି କୋରାପୁଟ ଲକ୍ଷ୍ମୀପୁରର ଓଡ଼ିଆପେଣ୍ଠ ଗାଁରେ ବଜ୍ରପାତରେ ଜେଜମାଙ୍କ ସହିତ ନାତୁଣିର ଅକାଳ ମୃତ୍ୟୁ ଖବର ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ବଜ୍ରପାତଜନିତ ମୃତ୍ୟୁକୁ ନେଇ ଗତ ଡିସେମ୍ବର ମାସରେ ବିଧାନସଭାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଯେଉଁ ତଥ୍ୟ ରଖିଥିଲେ, ତା' ଆଖି ଖୋସିଦେବା ଭଳି। ବିଗତ ୩ ବର୍ଷରେ ରାଜ୍ୟରେ ବଜ୍ରପାତରେ ଯାଇଛି ୧୦୫୭ ଜଣଙ୍କ ଜୀବନ। କେବଳ ଗତବର୍ଷ ଏପ୍ରିଲରୁ ଅକ୍ଟୋବର ୭ ମାସ ମଧ୍ୟରେ ଯାଇଛି ୨୦୧ଟି ଜୀବନ। ସେହିପରି ୨୦୨୩-୨୪ରେ ୨୭୨ ଜଣ ଓ ୨୦୨୨-୨୩ରେ ୩୦୬ ଜଣଙ୍କ ଜୀବନ ବଜ୍ରାଘାତରେ ଯାଇଛି। ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ବର୍ଷର ଅନ୍ୟ ଦିନ ଅପେକ୍ଷା ଏପ୍ରିଲ ଓ ମେ'ରେ କାଳବୈଶାଖୀ ସମୟରେ ବଜ୍ରପାତର ତୀବ୍ରତା ଯଥେଷ୍ଟ ଅଧିକ ରହିଥାଏ। ଜଳବାୟୁ ପରିବର୍ତ୍ତନ ଯୋଗୁ ଏହି ମାତ୍ରା ଦିନକୁ ଦିନ ବଢୁଥିବା ଦେଖିବାକୁ ମିଳୁଛି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ରାଜ୍ୟର ଅନ୍ୟ ଜିଲ୍ଲା ଅପେକ୍ଷା ଉତ୍ତର ଓଡ଼ିଶାର ବାଲେଶ୍ୱର ଓ ମୟୂରଭଞ୍ଜ ଏବଂ ଦକ୍ଷିଣ ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ବଜ୍ରାଘାତରେ ସର୍ବାଧିକ ଲୋକ ପ୍ରାଣ ହରାଇଛନ୍ତି। ବଜ୍ରାଘାତଜନିତ ପ୍ରକୋପ କମାଇବା ଲାଗି ସରକାରୀ ସ୍ତରରେ ତାଳଗଛ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଥିଲା। ଚଳିତ ବର୍ଷ ମଧ୍ୟ ଜଙ୍ଗଲ ବିଭାଗ ପକ୍ଷରୁ ଅଧିକ ତାଳଗଛ ଲଗାଇବା ଦିଗରେ ପଦକ୍ଷେପ ନିଆଯାଇଛି। ପୂର୍ବରୁ ୨୦ ଲକ୍ଷ ଗଛ ଲଗାଯାଇଥିଲା ଓ ଚଳିତ ବର୍ଷ ଆହୁରି ୨୦ରୁ ୨୫ ଲକ୍ଷ ତାଳ ଗଛ ଲଗାଇବା ପାଇଁ ଯୋଜନା ଥିବା ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ କହିଛନ୍ତି।

# ଦୁଷ୍କର୍ମ ପୀଡ଼ିତାଙ୍କ ଠାରୁ ଟଙ୍କା ଠକେଇ, ଦୁଇ ସରକାରୀ ଚାକିରିଆ ଗିରଫ



**କଟକ,୧୯।୫(ସଂଚାର ବ୍ୟୁରୋ):** ଦୁଷ୍କର୍ମ ପୀଡ଼ିତାଙ୍କୁ ମିଳିଥିବା ସରକାରୀ ଅନୁକମ୍ପା ରାଶିରୁ ଏକ ଲକ୍ଷ ଟଙ୍କାର କମିଶନ ନେବା ଠକେଇ ମାମଲାର ପର୍ଦ୍ଦାଫାଶ କରିଛି କଟକ କମିଶନରେଟ ପୋଲିସ । ଏହି ମାମଲାରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନଙ୍କ ମଧ୍ୟରୁ ଜଣେ ହେଉଛି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡାଟା ଏଣ୍ଟ୍ରି ଅପରେଟର ଅମୀୟ କୁମାର ସାହୁ, ଆଉ ଜଣେ ବେଗୁନିଆ ବ୍ଲକ ଅନ୍ତର୍ଗତ ଜନତା ନୋଡାଲ ବିଦ୍ୟାଳୟର କ୍ରୀଡା ଶିକ୍ଷୟିତ୍ରୀ ସଂଗୀତା ସିଂ । ଅମୀୟ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତାଙ୍କୁ ମିଳୁଥିବା ଅନୁକମ୍ପା ରାଶିର ସମସ୍ତ ତଥ୍ୟ ଜିଲ୍ଲାପାଳ କାର୍ଯ୍ୟାଳୟରୁ ସଂଗ୍ରହ କରି ଦୁଷ୍କର୍ମ ପୀଡ଼ିତାଙ୍କ ଠାରୁ କମିଶନ ଆକାରରେ ଡରାଇ ଧମକାଇ ମିଳିଥିବା ୩ ଲକ୍ଷ ୭୫ ହଜାର ଟଙ୍କାରୁ ଏକ ଲକ୍ଷ ଟଙ୍କା ଠକେଇ କରିଥିଲା। ପୀଡିତା ୨୦୨୦ ମସିହାରେ ଗଣଦୁଷ୍କର୍ମର ଶିକାର ହୋଇଥିଲେ ଏବଂ ସେତେବେଳେ ସେ ନାବାଳିକା ଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକାରଣ ପକ୍ଷରୁ ତାଙ୍କୁ ମୋଟ ୫ ଲକ୍ଷ ଟଙ୍କାର ଆର୍ଥିକ ଅନୁକମ୍ପା ପ୍ରଦାନ କରାଯାଇଥିଲା। ଗତ ମାସରେ ପ୍ରଥମ ଦଫାରେ ତାଙ୍କୁ ୩ ଲକ୍ଷ ୭୫ ହଜାର ଟଙ୍କା ମିଳିଥିଲା। ଏହାପରେ ଅଭିଯୁକ୍ତ ଅମିୟ ଓ ଶିକ୍ଷୟିତ୍ରି ଜଣକ ପୀଡିତାଙ୍କୁ ୧ ଲକ୍ଷ ୧ ଟଙ୍କା କମିଶନ ମାଗି ଥିଲେ । ଟଙ୍କା ନ ଦେଲେ ଅବଶିଷ୍ଟ ଟଙ୍କା ମିଳିବ ନାହିଁ ବୋଲି ସେହି ଦୁଇ ଜଣ ବ୍ୟକ୍ତି କହିବା ପରେ ପୀଡିତା ସେମାନଙ୍କ ଦୁଇଟି ଆକାଉଣ୍ଟରେ ତିନି ପର୍ଯ୍ୟାୟରେ ୧ ଲକ୍ଷ ୧ ହଜାର ଟଙ୍କା ଡିପୋଜିଟ କରିଥିଲେ। ବଡ଼ କଥା ହେଉଛି କି ଟଙ୍କା ନେବା ପୂର୍ବରୁ ଏମାନେ ପୀଡିତାଙ୍କ ସହିତ ହ୍ୱାଟ୍ସଆପ କଲରେ କଥା ହେଉ ଥିଲେ ଏବଂ ଟଙ୍କା ନେବା ପରେ ପୀଡିତାଙ୍କ କଲ ରିସିଭ କଲେ ନାହିଁ। ପରେ ଠକେଇର ଶିକାର ହୋଇଥିବା ଜାଣି ପୀଡିତା ଏହି ଘଟଣା ସମ୍ପର୍କରେ ଲାଲବାଗ ଥାନାରେ ଅଭିଯୋଗ କରିଥିଲେ ।

# 'ଓଡ଼ିଶା ଯାତ୍ରୀ' ଚାଳକଙ୍କ ରୋଜଗାର ୨ କୋଟିରୁ ଅଧିକ

**ଭୁବନେଶ୍ୱର,୧୯।୫:** ରାଜ୍ୟ ପରିବହନ ବିଭାଗ ଆରମ୍ଭ କରିଥିବା ଓଡିଶା ଯାତ୍ରୀ ଏବେ ଡ୍ରାଇଭରଙ୍କୁ ଭଲ ରୋଜଗାର ଦେଇଛି । ପାଞ୍ଚମାସ ମଧ୍ୟରେ ୧୦ହଜାରରୁ ଅଧିକ ଡ୍ରାଇଭର ୨କୋଟି ଟଙ୍କାରୁ ଅଧିକ ଆୟ କରିସାରିଲେଣି । ଏହି ସରକାରୀ କ୍ୟାବ୍ ବ୍ୟବସ୍ଥାରେ କମିଶନି ନଥିବାରୁ ଅଧିକରୁ ଅଧିକ ଚାଳକ ଏଥିପ୍ରତି ଆକୃଷ୍ଟ ହେଉଛନ୍ତି ।

ଚଳିତବର୍ଷ ଜାନୁୟାରୀ ମାସରେ ପରିବହନ ବିଭାଗ ପକ୍ଷରୁ ଓଡିଶା ଯାତ୍ରୀ ଆପ୍ ଆରମ୍ଭ ହୋଇଥିଲା। ସରକାରୀ ଆପ୍ ସହିତ ଏଥିପାଇଁ କମିଶନ ଦେବାକୁ ପଡୁନଥିବାରୁ ଗାଡିଚାଳକମାନେ ନିଜକୁ ଏଥିରେ ପଞ୍ଜିକୃତ କରାଇଥିଲେ । ବର୍ତ୍ତମାନ ସୁଦ୍ଧା ୧୦ହଜାର ଚାଳକ ଏଥିରେ ନିଜକୁ ପଞ୍ଜିକୃତ କରିସାରିଲେଣି ।

ସରକାରୀ କ୍ୟାବ୍ ବ୍ୟବସ୍ଥା ଅତ୍ୟନ୍ତ ସୁରକ୍ଷିତ ହୋଇଥିବାରୁ ଲୋକେ ବି ଏଥିପ୍ରତି ଆସ୍ଥା ପ୍ରକଟ କରୁଛନ୍ତି । ବର୍ତ୍ତମାନ ସୁଦ୍ଧା ଭୁବନେଶ୍ୱର ଓ କଟକରେ ଏକ ଲକ୍ଷ ୬୧ହଜାର ଲୋକ ଭଡା ସମ୍ପୂର୍ଣ୍ଣ ହୋଇ ସାରିଲାଣି । ଏଥିରେ ସର୍ବାଧିକ ଟ୍ରିପ୍ ରହିଛି ରାଜଧାନୀରେ । ସାଢେ ୧୦ଲକ୍ଷରୁ ଅଧିକ ଲୋକେ ଏହି ଆପ୍‌ରେ ସର୍ଚ୍ଚ କରିଥିବା ଜଣାଯାଇଛି ।





ତେବେ ସବୁଠାରୁ ବଡକଥା ହେଉଛି ରାଜଧାନୀରେ ଗାଡିଚାଳକମାନେ ଏହି କ୍ୟାବ୍ ବ୍ୟବସ୍ଥାରେ ୨କୋଟି ୫ଲକ୍ଷ ଟଙ୍କା ଆୟ କରିଥିବାବେଳେ କଟକରେ ୫ଲକ୍ଷ ୯୦ହଜାର ଟଙ୍କା ଆୟ କରିଛନ୍ତି। ଏ ବାବଦରେ ସେମାନଙ୍କୁ କୌଣସି ଅର୍ଥ କମିଶନ ବାବଦରେ ଦେବାକୁ ପଡୁନାହିଁ। ଉଲ୍ଲେଖନୀୟ ଯେ ରାଜ୍ୟରେ ପ୍ରଚଳନ ଥିବା ଅନ୍ୟ କ୍ୟାବ୍ ବ୍ୟବସ୍ଥାରେ ପଞ୍ଜିକୃତ ହେଉଥିବା ଚାଳକମାନେ ଯେତିକି ରୋଜଗାର କରିଥାନ୍ତି ତାହାର ଗୋଟିଏ ବଡ ଅଂଶ କମିଶନ ଆକାରରେ ସମ୍ପୃକ୍ତ ସଂସ୍ଥାକୁ ପ୍ରଦାନ କରିଥାନ୍ତି। ରାଜ୍ୟ ସରକାରଙ୍କ ଓଡିଶା ଯାତ୍ରୀ ପାଇଁ କୌଣସି କମିଶନ ଦେବାକୁ ପଡୁନଥିବାରୁ ଚାଳକମାନେ ଏବେ ଅନ୍ୟ କ୍ୟାବ୍ ବ୍ୟବସ୍ଥାରୁ ମୁହଁ ଫେରାଇବାରେ ଲାଗିଛନ୍ତି।

ଓଡିଶା ଯାତ୍ରୀ ଉପରେ ପୁଲିସ୍ ନଜର ରଖିଥିବାରୁ ଏହା ଅତ୍ୟନ୍ତ ସୁରକ୍ଷିତ ବୋଲି କୁହାଯାଉଛି। ଯଦି କୌଣସି ବ୍ୟକ୍ତି ଅସୁବିଧାରେ ପଡନ୍ତି ତେବେ ତୁରନ୍ତ ପୁଲିସ୍‌କୁ ଜଣାଇଲେ ଉଭୟ ପୁଲିସ୍ ଓ ପରିବହନ ବିଭାଗ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ । ଏଥିଯୋଗୁଁ ଅନ୍ୟ କ୍ୟାବ୍ ଚାଳକମାନେ ଯେଭଳି ଯାତ୍ରୀମାନଙ୍କ ବୁକିଂକୁ ବାରମ୍ବାର ବାତିଲ କରିବା ସହିତ ବିଳମ୍ବିତ ରାତିରେ ନଗଦ ଆକାରରେ ଅଧିକ ଅର୍ଥ ଦାବି କରୁଛନ୍ତି ତାହା ଓଡିଶା ଯାତ୍ରୀରେ ପରିଲକ୍ଷିତ ହେଉନାହିଁ । ବର୍ତ୍ତମାନ ସୁଦ୍ଧା କେବଳ ରାଜଧାନୀରେ ୧ ଲକ୍ଷ ୨୪ ହଜାର ବ୍ୟବହାରକାରୀ ନିଜକୁ ପଞ୍ଜିକୃତ କରିଥିବା ବେଳେ କଟକରେ ଏହି ସଂଖ୍ୟା ୩୭ ହଜାରରୁ ଅଧିକ ରହିଛି । ତେବେ ଏହି ବ୍ୟବସ୍ଥାକୁ ଓଡିଶାର ଅନ୍ୟ ଜିଲ୍ଲାଗୁଡିକୁ ସମ୍ପ୍ରସାରିତ କରିବା ସହିତ ଜାତୀୟ ସ୍ତରରେ ପାଦ ଥାପିବା ପାଇଁ ପରିବହନ ବିଭାଗ ଲକ୍ଷ୍ୟ ରଖିଛି।

ପରିବହନ ବିଭାଗ ଇତିମଧ୍ୟରେ ଓଡିଶା ଯାତ୍ରୀ ସହିତ ଘରୋଇ ଆମ୍ବୁଲାନ୍ସକୁ ଯୋଡିବା ପାଇଁ ଯାଉଛନ୍ତି। ଏହାଦ୍ୱାରା ଓଡିଶା ଯାତ୍ରୀର କଳେବର ବୃଦ୍ଧି ପାଇବା ସହ ରୋଗୀ ଓ ସେମାନଙ୍କ ସମ୍ପର୍କୀୟମାନେ ଶୋଷଣରୁ ମୁକୁଳି ପାରିବେ। (ତଥ୍ୟ)

# ତ୍ରୁଟିପୂର୍ଣ୍ଣ ଚିକିତ୍ସାରୁ ଶିଶୁ ଅକର୍ମଣ୍ୟ

● ପ୍ରତିଶ୍ରୁତି ଦେଇ ଭୁଲିଗଲେ ଅଧିକାରୀ



**ପିପିଲି,୧୯।୫ (ସଂଚାର ବ୍ୟୁରୋ):** ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ୧୪ ମାସର ଶିଶୁକୁ ଭୁଲ୍ ଜାଗାରେ ଇଞ୍ଜେକ୍ସନ ଦିଆଯିବା ଦ୍ୱାରା ଉକ୍ତ ଶିଶୁର ଡାହାଣ ଗୋଡ଼ଟି ଏବେ ଅକର୍ମଣ୍ୟ ହୋଇଯାଇଛି। ଏପରିକି ଶିଶୁଟି ଗୋଡ଼ଟି ସଳଖ ଭାବେ ପକାଇ ମଧ୍ୟ ପାରୁନାହିଁ। ଏଭଳି ଏକ ଘଟଣା ଘଟିଛି ପିପିଲି ବ୍ଲକ ଦୁର୍ଗାଦାସପୁର ପଞ୍ଚାୟତର ବଧି ଗ୍ରାମରେ ଘଟିଛି। ମିଳିଥିବା ସୂଚନାନୁସାରେ, ଗତ ମାର୍ଚ୍ଚ ୨୫ ତାରିଖରେ ରମେଶ ସାହୁ ତାଙ୍କ ୧୪ ମାସର ପୁଅକୁ ଜ୍ୱର ହୋଇଥିବାରୁ ସେ ତାକୁ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଆଉଟ୍‌ଡୋର୍‌ରେ ପୁଅ ପାଇଁ ଔଷଧ ଓ ଇଞ୍ଜେକ୍ସନ ଲେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ନର୍ସ ପୁଅଟିର ଜଙ୍ଘ ପରିବର୍ତ୍ତେ ପିଚାରେ ଇଞ୍ଜେକ୍ସନ ଦେବାରୁ ତା' ପରଠାରୁ ଶିଶୁଟି ଆଉ ଗୋଡ଼ ସଳଖ କରି ଠିଆ ହୋଇପାରିଲା ନାହିଁ। ପରେ ଚିକିତ୍ସା ପାଇଁ ପୁନଃ ଶିଶୁଟିକୁ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାକୁ କ୍ୟାପିଟାଲ ହସ୍ପିଟାଲ୍‌କୁ ରେଫର୍ କରିଥିଲେ। ମାତ୍ର ସେଠାରେ ଚିକିତ୍ସାରେ ସୁଫଳ ନ ମିଳିବାରୁ ରମେଶ ପୁଅକୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା କରାଇଥିଲେ। ଶିଶୁଟିର ଭୁଲ୍ ଜାଗାରେ ଇଞ୍ଜେକ୍ସନ ଦିଆଯାଇଥିବାରୁ ସେ ଅକର୍ମଣ୍ୟ ହୋଇଯାଇଥିବା ଏସ୍‌ସିବି ଡାକ୍ତର କହିଥିଲେ। ଏପରିକି ୩ ମାସ ଚିକିତ୍ସା କରାଯିବା ପରେ ଯଦି ସୁଫଳ ନ ମିଳେ, ତା'ହେଲେ ଗୋଡ଼ କଟାଯିବ ବୋଲି ଉକ୍ତ ଡାକ୍ତର କହିଥିବା ରମେଶ କ୍ଷୋଭର ସହ ପ୍ରକାଶ କରିଛନ୍ତି। ଅନ୍ୟ କୌଣସି ଉପାୟ ନ ଥିବାରୁ ରମେଶ ଏବେ ପୁଅର ଚିକିତ୍ସା ଏକ ଘରୋଇ ଚିକିତ୍ସାଳୟରେ କରାଉଛନ୍ତି। ପୁଅ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ରମେଶ ମୁଖ୍ୟମନ୍ତ୍ରୀ, ମାନବାଧିକାର କମିଶନ୍, ମୁଖ୍ୟ ଶାସନ ସଚିବ, ଆରକ୍ଷୀ ମହାନିର୍ଦ୍ଦେଶକ, ସ୍ୱାସ୍ଥ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ଜିଲ୍ଲାପାଳ, ଏସ୍‌ପି, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ, ପିପିଲି ବିଧାୟକ, ପିପିଲି ଥାନାଧିକାରୀ, ଦୁର୍ଗାଦାସପୁର ସରପଞ୍ଚଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଏକ ଟିମ୍ ମଙ୍ଗଳପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି। ଏ ସମ୍ପର୍କରେ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ କାଳୀପ୍ରସାଦ ମିଶ୍ର କହିଛନ୍ତି ଯେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ କର୍ମଚାରୀଙ୍କୁ ତାଗିଦା କରାଯାଇଛି। ଚିକିତ୍ସା ପାଇଁ ଶିଶୁଟିକୁ ଓଲଟପୁର ନେବାକୁ ପ୍ରସ୍ତାବ ଦିଆଯାଇଛି। ସରକାରୀ ଅର୍ଥରେ ଶିଶୁର ଚିକିତ୍ସା କରାଯିବା ସହ ତାକୁ ସୁସ୍ଥ କରାଯିବ ବୋଲି ରମେଶଙ୍କୁ ପ୍ରତିଶ୍ରୁତି ଦିଆଯାଇଛି। ତେବେ ଚିକିତ୍ସା ବାବଦରେ ରମେଶ କରିଥିବା ଅର୍ଥ ଫେରାଇବା ନେଇ ସ୍ୱାସ୍ଥ୍ୟ ବିଭାଗର କୌଣସି ନିୟମ ନାହିଁ। ତଦନ୍ତକାରୀ ଟିମ୍ ରିପୋର୍ଟ ଦେବା ପରେ ଜିଲ୍ଲାପାଳ ରେଡ୍‌କ୍ରସ ପାଣ୍ଠିରୁ ଆବଶ୍ୟକ ସ୍ଥଳେ ସହାୟତା ଦେଇପାରିବେ ବୋଲି ଡା. ମିଶ୍ର କହିଥିଲେ। କିନ୍ତୁ ଇତିମଧ୍ୟରେ ୩ ମାସ ବିତିଯାଇଥିଲେ ମଧ୍ୟ ଶିଶୁର ଚିକିତ୍ସା ପାଇଁ ସ୍ୱାସ୍ଥ୍ୟ ବିଭାଗ କୌଣସି ପଦକ୍ଷେପ ନେଇ ନ ଥିବାରୁ ଏନେଇ ରମେଶ କ୍ଷୋଭ ପ୍ରକାଶ କରିଛନ୍ତି।

# ଶାଳପଟା ବୋଝେଇ ପିକଅପ୍ ଭ୍ୟାନ୍ ଜବତ, ଚାଳକ ଫେରାର୍

**କଣିହାଁ,୧୯।୫(ସଂଚାର ବ୍ୟୁରୋ):** କଣିହାଁ ବନାଞ୍ଚଳ ଅନ୍ତର୍ଗତ କୁମୁଣ୍ଡା ରାସ୍ତାରେ ବନ ବିଭାଗ ପକ୍ଷରୁ ସୋମବାର ଏକ ଶାଳପଟା ବୋଝେଇ ପିକଅପ ଭ୍ୟାନକୁ ଜବତ କରାଯାଇଛି। ଉକ୍ତ ଗାଡ଼ିରେ ୩୨ ବର୍ଗ ଫୁଟର ଶାଳ ପଟା ସହ ବିମ ବୋଝେଇ ହୋଇଥିବା ବେଳେ ରାସ୍ତା କଡ଼ରେ ଗାଡ଼ି ଛାଡ଼ି ଚାଳକ ଜଣଙ୍କ ଘଟଣାସ୍ଥଳରୁ ଚମ୍ପଟ୍ ମାରିଥିବା ଜଣାପଡ଼ିଛି। ତେବେ ପିକଅପ୍ ଗାଡିଟି କୋଶଳା ଆଡୁ କୁମୁଣ୍ଡା ଅଭିମୁଖେ ଯାଉଥିବା ସମୟରେ ଏନେଇ ବିଶେଷ ସୂତ୍ରରୁ ଖବର ପାଇ କଣିହାଁ ବନ ବିଭାଗ ଉକ୍ତ ଗାଡ଼ି ଉପରେ ଚଢ଼ାଉ କରିଥିଲା। ଏନେଇ ବନ ବିଭାଗ ପକ୍ଷରୁ ଅଧିକ ତଦନ୍ତ ଚାଲିଛି। ଦୀପକ କୁମାର ସେଠୀ, ଦୀପକ କୁମାର ସାହୁ, ରଞ୍ଜନ ପ୍ରଧାନ, ଧୃମ ସାହୁ, ସଂସାର ସାହୁ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ବିଭାଗୀୟ କର୍ମଚାରୀ ଏହି ଚଢ଼ାଉରେ ସାମିଲ ଥିଲେ।

# ୫୬ କିଲୋ ଗଂଜେଇ ଜବତ, କାର ଚାଳକ ଫେରାର

**ନୟାଗଡ ,୧୯।୫(ସଂଚାର ବ୍ୟୁରୋ):** ନୂଆଗାଁ ପୋଲିସ ଦ୍ୱାରା ୫୬ କିଲୋ ଗଂଜେଇ ଜବତ ହୋଇଛି । ଖୋର୍ଦ୍ଧା ବଲାଙ୍ଗିର ୫୭ ନମ୍ବର ଜାତୀୟ ରାଜପଥରେ ବକଳବନ୍ଧ ଗାଁ ନିକଟରେ ଏକ କ୍ରେଟା କାର ଚାଳକଙ୍କ ସହିତ କିଛି ବ୍ୟକ୍ତିଙ୍କର ଝଗଡା ହୋଇଥିଲା । ଯାହା ଫଳରେ କାର ଚାଳକ ଗାଡି ଲକ କରି ଘଟଣା ସ୍ଥଳରୁ ପଳାଇ ଯାଇଥିଲେ ।ସେଠାରୁ କାର ଚାଳକ ପଳାଇବାରୁ ଗାଁ ଲୋକ ସନ୍ଦେହ କରି ନୂଆଗାଁ ପୋଲିସକୁ ଖବର ଦେଇଥଲେ । ସୂଚନା ଅନୁସାରେ ପୋଲିସ ଆସି ଗାଡି ଯାଞ୍ଚ କରିବାରୁ ଗାଡିରେ ଗଞ୍ଜେଇ ଚାଲାଣ ହେଉଥିବାର ଜାଣିବାକୁ ପାଇଥିଲା । ଏନେଇ ଗାଡିକୁ ଜବତ କରି ନୂଆଗାଁ ଥାନାକୁ ନିଆ ଯାଇଥିଲା । ସୋମବାର ଦିନ ମାଜିଷ୍ଟ୍ରେଟଙ୍କ ସହାୟତାରେ ଗାଡିକୁ ଖୋଲା ଯାଇଥିଲା । ସେଥିରୁ ୫୬ କିଲୋ ଗଂଜେଇ ଜବତ ହେବା ସହ ଗାଡିକୁ ଜବତ କରାଯାଇଛି । ଖୁବ ଶୀଘ୍ର ଅଭିଯୁକ୍ତକୁ ଧରାଯିବ ବୋଲି ନୟାଗଡ ଏସ୍‌ଡିପିଓ କହିଛନ୍ତି ।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

# ଚାଷୀ ମାରଣ ନୀତି

ଭାରତ ଏକ କୃଷି ପ୍ରଧାନଦେଶ ଏବଂ ଦେଶର ଅର୍ଥନୀତି ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। ମୁଦ୍ରାସ୍ଫୀତି ଅନେକାଂଶରେ କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ। ଯେତେବେଳେ ଉଭୟ ଖରିଫ ଏବଂ ରବି ଫସଲ ଉତ୍ପାଦନ ଅଧିକ ହୁଏ ସେତେବେଳେ ଅଭିବୃଦ୍ଧି ହାର ବୃଦ୍ଧି ପାଏ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ମଧ୍ୟରେ ରହେ। କୃଷି ହେଉଛି ଭାରତର ଶକ୍ତି। ସ୍ୱାଧୀନତା ପରେ ଭାରତରେ ଖାଦ୍ୟ ଉତ୍ପାଦନ ଆଶାତୀତ ଭାବେ ବୃଦ୍ଧି ପାଇଛି। ଅନେକ ଖାଦ୍ୟରେ ଭାରତ ଆତ୍ମନିର୍ଭରଶୀଳ ହୋଇଛି। କିନ୍ତୁ ଜନସଂଖ୍ୟା ଏତେ ବଢ଼ିଯାଇଛି ଯେ, ତାହା ବି ଯଥେଷ୍ଟ ହେଉନି। ଡାଲି, ଖାଇବା ତେଲ ଭଳି ଅନେକ ଖାଦ୍ୟ ସାମଗ୍ରୀ ଆମଦାନୀ କରିବାକୁ ପଡୁଛି। କିନ୍ତୁ ଭାରତରେ ଯେତେ ଜମି ପଡ଼ିଆ ପଡୁଛି ତହାର ଯଦି ସଦୁପଯୋଗ ହୋଇପାରନ୍ତା ଏବଂ ଉପଯୁକ୍ତ ପରିମାଣର ସାର ଓ କୀଟନାଶକ ବ୍ୟବହାର ହୁଅନ୍ତା ତେବେ ଖାଦ୍ୟ ଉତ୍ପାଦନ ତିନିଗୁଣ ହୋଇପାରନ୍ତା। ବଳକା ଖାଦ୍ୟ ସାମଗ୍ରୀ ରପ୍ତାନୀ କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରନ୍ତା। ଏବେ ବି ଭାରତ ଅନେକ ପ୍ରକାର କୃଷିଜାତ ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରୁଛି। ଏହାର ଶ୍ରେୟ ସମ୍ପୂର୍ଣ୍ଣ ଭାବେ ଦେଶର କୃଷକଙ୍କୁ ମିଳିବା ଉଚିତ। ଭାରତ ଆଜି ବିଶ୍ୱର ପଞ୍ଚମ ବୃହତ୍ତମ ଅର୍ଥନୀତିରେ ପରିଣତ ହୋଇଛି, ପ୍ରତିରକ୍ଷା, ମହାକାଶ ବିଜ୍ଞାନ, ଶିଳ୍ପ ସବୁ କ୍ଷେତ୍ରରେ ଅଗ୍ରଗତି ହାସଲକରିଛି। ଏହାର ପଛରେ କୃଷି ବିକାଶ ରହିଛି। ଯେତେବେଳେ ଆମ ପଡ଼ୋଶୀ ପାକିସ୍ତାନରେ ଖାଦ୍ୟାଭାବରୁ ହାହାକାର ପଡ଼ିଛି, ସେତେବେଳେ ଭାରତ ବିଦେଶକୁ ଖାଦ୍ୟ ରପ୍ତାନୀ କରୁଛି। ବିଶ୍ୱ ଅର୍ଥନୀତିରେ ସଙ୍କଟ ବେଳେ ଭାରତ ସଫଳତାର ସହ ଏହାର ମୁକାବିଲା କରିପାରିଛି। କୃଷି କ୍ଷେତ୍ରରେ ଭାରତର ସର୍ବାଧିକ ବ୍ୟକ୍ତି କର୍ମ ନିଯୁକ୍ତି ପାଇଛନ୍ତି। ଅନେକ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା ମଧ୍ୟ ହୋଇଛି। ଏଥିରେ ମଧ୍ୟ ଅନେକ ନିଯୁକ୍ତି ପାଇଛନ୍ତି। ଏହାର କିନ୍ତୁ ଆହୁରି ପ୍ରସାର ସୁଯୋଗ ରହିଛି। ଚିନି ଶିଳ୍ପରେ ଲକ୍ଷ ଲକ୍ଷ ବ୍ୟକ୍ତି ନିଯୁକ୍ତି ପାଇଛନ୍ତି। ପରୋକ୍ଷରେ ମଧ୍ୟ କୃଷି ଉପରେ ଅନେକ ରୋଜଗାର ସୁବିଧା ପାଇଛନ୍ତି। କୃଷିଜାତ ସାମଗ୍ରୀର ପରିବହନ, ବ୍ୟବସାୟ ଉପରେ ଅନେକ ନିର୍ଭର କରି ଚଳୁଛନ୍ତି। ପଞ୍ଜାବ, ହରିୟାନା, ମହାରାଷ୍ଟ୍ର, କର୍ଣ୍ଣାଟକ, ଗୁଜରାଟ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଭଳି ରାଜ୍ୟ ଆଜି କେବଳ ଏହି କାରଣରୁ ସମୃଦ୍ଧି ହାସଲ କରିଛନ୍ତି। ସେମାନଙ୍କ ରାଜସ୍ୱ ବୃଦ୍ଧିର ଏହା ଏକ ପ୍ରମୁଖ କାରଣ। ଗୁଜରାଟ ଓ ମହାରାଷ୍ଟ୍ରରେ କପା, ଆଖୁ ଭଳି ଭଳି ଅର୍ଥକାରୀ ଫସଲ ଅନେକଙ୍କୁ ରୋଜଗାର ଦେଇଛି। ଆସାମରେ ଚା' ଶିଳ୍ପରେ ଅନେକ ନିଯୁକ୍ତି ସୁଯୋଗ ପାଇଛନ୍ତି। ଆଳୁ ଉତ୍ପାଦନରେ ପଶ୍ଚିମବଙ୍ଗ, ପିଆଜ ଉତ୍ପାଦନରେ ମହାରାଷ୍ଟ୍ର ଏବଂ କର୍ଣ୍ଣାଟକ, ସେଓ ଉତ୍ପାଦନରେ ହିମାଚଳ ପ୍ରଦେଶ ଏବଂ ଜାମ୍ମୁ-କାଶ୍ମୀର ଅଗ୍ରଣୀ। ସେମାନଙ୍କ ରାଜ୍ୟର କୃଷକମାନେ ଏଥିଲାଗି ଅପେକ୍ଷାକୃତ ସ୍ୱଚ୍ଛଳ। ଓଡ଼ିଶାରେ ମଧ୍ୟ ବିଗତ ୫୦ ବର୍ଷ ଭିତରେ କୃଷି ଓ କୃଷକଙ୍କ କଲ୍ୟାଣ ସାଧନ ହୋଇଛି। ଓଡ଼ିଶା ଆଜି ଚାଉଳଉତ୍ପାଦନରେ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ। ରାଜ୍ୟର ଚାଷୀଙ୍କ ଆର୍ଥିକ ସ୍ଥିତି ଧିରେ ଧିରେ ଉନ୍ନତ ହେଉଛି। କିନ୍ତୁ ଏହା ପର୍ଯ୍ୟାପ୍ତ ନୁହେଁ। କୃଷି ଓ କୃଷକ କଲ୍ୟାଣ ନିମନ୍ତେ ଆହୁରି ଅନେକ କାମ କରିବାକୁ ଅଛି। ଓଡ଼ିର ଅର୍ଥନୀତି ମଧ୍ୟ ଅନେକାଂଶରେ କୃଷି ଉପରେ ନିର୍ଭରଶୀଳ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା କୃଷକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ବିଶେଷ ପ୍ରୟାସ କରୁନାହାଁନ୍ତି। କୃଷିଜାତ ସାମଗ୍ରୀର ଏମଏସପି ପ୍ରତିବର୍ଷ ବୃଦ୍ଧି ପାଉଛି। କିନ୍ତୁ କୃଷକଙ୍କ ପାଇଁ ବଜାର ବ୍ୟବସ୍ଥା ସୁଦୃଢ଼ ନୁହେଁ। ଫଳରେ ଅନେକ ଚାଷୀ ଅଭାବୀ ବିକ୍ରିର ଶୀକାର ହେଉଛନ୍ତି। ଅକ୍ଲାନ୍ତ ପରିଶ୍ରମ କରି ଚାଷୀ ଯେତିକି ରୋଜଗକାର କରିପାରୁନି, କୃଷିଜାତ ସାମଗ୍ରୀର ବ୍ୟବସାୟ କରି ଜଣେ ତାଠାରୁ ଅଧିକ ସ୍ୱଚ୍ଛଳ ଜୀବନ ଯାପନ କରିପାରୁଛି। ଏହାର ମୁଖ୍ୟ କାରଣ ହେଲା ଚାଷୀଙ୍କୁ ଶୋଷଣ। ପ୍ରତି କ୍ଷେତ୍ରରେ ଚାଷୀ ଶୋଷଣ ଏବଂ ଅନ୍ୟାୟର ଶିକାର ହେଉଛି। ଉଦାହରଣ



ସ୍ୱରୂପ ସରକାର ଚାଷୀଙ୍କଠାରୁ ସର୍ବ ନିମ୍ନ ସହାୟକ ଭୂଲ୍ୟ(ଏମଏସପି)ରେ ଧାନ କିଣିବାକୁ ମଣ୍ଡି ଖୋଲିଛନ୍ତି। ଚାଷୀ ମଣ୍ଡିକୁ ଯାଇ ଧାନ ବିକିଲେ ଭଲ ମୂଲ୍ୟ ପାଇବ ବୋଲି ଧାନ ବସ୍ତା ନେଇ ମଣ୍ଡିକୁ ଯାଉଛି। ଏଥିପାଇଁ ଚାଷୀଙ୍କୁ ପୂର୍ବରୁ ପଞ୍ଜିକୃତ ହେବାକୁ ପଡ଼ିବ। ଧାନ ନେବା ପରେ ତାଙ୍କୁ ଟୋକନ ମିଳିବ। ଏହି ଟୋକନ ଦେଖାଇ ଧାନ ବିକ୍ରି କରିପାରିବେ। ଏକର ପିଛି ଜଣେ ଚାଷୀ କେତେ ଧାନ ବିକ୍ରୀ କରିପାରିବ ତାହା ମଧ୍ୟ ନିର୍ଦ୍ଧାରିତ ହୋଇଛି। ଧାନ ବିକ୍ରୀ କରିବା ପରେ ଡିବିଟି ମାଧ୍ୟମରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଯିବା ବ୍ୟବସ୍ଥା ଭଲ। କିନ୍ତୁ ଏହି ବ୍ୟବସ୍ଥା ଭିତରେ ଏତେ ଅବ୍ୟବସ୍ଥା ରହିଛି ଯେ ତାହା ଅନେକ ଚାଷୀଙ୍କୁ ମଣ୍ଡିକୁ ଧାନ ନେଇ ଯିବାରେ ନିରୁତ୍ସାହିତ କରୁଛି। ଏହାର ଫାଇଦା ଉଠାଇ ଅନେକ ବ୍ୟବସାୟୀ ଚାଷୀଙ୍କଠାରୁ ସ୍ୱଳ୍ପ ମୂଲ୍ୟରେ ଧାନ କିଣି ନିଜେ ମଣ୍ଡିକୁ ଯାଉଛନ୍ତି କିମ୍ବା ଏହାକୁ ଚାଉଳ କରି ଚଢ଼ା ଦରରେ ବିକ୍ରୀ କରୁଛନ୍ତି। ତେଣୁ ଚାଉଳ ଦର ବଢୁଛି। ଭାରତରେ ଅଧିକାଂଶ ଚାଷୀ ହେଉଛନ୍ତି ସରଳ ଏବଂ ଅଶିକ୍ଷିତ। ସେମାନେ ଏତେ ନିୟମ କାନୁନ ସହିତ ଅଭ୍ୟସ୍ତ ବା ପରିଚିତ ନୁହଁନ୍ତି। ତେଣୁ ମଣ୍ଡିରେ ଧାନ ବିକ୍ରୀ ବ୍ୟବସ୍ଥା ସରଳ ହେବା ଉଚିତ। ଅଭିଯୋଗ ହେଉଛି ଯେ, ମଣ୍ଡିରେ ଧାନ ବିକ୍ରୀ ବେଳେ ଏଫଏକ୍ୟୁ ନିୟମକୁ କଡ଼ାକଡ଼ି କରାଯାଉଛି। ଅଦିନିଆ ବର୍ଷାରେ ଫସଲ ହାନି ବା ଧାନର ମାନ ହ୍ରାସ ପାଇଲେ ଏହାର ବିକ୍ରୀ ସହଜ ହେଉନି। ଆଉ ପ୍ରତି କୁଇଣ୍ଟାଲ ଧାନରେ ୧୦/୧୨ କେଜି ଧାନ କାଟି ଦିଆଯାଉଛି। ଅର୍ଥାତ ଜଣେ ଚାଷୀ ୧୦ କୁଇଣ୍ଟାଲ ଧାନ ବିକିଲେ ତାକୁ ୯ କୁଇଣ୍ଟାଲ ଧାନର ମୂଲ୍ୟ ମିଳୁଛି। ମଣ୍ଡିରେ ଧାନର ଏହି କଟନି ଛଟନି ଏକପ୍ରକାର ଦୁର୍ନୀତିର ପରିଣତ ହୋଇଛି। କେବଳ ଚଳିତ ବର୍ଷ ନୁହେଁ, ପ୍ରତିବର୍ଷ ଏଭଳି କଟନି ଛଟନି ଚାଲୁଛି। ସବୁ ବେଳେ ବିଧାନସଭା ଭିତରେ ଓ ବାହାରେ ଏହା ଉପରେ ଆଲୋଚନା, ସମାଲୋଚନା, ତୁମ୍ବି ତୁଫାନ ହେଉଛି। ସରକାର ପ୍ରତିଶ୍ରୁତି ଦେଉଛନ୍ତି ଯେ, କଟନି ଛଟନି ବନ୍ଦ କରିବାକୁ କଡ଼ା ପଦେ଼ପ ନିଆଯିବ। କିନ୍ତୁ ସ୍ଥିତିରେ କିଛି ଉନ୍ନତି ବା ପରିବର୍ତ୍ତନ ଆସୁନି। ଚାଷୀ ସଙ୍ଗଠନ ଗୁଡ଼ିକ ଏହା ବିରୋଧରେ ରାସ୍ତାକୁ ଓହ୍ଲାଇଲେ ମଧ୍ୟ କିଛି ଫରକ ପଡୁନି। ଗୋଟିଏ ପଟେ କେନ୍ଦ୍ର ସରକାର ଧାନର ଏମଏସପି ବୃଦ୍ଧି କରିଛନ୍ତି। ରାଜ୍ୟ ସରକାର ଧାନ କୁଇଣ୍ଟାଲ ପିଛା ୮୦୦ ଟଙ୍କା ବୋନସ ଦେଉଛନ୍ତି। ରାଜ୍ୟର ଚାଷୀଙ୍କୁ ସାଧାରଣ ଧାନ କୁଇଣ୍ଟାଲ ପିଛା ୩୧ଶହ ଟଙ୍କା ଦେବାକୁ ଘୋଷଣା କରାଯାଇଛି। କିନ୍ତୁ ଏହି ଘୋଷଣାର କିଛି ମୂଲ୍ୟ ନାହିଁ। କଟନି ଛଟନିରେ ଚାଷୀ ବୋନସ ଅର୍ଥ ହରାଉଛନ୍ତି। ନିକଟରେ ବାଲେଶ୍ୱର ଜିଲ୍ଲାପାଳ ସାଧାରଣ ଚାଷୀ ବେଶରେ ମଣ୍ଡିକୁ ଯାଇ ଧାନ ବିକିବାକୁ କହିବା ବେଳେ ବାସ୍ତବ ସ୍ଥିତି ଜାଣିବାକୁ ପାଇଛନ୍ତି। ଏଥିନେଇ ସେ ଦାୟୀ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ମଧ୍ୟ ନେଇଛନ୍ତି। କିନ୍ତୁ ଏହା କେବଳ ଧର୍ମକୁ ଆଖିଠାର ସଦୃଶ। ସାରା ରାଜ୍ୟରେ ଏପରି କଟନି ଛଟନି ଚାଲୁଥିବା ବେଳେ କେତେ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ? ବିଧାନସଭାରେ ଏହାକୁ ନେଇ ବିରୋଧୀ ଗର୍ଜିଛନ୍ତି। କିନ୍ତୁ ଆଜି ଯେଉଁମାନେ ବିରୋଧୀ ଆସନରେ ବସିଛନ୍ତି ସେମାନେ କାଲି ଶାସନ କ୍ଷମତାରେ ଥିବା ବେଳେମଧ ଏହା ଚାଲୁଥିଲା। ଏଥିପାଇଁ ପୁରା ବ୍ୟବସ୍ଥା ଦାୟୀ। ଏହାକୁ ରୋକିବାକୁ ହେଲେ ବ୍ୟବସ୍ଥାରେ ଆମୂଳଚୁଳ ପରିବର୍ତ୍ତନର ଆବଶ୍ୟକତା ରହିଛି। ସବୁ ବ୍ୟବସ୍ଥାରେ କିଛି ଅନିୟମିତତା ରହିବ। କିଛି ଦୁର୍ନୀତି ଓ ଶୋଷଣ ହେବ। କିନ୍ତୁ ଏଥିରେ ସାଧାରଣ ହିତାଧିକାରୀ ଯେପରି ଅସୁବିଧାର ସମ୍ମୁଖୀନ ନହୁଏ ଏବଂ ଅନ୍ୟାୟର ଶିକାର ନହୁଏ ତାହାକୁ ସୁନିଶ୍ଚିତ କରାଯିବା ଉଚିତ। ଚାଷୀମାନେ ଦିନ ଦିନ ଧରି ଖରା ବର୍ଷା ଶୀତ କାକରରେ ଯେପରି ମଣ୍ଡି ଆଗରେ ଧାନ ରଖି ଜଗି ରହୁଛନ୍ତି ତହା ଦୁର୍ଭାଗ୍ୟଜନକ ଏବଂ ଚିନ୍ତାର ବିଷୟ। ଏଥିପାଇଁ ଯିଏ ଦାୟୀ ତାଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଅଦିନିଆ ବର୍ଷାରେ ମଣ୍ଡିରେ ପଧିଥିବା ଧାନ ଖରାପ ହେଲେ ଏଥିନିମନ୍ତେ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ।

# ଉତ୍ତରଠାରୁ ଦକ୍ଷିଣ ଭାରତ ପିଲାମାନେ ଅଧିକ ଶିକ୍ଷିତ କାହିଁକି ?



## ସୁବାସ ଷଡଙ୍ଗୀ

କେନ୍ଦ୍ରିୟ ମାଧମିକ ଶିକ୍ଷା ପରିଷଦ ବା ସିବିଏସଇ ଦ୍ୱାରା ପରିଚାଳିତ ପରୀକ୍ଷାରେ ଉତର ଭାରତର ରାଜ୍ୟମାନଙ୍କ ତୁଳନାରେ ଦକ୍ଷିଣ ଭାରତର ରାଜ୍ୟଗୁଡ଼ିକ ଭଲ ଫଳ କରିଛନ୍ତି। ସେମାନଙ୍କ ପାସ ହାର କେବଳ ଅଧିକ ନୁହେଁ, ଭଲ ନମ୍ବର ରଖି ପାସ କରିଛନ୍ତି।ବିଜୟୱାଡା, ତିରୁଅନନ୍ତପୁରମ, ଚେନ୍ନାଇ, ବାଙ୍ଗାଲୋର ଏବଂ ପଶ୍ଚିମ ଦିଲ୍ଲିର ପିଲାମାନେ ପ୍ରଥମ ପାଂଚ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ଏମାନଙ୍କ ଭିତରୁ ପ୍ରଥମ ପାଂଚ ଜଣ ହେଉଛନ୍ତି ଦକ୍ଷିଣ ଭାରତର।

ଦକ୍ଷିଣ ଭାରତର ପିଲାମାନେ ସିବିଏସଇ ପରୀକ୍ଷାରେ ଭଲ ମାର୍କ ରଖି ପାସ କରିବା କିଛି ନୂଆ କଥା ନୁହେଁ। ଅନେକ ବର୍ଷ ଧରି ଏମିତି ଚାଲି ଆସିଛି। ତେବେ ପ୍ରଶ୍ନ ହେଉଛି, ଏମିତି କାହିଁକି ହେଉଛି?।

ଦକ୍ଷିଣର ସ୍କୁଲଗୁଡିକ ଉତର ଭାରତର ସ୍କୁଲଗୁଡିକ ତୁଳନାରେ ଅଧିକ ଉନ୍ନତ କାହିକିଁ? ସେ ସବୁ ରାଜ୍ୟର ସ୍କୁଲର ଫଳ ଆମକୁ ଚିନ୍ତା କରିବାକୁ ବାଧ କରିଛି। ଏ ବିଷୟରେ ଆଲୋଚନା ହେବା ଦରକାର।

ସିବିଏସଇ ପ୍ରଥମେ କେନ୍ଦ୍ର ସରକାରୀ କର୍ମଚାରୀ ଓ ସେନାବାହିନୀରେ କାମ କରୁଥିବା କର୍ମଚାରୀମାନଙ୍କ ପିଲାମାନଙ୍କ ପାଠ ପଢ଼ିବା ପାଇଁ ପ୍ରତିଷ୍ଠା କରାଯାଇଥିଲା। କାରଣ ଏଇ ବର୍ଗର ଅଫିସରମାନେ ସାରା ଭାରତର ବିଭିନ୍ନ ସହରକୁ ବଦଳି ହୋଇଥାନ୍ତି। କିନ୍ତୁ ଦେଖାଗଲା, ଏଇ ସ୍କୁଲରେ ପାଠ ପଢ଼ା ଭଲ ହେଉଛି।ଏଣୁଘରୋଇସ୍କୁଲଗୁଡିକଏଇକେନ୍ଦ୍ରିୟବୋର୍ଡମାଧମରେସ୍କୁଲଖୋଲିଲେ।

କେନ୍ଦ୍ରିୟ ବୋର୍ଡର ଆଫିଲେସନ ଏଇଥି ପାଇଁ ଦରକାର ପଡିଲା, ସ୍ୱଛଳ ବର୍ଗର ପିଲାମାନେ ଏଭଳି ସ୍କୁଲରେ ପାଠ ପଢ଼ି ପାରିବେ। ଆମ ଦେଶରେ ପ୍ରାୟ ଛୋଟବଡମିଶିପଚାଶଟାବୋର୍ଡରହିଛି।କିନ୍ତୁସବୁଠାରୁଆଗରେରହିଛିସିବିଏସଇ। କାରଣ ସିବିଏସଇ ସ୍କୁଲ ଗୁଡିକରେ ଭଲ ପାଠ ପଢ଼ାଯାଉଛି। ଫଳ ଭଲ ହେଉଛି।

ପ୍ରକୃତରେ କଣ ସିବିଏସଇ ପରିଚାଳିତ ସ୍କୁଲରେ ଭଲ ପାଠ ପଢ଼ାଯାଉଛି?। ଏ ବିଷୟରେ ଆଲୋଚନା କରିବା ପୂର୍ବରୁ ଆମକୁ ଦେଖିବାକୁ ହେବ, ମାନବ ବିକାଶ ସୂଚକାଙ୍କରେ ଦକ୍ଷିଣ ଭାରତର ରାଜ୍ୟଗୁଡିକ ଉତର ଭାରତର ରାଜ୍ୟଗୁଡିକ ତୁଳନାରେ ବହୁ ଆଗରେ। କୁହାଯାଏ, ଦକ୍ଷିଣ ଭାରତର ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା ଉତର ଭାରତ ତୁଳନାରେ ବହୁ ଆଗରେ। ଏଣୁ ପିଲାମାନେ ଭଲ ପଢୁଛନ୍ତି। ମାନବୀୟ ଓ ସାମାଜିକ ଆଧାର ଦୃଷ୍ଟିରୁ ତୁଳନା କଲେ, ଦେଖାଯିବ, କେବଳ ଅସମାନତା ଉତର ବା ଦକ୍ଷିଣ ଭାରତର ରାଜ୍ୟ ମଧ୍ୟରେ ନାହିଁ, ଗାଁ ଓ ସହର ମଧ୍ୟରେ ରହିଛି। ଗାଁ ତୁଳନାରେ ସହରର ପିଲାମାନେ ଭଲ ପାଠ ପଢୁଛନ୍ତି।

ଉତର ଭାରତର କେବଳ ଦିଲ୍ଲିରେ ପିଲାମାନେ ଅପେକ୍ଷକୃତ ଭଲ ପଢୁଛନ୍ତି। ମାନବ ବିକାଶ କ୍ଷେତ୍ରରେ ଦିଲ୍ଲି ବହୁତ ଆଗରେ। କିନ୍ତୁ ଉତର ଭାରତ ଓ ମଧ୍ୟ ଭାରତର ପିଲାମାନେ ପଛେଇ ଯାଉଛନ୍ତି ସେମାନଙ୍କ ତୁଳନାରେ। ତାର ପ୍ରଧାନ କାରଣ ହେଉଛି, ଉତର ଭାରତରେ ହଜାର ହଜାର ବର୍ଷ ଧରି ସାମାଜିକ



ଅନଗ୍ରସରତା ଓ ସାମରିକ ପ୍ରାଧାନ୍ୟ ରହି ଆସିଛି। ଦକ୍ଷିଣ ଅପେକ୍ଷା ଉତର ଭାରତରେ ବିଦେଶୀ ଆକ୍ରମଣ ଅଧିକ। ଏମିତିକି ସ୍ୱାଧୀନତା ପରେ ମଧ୍ୟ ଉତର ଭାରତରେ ଜାତି ଓ ଧର୍ମର ପ୍ରାଧାନ୍ୟ ଯୋଗୁ ଲୋକମାନଙ୍କ ମଧ୍ୟରେ ଶିକ୍ଷା ପ୍ରତି ଆଗ୍ର ପ୍ରକାଶ ପାଇ ନାହିଁ। ରାଜନୈତିକ ନେତାମାନେ ନି ଭୋଟବ୍ୟାଙ୍କ ପାଇଁ ଜାତିକ ଏକ ମୁଖ୍ୟ ଅସ୍ତ୍ର ଭାବରେ ବ୍ୟବହାର କରୁଛନ୍ତି। ଲୋକମାନେ ଶିକ୍ଷିତ ହେଲେ ଆଉ ଜାତି ପ୍ରତି ଲୋକମାନଙ୍କର ଆଗ୍ର ରହିବ ନାହିଁ। ଅପର ପକ୍ଷରେ ଦକ୍ଷିଣ ରାଜ୍ୟ ଗୁଡିକରେ ରାଜନୈତିକ ଅସ୍ଥିରତା ବହୁତ କମ। ସେଠାରେ ମଧ୍ୟ ଜାତି ପ୍ରଥାର ପ୍ରାଧାନ୍ୟ ଥିଲା, କିନ୍ତୁ ଶିକ୍ଷାର ବିକାଶ ଫଳରେ ଜାତିକୁ ନେଇ ଭୋଟ କଥାକୁ ପଛକୁ ଚାଲିଗଲା। କୌଣସି ନେତା ଚାହାନ୍ତି ନାହିଁ, ସେମାନଙ୍କ ଲୋକମାନଙ୍କର ବିକାଶ ହେଉ। ସେମାନେ ପାଠ ପଢନ୍ତୁ। ମଣିଷ ହୁଅନ୍ତୁ। ଯଦି ପାଠ ପଢ଼ି ମଣିଷ ହେବେ, ତେବେ ଭୋଟ ବ୍ୟାଙ୍କ ତିଆରି ହୋଇପାରିବ ନାହିଁ। ଦକ୍ଷିଣରେ ସବୁଠାରୁ ଅଧିକ ସଂରକ୍ଷଣ ବ୍ୟବସ୍ଥା ରହିଛି, କିନ୍ତୁ ଶିକ୍ଷା ସେମାନଙ୍କ ଅନେକ ଆଗକୁ ନେଇଯାଇଥିବାରୁ ପାଠ ପ୍ରତି ସେମାନଙ୍କର ନଜର ଆଗ। କେରଳ, କର୍ଣ୍ଣାଟକ,ଆନ୍ଧ୍ରପ୍ରଦେଶ ବା ତାମିଲନାଡୁ ଭଳି ରାଜ୍ୟଗୁଡିକ ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି। ଏଣୁ ଏସବୁ ରାଜ୍ୟଗୁଡିକରୁ ବହୁ ପିଲା ବିଦେଶରେ ଭଲ ଚାକିରି ପାଉଛନ୍ତି।

କେବଳ ସରକାର ଚାହିଁଲେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ଭଲ ହୋଇପାରିବ ନାହିଁ। ଏଥିପାଇଁ ସବୁ ବର୍ଗର ସହଯୋଗ ଦରକାର। ଦେଖାଯାଏ ଦକ୍ଷିଣ ଭାରତର ଅଧିକାଂଶ ମଠ ବା ଧର୍ମୀୟ ଅନୁଷ୍ଠାନ, ତାହା ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିୟାନ ସମ୍ପ୍ରଦାୟ ହୁନ୍ତୁ, ସେମାନଙ୍କ ଆୟର ଏକ ସିଂହ ଭାଗ ଶିକ୍ଷା କ୍ଷେତ୍ରରେ ବ୍ୟୟ କରନ୍ତି। ଏମିତିକୁ କର୍ଣ୍ଣାଟକର ପ୍ରାୟ ଷାଠିଏ ଭାଗ ସ୍କୁଲ ବିଭିନ୍ନ ମଠ ବା ମନ୍ଦିର ଟ୍ରଷ୍ଟ ଦ୍ୱାରା ପରିଚାଳିତ ହୁଏ। ଅମାର ଏଠି ମନ୍ଦିର ତିଆରି ହୁଏ ହୋଟେଲ କରିବା ପାଇଁ। କିନ୍ତୁ ପାଠ ପଢ଼ିବା ପାଇଁ ନୁହେଁ। ଲୋକମାନେ ମଧ୍ୟ ମନ୍ଦିର ତିଆରି ପାଇଁ ଚାନ୍ଦା ଦିଅନ୍ତି କିନ୍ତୁ ସ୍କୁଲ ବା ଡାକ୍ତରଖାନା ପାଇଁ ନୁହେଁ। ତାର କାରଣ ହେଉଛି, ଶିକ୍ଷାର ମୂଲ୍ୟ କଣ ତାହା ଆଜି ପର୍ଯ୍ୟନ୍ତ ଆମେ ବୁଝିବାକୁ ସମର୍ଥ ନୋହୁଁ। ଉତର ଭାରତ ଓ ମଧ୍ୟ ଭାରତ ରାଜ୍ୟଗୁଡିକର ପ୍ରଭାବ ଆମ ଉପରେ ପଡୁଛି। ଆମେ ରାମ ମନ୍ଦିର ପାଇଁ ହଜାର ହଜାର କୋଟି ଟଙ୍କା ଚାନ୍ଦା ଆଦାୟ କରିପାରୁ, କିନ୍ତୁ ସ୍କୁଲ ପାଇଁ ନୁହେଁ। ଡାକ୍ତରଖାନା ପାଇଁ ନୁହେଁ। ଆମ ରାଜ୍ୟରେ ଶିକ୍ଷା ବ୍ୟବସ୍ଥା ଏବେ କେବଳ ବ୍ୟବସାୟିଙ୍କ ହାତରେ। ଶିକ୍ଷା ଓ ସ୍ୱାସ୍ଥ୍ୟର ବ୍ୟବସାୟିକରଣ ରାଜ୍ୟର ବିକାଶରେ କିପରି ସହଭାଗୀ ହେବ?

# ବେଇମାନ ତୁର୍କୀକୁ ପାନେ ଦେବାର ପଥ ପରିଷ୍କାର



## ଡକ୍ଟର ଅମୂଲ୍ୟ କୁମାର ପଣ୍ଡା

ଭାରତ-ପାକିସ୍ତାନ ଭିତରେ ଚାଲିଥିବା ଯୁଦ୍ଧରେ ତୁର୍କୀ ପାକିସ୍ତାନକୁ ଖୋଲା ଖୋଲି ସମର୍ଥନ ଦେଇଥିଲା। ଏପ୍ରିଲ ୨୨ ତାରିଖରେ ଜାମ୍ମୁ କାଶ୍ମୀରର ପହଲଗାମରେ ଆତଙ୍କୀମାନେ ଧର୍ମ ପଚାରି ୨୬ ଲୋକଙ୍କୁ ହତ୍ୟା କରିଥିଲେ। ସେତେବେଳେ ଅନ୍ୟ ଦେଶ ଭଳି ତୁର୍କୀ ବି ଏହି ଅତଙ୍କୀ କାର୍ଯ୍ୟକଳାପକୁ ନିନ୍ଦା କରିଥିଲା। ହେଲେ ଯେତେବେଳେ ତୁର୍କୀ ଜାଣିବାକୁ ପାଇଲା ଏହି ଆତଙ୍କୀ କନେକ୍ସନ ପାକିସ୍ତାନ ସହ ଅଛି ସେତେବେଳେ ତୁର୍କୀର ସ୍ୱର ବଦଳି ଯାଇଥିଲା। ପହଲଗାମ ଆକ୍ରମଣର ଜବାବରେ ଭାରତ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଆଉ ପାକିସ୍ତାନ ଓ ପିଓକେରେ ଥିବା ଆତଙ୍କୀ ଆଡ୍ଡାକୁ ଧ୍ୱଂସ କରିଦେଇଥିଲା। ଯେଉଁଥିରେ ପାଖାପାଖି ୧୦୦ ଆତଙ୍କୀ ନିପାତ ହୋଇଥିଲେ। ଆତଙ୍କୀଙ୍କ ମୃତ୍ୟୁରେ ପାକିସ୍ତାନ ସରକାରଙ୍କୁ ତ ଦୁଃଖ ଲାଗିଥିଲା ତା ସହ ତୁର୍କୀକୁ ବି ଗଭୀର ଆଘାତ ଲାଗିଥିଲା। ତୁର୍କୀ ରାଷ୍ଟ୍ରପତି ମୃତ ଆତଙ୍କବାଦୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେଇ ସୋସିଆଲମିଡିଆ ଏକ୍ସରେ ଲେଖିଥିଲେ କି, ଭାରତ-ପାକିସ୍ତାନ ଯୁଦ୍ଧରେ ମିସାଇଲ ମାଡ଼ ବ୍ୟାପକ ସଂଘର୍ଷରେ ପରିଣତ ହୋଇପାରେ। ଯେଉଁକାରଣରୁ ଅନେକ ସଂଖ୍ୟାରେ ଲୋକ ସହିଦ ହୋଇଛନ୍ତି। ଏହି ଆକ୍ରମଣରେ ପ୍ରାଣ ହରାଇଥିବା ଆମ ଭାଇମାନଙ୍କ ପାଇଁ ମୁଁ ପ୍ରାର୍ଥନା କରୁଛି। ଏଥିରୁ ଜଣାଯାଏ ଯେ ଆତଙ୍କବାଦ କୁ ତୁର୍କୀ ପ୍ରତେକ୍ଷ ଭାବେ ସମର୍ଥନ କରୁଛି। ତେବେ ପାକିସ୍ତାନ ଭାରତ ଉପରେ କରିଥିବା ଡ୍ରୋନ ଆଟାକକୁ ବିଫଳ କରିଥିଲା ଭାରତ। ଆଉ ପ୍ରାଥମିକ ଯାଞ୍ଚରୁ ଜଣାପଡ଼ିଥିଲା କି ପାକିସ୍ତାନ ଯେଉଁ ଡ୍ରୋନରୁ ଆଟାକ୍ କରିଥିଲା ତାହା ତୁର୍କୀର। ଓ୍ୱିଙ୍ଗ କମାଣ୍ଡର ଭୌମିକା ସିଂ ଆଉ ସୋଫିଆ କ୍ୟୁରେସି ଗଣମାଧମ ସହ କଥା ହୋଇ କହିଥିଲେ କି ସିଆଚୀନଠାରୁ ସର୍ କ୍ରିକ୍ ଯାଏଁ ପାଖାପାଖି ୩୦୦ରୁ ୪୦୦ ଡ୍ରୋନ ଆକ୍ରମଣର ପ୍ରୟାସ କରାଯାଇଥିଲା। ଆଉ ସେହି ସବୁ ଡ୍ରୋନ ତୁର୍କୀ ପାକିସ୍ତାନକୁ ଦେଇଥିଲା। ଭାରତ ପାକିସ୍ତାନ ଭିତରେ ସିଧାସଳଖ ଲଢେଇ ଆରମ୍ଭ ହେବା ପୂର୍ବରୁ ତୁର୍କୀର ଏକ ଯୁଦ୍ଧ ପୋତ କରାଚୀ ପୋର୍ଟରେ ପହଞ୍ଚିଥିଲା। ଏହି ଯୁଦ୍ଧପୋତ କରାଚୀରେ ପହଞ୍ଚିବା ପୂର୍ବରୁ ତୁର୍କୀର ଏୟାରକ୍ରାଫ୍ଟ ସି-୧୩୦ କରାଚୀରେ ଲ୍ୟାଣ୍ଡ୍ କରିଥିଲା। ଆଉ ପାକିସ୍ତାନ ମିଡିଆ ଦାବି କରିଥିଲା କି ଏଥିରେ ଯୁଦ୍ଧାସ୍ତ୍ର ରହିଛି। ହେଲେ ତୁର୍କୀ ରକ୍ଷା ମନ୍ତ୍ରାଳୟ ଏହାକୁ ଖାରଜ କରି କହିଥିଲା କି, ଏଥିରେ ଯୁଦ୍ଧାସ୍ତ୍ର ନୁହେଁ ବରଂ ଏୟାରକ୍ରାଫ୍ଟ ଇନ୍ଧନ ଭରିବାକୁ କରାଚୀରେ ଲ୍ୟାଣ୍ଡ କରିଥିଲା।

ପ୍ରଥମେ ତୁର୍କୀ ବିଷୟରେ ଟିକେ ଜାଣି ନେବା ଯେ ତାହାର କେଉଁ ଦେଶ ସହିତ କିପରି ସମ୍ପର୍କ ରହିଛି। ମଧ୍ୟପ୍ରାଚ୍ୟରେ ଦୁଇଟି ବଡ଼ ଦେଶ ହେଉଛି ତୁର୍କୀ ଏବଂ ଇସ୍ରାଏଲ। ୧୯୪୯ ମସିହାରୁ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ରହିଛି। ଗୋଟିଏ ସମୟ ଥିଲା ଯେତେବେଳେ ତୁର୍କୀ ଇସ୍ରାଏଲକୁ ମାନ୍ୟତା ଦେଇଥିବା ପ୍ରଥମ ମୁସଲିମ ଦେଶ ଥିଲା, କିନ୍ତୁ ଏହା ପରେ ଦୁଇ ଦେଶ ମଧ୍ୟରେ ସମ୍ପର୍କରେ ଅସ୍ଥିରତା ଆସିଛି। ବିଶେଷକରି ତୁର୍କୀ ରାଷ୍ଟ୍ରପତି ରେସେପ ତାୟିପ ଏର୍ଡୋଗାନ କ୍ଷମତାକୁ ଆସିବା ପରେ, ଇସ୍ରାଏଲ ସହିତ ସମ୍ପର୍କ ତିକ୍ତ ହେବାକୁ ଲାଗିଲା ଏବଂ ଧୀରେ ଧୀରେ ଫାଟ ବୃଦ୍ଧି ପାଇଛି। ହମାସ ଆକ୍ରମଣର ଜବାବରେ ଗାଜାରେ ଇସ୍ରାଏଲର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ତୁର୍କୀ ଖୋଲାଖୋଲି ଭାବରେ ଇସ୍ରାଏଲର ବିରୋଧ କରିଥିଲା। ତୁର୍କୀ ଇସ୍ରାଏଲ ସହିତ ବାଣିଜ୍ୟ ସମ୍ପର୍କକୁ ମଧ୍ୟ ନିଷିଦ୍ଧ କରିଥିଲା?। ଇସ୍ରାଏଲ ଏବଂ ତୁର୍କୀ ମଧ୍ୟରେ ବର୍ତ୍ତମାନର ପରିସ୍ଥିତିକୁ ଦେଖିଲେ, ଯେକୌଣସି ସମୟରେ ଉଭୟ ଦେଶ ମଧ୍ୟରେ ସାମରିକ ସଂଘର୍ଷ ଦେଖାଦେଇପାରେ, ଯାହା ଫଳରେ ମଧ୍ୟପ୍ରାଚ୍ୟ ପୁଣି ଥରେ ଯୁଦ୍ଧର କବଳରେ ପଡ଼ିଯିବ। ଆମେରିକା ନେତୃତ୍ୱାଧୀନ ନାଟୋର ୩୧ଟି ସଦସ୍ୟ ଦେଶ ମଧ୍ୟରୁ ତୁର୍କୀ ଗୋଟିଏ। ଏହା ସହିତ, ତୁର୍କୀର ଆମେରିକା ସହିତ ମଧ୍ୟ ଭଲ ସମ୍ପର୍କ ରହିଛି। ନାଟୋ ହେଉଛି ସଦସ୍ୟ ଦେଶମାନଙ୍କ ମଧ୍ୟରେ ଏକ ଚୁକ୍ତି, ଯେଉଁଥିରେ କୁହାଯାଇଛି ଯେ ଯଦି କୌଣସି ସଦସ୍ୟ ଦେଶ ଉପରେ ଆକ୍ରମଣ ହୁଏ, ତେବେ ନାଟୋ ସଦସ୍ୟ ଦେଶମାନେ ମିଶି ଏହାକୁ ରକ୍ଷା କରିବେ। ଅନ୍ୟପକ୍ଷରେ, ଆମେରିକା ଇସ୍ରାଏଲକୁ ଏକ ଅଣ-ନାଟୋ ସହଯୋଗୀର ମାନ୍ୟତା ଦିଏ। ଦୁଇ ଦେଶ ମଧ୍ୟରେ ବନ୍ଧୁତା ଏପରି ଯେ ଯେତେବେଳେ ଇସ୍ରାଏଲ ପାଲେଷ୍ଟାଇନରେ ହମାସ ଏବଂ ଏହାର ସହଯୋଗୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉଥିଲା, ସେତେବେଳେ ଆମେରିକା ଖୋଲାଖୋଲି ଭାବରେ ଏହାର ସମର୍ଥନରେ ଆସିଥିଲା। ଏପରିକି ଆମେରିକା ମଧ୍ୟ ଇସ୍ରାଏଲକୁ ଏହାର ଅନେକ ଅସ୍ତ୍ରଶସ୍ତ୍ର ଯୋଗାଇ ଦେଇଥିଲା। ତଥାପି, ତୁର୍କୀ ସହିତ ବଢୁଥିବା ସାମରିକ ସଂଘର୍ଷରେ ଇସ୍ରାଏଲକୁ ଆମେରିକାର ସମର୍ଥନ ପ୍ରସଙ୍ଗ ତୁର୍କୀର ନାଟୋ ସଦସ୍ୟତା ଦ୍ୱାରା ଜଟିଳ ହୋଇଛି। ଏପରି ପରିସ୍ଥିତିରେ, ଇସ୍ରାଏଲ ତୁର୍କୀକୁ ନାଟୋରୁ ବାହାର କରିବାକୁ ଯଥାସମ୍ଭବ ଚେଷ୍ଟା କରୁଛି, ଯାହା ଫଳରେ ଯଦି ଦୁଇ ଦେଶ ମଧ୍ୟରେ ବିବାଦର ପରିସ୍ଥିତି ଉପୁଜେ, ତେବେ ଆମେରିକା ତୁର୍କୀକୁ ସମର୍ଥନ କରିପାରିବ ନାହିଁ। ଏହି ପରିପ୍ରେକ୍ଷୀରେ ଅର୍ଥନୈତିକ କ୍ଷେତ୍ରରେ ତୁର୍କୀକୁ କୋଣଠେସା କରିବା ସହିତ, ଭାରତ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ତୁର୍କୀକୁ କୋଣଠେସା କରିପାରିବ। ଯେପରି ତୁର୍କୀରେ ମାନବାଧିକାର ଉଲ୍ଲଂଘନ ବୃଦ୍ଧି ପାଇଛି। ଭାରତ ଏହି ପ୍ରସଙ୍ଗରେ ଜାତିସଂଘରେ ତୁର୍କୀକୁ ଘେରାବନ୍ଦୀ କରିପାରିବ। ଏହା ତାଙ୍କ ବିଶ୍ୱସନୀୟତାକୁ ସିଧାସଳଖ ପ୍ରଭାବିତ କରିବ। ଭାରତ ବ୍ରିକ୍ସ, G20ରେ ତୁର୍କୀକୁ ମଧ୍ୟ ବିରୋଧ କରିପାରିବ। ଏହା ତାଙ୍କ ନୀତି ଉପରେ ପ୍ରଶ୍ନ ଉଠାଇପାରେ। ଏହା ପାକିସ୍ତାନକୁ ସମର୍ଥନ କରିବା ପାଇଁ ମଧ୍ୟ ବିରୋଧ କରିପାରିବ କାରଣ ଏହା ଆତଙ୍କବାଦୀଙ୍କୁ ଆଶ୍ରୟ ଦେଉଛି। ଏପରି ପରିସ୍ଥିତିରେ, ତୁର୍କୀ ବିଶ୍ୱସ୍ତରରେ ପାକିସ୍ତାନ ଭଳି ଏକା ହୋଇଯିବ।

ଆତଙ୍କବାଦୀଙ୍କୁ ନିପାତ କରିବା ପାଇଁ ଭାରତ ପାକିସ୍ତାନ ବିରୁଦ୍ଧରେ ଆରମ୍ଭ କରିଥିବା ଅପରେସନ ସିନ୍ଦୂର ବିପକ୍ଷରେ ପାକିସ୍ତାନକୁ ସାହଯ୍ୟ କରିଥିଲା ତୁର୍କୀ। ଭାରତର ବନ୍ଧୁତାକୁ ଖାତିର ନକରି, ପାକିସ୍ତାନକୁ ଅସ୍ତ୍ରଶସ୍ତ୍ର ଯୋଗାଣ ଜାରି ରଖିଥିଲା। ପାକିସ୍ତାନୀ ସେନା ସେହି ଅସ୍ତ୍ରଶସ୍ତ୍ରଗୁଡ଼ିକୁ ଭାରତୀୟ ସୈନିକ ଏବଂ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା ପାଇଁ ବ୍ୟବହାର କରିଥିଲା। ତାହାର କାରଣ ହେଲା, ଚୀନ୍-ରୁଷର ଶକ୍ତିରେ ବଳବାନ୍ ତୁର୍କୀ। କାରଣ ଏହି ଦୁଇଟି ଶକ୍ତିଶାଳୀ ଦେଶ ସହିତ ତୁର୍କିର ଭଲ ବାଣିଜ୍ୟିକ ସମ୍ପର୍କ ଅଛି। ତୁର୍କୀ ଆଣବିକ ଶକ୍ତି ପାଇଁ ରୁଷ ଉପରେ ନିର୍ଭରଶୀଳ। ସେ ଏହାକୁ ବହୁ ପରିମାଣରେ ଆମଦାନୀ କରେ। ରୁଷ ଏବଂ ଚୀନ୍ ସହିତ ଉନ୍ନତ ବାଣିଜ୍ୟ ସମ୍ପର୍କ ଭଳି ଭାରତ ସହିତ ତୁର୍କୀର ଭଲ ସମ୍ପର୍କ ନଥିବାରୁ ଭାରତ ବଦଳରେ ପାକିସ୍ତାନକୁ ସମର୍ଥନ କରିଥାଇପାରେ। ତେବେ ତୁର୍କିର ବେଇମାନ୍ ପରେ ଭାରତ ତୁର୍କୀର ବିଭିନ୍ନ ସାମଗ୍ରୀକୁ ରାଜ୍ୟବ୍ୟାପୀ ବର୍ଜନ କରାଯାଉଛି। ବିଶେଷ କରି ତୁର୍କୀରୁ ଆସୁଥିବା ସେଓକୁ ବର୍ଜନ କରାଯାଇଛି। ତୁର୍କୀରୁ ବହୁ ପରିମାଣରେ ଭାରତକୁ ମାର୍ବଲ ଆମଦାନୀ କରାଯାଏ। ଭାରତକୁ ଆମଦାନୀ ହେଉଥିବା ମାର୍ବଲର ୭୦ ପ୍ରତିଶତ ତୁର୍କୀରୁ ଅଣାଯାଇଥାଏ। ପ୍ରତିବର୍ଷ ତୁର୍କୀରୁ ପ୍ରାୟ ୧ ଲକ୍ଷ ୨୯ ହଜାର ୮୮୨ ମେଟ୍ରିକ୍ ଟନ୍ ସେଓ ଆମଦାନୀ କରାଯାଏ। ଏହା ବ୍ୟତୀତ କାର୍ପେଟ, ଫର୍ଣ୍ଣିଚର, ହାତ ତିଆରି ସାଜସଜ୍ଜା ସାମଗ୍ରୀ ତୁର୍କୀରୁ ଭାରତକୁ ଆସେ। ସେହିପରି ଏହି କପଡ଼ାରୁ ରେଶମ, ଲିନେନ୍, ଅଲିଭ୍ ତେଲ, ଶୁଖିଲା ଫଳ, ଚେରି, ମସଲା ଏବଂ କିଛି ଔଷଧୀୟ ପାନୀୟ ମଧ୍ୟ ଆମଦାନୀ କରାଯାଏ। ଶିଳ୍ପ ଯନ୍ତ୍ରପାତି, ନିର୍ମାଣ ଉପକରଣ ଏବଂ କୃଷି ଉପକରଣ ମଧ୍ୟ ତୁର୍କୀରୁ ଆମଦାନୀ କରାଯାଏ। ସେଭଳି କିଛି ଖାଦ୍ୟ ମଧ୍ୟରୁ ତୁର୍କୀଙ୍କର ମିଠା ଖାଦ୍ୟ 'କୁନାଫା' ବହୁତ ପ୍ରସିଦ୍ଧ। ସୋସିଆଲ ମିଡିଆ ଯୋଗୁଁ କୁନାଫାର ଧାରା ଅଧିକ ପ୍ରମୁଖ ହୋଇଛି। ଗତ କିଛି ଦିନ ମଧ୍ୟରେ, ଏପରି ଅନେକ ହୋଟେଲ ଖୋଲିଛି ଯେଉଁଠାରେ କୁନାଫା ଉପଲବ୍ଧ। କୁନାଫା ପୂର୍ବରୁ, ଦିଲ୍ଲୀରେ ତୁର୍କୀ କବାବ ବହୁତ ଲୋକପ୍ରିୟ ଥିଲା। ଏହି କବାବଗୁଡ଼ିକ ବହୁତ ମସଲାଯୁକ୍ତ ଏବଂ ଖଟା ହୋଇଥାଏ ଏବଂ ଲୋକମାନେ ପ୍ରାୟତଃ ଏହାର ସ୍ୱାଦ ପସନ୍ଦ କରନ୍ତି। ତେଣୁ ଭାରତ ତରଫରୁ ବୟକଟ୍ ଭିତରେ ଟ୍ରାଭେଲ୍ ଅପରେଟରମାନେ ମଧ୍ୟ ତୁର୍କୀ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗତ ୩-୪ ଦିନରେ ତୁର୍କୀ ପାଇଁ ହୋଇଥିବା ୭୦ ପ୍ରତିଶତରୁ ଅଧିକ ବୁକିଂ ବାତିଲ ହୋଇଛି। ଭାରତ ବିରୋଧରେ ଯୁଦ୍ଧରେ ତୁର୍କୀ ପାକିସ୍ତାନକୁ ସମର୍ଥନ କରିଥିଲା, ଯାହା ପରେ ଭାରତରେ ତୁର୍କୀକୁ ବୟକଟ କରିବା ଆରମ୍ଭ ହୋଇଛି। ପ୍ରଥମେ ବ୍ୟବସାୟୀମାନେ ତୁର୍କୀରୁ ସେଓ ଏବଂ ମାର୍ବଲ୍ ଆମଦାନୀ ନକରିବାକୁ ନିଷ୍ପତ୍ତି ନେଇଥିଲେ। ଏବେ ଦେଶରେ ହ୍ୟାସଟ୍ୟାଗ୍ ବୟକଟ୍ ତୁର୍କୀ ଆରମ୍ଭ ହୋଇଛି। ଏହି କାରଣରୁ, ଭବିଷ୍ୟତରେ ତୁର୍କୀରୁ ଭାରତକୁ ଆସୁଥିବା ଅନ୍ୟ ସାମଗ୍ରୀ ଉପରେ ପ୍ରତିବନ୍ଧକ ଲଗାଯାଇପାରେ। ଏହି ବୟକଟ ପରେ ହୋଟେଲ ଗୁଡ଼ିକରେ କିଛି ଖାଦ୍ୟ ତାଲିକାରେ ତୁର୍କୀ ଖାଦ୍ୟ ଦେଖିବାକୁ ନ ମିଳିପାରେ ବୋଲି କୁହାଯାଉଛି। ଏହା ବି ହବା ଆବଶ୍ୟକ। ହାତ ରେ ନ ମାରି ଭାତରେ ମାରିବା ଉପାୟ ହିଁ ସର୍ବଶ୍ରେଷ୍ଠ, ଯେପରି ପାକିସ୍ତାନ କୁ ସିନ୍ଧୁ ନଦୀର ଜଳ ନ ଛାଡିବା। ଏଥିରୁ ଗୋଟେ କଥା ସ୍ପଷ୍ଟ ଯେ ଯୁଦ୍ଧ ବେଳେ ପାକିସ୍ତାନକୁ ଯୁଦ୍ଧାସ୍ତ୍ର ଓ ଡ୍ରୋନ ଦେବା ଓ ପରେ ଖୋଲାଖୋଲି ଭାବେ ପାକିସ୍ତାନକୁ ସମର୍ଥନ ଦେବା, ଜଣାପଡୁଛି ତୁର୍କୀ କେତେ ସଚ୍ଚୋଟ ଦେଶ। ଯେଉଁ ଦେଶ ତାକୁ ବିପଦବେଳେ ସହାଯ୍ୟ କରିଥିଲା ସେହି ଦେଶ ବିରୋଧରେ ଯାଇ ଶତ୍ରୁ ଦେଶକୁ ସାହାଯ୍ୟ କରୁଛି ତୁର୍କୀ। ଏଥିପାଇଁ ତୁର୍କୀ କୁ ଗୋଟିଏ ଦଣ୍ଡ ଯେ ତାକୁ ସମ୍ପୂର୍ଣ୍ଣ ବୟକଟ୍ କରିବା ଓ ତାହା ସହ ସମ୍ପୁର୍ଣ୍ଣ ସମ୍ପର୍କ ଛିନ୍ନ କରିବା। ଏହା ହେଲେ ସେ କଣ ଭୁଲ୍ କରିଛି, ତାହା ମରମେ ମରମେ ଭେଦିବ ଏବଂ ଚେତିବ !

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ୍: ୯୯୩୮୯୦୬୦୭୦**

# ବିଚାର କ୍ଷମତା



## କିଶୋର କୁମାର ଜେନା

ବିଚାର ହେଉଛି ଏକ ତେଜୋଦୀପ୍ତ ଜୀବନ୍ତ ଶକ୍ତି। ଜଗତରେ ଯେତେସବୁ ଶକ୍ତି ରହିଛି, ସେମାନଙ୍କ ମଧ୍ୟରେ ବିଚାରଶକ୍ତି ହେଉଛି ସବୁଠାରୁ ଅଧିକ ଜୀବନ୍ତ, ଅଧିକ ସୂକ୍ଷ୍ମ ଓ ଅଧିକ ବଳିଷ୍ଠ। ବିଚାର ଏକ ବିରାଟ ଶକ୍ତି। ବିଚାର ଏକ କ୍ରିୟାଶୀଳ ଶକ୍ତି। ଆତ୍ମିକ ପ୍ରାଣ ବା ସୂକ୍ଷ୍ମପ୍ରାଣ ଦ୍ୱାରା ମନସ୍ତରରେ କମ୍ପନ ସୃଷ୍ଟି ହେଲେ ବିଚାର ଉତ୍ପନ୍ନ ହୁଏ। ମାଧ୍ୟାକର୍ଷଣ ଶକ୍ତି, ସଂଶ୍ଳେଷଣ ଶକ୍ତି ବା ବିକର୍ଷଣ ଶକ୍ତିପରି ବିଚାର ଶକ୍ତି ମଧ୍ୟ ଏକ ନିଶ୍ଚିତ ନିର୍ଭୁଲ ଶକ୍ତି। ଆମେ ମନୁଷ୍ୟକୁ ବିଚାର କରିବାକୁ ଭାଜନ କି ? ଏହା ଏକ ପ୍ରଶ୍ନ। ସାଧାରଣତଃ ଆମେ ସବୁବେଳେ ପରସ୍ପରକୁ ଉପଦେଶ ଦେଉ - "ଏଇଟା କର, ଏଇଟା କରନା। ଏହା କଲେ ଭଲ ହେବ, ଏହା କଲେ ଖରାପ ହେବ, ତୋର ଏଭଳି କରିବା ଉଚିତ।' କିନ୍ତୁ କେବେହେଲେ ନିଜକୁ ପ୍ରଶ୍ନ କରୁନାହୁଁ ଏଭଳି ଉପଦେଶ ଦେବାକୁ ମୁଁ ଯୋଗ୍ୟ କି ? କ'ଣ ଭଲ, କ'ଣ ମନ୍ଦ ଆମେ କେତେ ଜାଣିଛୁ। ଅନ୍ୟ ଅପେକ୍ଷା ଆମର ଦୃଷ୍ଟି ସ୍ୱଚ୍ଛତମ, ବାଞ୍ଛନୀୟ ଓ ସତ୍ୟତର - ଏହା ଆମେ ପରୀକ୍ଷା କରିଜାଣିଛୁ କି ? ଯଦି ନ ଜାଣିଛୁ ତେବେ ଅନ୍ୟକୁ ଉପଦେଶ ଦେବା କାହିଁକି ? ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ। ଭଗବାନ ଶ୍ରୀ ସତ୍ୟସାଇ ବାବା ତାଙ୍କ ଦିବ୍ୟ ସମ୍ଭାଷଣରେ କହିଛନ୍ତି "ମନୁଷ୍ୟର ପ୍ରତ୍ୟେକଟି ବିଚାର ସକଳ ଦୃଷ୍ଟିରୁ ମୂଲ୍ୟବାନ। ସତ୍ ବିଚାର ତିନୋଟି ସ୍ତରରେ ଉପକାର କରେ। ପ୍ରଥମତଃ ସତ୍ ବିଚାର ପୋଷଣ କରିଥିବା ବ୍ୟକ୍ତିର ମାନସିକ ବିକାଶ ଘଟେ, ଫଳରେ ସେ ଉପକୃତ ହୁଏ। ଦ୍ୱିତୀୟତଃ ଯେଉଁ ବ୍ୟକ୍ତିଙ୍କ ବିଷୟରେ ସତବିଚାର ପୋଷଣ କରାଯାଏ ତାଙ୍କର ମଙ୍ଗଳ ସାଧିତ ହୁଏ। ତୃତୀୟତଃ ସତ ବିଚାର ସର୍ବସାଧାରଣଙ୍କର ମନୋରାଜ୍ୟରେ ସତ ପ୍ରଭାବ ପକାଇ ସକଳ ଲୋକଙ୍କର ମଙ୍ଗଳ ସାଧନ କରେ।' ଅନ୍ୟର ବ୍ୟାପାରରେ ହସ୍ତକ୍ଷେପ କରିବା ଉଚିତ ନୁହେଁ ସେତିକିବେଳେ ହସ୍ତକ୍ଷେପ କରିବା ଉଚିତ ଯେତେବେଳେ ଜଣେ ନିଃସନ୍ଦେହ ଯେ ସେ ବିଭୁକୃପାରୁ ସତ୍ୟଦୃଷ୍ଟି ପାଇଛି ଓ ତା'ର ପରିଣାମସ୍ୱରୂପ ଫଳାଫଳ ସମ୍ବନ୍ଧରେ ତା'ର ଜ୍ଞାନ ଅଛି। ସେ ଯଦି ବାସ୍ତବରେ ଭବିଷ୍ୟଦ୍ରଷ୍ଟା ହୋଇଥିବ ତେବେ ସେ ଆତ୍ମବିଶ୍ୱାସର ସହ ଅନ୍ୟ କାର୍ଯ୍ୟରେ ହସ୍ତକ୍ଷେପ କରିପାରିବ। ବାସ୍ତବରେ ଆମେ କେବଳ ଏତିକି କରିପାରୁ ସାଧକମାନଙ୍କର ଅନୁଭବସିଦ୍ଧ ବାକ୍ୟରୁ କିଛି ଶିକ୍ଷା କରି ତାହାକୁ ଉଦ୍ଧାର କରିପାରୁ। କାରଣ ସେମାନେ ସ୍ୱୟଂସିଦ୍ଧ, ବିଚକ୍ଷଣ, ନିରପେକ୍ଷ ବିଚାର କରିବାରେ ସମର୍ଥ; କିନ୍ତୁ ଯେଉଁ ମଣିଷ ଆବେଗ, ମାୟା, କାମନା, ବାସନା, ଶୋକ, ପ୍ରତିକ୍ରିୟାରୁ ନିଜକୁ ମୁକତ କରିପାରି ନାହିଁ, ସେ ଯଦି ଅନ୍ୟକୁ ଉପଦେଶ ଦିଏ ତେବେ ଅନ୍ଧ ଅନ୍ଧକୁ ବାଟ କଢ଼ାଇବା ଅବସ୍ଥା ହେବ। ତେଣୁ ସର୍ବାନ୍ତକରଣରେ ଆଗ ନିଜକୁ ଏ ସମସ୍ତ ନିମ୍ନତର ଗୁଣାବଳୀଠାରୁ ଉଦ୍ଧ୍ୱର୍କୁ ନେଇଯିବାକୁ ପଡ଼ିବ।

ସେହି କାର୍ଯ୍ୟଟି ନିଷ୍ଠାର ସହ କରିବା ପାଇଁ ଆଧାତ୍ମବାଦରେ ବିଶ୍ୱାସ ରଖି ଏକାଗ୍ରତା ସହକାରେ ବିଭୁ ଶରଣାପନ୍ନ ହେବାକୁ ପଡ଼ିଥାଏ। ଯେ ପର୍ଯ୍ୟନ୍ତ ଆମେ ଇନ୍ଦ୍ରିୟମାନଙ୍କୁ ବଶୀଭୂତ କରିବାରେ ସମର୍ଥ ହୋଇନାହୁଁ, ସେ ପର୍ଯ୍ୟନ୍ତ ଏ ସଂସାରରେ ଜଣେ ବ୍ୟକ୍ତି କି ଅବସ୍ଥାରେ ଅଛି, କି ପ୍ରତିକୂଳ ପରିସ୍ଥିତି ସହ ତାକୁ ଲଢ଼େଇ କରିବାକୁ ପଡୁଛି ତା'ର ପରିବେଶକୁ ଅନୁଶୀଳନ କରିବାର ସାମର୍ଥ୍ୟ ନଥିବା ସାଧାରଣ ମଣିଷର କି ଅଧିକାର ଅଛି ତାକୁ ପରାମର୍ଶ ଦେବାକୁ ? ଅହଙ୍କାର ମଦମତ୍ତ ସବ୍‌ଜାନ୍ତା ମଣିଷ ହିଁ ଏହିଭଳି ଅନଧିକାର ଚର୍ଚ୍ଚା କରିପାରେ। ତେଣୁ ସର୍ବପ୍ରଥମ କର୍ତ୍ତବ୍ୟ ହେଲା ବହୁ ଦୋଷ ଗୁଣରେ ପରିପୂର୍ଣ୍ଣ ମାୟାଜଗତରେ ଆତଯାତ ହେଉଥିବା ମଣିଷ ଆଉ ଜଣେ ମଣିଷକୁ ବିଚାର କରିବାକୁ ସମର୍ଥ ନୁହେଁ। କେବଳ ଭଲ ପାଇବାକୁ ସମର୍ଥ। କରୁଣା ପ୍ରଦାନରେ ସମର୍ଥ, ଶ୍ରଦ୍ଧା କରିବାକୁ ସମର୍ଥ। ନିଜେ ସଦ୍‌ଗୁଣାବଳୀରେ ଭୂଷିତ ହେଲେ, ପ୍ରଜ୍ଜ୍ୱଳିତ ପ୍ରଦୀପ ପରି ଜଳିପାରିଲେ ସିନା ଅନ୍ଧକାରରେ ଥିବା ବ୍ୟକ୍ତିମାନଙ୍କୁ ଆଲୋକ ଦେଖାଇ ପାରିବା। ଜୀବନକୁ ସୁନ୍ଦର କରିବାର ଏକମାତ୍ର ଉପାୟ ହେଲା ଜଗତକୁ ଭଲ ପାଇବା, ଦିବ୍ୟ ଅନୁଭୂତିରେ ନିଜକୁ ପବିତ୍ର କରିବା, ଆନନ୍ଦ ଜଗତରୁ ଆନନ୍ଦ ଆହରଣ କରିବାର ଶକ୍ତି ସଂଗ୍ରହ କରିବା, ଗୋଟିଏ କ୍ଷୁଦ୍ର ସୁନ୍ଦର କର୍ମକରି ତହିଁରୁ ଦିବ୍ୟ ଅନୁଭବ ଲାଭ କରିବା। ଗଭୀର ବିଶ୍ୱାସ ଓ ଭଲ ପାଇବା ସହ ନୈତିକ ନିୟମାବଳୀକୁ ପାଳନ କଲେ ଚିତ୍ତ ଶୁଦ୍ଧ ହେବ, ଆଧାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ ନୈତିକତା ଚିହ୍ନି ହେବ, କପଟଶୂନ୍ୟ, ନୀତି ଆଧାରିତ ଶୁଦ୍ଧ ଜୀବନର ଅଧିକାରୀ ହେବା ସହଜସାଧ ନୁହେଁ; ବରଂ ଅତ୍ୟନ୍ତ ଆୟାସସାଧ, କିନ୍ତୁ ଅସମ୍ଭବ ନୁହେଁ। ଆତ୍ମନିୟନ୍ତ୍ରଣ କ୍ଷମତା ରହିଲେ, ଇନ୍ଦ୍ରିୟମାନଙ୍କୁ ବଶ କରିପାରିଲେ, ଧୈର୍ଯ୍ୟଶୀଳ ହେଲେ, ବିଭୁପ୍ରେମରେ ହୃଦୟ ପରିପୂର୍ଣ୍ଣ କଲେ ମଣିଷ ସଦିଚ୍ଛାକୁ କ୍ରିୟାଶୀଳ କରିପାରେ। ଆତ୍ମସଂଯମ ଏଥିନିମନ୍ତେ ସର୍ବପ୍ରଥମ ସର୍ତ୍ତ।

ମନକୁ ନିଷ୍କର୍ମା କରି ରଖନ୍ତୁ ନାହିଁ। ତାକୁ ସର୍ବଦା କୌଣସି ନା କୌଣସି କାର୍ଯ୍ୟରେ ନିଯୁକ୍ତ କରି ରଖନ୍ତୁ। ତେବେ ଯାଇଁ ମନରେ କୌଣସି ଦୁର୍ଭାବନା ପ୍ରବେଶ କରିବ ନାହିଁ। ଶୂନ୍ୟ ନିଷ୍କର୍ମା ମନ ହେଉଛି ଶଇତାନର ଶାଳ। ତେଣୁ ପ୍ରତିମୁହୂର୍ତ୍ତରେ ମନ ଉପରେ ତୀକ୍ଷ୍ଣଦୃଷ୍ଟି ରଖନ୍ତୁ। ନିଜକୁ ସର୍ବଦା କୌଣସି ଏକ କର୍ମରେ ଲଗାଇ ରଖନ୍ତୁ। ବାଜେ କଥା ଓ ଅଯଥା ଗପସପ କରନ୍ତୁ ନାହିଁ। ମନକୁ ସର୍ବଦା ଗୀତା, ଉପନିଷଦ, ଯୋଗବାଶିଷ୍ଟପରି ସଦଗ୍ରନ୍ଥମାନଙ୍କରେ ଦିଆଯାଇଥିବା ବିଚାରରେ ପୂର୍ଣ୍ଣ କରି ରଖନ୍ତୁ।

**ଆଇନଜୀବୀ, ବଙ୍ଗାଳିସାହି, କଟକ**
**ମୋବାଇଲ୍: ୭୩୨୫୯୦୪୯୨୭**

# ଭାରତ ଧର୍ମଶାଳା ନୁହେଁ



ଶ୍ରୀଲଙ୍କାର ଆବେଦନ ଖାରଜ

**ନୂଆଦିଲ୍ଲୀ,୧୯।୫:** ସୁପ୍ରିମକୋର୍ଟ ସୋମବାର ଜଣେ ଶ୍ରୀଲଙ୍କା ନାଗରିକଙ୍କ ଦ୍ୱାରା ଦାଖଲ ହୋଇଥିବା ଏକ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି, ଯିଏ ଜେଲ ଦଣ୍ଡ ଭୋଗ କରିବା ପରେ ପ୍ରତ୍ୟାର୍ପଣକୁ ଚ୍ୟାଲେଞ୍ଜ କରିଥିଲେ। କୋର୍ଟ କହିଛନ୍ତି ଯେ ଭାରତ ଏକ ଧର୍ମଶାଳା ନୁହେଁ ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଆସିଥିବା ଶରଣାର୍ଥୀମାନଙ୍କୁ ଆଶ୍ରୟ ଦିଆଯାଇପାରିବ।

"କ'ଣ ଭାରତ ସାରା ବିଶ୍ୱରୁ ଶରଣାର୍ଥୀମାନଙ୍କୁ ଆଶ୍ରୟ ଦେବ? ଆମେ ପୂର୍ବରୁ ହିଁ ୧୪୦ କୋଟି ଜନସଂଖ୍ୟା ସହିତ ସଂଘର୍ଷ କରୁଛୁ। ଏହା ଏକ ଧର୍ମଶାଳା ନୁହେଁ ଯେଉଁଠାରେ ଆମେ ସବୁଠାରୁ ଆସିଥିବା ବିଦେଶୀ ନାଗରିକମାନଙ୍କୁ ମନୋରଞ୍ଜନ କରିପାରିବୁ," ଜଷ୍ଟିସ ଦୀପଙ୍କର ଦତ୍ତ ଏବଂ କେ ବିନୋଦ ଚନ୍ଦ୍ରନଙ୍କୁ ନେଇ ଗଠିତ ବେଞ୍ଚ କହିଛନ୍ତି।

ଆବେଦନକାରୀ, ଜଣେ ଶ୍ରୀଲଙ୍କା ତାମିଲ ନାଗରିକ, ପ୍ରତ୍ୟାରପନରୁ ସୁରକ୍ଷା ମାଗିଥିଲେ, କାରଣ ସେ ନିଜ ଦେଶକୁ ଫେରିଗଲେ ତାଙ୍କ ଜୀବନକୁ ବିପଦ ହେବ ବୋଲି ଦାବି କରିଥିଲେ। ତଥାପି, ବେଞ୍ଚ ଏହାଦ୍ୱାରା ପ୍ରଭାବିତ ହୋଇନଥିଲେ। "ଅନ୍ୟ କୌଣସି ଦେଶକୁ ଯାଅ," ବିଚାରପତିମାନେ ମନ୍ତବ୍ୟ ଦେଇ ଆବେଦନକୁ ଖାରଜ କରିଦେଇଥିଲେ।

ସର୍ବୋଚ୍ଚ ନ୍ୟାୟାଳୟ ମାଡ୍ରାସ ହାଇକୋର୍ଟର ଏକ ଆଦେଶକୁ ଚ୍ୟାଲେଞ୍ଜ କରୁଥିବା ଏକ ଆବେଦନର ଶୁଣାଣି କରୁଥିଲେ, ଯେଉଁଥିରେ ଆବେଦନକାରୀଙ୍କୁ, ଯିଏ ବେଆଇନ କାର୍ଯ୍ୟକଳାପ (ନିଷେଧ) ଅଧିନିୟମ ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଥିଲେ, ୭ ବର୍ଷର ଦଣ୍ଡ ଶେଷ ହେବା ପରେ ତୁରନ୍ତ ନିଷ୍କାସନ କରାଯିବା ନିର୍ଦ୍ଦେଶ ଦିଆଯାଇଥିଲା।

ଶୁଣାଣି ସମୟରେ, ଆବେଦନକାରୀଙ୍କ ଆଇନଜୀବୀ ଯୁକ୍ତି ଦେଇଥିଲେ ଯେ ସେ ଦଣ୍ଡ ଶେଷ ହେବା ପରେ ପ୍ରାୟ ତିନି ବର୍ଷ ଧରି ହେପାଜତରେ ରହିଛନ୍ତି, କିନ୍ତୁ ପ୍ରତ୍ୟାରପଣ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ସେ ଆହୁରି ମଧ୍ୟ କହିଥିଲେ ଯେ ଆବେଦନକାରୀ, ଯିଏ ଭିସାରେ ଭାରତକୁ ପ୍ରବେଶ କରିଥିଲେ, ଶ୍ରୀଲଙ୍କାକୁ ଫେରିଗଲେ ତାଙ୍କ ଜୀବନକୁ ଗମ୍ଭୀର ବିପଦ ହେବ।

ତଥାପି, ବେଞ୍ଚ ଅଟଳ ରହିଥିଲେ। ଜଷ୍ଟିସ ଦତ୍ତ ପଚାରିଥିଲେ, "ଏଠାରେ ବସବାସ କରିବାର ତୁମର ଅଧିକାର କ'ଣ?" ଆଇନଜୀବୀ ଉତ୍ତର ଦେଇଥିଲେ ଯେ ଆବେଦନକାରୀ ଜଣେ ଶରଣାର୍ଥୀ ଏବଂ ତାଙ୍କ ପତ୍ନୀ ଏବଂ ସନ୍ତାନମାନେ ପୂର୍ବରୁ ଭାରତରେ ବସବାସ କରୁଛନ୍ତି।

ଜଷ୍ଟିସ ଦତ୍ତ, ଆବେଦନକୁ ଖାରଜ କରି, କହିଥିଲେ ଯେ ଆଟକ ଆଇନ ଅନୁଯାୟୀ ହୋଇଥିବାରୁ ଧାରା ୨୧ ଉଲ୍ଲଂଘନ ହୋଇନାହିଁ। ସେ ସ୍ପଷ୍ଟ କରିଥିଲେ ଯେ ଧାରା ୧୯ ଅନୁଯାୟୀ ଭାରତରେ ବସବାସ କରିବାର ମୌଳିକ ଅଧିକାର କେବଳ ଭାରତୀୟ ନାଗରିକମାନଙ୍କ ପାଇଁ ସଂରକ୍ଷିତ।



# ଶାହାଙ୍କ କ୍ଷମା ପ୍ରାର୍ଥନା ଖାରଜ



**ନୂଆଦିଲ୍ଲୀ,୧୯।୫:** କର୍ଣ୍ଣେଲ ସୋଫିଆ କୁରେଶୀଙ୍କ ଉପରେ ବିବାଦୀୟ ବୟାନ ଦେଇଥିବା ମଧ୍ୟପ୍ରଦେଶ ମନ୍ତ୍ରୀ ବିଜୟ ଶାହାଙ୍କ କ୍ଷମା ପ୍ରାର୍ଥନାକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଶାହାଙ୍କ ବିରୋଧରେ ରୁଜୁ ହୋଇଥିବା ମାମଲାର ତଦନ୍ତ ପାଇଁ ସୁପ୍ରିମକୋର୍ଟ ଏକ ଏସ୍‌ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କୋର୍ଟ କହିଛନ୍ତି,୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏହି ଏସଆଇଟି ମେ ୨୮ରେ ପ୍ରଥମ ଷ୍ଟାଟସ ରିପୋର୍ଟ ଦେବା ଉଚିତ। ଶୁଣାଣି ସମୟରେ, ବିଚାରପତିମାନେ ବିଜୟ ଶାହଙ୍କୁ କଡ଼ା ଭର୍ତ୍ସନା କରିଥିଲେ। ଅପରେଶନ ସିନ୍ଦୂର ସମୟରେ ସେନା ମୁଖପାତ୍ର ଭୂମିକା ଗ୍ରହଣ କରିଥିବା କର୍ଣ୍ଣେଲ ସୋଫିଆଙ୍କ ଉପରେ ବିଜୟ ଶାହଙ୍କ ବିବାଦୀୟ ବୟାନର ସ୍ୱତଃସ୍ଫୃତ ବିଚାର ମଧ୍ୟ ପ୍ରଦେଶ ହାଇକୋର୍ଟ କରିଥିଲା। ହାଇକୋର୍ଟ ମନ୍ତ୍ରୀଙ୍କ ବିରୋଧରେ ଏଫଆଇଆର ରୁଜୁ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶରୁ ରହିତାଦେଶ ପାଇବା ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ଶାହଙ୍କ ପକ୍ଷରୁ ବରିଷ୍ଠ ଓକିଲ ମନିନ୍ଦର ସିଂହ ହାଜର ହୋଇଥିଲେ। ସେ ବିଚାରପତିମାନଙ୍କୁ କହିଥିଲେ, ବିଜୟ ଶାହ ଏହି ବକ୍ତବ୍ୟ ପାଇଁ କ୍ଷମା ପ୍ରାର୍ଥନା କରିଛନ୍ତି। ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଏନ କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏଥିରେ ସନ୍ତୁଷ୍ଟ ହୋଇନଥିଲେ। ଖଣ୍ଡପୀଠ କହିଛନ୍ତି, ଅନେକ ଲୋକ ଆଇନରୁ ରକ୍ଷା ପାଇବା ପାଇଁ କ୍ଷମା ପ୍ରାର୍ଥନା କରନ୍ତି କିମ୍ବା କୁମ୍ଭୀର କାନ୍ଦଣା କାନ୍ଦନ୍ତି। ବିଜୟ ଶାହଙ୍କ କ୍ଷମା ପ୍ରାର୍ଥନା ଉପରେ ପ୍ରଶ୍ନ ଉଠାଇ ସୁପ୍ରିମକୋର୍ଟ କହିଛନ୍ତି, ଯଦି ସେ ଏଥିପାଇଁ ଅନୁତାପ କରିଥାନ୍ତେ ତେବେ ସେ କିଛି ଏବଂ ପରନ୍ତୁ ବ୍ୟବହାର କରି ଦୁଃଖ ପ୍ରକାଶ କରି ନ ଥାନ୍ତେ। ଶାହା ଏବେ ବି ମନ୍ତ୍ରୀ ଥିବା କଥା ଇଙ୍ଗିତ କରି କୋର୍ଟ କହିଛନ୍ତି, ଏହା ମନେ ହେଉନାହିଁ ଯେ ସେ ତାଙ୍କ ବକ୍ତବ୍ୟ ପାଇଁ ପ୍ରକୃତରେ ଲଜ୍ଜିତ। ତାଙ୍କ ବକ୍ତବ୍ୟ ପାଇଁ ସାରା ଦେଶ କ୍ରୋଧିତ। ଏହି ବକ୍ତବ୍ୟ ପରେ ବହୁତ ସମୟ ବିତିଗଲାଣି। ଜଣେ ମନ୍ତ୍ରୀଙ୍କ ପଦବୀର ଏକ ମର୍ଯ୍ୟାଦା ଅଛି। ଜଣେ ମନ୍ତ୍ରୀଙ୍କ ଆଚରଣ ସମାଜ ପାଇଁ ଆଦର୍ଶ ହେବା ଉଚିତ। ଏହା ପରେ କୋର୍ଟ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଅର୍ଥାତ୍ ଏସ୍‌ଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଷ୍ଟିସ ସୂର୍ଯ୍ୟକାନ୍ତ କହିଛନ୍ତି,ଆମେ ୩ ଜଣ ବରିଷ୍ଠ ଆଇପିଏସ ଅଧିକାରୀଙ୍କ ଏକ ଏସଆଇଟି ଗଠନ କରିବାକୁ ନିର୍ଦ୍ଦେଶ ଦେଉଛୁ। ମଧ୍ୟପ୍ରଦେଶର ଡିଜିପି ୨୦ ମେ ସକାଳ ୧୦ଟା ସୁଦ୍ଧା ଏହାକୁ ଗଠନ କରିବା ଉଚିତ। ଏସଆଇଟିର ତିନି ଜଣ ଆଇପିଏସ ଅଧିକାରୀ ମଧ୍ୟପ୍ରଦେଶ କ୍ୟାଡରର ହୋଇପାରନ୍ତି, କିନ୍ତୁ ସେମାନେ ମୂଳତଃ ମଧ୍ୟପ୍ରଦେଶର ହୋଇ ନ ଥିବେ। ତଦନ୍ତ ଦଳର ନେତୃତ୍ୱ ଜଣେ ଆଇଜି ରାଙ୍କ ଅଧିକାରୀଙ୍କ ଦ୍ୱାରା ନିଆଯିବା ଉଚିତ। ଏହି ଦଳରେ ଜଣେ ମହିଳା ଅଧିକାରୀ ମଧ୍ୟ ରହିବା ଉଚିତ। ପୋଲିସ ଦ୍ୱାରା ପଞ୍ଜିକୃତ ଏଫଆଇଆରକୁ ଏସଆଇଟିକୁ ହସ୍ତାନ୍ତର କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ସମସ୍ତ ହାଇକୋର୍ଟର ବିଚାରପତି ପାଇବେ ପୂର୍ଣ୍ଣ ପେନସନ

**ନୂଆଦିଲ୍ଲୀ,୧୯।୫:** ହାଇକୋର୍ଟର ସମସ୍ତ ବିଚାରପତିଙ୍କୁ ମିଳିବ ପୂର୍ଣ୍ଣ ପେନସନ। ହାଇକୋର୍ଟର ସମସ୍ତ ବିଚାରପତି ପାଇବେ ପୂର୍ଣ୍ଣ ପେନସନ । ଏ ନେଇ ସୁପ୍ରିମକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ ଆସିଛି । ସମସ୍ତ ହାଇକୋର୍ଟର ବିଚାରପତି ପୂର୍ଣ୍ଣ ପେନସନ ପାଇବାକୁ ହକଦାର ବୋଲି ପ୍ରଧାନ ବିଚାରପତି କହିଛନ୍ତି ।ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ବାର୍ଷିକ ୧୫ ଲକ୍ଷ ପେନସନ ପାଇବେ । ବିଚାରପତି ଓ ଅତିରିକ୍ତ ବିଚାରପତି ବର୍ଷକୁ ୧୩ ଲକ୍ଷ ୬୦ ହଜାର ପେନସନ ପାଇବେ । ବିଚାରପତି ଓ ଅତିରିକ୍ତ ବିଚାରପତିଙ୍କ ବିଧବା ପତ୍ନୀଙ୍କୁ ଫ୍ୟାମିଲି ପେନସନ ମିଳିବ । ସମ୍ବିଧାନର ଧାରା ୧୪ ଅନୁଯାୟୀ, ସମାନତାର ଅଧିକାର ଉଲ୍ଲଂଘନ ହେବ ବୋଲି ମୁଖ୍ୟ ବିଚାରପତି ବି ଆର ଗଭାଇ ଏବଂ ବିଚାରପତି ଅଗଷ୍ଟିନ ଜର୍ଜ ଖ୍ରୀଷ୍ଟଙ୍କ ଖଣ୍ଡପୀଠ କହିଛନ୍ତି । ଖଣ୍ଡପୀଠ କହିଛନ୍ତି ଯେ, ସମସ୍ତଙ୍କୁ କେବେ ନିଯୁକ୍ତି ଦିଆଯାଇଥିଲା ଏବଂ ସେମାନେ ଅତିରିକ୍ତ ବିଚାରପତି ଭାବରେ ଅବସର ନେଇଥିଲେ କି ପରେ ସ୍ଥାୟୀ ହୋଇଥିଲେ ତାହା ନିର୍ବିଶେଷରେ ପୂର୍ଣ୍ଣ ପେନସନ ଦିଆଯିବ । ନିଯୁକ୍ତି କିମ୍ବା ପଦବୀର ସମୟ ଆଧାରରେ ବିଚାରପତିଙ୍କ ମଧ୍ୟରେ ପାତରଅନ୍ତର କରିବା ଏହି ମୌଳିକ ଅଧିକାରର ଉଲ୍ଲଂଘନ ହେବ । ସମ୍ବିଧାନର ଧାରା ୨୦୦ ଯାଞ୍ଚ କରାଯାଇଛି ଯାହା ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିମାନଙ୍କୁ ଦେୟ ପେନସନ ସହିତ ଜଡ଼ିତ ।

## ଆତଙ୍କବାଦୀଙ୍କ ୨ ସହଯୋଗୀ ଗିରଫ



**ଶ୍ରୀନଗର,୧୯।୫:** ଜମ୍ମୁ କଶ୍ମୀର ଶୋପିଆନର ଡିକେ ପୋରା ଅଞ୍ଚଳରେ ଭାରତୀୟ ସେନାର ୩୪ ଆରଆର୍ ଏସ୍‌ଓଜି ଶୋପିଆନ, ସିଆରପିଏଫ୍ ୧୭୮ ବାଟାଲିୟନ ଦ୍ୱାରା ଏକ ମିଳିତ ଅପରେଶନରେ ଦୁଇ ଆତଙ୍କବାଦୀ ସହଯୋଗୀଙ୍କୁ ଗିରଫ କରାଯାଇଛି। ଗିରଫ ଆତଙ୍କବାଦୀଙ୍କଠାରୁ ଦୁଇଟି ପିସ୍ତଲ, ଚାରୋଟି ଗ୍ରେନେଡ, ୪୩ଟି ଜୀବନ୍ତ ଗୁଳି ଏବଂ ଅନ୍ୟାନ୍ୟ ଅପରାଧମୂଳକ ସାମଗ୍ରୀ ମଧ୍ୟ ଜବତ କରାଯାଇଛି। ଶୋପିଆନ ପୋଲିସ କହିଛି ଯେ ଅଭିଯୁକ୍ତଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରାଯାଇଛି ଏବଂ ବର୍ତ୍ତମାନ ଅଧିକ ତଦନ୍ତ ଚାଲିଛି।

## ପାକିସ୍ତାନରେ ଅଛନ୍ତି ୨୪ କୋଟି ଆତଙ୍କବାଦୀ: ଖାନ୍ ସାର



**ନୂଆଦିଲ୍ଲୀ,୧୯।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଦ୍ୱାରା ଆରମ୍ଭ ହୋଇଥିବା ଅପରେଶନ ସିନ୍ଦୁର ଉପରେ ଖାନ ସାର୍ ଏକ ବଡ଼ ବୟାନ ଦେଇଛନ୍ତି। ସେ କହିଥିଲେ ଯେ ଆମେ ପାକିସ୍ତାନଠାରୁ ଉନ୍ନତି ଆଶା କରୁଛୁ, କିନ୍ତୁ ଏହା ସମ୍ଭବ ନୁହେଁ।

### ଚିନ୍ତାରେ ପାକିସ୍ତାନ

ଖାନ ସାର୍ କହିଥିଲେ ଯେ ୫୦୦-୧୦୦୦ ଆତଙ୍କବାଦୀଙ୍କୁ ହତ୍ୟା କଲେ କିଛି ହାସଲ ହେବ ନାହିଁ। ସେ ଏହା ମଧ୍ୟ କହିଥିଲେ ଯେ ପାକିସ୍ତାନରେ ୨୪ କୋଟି ଆତଙ୍କବାଦୀ ବାସ କରନ୍ତି। ଖାନ ସାର୍ କହିଥିଲେ, 'ଆମର ଏକ ଭୁଲ ଧାରଣା ଅଛି ଯେ ଆମେ ପାକିସ୍ତାନରୁ ଆତଙ୍କବାଦକୁ ସମାପ୍ତ କରିବୁ। ଯଦି ଜଣେ ପାକିସ୍ତାନୀ ମଧ୍ୟ ଜୀବିତ ଅଛି, ତେବେ ସେ ଜଣେ ଆତଙ୍କବାଦୀ। ଏହି ଭୁଲ ଧାରଣାରୁ ନିଜକୁ ବାହାର କର ଯେ କିଛି ଭଲ ଲୋକ ମଧ୍ୟ ପାକିସ୍ତାନରେ ବାସ କରନ୍ତି।' ଖାନ ସାର୍ ପାକିସ୍ତାନ ବିରୋଧରେ ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନରେ ଖୁସି ନୁହଁନ୍ତି। ସେ କହିଥିଲେ, 'ପାକିସ୍ତାନକୁ ଅଧିକ କ୍ଷତି ପହଞ୍ଚାଇବା ଉଚିତ ଥିଲା। ଏହାର ଗୋଟିଏ ବି ବିମାନବନ୍ଦରକୁ ଭଲ ଅବସ୍ଥାରେ ଛାଡିବା ଉଚିତ ନଥିଲା। ଏହା ସେଠାକାର ଲୋକମାନଙ୍କୁ ବିଶ୍ୱାସ କରାଇଥାନ୍ତା ଯେ ପାକିସ୍ତାନ କେତେ ବଡ଼ ଭୁଲ କରିଛି।' ଖାନ ସାର୍ ଆହୁରି କହିଛନ୍ତି, 'ଯେଉଁଠାରେ ୨୪ କୋଟି ଆତଙ୍କବାଦୀ ରହୁଛନ୍ତି, ସେଠାରେ ୫୦୦-୧୦୦୦ ଆତଙ୍କବାଦୀଙ୍କୁ ହତ୍ୟା କରିବା ଦ୍ୱାରା କିଛି ସମାଧାନ ହେବ ନାହିଁ। ପାକିସ୍ତାନକୁ ଆର୍ଥିକ ଦୃଷ୍ଟିରୁ ଏତେ ଦୁର୍ବଳ କର ଯେ ପ୍ରତ୍ୟେକ ପିଲା ଭାବିବ ଯେ ପାକିସ୍ତାନ ଭୁଲ କରିଛି। ଯେତେବେଳେ ଜଣେ ପାକିସ୍ତାନୀ ବ୍ୟକ୍ତି ପାକିସ୍ତାନକୁ ଭାରତ ସହିତ ପ୍ରତିଯୋଗିତା ନ କରିବାକୁ କହିବ, ସେତେବେଳେ ସେ ବୁଝିବ।' ଖାନ ସାର୍ କହିଥିଲେ ଯେ ଆମେ ଆଶା କରୁଥିବା ପରି ପାକିସ୍ତାନର ଏତେ କ୍ଷତି ହୋଇନାହିଁ। ସେ କହିଥିଲେ, 'ଯେପର୍ଯ୍ୟନ୍ତ ସେଠାରେ ନୂତନ କବରସ୍ଥାନ ନିର୍ମାଣ ନହୁଏ ଏବଂ ମୃତଦେହଗୁଡ଼ିକୁ ଗୋଟିଏ ଉପରେ ଗଦା ନହୁଏ, ସେପର୍ଯ୍ୟନ୍ତ ପହଲଗାମ ଆକ୍ରମଣର ପ୍ରତିଶୋଧ ସମ୍ପୂର୍ଣ୍ଣ ହେବ ନାହିଁ। ଏଥର ପାକିସ୍ତାନକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦିଆଯିବା ଉଚିତ ଥିଲା। ମୁଁ ଏଥିପାଇଁ ଦୁଃଖିତ।'

● ବଲୁଚିସ୍ତାନ ବଜାରରେ ବିସ୍ଫୋରଣ

## ୪ ମୃତ, ୨୦ରୁ ଅଧିକ ଗୁରୁତର



**କ୍ୱେଟା,୧୯।୫:** ବଲୁଚିସ୍ତାନରେ ପୁଣି ବିସ୍ଫୋରଣ ହୋଇଛି। ସଦ୍ୟ ବିସ୍ଫୋରଣରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ବିସ୍ଫୋରଣ କିଲ୍ଲା ଅବ୍ଦୁଲ୍ଲାହ ଜିଲ୍ଲାର ଜାବ୍ବର ମାର୍କେଟ ନିକଟରେ ହୋଇଛି। ବିସ୍ଫୋରଣ ପରେ ସ୍ଥାନୀୟ ଅଞ୍ଚଳରେ ଲୋକ ଭୟଭୀତ ରହିଛନ୍ତି। ଏହି ବିସ୍ଫୋରଣ ସମ୍ପର୍କରେ କିଲ୍ଲା ଅବ୍ଦୁଲ୍ଲାହର ଡେପୁଟି କମିଶନର ରିୟାନ ଖାନ କହିଛନ୍ତି ଯେ ବିସ୍ଫୋରଣ ଯୋଗୁଁ ବଜାରର ବ୍ୟାପକ କ୍ଷତି ହୋଇଛି। କେତେକ ସ୍ଥାନରେ ନିଆଁ ଲାଗିଯାଇଛି। ମାର୍କେଟର ପଛପଟୁ ବିସ୍ଫୋରଣ ହୋଇଛି। ବିସ୍ଫୋରଣ ପରେ ସ୍ଥାନୀୟ ଲୋକ ଭୟଭୀତ ଅବସ୍ଥାରେ ରହିଛନ୍ତି। ଖବର ପାଇ ଘଟଣାସ୍ଥଳରେ ଅଗ୍ନିଶମ ଟିମ୍ ଏବଂ ପୁଲିସ ପହଞ୍ଚିବା ସହ ଉଦ୍ଧାର କାମ ଜାରି ରଖିଛି। ଏହି ସମୟରେ ଉଦ୍ଧାରକାରୀ ଦଳ ୪ ଜଣଙ୍କ ମୃତଦେହ ଜବତ କରିଥିବା ଜଣାପଡ଼ିଛି। ସେହିପରି ଆହତମାନଙ୍କୁ ସ୍ଥାନୀୟ ହସପିଟାଲରେ ଭର୍ତ୍ତି କରାଯାଇଛି। ତେବେ ଏହି ବିସ୍ଫୋରଣ ପଛର କାରଣ ନେଇ କିଛି ସ୍ପଷ୍ଟ ଭାବେ ଜଣାପଡ଼ିନାହିଁ।

# ପହଲଗାମରେ ଆକ୍ରମଣ କରିଥିଲେ ପାକିସ୍ତାନ ସେନାର ଦୁଇ କମାଣ୍ଡୋ



**ନୂଆଦିଲ୍ଲୀ,୧୯।୫:** ବରିଷ୍ଠ ପାକିସ୍ତାନୀ ସାମ୍ବାଦିକ ଆଫତାବ ଇକବାଲ ଖୁଲାସା କରିଛନ୍ତି ଯେ ନିକଟରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଚାରି ଆତଙ୍କବାଦୀଙ୍କ ମଧ୍ୟରୁ ଦୁଇଜଣ କେବଳ ପାକିସ୍ତାନୀ ନାଗରିକ ନଥିଲେ କି ଲସ୍କର-ଏ-ତୋଇବା ସହ ସମ୍ପର୍କ ରଖୁଥିଲେ, ବରଂ ପାକିସ୍ତାନ ସେନାର ପ୍ରଶିକ୍ଷିତ କମାଣ୍ଡୋ ଥିଲେ।

ଏକ ଭାଇରାଲ ଭିଡିଓରେ ଇକବାଲ ତାଲହା ଆଲୀ ଏବଂ ଆସିମଙ୍କୁ ଦୁଇ ଅପରେଟିଭ ଭାବେ ନାମିତ କରି କହିଛନ୍ତି ଯେ ସେମାନେ ପାକିସ୍ତାନ ସେନାର କମାଣ୍ଡୋ ୟୁନିଟର ସକ୍ରିୟ ସଦସ୍ୟ ଥିଲେ। ସେ ଆହୁରି ଦାବି କରିଛନ୍ତି ଯେ ଏହି ଦୁଇଜଣଙ୍କର ଲସ୍କର-ଏ-ତୋଇବା ସହ ଦୀର୍ଘଦିନର ସମ୍ପର୍କ ଏବଂ ପାକିସ୍ତାନର ସାମରିକ ଓ ଗୁପ୍ତଚର ନେଟୱାର୍କ ସହ ଗଭୀର ସଂଯୋଗ ଥିଲା। "ଏମାନେ କେବଳ ସ୍ୱତନ୍ତ୍ର ଅପରାଧୀ ନଥିଲେ," ଇକବାଲ ଜୋର ଦେଇ କହିଛନ୍ତି। "ସେମାନେ ଥିଲେ ପ୍ରଶିକ୍ଷିତ କମାଣ୍ଡୋ, ଯେଉଁମାନେ ସୀମାପାର ଅପରେସନକୁ ସମ୍ପୂର୍ଣ୍ଣ କୌଶଳଗତ ସମର୍ଥନ ସହ ଚଳାଇବା ପାଇଁ ଏକ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ ଥିଲେ। ଜଣେ ଥିଲେ ଗୁପ୍ତଚର କମାଣ୍ଡୋ।" ଇକବାଲଙ୍କ ମତରେ, ତାଲହା ଏବଂ ଆସିମ ନିୟମିତ ଭାବେ ଗୁପ୍ତ ସୀମାପାର ମିଶନରେ ନିୟୋଜିତ ହେଉଥିଲେ। ସେମାନଙ୍କ କାର୍ଯ୍ୟକଳାପ ଚରମପନ୍ଥାର ଏକାକୀ ଘଟଣା ନଥିଲା, ବରଂ ଆତଙ୍କବାଦ, ଗୁପ୍ତଚରବୃତ୍ତି ଏବଂ ସାମରିକ ସମ୍ପୃକ୍ତିକୁ ଏକତ୍ର କରୁଥିବା ଏକ ବୃହତ୍ତର ଏବଂ ଅଧିକ ଉଦ୍‌ବେଗଜନକ ରଣନୀତିର ଅଂଶ ଥିଲା। ପହଲଗାମ ଆତଙ୍କବାଦୀ ଆକ୍ରମଣରେ ସାମିଲ ଆତଙ୍କବାଦୀମାନଙ୍କୁ ଆଲୀ ଭାଇ ଉର୍ଫ ତାଲହା (ପାକିସ୍ତାନୀ), ଆସିଫ ଫୌଜୀ (ପାକିସ୍ତାନୀ), ଆଦିଲ ହୁସେନ ଠୋକର ଏବଂ ଆହସାନ (କାଶ୍ମୀର ବାସିନ୍ଦା) ଭାବେ ଚିହ୍ନଟ କରାଯାଇଛି।

ତଦନ୍ତରୁ ଜଣାପଡ଼ିଛି ଯେ ହାସିମ ମୁସା ପାକିସ୍ତାନ ସେନାର ପାରା ଫୋର୍ସେସର ପୂର୍ବତନ ନିୟମିତ ସଦସ୍ୟ ଥିଲେ। ସୂତ୍ର ଅନୁସାରେ, ପାକିସ୍ତାନ ସେନା ମୁସାଙ୍କୁ ନିଜ ସେନାରୁ ବରଖାସ୍ତ କରିଥିଲା, ଯାହା ପରେ ସେ ନିଷିଦ୍ଧ ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୋଇବାରେ ଯୋଗ ଦେଇଥିଲେ। ଏହା ବିଶ୍ୱାସ କରାଯାଏ ଯେ ସେ ୨୦୨୩ ସେପ୍ଟେମ୍ବରରେ ଭାରତରେ ପ୍ରବେଶ କରିଥିଲେ, ଏବଂ ତାଙ୍କର ମୁଖ୍ୟ କାର୍ଯ୍ୟକ୍ଷେତ୍ର ଥିଲା ଶ୍ରୀନଗର ନିକଟସ୍ଥ କାଶ୍ମୀରର ବୁଦଗାମ ଜିଲ୍ଲା।

ମୁସା, ଜଣେ ପ୍ରଶିକ୍ଷିତ ପାରା କମାଣ୍ଡୋ, ଅପାରମ୍ପରିକ ଯୁଦ୍ଧ ଏବଂ ଗୁପ୍ତ ଅପରେସନରେ ବିଶେଷଜ୍ଞ ବୋଲି ବିଶ୍ୱାସ କରାଯାଏ। ଏପରି ପ୍ରଶିକ୍ଷିତ କମାଣ୍ଡୋମାନେ ସାଧାରଣତଃ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ପରିଚାଳନା, ହାତାହାତି ଯୁଦ୍ଧ, ଉଚ୍ଚ ନାଭିଗେସନ ଏବଂ ବଞ୍ଚିବା କୌଶଳରେ ପାରଙ୍ଗମ ହୋଇଥାନ୍ତି, ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ କହିଛନ୍ତି।

## ପାକିସ୍ତାନ ମନ୍ତ୍ରୀଙ୍କ ସହ ରହିଛି ଶଶି ଥରୁରଙ୍କ ସମ୍ପର୍କ!



**ଇସଲାମାବାଦ/ନୂଆଦିଲ୍ଲୀ,୧୯।୫:** ଅପରେଶନ ସିନ୍ଦୂର ପରେ, ଭାରତ ସାରା ବିଶ୍ୱରେ ନିଜର ମତାମତ ଉପସ୍ଥାପନ କରିବା ପାଇଁ ସର୍ବଦଳୀୟ ଦଳ ଗଠନ କରିଛି। ଏଥିରେ କଂଗ୍ରେସ ଏମପି ଶଶି ଥରୁରଙ୍କ ନେତୃତ୍ୱରେ ଏକ ଦଳ ଚାଲିଛି। ଏହି ପ୍ରସଙ୍ଗଟି ଭାରତ ଏବଂ ପାକିସ୍ତାନରେ ମଧ୍ୟ ଆଲୋଚନା ହେଉଛି। ଶଶି ଥରୁରଙ୍କୁ ବୈଦେଶିକ ବ୍ୟାପାରର ଜଣେ ମହାନ ବିଶେଷଜ୍ଞ ଭାବରେ ବିବେଚନା କରାଯାଏ। ଜଣେ ପାକିସ୍ତାନୀ ସାମ୍ବାଦିକ ନିକଟରେ ଶଶି ଥରୁରଙ୍କୁ ବହୁତ ପ୍ରଶଂସା କରିଥିଲେ। ସେ ତାଙ୍କୁ ବିଲାୱଲ ଭୁଟ୍ଟୋଙ୍କ ସହିତ ମଧ୍ୟ ତୁଳନା କରିଛନ୍ତି। ପାକ ସାମ୍ବାଦିକ ଭୁଟ୍ଟୋଙ୍କୁ ସମାଲୋଚନା କରିଥିଲେ।

ପାକିସ୍ତାନୀ ସାମ୍ବାଦିକ ମୋଇଦ ପିରଜାଦାଙ୍କ ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ସେ ଭୁଟ୍ଟୋ ଏବଂ ଶଶି ଥରୁରଙ୍କୁ ତୁଳନା କରୁଛନ୍ତି। ପିରଜାଦା ପାକିସ୍ତାନ ପିପୁଲ୍ସ ପାର୍ଟି (ପିପିପି) ସଭାପତି ବିଲାୱଲ ଭୁଟ୍ଟୋଙ୍କୁ କଟାକ୍ଷ କରିଥିଲେ। ସେ କହିଥିଲେ ଯେ ଭୁଟ୍ଟୋ ଭାରତକୁ ନକଲ କରୁଛନ୍ତି। ପିରଜାଦା କହିଥିଲେ, 'ଥରୁର ଜଣେ ସେଲ୍ଫମେଡ ବ୍ୟକ୍ତି। ସେ ତାଙ୍କ କଠିନ ପରିଶ୍ରମ ମାଧ୍ୟମରେ ନିଜର ଏକ ନାମ ସୃଷ୍ଟି କରିଛନ୍ତି। ଯେତେବେଳେ ଭୁଟ୍ଟୋ ତାଙ୍କ ପରିବାର ଯୋଗୁଁ ରାଜନୀତିରେ ପ୍ରବେଶ କରିଛନ୍ତି।' ପାକିସ୍ତାନୀ ସାମ୍ବାଦିକ ପରୋକ୍ଷରେ ଭୁଟ୍ଟୋଙ୍କ ଇଂରାଜୀର ମଜା ଉଡାଇଥିଲେ। ପିରଜାଦା କହିଛନ୍ତି ଯେ ଶଶି ଥରୁର ବୈଦେଶିକ ନୀତିରେ ଜଣେ ବିଶେଷଜ୍ଞ। ସେ ସଂଯୁକ୍ତ ରାଷ୍ଟ୍ର ଏବଂ ବୈଦେଶିକ ନୀତି କ୍ଷେତ୍ରରେ ଦୀର୍ଘ ଅଭିଜ୍ଞତା ହାସଲ କରିଛନ୍ତି। ଥରୁର ପ୍ରାୟ ତିନି ଦଶନ୍ଧି ଧରି ସଂଯୁକ୍ତ ରାଷ୍ଟ୍ର ସହିତ ଜଡ଼ିତ ଥିଲେ। ସେ ୨୦୦୭ ପର୍ଯ୍ୟନ୍ତ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହିଥିଲେ। ଥରୁର ଜେନେଭାରେ ସଂଯୁକ୍ତ ରାଷ୍ଟ୍ରର ଶରଣାର୍ଥୀ ଉଚ୍ଚାୟୁକ୍ତଙ୍କ ସହିତ କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପରେ ସେ ୨୦୦୬ ମସିହାରେ ଜାତିସଂଘର ମହାସଚିବ ପାଇଁ ପ୍ରାର୍ଥୀ ହୋଇଥିଲେ। ତଥାପି ଜିତିପାରିଲେ ନାହିଁ। ସେ ବାନ କି ମୁନଙ୍କ ନିକଟରେ ପରାଜୟର ସମ୍ମୁଖୀନ ହୋଇଥିଲେ।

## ଭାରତରେ ବଢ଼ିଲା କୋଭିଡ-୧୯ ମାମଲା



**ନୂଆଦିଲ୍ଲୀ,୧୯।୫:** ୨୦୧୯ର କରୋନା ଭାଇରସ ରୋଗ (କୋଭିଡ-୧୯) ପୁନରାଗମନ କରୁଥିବା ଜଣାପଡୁଛି, ଏସିଆର ଦୁଇ ବଡ଼ ସହର ହଂକଂ ଏବଂ ସିଙ୍ଗାପୁରରେ ମାମଲାରେ ନାଟକୀୟ ବୃଦ୍ଧି ଦେଖାଦେଇଛି। ମେ ୧୨ ତାରିଖରୁ ୧୬୪ଟି ନୂଆ ମାମଲା ରିପୋର୍ଟ ହେବା ସହିତ ଭାରତରେ ମଧ୍ୟ ମାମଲା ବୃଦ୍ଧି ପାଉଛି। ବର୍ତ୍ତମାନ ଭାରତରେ ୨୫୭ଟି ସକ୍ରିୟ କୋଭିଡ-୧୯ ମାମଲା ରହିଛି, ଯେଉଁଥିରେ କେରଳ, ମହାରାଷ୍ଟ୍ର ଏବଂ ତାମିଲନାଡୁ ସଂଖ୍ୟାରେ ଶୀର୍ଷରେ ରହିଛନ୍ତି। ଗତ ସପ୍ତାହରେ କେରଳରେ ୬୯ଟି ନୂଆ ମାମଲା, ମହାରାଷ୍ଟ୍ରରେ ୪୪ଟି ଏବଂ ତାମିଲନାଡୁରେ ୩୪ଟି ମାମଲା ରିପୋର୍ଟ ହୋଇଛି। ମହାରାଷ୍ଟ୍ରରେ ଦୁଇଟି ମୃତ୍ୟୁ ମଧ୍ୟ ରିପୋର୍ଟ ହୋଇଛି, ଯାହାକୁ ଡାକ୍ତରମାନେ କୋଭିଡ-୧୯ ଜନିତ ମୃତ୍ୟୁ ନୁହେଁ ବୋଲି କହିଛନ୍ତି, କିନ୍ତୁ ଉଭୟ ରୋଗୀ କୋଭିଡ-୧୯ ପଜିଟିଭ ଥିବା ଜଣାପଡ଼ିଥିଲା। ମହାରାଷ୍ଟ୍ରରେ ବର୍ତ୍ତମାନ ୫୬ଟି ସକ୍ରିୟ କୋଭିଡ-୧୯ ମାମଲା ରହିଛି। ମୁମ୍ବାଇର କିଙ୍ଗ ଏଡୱାର୍ଡ ମେମୋରିଆଲ (କେଇଏମ୍) ହସ୍ପିଟାଲ ନିକଟରେ ଦୁଇଟି ମୃତ୍ୟୁ ରିପୋର୍ଟ କରିଛି - ଜଣେ ୫୯ ବର୍ଷୀୟ କର୍କଟ ରୋଗୀ ଏବଂ ଜଣେ ୧୪ ବର୍ଷୀୟ ଝିଅ ଯିଏ କିଡନୀ ରୋଗରେ ପୀଡ଼ିତ ଥିଲେ। ଯଦିଓ ଉଭୟ ରୋଗୀ ମୂଳ ରୋଗ ଯୋଗୁଁ ମୃତ୍ୟୁବରଣ କରିଥିଲେ, ସେମାନେ କୋଭିଡ-୧୯ ପାଇଁ ମଧ୍ୟ ପଜିଟିଭ ଥିବା ଜଣାପଡ଼ିଥିଲା। ମୃତ୍ୟୁ ପ୍ରମାଣପତ୍ରରେ କୋଭିଡ ଲେଖାଯାଇ ନଥିବା ନେଇ ପ୍ରଶ୍ନ ଉଠୁଛି। କେଇଏମ୍ ହସ୍ପିଟାଲ କହିଛି ଯେ ୫୯ ବର୍ଷୀୟ ମହିଳାଙ୍କ ଶରୀର ପରିବାରକୁ ହସ୍ତାନ୍ତର କରାଯାଇ ନଥିଲା। "ମହିଳାଙ୍କୁ ଭୋଇୱାଡ଼ା ଶ୍ମଶାନରେ କେବଳ ଦୁଇ ଜଣ ପରିବାର ସଦସ୍ୟଙ୍କ ସହ ନିୟମାନୁସାରେ ସଂସ୍କାର କରାଯାଇଥିଲା," ପୂର୍ବତନ କର୍ପୋରେଟର ଅନିଲ କୋକିଲ କହିଛନ୍ତି।

## ୨ ଦିନ ଲଗାଣ ବର୍ଷାରେ ବେଙ୍ଗାଲୁରୁ ଉବୁଟୁବୁ

**ବେଙ୍ଗାଲୁରୁ ,୧୯।୫:** ଦୁଇ ଦିନର ଲଗାଣ ବର୍ଷାରେ ବେହାଲ ହୋଇପଡିଛି ବେଙ୍ଗାଲୁରୁ ସହର । ଅନେକ ତଳିଆ ଅଞ୍ଚଳ ଜଳମଗ୍ନ ହୋଇ ରହିଛି। ଫଳରେ ସହରର ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା ଦେଖାଦେଇଛି। ଏପରିକି ରାସ୍ତାରେ ଲହଡି ଭାଙ୍ଗୁଛି ବର୍ଷା ପାଣି । ଯେଉଁ ରାସ୍ତାରେ ଯାନବାହନ ଚାଳାଚଳ କରୁଥିଲା ସେହି ରାସ୍ତାରେ ଚାଲୁଛି ଲାଇଭ ବୋଟ ।

ଏପରିକି ବର୍ଷା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ତେବେ ଡ୍ରେନେଜ ସମସ୍ୟା ପାଇଁ ଏଭଳି ଜଳବନ୍ଦୀ ସମସ୍ୟା ଉପୁଜିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ବେଙ୍ଗାଲୁରୁର କେଙ୍ଗେରୀରେ ସର୍ବାଧିକ ୧୩୨ ମିଲିମିଟର ବର୍ଷା ରେକର୍ଡ ହୋଇଥିବା ବେଳେ ବେଙ୍ଗାଲୁରୁର ଉତ୍ତରାଞ୍ଚଳରେ ୧୩୧.୫ ମିଲିମିଟର ବ:। ହୋଇଛି। ସେହିପରି କିଛି ଅଞ୍ଚଳରେ ରାତି ସାରା ବର୍ଷା ହୋଇଛି।

# ୧୨ହଜାର କୋଟି ଟପିଲା ଭାରତରେ ଟ୍ରାଫିକ ଜରିମାନା



**ନୂଆଦିଲ୍ଲୀ,୧୯।୫:** କାର ଏସ୍-୨୪ ଦ୍ୱାରା ପ୍ରକାଶିତ ଏକ ସାମ୍ପ୍ରତିକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତରେ ଟ୍ରାଫିକ ନିୟମ ଉଲ୍ଲଂଘନ ପାଇଁ ଲାଗୁ ହୋଇଥିବା ଜରିମାନା ଅନେକ ଛୋଟ ଦେଶର ଜିଡିପିକୁ ଅତିକ୍ରମ କରିଛି। ୨୦୨୪ ରିପୋର୍ଟ ଅନୁସାରେ, ପ୍ରାୟ ୮ କୋଟି ଟ୍ରାଫିକ ଚାଲାନ ଜାରି ହୋଇଛି, ଯାହାର ମୋଟ ଜରିମାନା ପ୍ରାୟ ୧୨,୦୦୦ କୋଟି ଟଙ୍କା। ଏହାର ଅର୍ଥ ରାସ୍ତାରେ ଚଳାଚଳ କରୁଥିବା ପ୍ରାୟ ପ୍ରତି ଦ୍ୱିତୀୟ ଗାଡ଼ି ଅତି କମ୍ ଥରେ ଜରିମାନା ପଡୁଛି। ତଥାପି, ଏହାର ଏକ ବଡ଼ ଅଂଶ (୯,୦୦୦ କୋଟି ଟଙ୍କା) ଏପର୍ଯ୍ୟନ୍ତ ଅନାଦାୟ ରହିଛି।

ଭାରତରେ ବସବାସ କରୁଥିବା ୧୪୦ କୋଟି ଲୋକଙ୍କ ମଧ୍ୟରୁ ମାତ୍ର ୧୧ କୋଟି ଲୋକଙ୍କ ପାଖରେ ଗାଡ଼ି ରହିଛି। ଏହା ଦର୍ଶାଏ ଯେ ଜନସଂଖ୍ୟାର ଏକ ଛୋଟ ଅଂଶ ବହୁ ସଂଖ୍ୟକ ନିୟମ ଉଲ୍ଲଂଘନ ପାଇଁ ଦାୟୀ, ଯାହା ଟ୍ରାଫିକ ଶୃଙ୍ଖଳା ଏବଂ ଦାୟିତ୍ୱହୀନତା ସମ୍ବନ୍ଧରେ ଚିନ୍ତା ଉପୁଜାଉଛି।

ଅନେକ ଚାଳକ କେବଳ ଆଇନ ପ୍ରୟୋଗକାରୀ ଉପସ୍ଥିତ ଥିବା ସମୟରେ ଟ୍ରାଫିକ ନିୟମ ପାଳନ କରନ୍ତି, ଯାହା ସୂଚାଏ ଯେ ଅଭ୍ୟାସ ଅପେକ୍ଷା ଭୟ ହିଁ ନିୟମ ପାଳନକୁ ପ୍ରେରିତ କରେ। ମାତ୍ର ୪୩.୯ ପ୍ରତିଶତ ଉତ୍ତରଦାତା ଦାବି କରିଛନ୍ତି ଯେ ସେମାନେ ପୋଲିସ ଉପସ୍ଥିତ ଥାଉ କି ନାହୁଁ, ଟ୍ରାଫିକ ନିୟମ ପାଳନ କରନ୍ତି। ଅନ୍ୟପକ୍ଷରେ, ୩୧.୨ ପ୍ରତିଶତ କହିଛନ୍ତି ଯେ ସେମାନେ ମାଝେ ମାଝେ ପୋଲିସ ଅଛନ୍ତି କି ନାହିଁ ଯାଞ୍ଚ କରି ନିଜର ଡ୍ରାଇଭିଂ ସଜାଡ଼ନ୍ତି, ଆଉ ୧୭.୬ ପ୍ରତିଶତ ସ୍ୱୀକାର କରିଛନ୍ତି ଯେ ସେମାନେ ଜରିମାନାରୁ ବଞ୍ଚିବା ପାଇଁ ଆଖପାଖ ନିରୀକ୍ଷଣ କରନ୍ତି।ଏହା ସୂଚାଏ ଯେ ଅନେକ ଚାଳକ ଆଇନ ପ୍ରୟୋଗକାରୀ ଦୃଶ୍ୟମାନ ନହେଲେ ଟ୍ରାଫିକ ନିୟମକୁ ଐଚ୍ଛିକ ବୋଲି ବିବେଚନା କରନ୍ତି। ସର୍ଭେରେ ଏହା ମଧ୍ୟ ଖୋଜାଯାଇଛି ଯେ ଲୋକମାନେ ଟ୍ରାଫିକ ପୋଲିସ ଅଫିସରଙ୍କୁ ଦେଖିଲେ କିପରି ପ୍ରତିକ୍ରିୟା କରନ୍ତି। ୫୧.୩ ପ୍ରତିଶତ କହିଛନ୍ତି ଯେ ସେମାନେ ତୁରନ୍ତ ନିଜର ଗତି ଯାଞ୍ଚ କରନ୍ତି ଏବଂ ନିୟମ ପାଳନ କରନ୍ତି। ଆଉ ୩୪.୬ ପ୍ରତିଶତ କହିଛନ୍ତି ଯେ ସେମାନେ ନିୟମ ଭାଙ୍ଗୁ ନଥିଲେ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଭାବେ ଗତି କମାନ୍ତି। ଏହା ସହ, ୧୨.୯ ପ୍ରତିଶତ କହିଛନ୍ତି ଯେ ସେମାନେ ହୁଏତ ନିଜର ଡ୍ରାଇଭିଂ ଶୈଳୀ ବଦଳାନ୍ତି କିମ୍ବା ଧରାପଡ଼ିବାରୁ ବଞ୍ଚିବା ପାଇଁ ଅଲଗା ରାସ୍ତା ନିଅନ୍ତି। ଯେତେବେଳେ ରାସ୍ତାରେ ନିରୀକ୍ଷଣର ପ୍ରଭାବ ବିଷୟରେ ପଚରାଗଲା, ୪୭ ପ୍ରତିଶତ ଉତ୍ତରଦାତା ଦାବି କରିଛନ୍ତି ଯେ ସେମାନେ ସିସିଟିଭି କ୍ୟାମେରା ଥାଉ କି ନାହୁଁ, ସେହିଭଳି ଡ୍ରାଇଭ କରନ୍ତି। ପ୍ରାୟ ୩୬.୮ ପ୍ରତିଶତ ସ୍ୱୀକାର କରିଛନ୍ତି ଯେ ସେମାନେ କେବଳ କ୍ୟାମେରା ଦେଖିଲେ ଗତି କମାନ୍ତି, ଆଉ ୧୫.୩ ପ୍ରତିଶତ କହିଛନ୍ତି ଯେ ସେମାନେ କେବଳ ସ୍ପିଡ କ୍ୟାମେରା ପାଇଁ ଡ୍ରାଇଭିଂ ସଜାଡ଼ନ୍ତି, ଅନ୍ୟ କ୍ୟାମେରାକୁ ଅଣଦେଖା କରନ୍ତି।

ନିରୀକ୍ଷଣ ପ୍ରଯୁକ୍ତି ଏକାକୀ ଆଚରଣ ପରିବର୍ତ୍ତନ ଆଣିବା ପାଇଁ ଯଥେଷ୍ଟ ନୁହେଁ, ଯେପର୍ଯ୍ୟନ୍ତ ଜରିମାନା ଏତେ କଠୋର ନହୁଏ ଯେ ଏହା ଭୟ ସୃଷ୍ଟି କରେ।

ରିପୋର୍ଟଟି ଭାରତରେ ରାସ୍ତା ସୁରକ୍ଷା ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ଉଜାଗର କରେ, ଯାହା ଦାୟୀତ୍ୱପୂର୍ଣ୍ଣ ଡ୍ରାଇଭିଂ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଅଧିକ ଶକ୍ତିଶାଳୀ ପ୍ରୟୋଗ ବ୍ୟବସ୍ଥା ଏବଂ ଜନସଚେତନତାର ଆବଶ୍ୟକତାକୁ ଇଙ୍ଗିତ କରେ।

ରିପୋର୍ଟ ଅନୁଯାୟୀ, ରାସ୍ତା ଓ ପରିବହନ ମନ୍ତ୍ରଣାଳୟର ତଥ୍ୟ ମୁତାବକ, ୨୦୨୨ ମସିହାରେ ଟ୍ରାଫିକ ନିୟମ ଉଲ୍ଲଂଘନ ହେତୁ ୧,୬୮,୪୯୧ ଲୋକଙ୍କର ମୃତ୍ୟୁ ହୋଇଥିଲା, ଯାହା ଭାରତରେ ଦୁର୍ଘଟଣାଜନିତ ମୃତ୍ୟୁର କାରଣ ହୋଇଥିଲା। ଏହି ତଥ୍ୟଗୁଡ଼ିକ ରାସ୍ତା ସୁରକ୍ଷା ଏବଂ ଦାୟୀତ୍ୱପୂର୍ଣ୍ଣ ଡ୍ରାଇଭିଂ ଅଭ୍ୟାସକୁ ପ୍ରୋତ୍ସାହନ ଦେବା ପାଇଁ ଅଧିକ କଠୋର ପ୍ରୟୋଗ ଏବଂ ଜନସଚେତନତାର ଗୁରୁତ୍ୱକୁ ଜୋର ଦେଇଛି।

# ଏସିଆ କପ୍‌ରେ ଭାଗ ନେବନି ଟିମ୍ ଇଣ୍ଡିଆ

## ଏସିସିକୁ ଜଣାଇଲା ବିସିସିଆଇ




**ନୂଆଦିଲ୍ଲୀ,୧୯।୫:** ମେ ୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରାଯାଇଥିଲା। ତଥାପି ଦୁଇ ଦେଶ ମଧ୍ୟରେ ଏବେ ବି ଜାରି ରହିଛି ଉତ୍ତେଜନା। ଏହାର ପରିଣାମ ଦୁଇ ଦେଶ ମଧ୍ୟରେ କ୍ରିକେଟ୍ ସମ୍ପର୍କକୁ ପ୍ରଭାବିତ କରିପାରେ। ଇଣ୍ଡିଆ ଟୁଡେକୁ ମିଳିଥିବା ସୂଚନା ଅନୁଯାୟୀ, ଆଗାମୀ ପୁରୁଷ ଏସିଆ କପ୍ ୨୦୨୫ରୁ ଓହରିବ ଭାରତ। ଏସିଆନ୍ କ୍ରିକେଟ୍ ପରିଷଦ (ଏସିସି)କୁ ମୌଖିକ ଭାବରେ ଜଣାଇ ଦେଇଛି BCCI। କେବଳ ଏତିକି ନୁହେଁ, ଭାରତ ଆସନ୍ତା ମାସରେ ଶ୍ରୀଲଙ୍କାରେ ଅନୁଷ୍ଠିତ ହେବାକୁ ଥିବା ମହିଳା ଏମର୍ଜିଂ ଟିମ୍ ବି ଏସିଆ କପ୍‌ରେ ମଧ୍ୟ ଅଂଶଗ୍ରହଣ କରିବ ନାହିଁ। ସେପ୍ଟେମ୍ବରରେ ପୁରୁଷ ଏସିଆ କପ୍ ଆୟୋଜନ ସମ୍ପର୍କରେ ଏସିସି ବୈଠକରେ ଏହା ଉପରେ ଖୁବ୍ ଶୀଘ୍ର ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ବର୍ତ୍ତମାନ, ଏସୀୟ କ୍ରିକେଟ ପରିଷଦର ସଭାପତି ହେଉଛନ୍ତି ପାକିସ୍ତାନ ଗୃହମନ୍ତ୍ରୀ ମୋହସିନ ନକଭି। ଯିଏ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି)ର ଅଧ୍ୟକ୍ଷ। ଏହି ପଦକ୍ଷେପ ମାଧ୍ୟମରେ କ୍ରିକେଟରେ ମଧ୍ୟ ପାକିସ୍ତାନକୁ ଅଲଗା କରିବାକୁ ଚେଷ୍ଟା କରୁଛି ବିସିସିଆଇ। ଯଦି ଭାରତ ଏସିଆ କପରେ ଅଂଶଗ୍ରହଣ ନ କରେ, ତେବେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବା ଅସମ୍ଭବ କାରଣ ଅନ୍ତର୍ଜାତୀୟ ମ୍ୟାଚ୍‌ର ଅଧିକାଂଶ ପ୍ରାୟୋଜକ ଭାରତର। ଭାରତ-ପାକିସ୍ତାନ ମ୍ୟାଚ୍ ମାଧ୍ୟମରେ ପ୍ରସାରକମାନେ ବିପୁଳ ଲାଭ କରନ୍ତି, ତେଣୁ ଯଦି ଭାରତ ଟୁର୍ଣ୍ଣାମେଣ୍ଟରୁ ଓହରିଯାଏ, ତେବେ ପ୍ରସାରକମାନେ ମଧ୍ୟ ଓହରିଯିବେ। ପ୍ରକାଶଥାଉକି, ଗତ ବର୍ଷ ଏସିଆ କପର ଅଧିକାର ସୋନି ପିକଚର୍ସ ନେଟୱାର୍କ୍ସ ଇଣ୍ଡିଆ ଦ୍ୱାରା ୧୭୦ ନିୟୁତ ଆମେରିକୀୟ ଡଲାରରେ ଅଧିଗ୍ରହଣ କରାଯାଇଥିଲା, ଯାହା ଆଠ ବର୍ଷ ପାଇଁ ରହିଛି। ଯଦି ଏସିଆ କପ୍-୨୦୨୫ ଆୟୋଜନ ନହୁଏ, ତେବେ ଏହି ଚୁକ୍ତି ଉପରେ ପୁଣି ଥରେ କାମ କରିବାକୁ ପଡିବ। ଏସିସିର ପାଞ୍ଚଟି ପୂର୍ଣ୍ଣକାଳୀନ ସଦସ୍ୟ ଅଛନ୍ତି। ଭାରତ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା ଏବଂ ଆଫଗାନିସ୍ତାନ। ଏହି ପାଞ୍ଚଟି ଦେଶ ପ୍ରସାରଣ ମାଧ୍ୟମରେ ଆୟର ୧୫-୧୫ ପ୍ରତିଶତ ପାଆନ୍ତି, ଯେତେବେଳେ ବାକି ପରିମାଣ ସହଯୋଗୀ ଏବଂ ସହଯୋଗୀ କମ୍ପାନୀମାନଙ୍କ ମଧ୍ୟରେ ବଣ୍ଟନ କରାଯାଏ। ଏସିଆ କପ୍ ସେପ୍ଟେମ୍ବରରେ ଭାରତର ଆୟୋଜନରେ ଆୟୋଜନ ହେବାର କାର୍ଯ୍ୟକ୍ରମ ଥିଲା। ବିସିସିଆଇ ଉପାଧ୍ୟକ୍ଷ ରାଜୀବ ଶୁକ୍ଲା ସ୍ପଷ୍ଟ କରିଥିଲେ ଯେ ଭାରତ ସରକାରଙ୍କ ନିଷ୍ପତ୍ତିକୁ ପାଳନ କରିବ ବୋର୍ଡ। ଯଦି ଏସିଆ କପରେ ପାକିସ୍ତାନର ଅଂଶଗ୍ରହଣ ଚୂଡ଼ାନ୍ତ ହୁଏ, ତେବେ ଟୁର୍ଣ୍ଣାମେଣ୍ଟଟି ସମ୍ପୂର୍ଣ୍ଣ ନିରପେକ୍ଷ ସ୍ଥାନରେ ଖେଳାଯିବ। ଯେଉଁଥିରେ ଦୁବାଇ ଏବଂ ଶ୍ରୀଲଙ୍କା ସମ୍ଭାବ୍ୟ ସ୍ଥାନ ଚୟନ କରାଯିବ।

୨୦୨୩ ମସିହାରେ ଅନୁଷ୍ଠିତ ଦିନିକିଆ ବିଶ୍ୱକପ୍ ପୂର୍ବରୁ 'ହାଇବ୍ରିଡ୍ ମଡେଲ୍' ଅନୁଯାୟୀ ଏସିଆ କପ୍ ଖେଳାଯାଇଥିଲା। ଭାରତ ଏବଂ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାଯାଇଥିଲା। ଉଭୟ ଦଳ ମେଗା ଇଭେଣ୍ଟରେ ଦୁଇଥର ମୁହାଁମୁହିଁ ହୋଇଥିଲେ, ଥରେ ଲିଗ୍ ପର୍ଯ୍ୟାୟରେ ଏବଂ ତା'ପରେ ସୁପର-୪ରେ। କିନ୍ତୁ, ଦ୍ୱିତୀୟ ମ୍ୟାଚ୍ ବର୍ଷା ଯୋଗୁଁ ଧୋଇ ଯାଇଥିଲା ଏବଂ ସଂଯୋଗବଶତଃ ପାକିସ୍ତାନ ଫାଇନାଲରେ ପହଞ୍ଚିପାରି ନଥିଲା। ଏହା ପରେ, ଭାରତ ଫାଇନାଲରେ ଶ୍ରୀଲଙ୍କାକୁ ପରାସ୍ତ କରି ଟ୍ରଫି ଜିତିଥିଲା। ବିସିସିଆଇ ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)କୁ ଏକ ଚିଠି ଲେଖି ଅନୁରୋଧ କରିଥିଲା ଯେ ଭବିଷ୍ୟତରେ ଆଇସିସି ବିଶ୍ୱସ୍ତରୀୟ ଇଭେଣ୍ଟଗୁଡ଼ିକରେ ଭାରତ ଏବଂ ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖାନଯାଉ। ସାମଗ୍ରିକ ଭାବରେ, ବିସିସିଆଇ ଆଉ ଭାରତ ଏବଂ ପାକିସ୍ତାନ ମଧ୍ୟରେ ମୁହାଁମୁହିଁ ହେବାକୁ ଚାହୁଁନାହିଁ, ଅତି କମରେ ଆଇସିସି ଇଭେଣ୍ଟଗୁଡ଼ିକର ଗ୍ରୁପ୍ ପର୍ଯ୍ୟାୟରେ।

## ପ୍ରଜ୍ଞାନନ୍ଦ ଜିତିଲେ ସୁପରବେଟ୍ କ୍ଲାସିକ୍ ଚେସ୍



**ନୂଆଦିଲ୍ଲୀ, ୧୯।୫:** ରୋମାନିଆର ବୋକାରେଷ୍ଟଠାରେ ଆୟୋଜିତ ସମ୍ମାନଜନକ ସୁପରବେଟ୍ କ୍ଲାସିକ୍ ଚେସ୍ ପ୍ରତିଯୋଗିତାରେ ବିଜେତା ହୋଇ ଭାରତୀୟ ଗ୍ରାଣ୍ଡମାଷ୍ଟର୍ ଆର୍ ପ୍ରଜ୍ଞାନନ୍ଦ ନିଜ ସଫଳତା ଧାରାରେ ଆଉ ଏକ ଅଧ୍ୟାୟ ଯୋଡ଼ିଛନ୍ତି। ନବମ ତଥା ଶେଷ ରାଉଣ୍ଡରେ ଆର୍ମେନିଆ ଗ୍ରାଣ୍ଡମାଷ୍ଟର୍ ଲେଭନ୍ ଆରୋନିଏନ୍‌ଙ୍କ ବିପକ୍ଷ ମୁକାବିଲାକୁ ଅମୀମାଂସିତ ରଖି ପ୍ରଜ୍ଞାନନ୍ଦ ଅନ୍ୟ ଦୁଇଜଣ ଗ୍ରାଣ୍ଡମାଷ୍ଟର୍‌ଙ୍କ ସହ ଟାଏବ୍ରେକର ସ୍ଥିତିରେ ପହଞ୍ଚିଥିଲେ। ଟାଇବ୍ରେକରକୁ ଜିତି ବିଜେତା ହେବାର ଗୌରବ ଅର୍ଜନ କରିଥିଲେ। ତା'ସହିତ ୬୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଜିତିଥିଲେ। ଗତବର୍ଷ ଏହି ପ୍ରତିଯୋଗିତାର ପ୍ଲେ ଅଫ୍‌ରେ ସବୁ ମ୍ୟାଚ୍ ହାରି ନୈରାଶ୍ୟର ସହ ସ୍ୱଦେଶ ଫେରିଥିଲେ। ଚଳିତବର୍ଷ ବିଜେତା ହୋଇ ସେହି ଦୁଃଖ ଦୂର କରିଛନ୍ତି।

# ଅରେଞ୍ଜ କ୍ୟାପ୍ ଦୌଡ଼ରେ ସବୁଠୁ ଆଗରେ ସାଇ ସୁଦର୍ଶନ



**ନୂଆଦିଲ୍ଲୀ,୧୯।୫:** ଆଇପିଏଲ୍ ୨୦୨୫ରେ ରବିବାର ଡବଲ ହେଡର ମ୍ୟାଚ୍ ଖେଳା ଯାଇଛି। ଡବଲ୍ ହେଡର ମୁକାବିଲା ପରେ ଅରେଞ୍ଜ କ୍ୟାପ୍ ଦୌଡ଼ ଆହୁରି ରୋମାଞ୍ଚକର ହୋଇଛି। ଗୁଜରାଟ ଟାଇଟନ୍ସ ଓ ଦିଲ୍ଲୀ କ୍ୟାପିଟାଲ୍ସ ମ୍ୟାଚ୍ ପରେ ଅରେଞ୍ଜ କ୍ୟାପ୍ ଦୌଡ଼ରେ ବହୁତ ବଡ଼ ପରିବର୍ତ୍ତନ ହୋଇଛି। ଜିଟିର ଓପନିଂ ବ୍ୟାଟର ସାଇ ସୁଦର୍ଶନ ପୁଣି ଥରେ ଅରେଞ୍ଜ କ୍ୟାପ୍ ନିଜ ପାଖକୁ ଆଣି ପାରିଛନ୍ତି। ସେ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ଶତକ ହାସଲ କରିବା ସହ ଚଳିତ ସଂସ୍କରଣରେ ୧୨ଟି ମ୍ୟାଚ୍‌ରେ ୬୧୭ ରନ କରିଛନ୍ତି। ଏହି ଶତକୀୟ ଇନିଂସ ଜରିଆରେ ସାଇ ସୁଦର୍ଶନ ରାଜସ୍ଥାନ ରୟାଲ୍ସର ବ୍ୟାଟର ଯଶସ୍ୱୀ ଜୟସ୍ୱାଲଙ୍କୁ ଅରେଞ୍ଜ କ୍ୟାପ୍ ଦୌଡ଼ରେ ପଛରେ ପକାଇଛନ୍ତି। ଜୟସ୍ୱାଲ ଗତକାଲି ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ୫୦ ରନ କରି ସୂର୍ଯ୍ୟକୁମାର ଯାଦବଙ୍କଠୁ ଅରେଞ୍ଜ କ୍ୟାପ୍ ଛଡ଼ାଇ ନେଇଥିଲେ।

ହେଲେ ଯଶସ୍ୱୀଙ୍କ ପାଖରେ ଅରେଞ୍ଜ କ୍ୟାପ୍ କିଛି ଘଣ୍ଟା ରହିଥିଲେ। ଆଇପିଏଲ୍‌ର ୬୦ତମ ମ୍ୟାଚ୍ ସୁଦ୍ଧା ଅରେଞ୍ଜ କପ୍ ଦୌଡ଼ରେ ଯଶସ୍ୱୀ ବର୍ତ୍ତମାନ ତୃତୀୟ ସ୍ଥାନରେ ଅଛନ୍ତି। ସେ ଚଳିତ ଆଇପିଏଲ୍‌ରେ ୧୩ଟି ମ୍ୟାଚ୍ ଖେଳି ୫୨୩ ରନ କରିଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ତାରକା ବ୍ୟାଟର ସୂର୍ଯ୍ୟକୁମାର ଯାଦବ ତାଲିକାରେ ଚତୁର୍ଥ ସ୍ଥାନରେ ଅଛନ୍ତି। ସେ ୧୨ଟି ମ୍ୟାଚ୍‌ରେ ୫୧୦ ରନ କରିଛନ୍ତି। ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ(ଆରସିବି)ର ତାରକା ବ୍ୟାଟର ବିରାଟ କୋହଲି ତାଲିକାରେ ପଞ୍ଚମ ସ୍ଥାନରେ ଅଛନ୍ତି। ସେ ୧୧ଟି ମ୍ୟାଚ୍‌ରେ ୫୦୫ ରନ କରିଛନ୍ତି। ଗୁଜରାଟର ଅଧିନାୟକ ଶୁଭମନ ଗିଲ୍ ୧୨ଟି ମ୍ୟାଚ୍ ଖେଳି ୬୦୧ ରନ ସହ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ଗିଲ୍ ଦିଲ୍ଲୀ ବିପକ୍ଷ ମ୍ୟାଚ୍‌ରେ ୫୩ ବଲ୍‌ରୁ ୯୩ ରନର ଅପରାଜିତ ଇନିଂସ ଖେଳିଛନ୍ତି।

ଉଲ୍ଲେଖନୀୟ ଚଳିତ ସିଜିନରେ ବ୍ୟାଟର ଦବଦବା ଦେଖିବାକୁ ମିଳିଛି। ଜଣେ କି ଦୁଇ ଜଣ ବ୍ୟାଟର ନୁହେଁ, ଏ ପର୍ଯ୍ୟନ୍ତ ୬ ଜଣ ବ୍ୟାଟର ୫୦୦ରୁ ଉର୍ଦ୍ଧ୍ୱ ରନ କରି ସାରିଛନ୍ତି। ଜୋସ ବଟଲର ୧୨ଟି ମ୍ୟାଚ୍‌ରେ ୫୦୦ ରନ କରି ଷଷ୍ଠ ସ୍ଥାନରେ ଅଛନ୍ତି। ପ୍ରତି ମାଚ୍‌ରେ ଅରେଞ୍ଜ କ୍ୟାପ୍ ହୋଲଡ୍‌ର ବଦଳିବାରେ ଲାଗିଛନ୍ତି। ତେଣୁ ଏବେଠୁ କହିବା ମୁସ୍କିଲ ଯେ, ଆଇପିଏଲ୍ ୨୦୨୫ରେ କେଉଁ ବ୍ୟାଟର ଅରେଞ୍ଜ କ୍ୟାପ୍ ହାତେଇବେ।



# କୋହଲିଙ୍କ ରେକର୍ଡ ଭାଙ୍ଗିଲେ ରାହୁଲ

**ନୂଆଦିଲ୍ଲୀ,୧୯।୫:** ଗୁଜରାଟ ଟାଇଟନ୍ସ ବିପକ୍ଷ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବ୍ୟାଟର କେଏଲ୍ ରାହୁଲ (ଅପରାଜିତ ୧୧୨) ଶତକୀୟ ଇନିଂସ୍ ଖେଳିବା ସହ ଏକ ରେକର୍ଡ଼ ନିଜ ନାମରେ ଲେଖାଇଛନ୍ତି। ସେ ଟି-ଟ୍ୱେଣ୍ଟି ଫର୍ମାଟ କ୍ରିକେଟରେ ଭାରତୀୟ ବ୍ୟାଟର ଭାବେ ଦ୍ରୁତତମ ୮,୦୦୦ ରନ୍ ପୂରଣ କରିବା ସହ ବିରାଟ କୋହଲିଙ୍କ ନାମରେ ଥିବା ପୂର୍ବ ରେକର୍ଡ଼ ଭଙ୍ଗ କରିଛନ୍ତି। ରାହୁଲ ୨୨୪ଟି ଇନିଂସ୍ ଖେଳି ଏହି କାରନାମା କରିଛନ୍ତି।

**ଭାରତୀୟ ବ୍ୟାଟର ଭାବେ ଦ୍ରୁତତମ ୮,୦୦୦ ରନ୍ ପୂରଣ କଲେ**

କୋହଲିଙ୍କୁ ୮,୦୦୦ରନ୍ ପୂରଣ ପାଇଁ ୨୪୩ଟି ଇନିଂସ୍ ଲାଗିଥିଲା। ୱେଷ୍ଟଇଣ୍ଡିଜର ପ୍ରସିଦ୍ଧ ଓପନର କ୍ରିସ୍ ଗେଲ୍‌ଙ୍କ ନାମରେ ଦ୍ରୁତତମ ୮,୦୦୦ ରନ୍ ରେକର୍ଡ଼ ରହିଛି। ସେ ୨୧୩ଟି ଇନିଂସ୍ ଖେଳି ଏହି ସଫଳତା ହାସଲ କରିଥିଲେ। ଏହି ତାଲିକାରେ ପାକିସ୍ତାନର ବାବର ଆଜମ (୨୧୮ ଇନିଂସ୍) ଦ୍ୱିତୀୟ ଓ ରାହୁଲ (୨୨୪ ଇନିଂସ୍) ତୃତୀୟ ସ୍ଥାନରେ ରହିଛନ୍ତି। ଟି-ଟ୍ୱେଣ୍ଟି ଫର୍ମାଟରେ ରାହୁଲ ୬ଟି ଶତକ ଏବଂ ୬୯ଟି ଅର୍ଦ୍ଧଶତକ ଅର୍ଜନ କରି ସାରିଛନ୍ତି।

# ଭଲିବଲ ଟୁର୍ଣ୍ଣାମେଣ୍ଟ: ପିପଲପଦର ଚାମ୍ପିୟନ

**କର୍ଲାମୁଣ୍ଡା,୧୯।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜ ଯୁବ ସଙ୍ଗଠନ ପକ୍ଷରୁ ରାତ୍ରିକାଳୀନ ଭଲିବଲ ଟୁର୍ନାମେଣ୍ଟ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ଭାବେ କଳାହାଣ୍ଡି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂ ଦେଓ, ସମ୍ମାନିତ ଅତିଥି ଭାବେ ରିଞ୍ଜା ସରପଞ୍ଚ ପୂର୍ଣ୍ଣମୀ ମାଝୀ, ଓଡିଶା ଆଦର୍ଶ ବିଦ୍ୟାଳୟ ରାଜ୍ୟ ସଭାପତି ରିପୁ ଦମନ ସୌରଭ ମିଶ୍ର, କର୍ଲାମୁଣ୍ଡା କ ଜୋନ ଜିଲା ପରିଷଦ ସଭ୍ୟ ମହେନ୍ଦ୍ର ରଣା ଓ ଖ ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ଭାଜପା ନେତା ଗଣେଶ କୁମାର, କ ଜୋନ ମଣ୍ଡଳ ସଭାପତି ଡୋଳାମଣୀ ଭୋଇ ପ୍ରମୁଖ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।



ଫାଇନାଲ ମ୍ୟାଚଟି କର୍ଲାମୁଣ୍ଡା ଓ କେସିଙ୍ଗା ବ୍ଲକ ପିପଲପଦର ମଧରେ ଅନୁଷ୍ଠିତ ହୋଇଥିଲା ଏଥିରେ ପିପଲପଦର ଚମ୍ପିୟାନ ହୋଇଥିଲା। ବିଜେତା ଓ ଉପବିଜେତା ଦଳକୁ ନଗଦ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଖେଳ ପରିଚାଳନାରେ ହୀରାମଣୀ ଭୋଇ ଓ ପୁଲକ ଷଡଙ୍ଗୀ ରହିଥିବା ବେଳେ ଉଦଘୋଷକ ଯଶପାଲ ସାହୁ,ହେମାନନ୍ଦ ସାହୁ ଓ ସ୍କୋରର ଭାବେ ସୁମନ୍ତ ସାହୁ ଦାୟିତ୍ୱ ନେଇଥିଲେ। ଏଥିରେ କଳାହାଣ୍ଡି ଜିଲାର ମ.ରାମପୁର, କେସିଙ୍ଗା, ନର୍ଲା, କର୍ଲାମୁଣ୍ଡା ବ୍ଲକର ୧୦ଟି ଦଳ ଅଂଶ ଗ୍ରହଣ କରିଥିଲେ। ରିଞ୍ଜା ଯୁବ ସଂଗଠନର ସମସ୍ତ କର୍ମକର୍ତ୍ତା, ଗ୍ରାମବାସୀ ଆୟୋଜନରେ ସହଯୋଗ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପାକିସ୍ତାନ...

ମେଜର ଜେନେରାଲ କହିଛନ୍ତି ଯେ ଭାରତ ପୂର୍ବରୁ ଅନୁମାନ କରିପାରିଥିଲା ଯେ ସେନା ପ୍ରତିଷ୍ଠାନ, ବେସାମରିକ ଭିତ୍ତିଭୂମି ଓ ଧାର୍ମିକ ସ୍ଥଳକୁ ନିଶ୍ଚିତ ଭାବେ ପାକିସ୍ତାନ ଟାର୍ଗେଟ୍ କରିବ। ତେଣୁ ଏଥିସକାଶେ ଆମେ ନିଜକୁ ପୂରାପୂରି ପ୍ରସ୍ତୁତ କରିଥିଲୁ। ସ୍ୱର୍ଣ୍ଣ ମନ୍ଦିରର ସୁରକ୍ଷା ପାଇଁ ଅତିରିକ୍ତ ଆଧୁନିକ ଅସ୍ତ୍ର ପ୍ରସ୍ତୁତ କରି ରଖିଥିଲୁ। ଗତ ୮ ତାରିଖ ସକାଳେ ପାକିସ୍ତାନ ସେନା ମୁଖ୍ୟତଃ ଡ୍ରୋନ ଓ ଲଙ୍ଗ ରେଞ୍ଜ ମିସାଇଲ ମାଧ୍ୟମରେ ଏୟାର ଆଟାକ କରିଥିଲା। ଏହାର ଜବାବ ଦେବାକୁ ଯାଇ ଆମେ ଆର୍ମି ଏୟାର ଡିଫେନ୍ସ ଗନ୍ ମାଧ୍ୟମରେ ପାକିସ୍ତାନୀ ସେନାର ଉଦ୍ୟମକୁ ପଣ୍ଡ କରିଦେଇଥିଲୁ। ସେହିପରି ଆକାଶ ମିସାଇଲ ଓ ଏଲ୍-୭୦ ଗନ୍ ଡ୍ରୋନ ଓ ମିସାଲକୁ ମାରି ଖସାଇଦେଇଥିଲେ। ଫଳସ୍ୱରୂପ ପାକିସ୍ତାନ ସ୍ୱର୍ଣ୍ଣ ମନ୍ଦିରର କୌଣସି କ୍ଷତି କରିବାରେ ସକ୍ଷମ ହୋଇପାରିନଥିଲା ବୋଲି ମେଜର୍ ଜେନେରାଲ୍ କହିଛନ୍ତି। ଭାରତ ସହ ମୁହାଁମୁହିଁ ହେବାରେ ପାକିସ୍ତାନ ସକ୍ଷମ ହୋଇପାରୁନଥିବାରୁ ଏହା ଆତଙ୍କବାଦ ମାଧ୍ୟମରେ ଭାରତର ମନୋବଳକୁ ଦୁର୍ବଳ କରିବା ସକାଶେ ଉଦ୍ୟକ କରୁଛି ବୋଲି ମଧ୍ୟ ସେ କହିଛନ୍ତି।

## ସିଙ୍ଗଲ୍ ୱିଣ୍ଡୋରେ...

ପଲେଇଙ୍କୁ ୧ ଲକ୍ଷ ଓ କଟକର ସୁରେଶ କୁମାର ଜେନାଙ୍କୁ ଅନୁକମ୍ପାମୂଳକ ସହାୟତା ବାବଦରେ ୫୦ ହଜାର ଟଙ୍କା ଯୋଗାଇ ଦିଆଯାଇଛି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ଉପରେ ଲୋକଙ୍କ ଆସ୍ଥା କ୍ରମାଗତ ଭାବେ ବଢୁଥିବା ଦେଖାଯାଉଛି। ସେମାନେ ବିଭିନ୍ନ ସମସ୍ୟା ନେଇ ଆମ ପାଖକୁ ଆସୁଛନ୍ତି। ଲୋକଙ୍କୁ ନିରନ୍ତର ନ୍ୟାୟ ପ୍ରଦାନ ପାଇଁ ଆମେ ଏହି କାର୍ଯ୍ୟକ୍ରମ ଜାରି ରଖିଛୁ। ଆମ ସରକାର ନିରନ୍ତର ଭାବେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ଓ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହା ମାଧ୍ୟମରେ ଗରିବ ଓ ଅସହାୟଙ୍କୁ ସହାୟତା ପ୍ରଦାନ କରାଯାଉଛି। ଆଗାମୀ ଦିନରେ ଆଞ୍ଚଳିକ ସ୍ତରରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମର ଗତ ୧୦ଟି ପାଳି ସୁଦ୍ଧା ଗ୍ରହଣ କରାଯାଇଥିବା ୧୦,୨୩୪ଟି ଅଭିଯୋଗ ମଧ୍ୟରୁ ପାଖାପାଖି ୮୫ ପ୍ରତିଶତ ଅର୍ଥାତ୍ ୮,୭୧୩ର ସମାଧାନ ହୋଇଛି। ବକେୟା ଅଭିଯୋଗଗୁଡ଼ିକର ସମାଧାନ ପ୍ରକ୍ରିୟା ମଧ୍ୟ ଜାରି ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀଙ୍କ ସହ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ବିଦ୍ୟାଳୟ ଓ ଗଣଶିକ୍ଷା, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ଏଥିସହ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସାଧାରଣ ଅଭିଯୋଗ ଓ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ଅନ୍ୟ ବିଭାଗଗୁଡ଼ିକର ସଚିବସ୍ତରୀୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ବାଇଡେନଙ୍କୁ ...

ମୋଦି ତାଙ୍କର ଆଶୁ ଆରୋଗ୍ୟ କାମନା କରିବା ସହ ଏପରି ଖବର ତାଙ୍କୁ ମର୍ମାହତ କରିଛି ବୋଲି 'ଏକ୍ସ'ରେ ଏକ ପୋଷ୍ଟ୍ ମାଧ୍ୟମରେ କହିଛନ୍ତି। ବାଇଡେନ୍ ଓ ତାଙ୍କ ପରିବାର ସଦସ୍ୟଙ୍କ ସହ ତାଙ୍କର ସମସ୍ତ ପ୍ରକାର ସମବେଦନା ଓ ସଦିଚ୍ଛା ରହିଛି ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ଭକ୍ତଙ୍କ...

ହଠାତ୍ ଏମାନେ ସକ୍ରିୟ ହେବା ସହ ସଭାପତି ହଟାଅ ଅଭିଯାନ ଆରମ୍ଭ କରି ଦିଲ୍ଲୀ ଦଉଡ଼ ବି କରିଥାନ୍ତି। ତେଣୁ ଭକ୍ତ ଆସିଲେ ରାଜ୍ୟ କଂଗ୍ରେସ ଶକ୍ତ ହେବ ବୋଲି ଯେଉଁମାନେ କହି ବୁଲୁଥିଲେ, ସେମାନେ ଏବେ ଧିରେ ଧିରେ ମୌନବ୍ରତ ଅବଲମ୍ବନ କଲେଣି, ଯାହାକି କଂଗ୍ରେସ ପାଇଁ ଆଦୌ ଶୁଭଙ୍କର ନୁହେଁ ବୋଲି ଖୋଦ କଂଗ୍ରେସିଆମାନେ ମତ ଦେଉଛନ୍ତି।

## ପୋଲାଭରମ...

ଉପସ୍ଥାପନ କରିବ ଓଡ଼ିଶା। ଶେଷ ପର୍ଯ୍ୟାୟରେ ପ୍ରକଳ୍ପ ପହଞ୍ଚିଥିବା ବେଳେ ଓଡ଼ିଶା କିଭଳି ନ୍ୟାୟ ପାଇବ ବୋଲି ପ୍ରଶ୍ନ ଉଠାଇଛନ୍ତି ବିରୋଧୀ।

ଦୁଇ ଦଶନ୍ଧି ଧରି ବିବାଦୀୟ ପୋଲାଭରମ ପ୍ରକଳ୍ପ କାର୍ଯ୍ୟ ଜାରି ରହିଛି। ରାଜନୀତିରେ ପଶାପାଲିରେ ପେଷି ହୋଇଛି ପୋଲାଭରମ। ପୂର୍ବ ସରକାରଙ୍କ ଉଦାସୀନତା ପାଇଁ ପୋଲାଭରମ୍‌କୁ ମିଳିନଥିଲା ନ୍ୟାୟ। ଏବେ ଡବଲ ଇଞ୍ଜିନ ସରକାର ପୋଲାଭରମ୍‌କୁ ନ୍ୟାୟ ଦେଇପାରିବ ବୋଲି ଆଇନ ମନ୍ତ୍ରୀ କହିଛନ୍ତି।

## ଜମି ପଟ୍ଟାର ...

ଜମି ରହିଛି, ଯାହା ମୂଳ ଉତ୍ତରାଧିକାରୀଙ୍କ ନାମରେ ନାହିଁ। କେଉଁଠି ଅଜା ତ ପୁଣି ଆଉ କେଉଁଠି ଜେଜେବାପାଙ୍କ ନାମରେ ଜମି ରହିଛି। ତେଣୁ ଗତ ୧୭ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ ପରେ ରାଜ୍ୟ ସରକାର ଓଡ଼ିଶା ଜମି ବନ୍ଦୋବସ୍ତ ଆଇନ ୧୯୮୩ରେ ସଂଶୋଧନ କରିଛନ୍ତି। ଏ ସଂକ୍ରାନ୍ତୀୟ ବିଜ୍ଞପ୍ତି ମଧ୍ୟ ପ୍ରକାଶ ପାଇଛି ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି।

## ଜ୍ୟୋତିଙ୍କ...

ଭିଡିଓ ପୋଷ୍ଟ୍ କରିଥିଲେ, ଯେଉଁଥିରେ ସେ ଏପରି ଆକ୍ରମଣ ପାଇଁ ଆତଙ୍କୀମାନଙ୍କୁ ନୁହେଁ, ବରଂ ପହଲଗାମ୍ ବୁଲିବାକୁ ଯାଇଥିବା ପର୍ଯ୍ୟଟକମାନଙ୍କୁ ଦୋଷ ଦେଇଥିଲେ। ସେ କହିଥିଲେ ଯେ ଜମ୍ମୁ-କାଶ୍ମୀରରେ ସବୁବେଳେ କଡ଼ା ସୁରକ୍ଷା ବ୍ୟବସ୍ଥା ଥାଏ। କିନ୍ତୁ ଏହା ସତ୍ତ୍ୱେ ଯଦି ଏପରି ଆତଙ୍କୀ ଆକ୍ରମଣ ଘଟଣା ଘଟୁଛି, ତା'ହେଲେ ଆମେ ନିଜକୁ ଦୋଷ ଦେବା ଉଚିତ ହେବ। ଆମେ ସଚେତନ ନ ଥିବାରୁ ଏପରି ଆକ୍ରମଣ ହୋଇଥିବା ଧରିନେବାକୁ ହେବ ବୋଲି ଉକ୍ତ ଭିଡିଓରେ ଜ୍ୟୋତି କହିଥିଲେ। ତାଙ୍କର ଏପରି ମତକୁ ନେଇ ଏବେ ବିଭିନ୍ନ ଚର୍ଚ୍ଚା ଶୁଣିବାକୁ ମିଳୁଛି।

## ଦଳଡିଆଁଙ୍କୁ...

ମଧ୍ୟ ବଲାଙ୍ଗୀରରେ ରାଜପରିବାରର କାଟ୍‌ତି କମାଇବାକୁ ତାଙ୍କୁ ବିଜେଡି ଲୋକସଭା ଆସନରେ ଲଢ଼ାଇଲା। ବିଜେଡିର ଏହି ଏକ୍ସପେରିମେଣ୍ଟ କିନ୍ତୁ ଫେଲ ମାରିଥିଲା। ନିର୍ବାଚନ ପରାଜୟ ପରଠାରୁ ସୁରେନ୍ଦ୍ର ଆଉ ଶଙ୍ଖ ଶିବିରରେ ସକ୍ରିୟ ନାହାଁନ୍ତି। ଚର୍ଚ୍ଚା ହେଉଛି, କଂଗ୍ରେସକୁ ଫେରିପାରନ୍ତି ସୁରେନ୍ଦ୍ର।

ଚିରଞ୍ଜିବୀ ଓ ସୁରେନ୍ଦ୍ରଙ୍କ ଭଳି କଂଗ୍ରେସରୁ ଆସିଥିବା ଆଉ କିଛି ନେତା ମଧ୍ୟ ବିଜେଡିରେ ନିଜର ଅସ୍ତିତ୍ୱ ଖୋଜୁଛନ୍ତି। ୨୦୨୪ ନିର୍ବାଚନ ଲଢ଼ିବାକୁ ସୁଯୋଗ ପାଇନଥିବା ଭୂପିନ୍ଦର ଏବେ ବିଜେଡି ବିରୋଧରେ ଖୁଲମଖୁଲ୍ଲା ବିଦ୍ରୋହ କରିବାର ସଂକେତ ଦେଲେଣି। ଭଲ ଖେଳାଳିଙ୍କୁ ସବୁ ଦଳ ଖୋଜେ ଏବଂ ଭକ୍ତ ଦାସଙ୍କ ସହ ବନ୍ଧୁତା ଥିବା କହି ଚର୍ଚ୍ଚାକୁ ବଳ ଦେଇଛନ୍ତି ଭୂପିନ୍ଦର। ୨୦୨୪ ନିର୍ବାଚନ ପୂର୍ବରୁ ସରକାରୀ ଦଳର ମୋହ ବିରୋଧୀ କଂଗ୍ରେସ କ୍ୟାମ୍ପର ନେତାଙ୍କୁ ବିଜେଡିମୁହାଁ କରିଥିଲା। ହେଲେ ଏବେ ଦୋଛକିରେ ଦଳଡିଆଁ ନେତା। ବିଜେଡିରେ ରହିବେ ନା କଂଗ୍ରେସକୁ ଫେରିବେ।

## ୪ ପୁଲିସ...

ସୂଚନା ଦିଆଯାଇଛି। ତେବେ ପୂର୍ବତନ ଆଇଆଇସି ଦୀନକୃଷ୍ଣ ମିଶ୍ରଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ହୋଇନାହିଁ। ଘଟଣା ଘଟିବା ପରେ ରାଜ୍ୟ ସରକାର ତଦନ୍ତ ପାଇଁ ଜଷ୍ଟିସ ଚିତ୍ତରଞ୍ଜନ ଦାସ କମିସନ ଗଠନ କରିଥିଲେ। ଏହି ଘଟଣାର ତଦନ୍ତ ପାଇଁ କମିସନଙ୍କ ପକ୍ଷରୁ ସ୍ୱତନ୍ତ୍ର ବିଜ୍ଞପ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ନିଜ ମତାମତ ସତ୍ୟପାଠ ମାଧ୍ୟମରେ ଦେବା ପାଇଁ କମିସନ ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଥିଲା। ୫୦୦ରୁ ଉର୍ଦ୍ଧ୍ୱ ସତ୍ୟପାଠ କମିସନଙ୍କ ନିକଟରେ ହସ୍ତଗତ ହୋଇଥିଲା। ଘଟଣାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବୟାନ ରେକର୍ଡ କରିଥିଲା କମିସନ। ସମସ୍ତ ସାକ୍ଷ୍ୟ ପ୍ରମାଣ ଓ ସତ୍ୟପାଠ ଯାଞ୍ଚ କରିବା ପରେ ତଦନ୍ତ ଶେଷ କରିଛନ୍ତି ଜଷ୍ଟିସ୍ ଚିତ୍ତରଞ୍ଜନ ଦାସ କମିସନ।

# ଭୁବନେଶ୍ୱର ବ୍ଲକରେ ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି

**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଭୁବନେଶ୍ୱର ବ୍ଲକ ଅନ୍ତର୍ଗତ ଇଞ୍ଜଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ଆଜିର ଗ୍ରାମ ପଞ୍ଚାୟତସ୍ତରୀୟ ପ୍ରତ୍ୟକ୍ଷ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଛି। ଖୋର୍ଦ୍ଧା ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଜଣାଶୁଣାଣି ଅନୁଷ୍ଠିତ ହୋଇଛି। ପ୍ରାତଃ ୭ଟାରୁ ଏହାକୁ ଆରମ୍ଭ କରାଯିବା ସହ ଅଭିଯୋଗକାରୀଙ୍କ ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ମୋଟ ୫୩ଟି ଆପତ୍ତି ଅଭିଯୋଗ ଆଗତ ହୋଇଥିବା ବେଳେ ସେଥି ମଧ୍ୟରୁ ୩୩ଟି ବ୍ୟକ୍ତିଗତ ଓ ୧୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା। ସେହିପରି ୩ଟି ଅଭିଯୋଗର ତ୍ୱରିତ ସମାଧାନ ହୋଇଥିଲା। ଜଣାଶୁଣାଣି ସମୟରେ ସମସ୍ତ ଅଭିଯୋଗର ତ୍ୱରିତ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଶ୍ରୀ ରାଣା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଜନଶୁଣାଣିରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି, ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଡିଓ ଦେବୀପ୍ରସାଦ ମହାନ୍ତି, ତହସିଲଦାର ମୃତ୍ୟୁଞ୍ଜୟ ତ୍ରିପାଠୀ, ଜିଲ୍ଲା ଶିକ୍ଷାଧିକାରୀ ସୋନାମିକା ରାୟ, ଜିଲ୍ଲା ସାଧାରଣ ଅଭିଯୋଗ ଡେପୁଟି କଲେକ୍ଟର ଆର୍ତ୍ତତ୍ରାଣ ମଲ୍ଲିକ, ଆସିଷ୍ଟାଣ୍ଟ କଲେକ୍ଟର ଭୁବନେଶ୍ୱରୀ କହଁର, ଅତିରିକ୍ତ ଡିସିପି ଓ ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।




# ଉପଜିଲ୍ଲାପାଳଙ୍କ ଆଦେଶ ଉପରେ ହାଇକୋର୍ଟଙ୍କ ରହିତାଦେଶ

● ସିଲିଂ ଜମି ଛଡ଼ାଇନେବାର ଚକ୍ରାନ୍ତ ପଣ୍ଡ

**ଝାରସୁଗୁଡ଼ା,୧୯।୫(ସଂଚାର ବ୍ୟୁରୋ):** ଶେଷରେ ହାଇକୋର୍ଟରୁ ଆଶ୍ୱସ୍ତି ପାଇଛତି ଅନୁସୂଚିତ ଜାତି ବର୍ଗର ଗରିବ ପରିବାର । ସିଲିଂ ଜମି ବିକ୍ରିକୁ ନେଇ କେତେକ ଆପତ୍ତି ଉଠାଇ ନିୟମିତକରଣ ଦିଗରେ ଅନିୟମିତତା ହୋଇଥିବା ଦର୍ଶାଇବା ପରେ ଜିଲ୍ଲା ପ୍ରଶାସନ ଏକ କମିଟି କରି ତଦନ୍ତ କରିଥିଲା । ତଦନ୍ତ ରିପୋର୍ଟ ମୋଟାମୋଟି ଭାବେ ସଂପୃକ୍ତ ସିଲିଂ ଜମି ପାଇଥିବା ପ୍ରଜାଙ୍କ ସପକ୍ଷରେ ଥିଲେ ହେଁ କୌଣସି ଚାପରେ ହେଉ ଅବା ଅନ୍ୟ କୌଣସି କାରଣରୁ ଝାରସୁ ଗୁ ଡ଼ା ତହସିଲଦାର ଏନେଇ ଉପ ଜିଲ୍ଲାପାଳଙ୍କ ଠାରେ ଅପିଲ କରିଥିଲେ। ଯାହାର ଶୁଣାଣୀ ଲାଗି ପ୍ରତିପକ୍ଷ ମୂଳ ଜମି ମାଲିକଙ୍କୁ ବିଶେଷ ସୁ ଯୋଗ ଦିଆ ନ ଯାଇ ରାୟ ଶୁଣାଇବା ବିରୋଧରେ ମୂଳ ଜମି ମାଲିକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ଯେଉଁ ଆବେଦନକୁ ଗ୍ରହଣ କରି ହାଇକୋର୍ଟ ମାମଲା ଡବ୍ଲୁପି(ସି) ସଂଖ୍ୟା ୧୩୨୯୯/୨୦୨୫ ର ଶୁଣାଣୀ କରିବା ପୂର୍ବକ ଗତ ୧୫ ତାରିଖ ଦିନ ଉପ ଜିଲ୍ଲାପାଳଙ୍କ ଆଦେଶ ଉପରେ ପରବର୍ତ୍ତୀ ତାରିଖ ଯାଏ ରହିତାଦେଶ ଜାରି କରିଛନ୍ତି । ସିଲିଂ ଜମି ପାଇଥିବା ଝାରସୁଗୁଡ଼ା ତହସିଲ ଅନ୍ତର୍ଗତ ପଞ୍ଚପଡ଼ା ମୌଜାର ଶୁବକେଶୀ ଗଣ୍ଡାଙ୍କ ଉତ୍ତରାଧିକାରୀ ତଥା ପୁଅ ବୀରେନ୍ଦ୍ର ଖସକେଲ ସିଲିଂପ୍ରାପ୍ତ ଏକର ୧.୬୦୦ ଡେସିମିଲ ଜମିକୁ ବାଲି ବେସନ ନାମକ ଜନୈକ ପ୍ରଜାଙ୍କୁ ବିକ୍ରି କରିଥିଲେ। ଶୁବକେଶୀ ଗଣ୍ଡା ସିଲିଂ ଜମିର ପଟ୍ଟା ହମିଦ ବନ୍ଦୋବସ୍ତରେ ପାଇଥିଲେ। ମାତ୍ର ତାହାର ନିୟମିତକରଣ କରା ନ ଯାଇ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ରାଜସ୍ୱ ବିଭାଗ ପକାଇ ରଖିବା ପରେ ତାଙ୍କର ଉତ୍ତରାଧିକାରୀ ବୀରେନ୍ଦ୍ର ଖସକେଲ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀରେ ଆବେଦନ କରିଥିଲେ । ଜିଲ୍ଲାପାଳ ଉକ୍ତ ଆବେଦନକୁ ତହସିଲଦାରଙ୍କ ନିକଟକୁ ପ୍ରେରଣ କରି ଯାଞ୍ଚ ପୂର୍ବକ ନିୟମିତକରଣ ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଝାରସୁଗୁଡ଼ା ତହସିଲଦାର ଏହି ଜମିର ନିୟମିତକରଣ ତଥା ଭୂଲେଖରେ ଏଣ୍ଟ୍ରି କରିବା ଆଦି କାର୍ଯ୍ୟ ସଂପାଦନ କରିବା ସହ ମେଜର ବନ୍ଦୋବସ୍ତରେ ପଟ୍ଟା ଇସ୍ୟୁ କରିଥିଲେ । ଏହା ପରେ ଉକ୍ତ ଜମିକୁ ସଂପୃକ୍ତ ପ୍ରଜା ବିକ୍ରି କରିବା ପରେ ଏହି ଜମି ଉପରେ ଲୋଲୁପ ଦୃଷ୍ଟି ପଡ଼ିଥିବା କେତେକ ଖଳ ପ୍ରକୃତିର ଲୋକେ ସଂପୃକ୍ତ ପ୍ରଜାଙ୍କୁ ହଇରାଣ ହରକତ କରି କିଭଳି ଜମିକୁ ହାତେଇବେ ସେହି ପ୍ରୟାସରେ ଲାଗି ପଡ଼ିଥିଲେ ବୋଲି ବୀରେନ୍ଦ୍ର ଖସକେଲ ଗଣମାଧ୍ୟମକୁ କହିଛନ୍ତି । ମାତ୍ର ଝିଅ ବାହାଘର, ଚିକିତ୍ସା ଭଳି ଜରୁରୀ ଖର୍ଚ୍ଚ ତୁଲାଇବା ଲାଗି ଅର୍ଥର ଆବଶ୍ୟକତା ବେଳେ ସେ କ୍ରେତା ବାଲି ବେସନଙ୍କ ଠାରୁ ଅର୍ଥ ନେଇଥିଲେ । ଯାହାକି ତାଙ୍କର ଦୁର୍ଦ୍ଦିନରେ ଏକ ବଡ଼ ସହାୟତା ଥିଲା ବୋଲି ବୀରେନ୍ଦ୍ର କହିଛନ୍ତି । ହେଲେ ଏନେଇ କେତେକ ଆପତ୍ତି ଉଠାଇବାରୁ ଏହାର ତଦନ୍ତ ଏକ କମିଟି ଜରିଆରେ କରାଯାଇଥିଲା । ଉକ୍ତ ତଦନ୍ତ କମିଟି ଦାଖଲ କରିଥିବା ରିପୋର୍ଟରେ ଏହା ଏକ ରୟତି ଜମି, ବିଜୁ ଏକ୍ସପ୍ରେସ ୱେରେ ଅଧିଗ୍ରହଣ ହୋଇନାହିଁ କି ନିୟମିତକରଣରେ କୌଣସି ବିଶେଷ ଅନିୟମିତତା ହୋଇଥିବା ଦର୍ଶାଇ ନ ଥିଲା। କେବଳ ପୁରୁଣା କେଶ ରେକର୍ଡ ନ ଥିବା ଦର୍ଶାଇଥିଲା। ପ୍ଲଟ୍ ଇଣ୍ଡେକ୍ସ ଆଧାରରେ କେତେକ ସଂଶୋଧନ ତତ୍କାଳୀନ ତହସିଲଦାର କରିଥିବାରୁ ଏଥିରେ ତ୍ରୁଟି ଦର୍ଶାଇ ତହସିଲଦାର ଉପ ଜିଲ୍ଲାପାଳଙ୍କ ଠାରେ ଅପିଲ କରିବା ପରେ ଗତ ୬ ତାରିଖ ଦିନ ରାୟ ପ୍ରକାଶ କରି ମୂଳ ଖାତାକୁ ଜମି ଫେରସ୍ତ କରାଯିବାକୁ ଆଦେଶ ଦେଇଥିଲେ। ହେଲେ ଉକ୍ତ ଜମି ସରକାରୀ ଖାତାକୁ ଯିବ ବୋଲି ଗଣମାଧ୍ୟମକୁ ତହସିଲଦାର ମତ ଦେଇଥିବା ବେଳେ ଉପ ଜିଲ୍ଲାପାଳଙ୍କ ମତ ଭିନ୍ନ ଥିଲା ।

# ଅସ୍ତରଙ୍ଗ ଓ କାକଟପୁରରେ ଅନେକ ଅଜଣା ବାଂଲାଦେଶୀ

- ଚୋରି, ଡ୍ରଗ୍ସ କାରବାରରେ ସମ୍ପୃକ୍ତି ସୂଚନା
- ଗୁଇନ୍ଦା ନିକଟରେ ତଥ୍ୟ ଥିଲେ ବି ଧରା ହେଉନାହାନ୍ତି
- ଚିହ୍ନଟ ପାଇଁ ପ୍ରଶାସନ ସଜବାଜ



**କାକଟପୁର/ଅସ୍ତରଙ୍ଗ,୧୯।୫(ସଂଚାର ବ୍ୟୁରୋ):** ବନ୍ଧା ହେବେ ବାଂଲାଦେଶୀ। ବାଂଲାଦେଶୀ ଅନୁପ୍ରବେଶକାରୀ ଙ୍କ ଉପରେ ଚଢ଼ାଉ ହେବ ବୋଲି ଏସଟିଏଫ ଡିଆଇଜି ପିନାକ ମିଶ୍ରଙ୍କ ସୂଚନା ପରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ରେ ଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ ଛାନିଆ ହୋଇପଡ଼ିଛନ୍ତି। ଏମାନେ ବିନା ଭିଶା ଓ ପାସପୋର୍ଟ ରେ ଏଠାରେ ରହୁଥିବା କୁହାଯାଇଛି। ସୂଚନା ଅନୁସାରେ ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ ଉପକଣ୍ଠ ରେ ଥିବା ଗ୍ରାମାଞ୍ଚଳରେ ରହି କାମ କରୁଥିବା ସହ ବସତି ସ୍ଥାପନ କରି ଅନୁପ୍ରବେଶକାରୀ ରହୁଥିବା ଜଣାପଡ଼ିଛି। ଏମାନେ କେଉଁ ଅଞ୍ଚଳରୁ ଆସିଛନ୍ତି, ଏଠାରେ ରହି କଣ କରୁଛନ୍ତି ତାହା ଉପରେ କାହାର ନଜର ରହୁନାହିଁ। ଅସ୍ତରଙ୍ଗ ହେଉ ଅବା କାକଟପୁର ରେ ରହି କେତେକ ଠିକାସଂସ୍ଥା ଦ୍ୱାରା ନିର୍ମିତ ଘର କାମ ମଧ କାମ କରୁଛନ୍ତି କିନ୍ତୁ ତାଙ୍କର ସମ୍ପୂର୍ଣ୍ଣ ଠିକଣା ବିବରଣୀ ସ୍ଥାନୀୟ ପୋଲିସ ନିକଟରେ ନାହିଁ ବୋଲି ସୂଚନା ମିଳିଛି। ଏହାର ସୁଯୋଗରେ ସେମାନେ ସ୍ଥାନୀୟ ଗ୍ରାମାଞ୍ଚଳରେ ବସତି ସ୍ଥାପନ କରି ରହିଯାଉଛନ୍ତି। ବିଭିନ୍ନ ସମୟରେ ଏହି ଅନୁପ୍ରବେଶକାରୀ ମାନେ ଛୋଟ ଚୋରି ଠାରୁ ଆରମ୍ଭ କରି ଧଳା ଜହର କାରବାର ସମ୍ପୃକ୍ତ ରହୁଥିବା ଅନୁମାନ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ ଘରୋଇ ଲୋକଙ୍କ କୋଠା ନିର୍ମାଣ ହେଉ ଅବା ସରକାରୀ କୋଠା ନିର୍ମାଣ କାର୍ଯ୍ୟ କରୁଥିବା ଚର୍ଚ୍ଚା ହେଉଥିବା ବେଳେ ଏମାନଙ୍କ ମଧ୍ୟରୁ ଅଧିକାଂଶ ବାଂଲାଦେଶୀ ବୋଲି ଚର୍ଚ୍ଚା ହେଉଥିଲେ ମଧ ସେମାନଙ୍କ ପଶ୍ଚିମବଙ୍ଗ ଅଞ୍ଚଳବୋଲି କହୁଛନ୍ତି। ନିଜର ପ୍ରକୃତ ପରିଚୟ ଲୁଚାଇବା ପାଇଁ ଏମାନେ ମାର୍ବଲ ମିସ୍ତ୍ରୀ, ଫେରିବାଲା, ରଙ୍ଗବାଲା, ରାଜମିସ୍ତ୍ରୀ ଭାବେ ବିଭିନ୍ନ ସ୍ଥାନରେ କାର୍ଯ୍ୟ କରୁଛନ୍ତି। ଏପରି କାର୍ଯ୍ୟ ନିମନ୍ତେ କୌଣସି ପରିଚୟପତ୍ରର ଆବଶ୍ୟକତା ନଥିବାରୁ ଏପରି ପେଶା ସେମାନଙ୍କୁ ସୁହାଉଛି। ପୁରୀ ଜିଲ୍ଲା କାକଟପୁର ଓ ଅସ୍ତରଙ୍ଗ କୁ ପ୍ରତ୍ୟେକ ସପ୍ତାହରେ ଆଳୁ ବୋଝେଇ ଟ୍ରକ ଆସିଥାଏ। ଏଥିରେ ମଧ ଯାତାୟାତ କରିଥାନ୍ତି। କୋଭିଡ ସମୟରେ ଏପରି ଯାତାୟାତ କରୁଥିବା ଅନୁପ୍ରବେଶକାରୀଙ୍କୁ ପୁଲିସ ଅଟକାଇଥିବାର ନଜିର ରହିଛି। କାକଟପୁର ରୁ କଲିକତା ଯାତ୍ରୀବସ ଯାତାୟାତ ପାଇଁ ସୁବିଧା ରହିଛି। ଏମାନେ କାକଟପୁର ଓ ଅସ୍ତରଙ୍ଗ ରେ କିଛି ଦିନ ରହିବା ପରେ ସ୍ଥାନୀୟ ବାସିନ୍ଦା ହୋଇଯାଉଛନ୍ତି। ଏହି ଅଞ୍ଚଳର ଝିଅ ମାନଙ୍କୁ ବିବାହ ପରେ ସ୍ଥାନୀୟ ପରିଚୟ ପତ୍ର ହାତେଇବାରେ ସେମାନଙ୍କୁ ସୁବିଧା ହେଉଛି। ସ୍ଥାନୀୟ ବାସିନ୍ଦା ହୋଇଯିବା ପରେ ସେମାନେ ଫେରି ବାଲା ନଚେତ ଗୁପଚୁପ ବେପାର କରିବା ଆଳରେ କିଛି ଲୋକଙ୍କୁ ଆଣି ନିୟୋଜିତ କରାଉଛନ୍ତି। ସେମାନଙ୍କୁ ପଶ୍ଚିମବଙ୍ଗ ର ବୋଲି ପରିଚିତ କରାଯାଉଛି। ସ୍ଥାନୀୟ ଅଞ୍ଚଳରେ କିଛି ଲୋକ ସେମାନଙ୍କୁ ସହଯୋଗ କରୁଥିବାରୁ ଅନୁପ୍ରବେଶକାରୀ ସଂଖ୍ୟା ବଢୁଛି ବୋଲି ଅନୁମାନ କରାଯାଉଛି। ସାଧାରଣ ରେ ସେମାନେ ଘର ଭଡା ନେଇ ରହୁଛନ୍ତି କିଛି ଦିନ ପରେ ଘର ମାଲିକଙ୍କୁ ଟଙ୍କା ମଧ ଦେଉଛନ୍ତି। ଫେରି ବାଲା ଏତେ ଟଙ୍କା କିପରି ଦେଉଛନ୍ତି ଏକ ଆଶ୍ଚର୍ଯ୍ୟ ଘଟଣା। ଏହା ସହ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ କିଛି ପେଟି କଣ୍ଟ୍ରାକ୍ଟର ସହ କୁଜି ରାଜନେତା ସହଯୋଗ କରୁଥିବାର ଚର୍ଚ୍ଚା ହେଉଛି। ଏମାନଙ୍କ ଦ୍ୱାରା କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳ ହେଉ ଅବା ଜଗତସିଂହପୁର ଜିଲ୍ଲାକୁ ଯାତାୟାତ ରାସ୍ତା ତାଳଦା ସେତୁ ନିକଟରେ ଡ୍ରଗ୍ସ କାରବାର ବ୍ୟାପକ ହେଉଥିବା ଶୁଣିବାକୁ ମିଳୁଛି। ରାଜ୍ୟ ବାହାରେ ବିଭିନ୍ନ ଅପରାଧିକ ଘଟଣା ଘଟାଇ କାକଟପୁର ଓ ଅସ୍ତରଙ୍ଗ ଅଞ୍ଚଳରେ ବିଭିନ୍ନ ବେଶ ପରିବର୍ତ୍ତନ କରି ରହୁଛନ୍ତି। ଦିନରେ ଫେରିବାଲା ଭାବେ ବୁଲି ନକ୍ସା କରିବା ପରେ ରାତିରେ ଛୋଟ ମୋଟ ଚୋରି କରୁଛନ୍ତି। ସବୁ ଚୋରି ଘଟଣା ସମ୍ପର୍କରେ ପୁଲିସ ନିକଟରେ ଅଭିଯୋଗ ହେଉନଥିବାରୁ ଏମାନଙ୍କର ଗତିବିଧି ଉପରେ ପୁଲିସ ବିଶେଷଭାବେ ଗୁରୁତ୍ୱ ଦେଉ ନାହିଁ ବୋଲି ଆଲୋଚନା ହେଉଛି। ସବୁଠାରୁ ସଙ୍ଗିନୀ ପ୍ରସଙ୍ଗ ଏମାନଙ୍କ ମଧ୍ୟରୁ ଏକାଧିକ ଯୁବତୀ ଲୁଚାଛପାରେ ଦେହ ବ୍ୟବସାୟ କରୁଛନ୍ତି। କିନ୍ତୁ ସ୍ୱତନ୍ତ୍ର ଯାଞ୍ଚ ନ ହେବାରୁ ପୁଲିସ ଟେର ପାଉନି।

### ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ

## ପରମାଣୁ ଶକ୍ତି ଉପଯୋଗର ଆବଶ୍ୟକତା ରହିଛି: ଡକ୍ଟର ତ୍ୟାଗୀ



**ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ):** ଦେଶର ଭବିଷ୍ୟତ ନିମନ୍ତେ ଓ ସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ କରିବା ପାଇଁ ପରମାଣୁ ଶକ୍ତିର ଉପଯୋଗ କରିବା ଆବଶ୍ୟକ ବୋଲି ବିଶିଷ୍ଟ ପରମାଣୁ ବୈଜ୍ଞାନୀ ଡକ୍ଟର ଏ.କେ. ତ୍ୟାଗୀ କହିଛନ୍ତି। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ମଣିଷ ଜୀବନକୁ ବିଶେଷ ପ୍ରଭାବିତ କରିଥିବା ବେଳେ ପ୍ରଦୂଷଣକୁ ନିୟନ୍ତ୍ରିତ କରି ସ୍ୱଚ୍ଛ ବିଦ୍ୟୁତ୍ ଉତ୍ପାଦନ ନିମନ୍ତେ ପରମାଣୁ ବିଜ୍ଞାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଡକ୍ଟର ତ୍ୟାଗୀ କହିଛନ୍ତି। ବର୍ତ୍ତମାନ ଟ୍ରୋମ୍ବେ ସ୍ଥିତ ହୋମି ଭାବା ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍‌ର ଡିନ୍ ତଥା ସିନିୟର ପ୍ରଫେସର ଭାବେ କାର୍ଯ୍ୟ କରୁଥିବା ଡକ୍ଟର ତ୍ୟାଗୀ ଶନିବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ୟୁନିଭର୍ସିଟି କ୍ୟାମ୍ପସ ପରିସରରେ ଇଣ୍ଡିଆନ୍ ନ୍ୟାସ୍‌ନାଲ ଏକାଡେମୀ ଅଫ୍ ଇଞ୍ଜିନିୟରିଂ (ଆଇଏନ୍‌ଏଇ)ର ଓଡ଼ିଶା ଶାଖା ପକ୍ଷରୁ ଆୟୋଜିତ ବକ୍ତୃତାମାଳାର ପ୍ରଥମ ବକ୍ତୃତା ପ୍ରଦାନ କରି ସେ ଏହା କହିଥିଲେ। ୧୯୯୮ ମସିହା ମେ ୧୧ ଏବଂ ୧୩ ତାରିଖ ମଧ୍ୟରେ ପୋଖରାନ୍ ଠାରେ ଭାରତ କରିଥିବା ପରମାଣୁ ପରୀକ୍ଷାକୁ ସ୍ମରଣ କରି ଜାତୀୟ ଟେକ୍ନୋଲଜି ଦିବସ ପାଳନ ଅବସରରେ ଏହି ବକ୍ତୃତାମାଳାର ଆୟୋଜନ କରାଯାଇଛି। ପ୍ରଥମ ବକ୍ତୃତାର ପ୍ରସଙ୍ଗ 'ସଷ୍ଟେନେବୁଲ ଡେଭଲପମେଣ୍ଟ: ରୋଲ ଅଫ୍ ନ୍ୟୁକ୍ଲିୟର ସାଇନ୍ସ ଆଣ୍ଡ ଟେକ୍ନୋଲଜି' ଉପରେ ବକ୍ତବ୍ୟ ରଖି ଡକ୍ଟର ତ୍ୟାଗୀ କହିଥିଲେ ଯେ ଭାରତରେ ବୃଦ୍ଧି ପାଉଥିବା ବିଦ୍ୟୁତ ଶକ୍ତିର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏବଂ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଦୂର କରିବା ନିମନ୍ତେ ପରମାଣୁ ଶକ୍ତି ନିର୍ଭର ଯୋଗ୍ୟ ଏବଂ ଏହାକୁ ସ୍ଥାୟୀ ବ୍ୟବସ୍ଥା ଭାବେ ଗ୍ରହଣ କରାଯାଇପାରେ।

## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି ଓ ସଚେତନତା ଶିବିର



**ବୋରିଗୁମ୍ମା,୧୯।୫(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ୍ ଅନ୍ତର୍ଗତ ବି. ସିଂହପୁର ଗ୍ରାମ ପଞ୍ଚାୟତଠାରେ ଗ୍ରାମ ପଞ୍ଚାୟତସ୍ତରୀୟ ସଚେତନତା ଓ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବୋରିଗୁମ୍ମା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁକାନ୍ତ କୁମାର ପଟନାୟକଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବି. ସିଂହପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ରୂପା ଯାନୀ, ତହସିଲଦାର ଶୋଭନ କୁମାର ବେହେରା, ଏବିଡିଓ ମାଧୁରୀ ଆଚାରୀ, ଏଇ ସତ୍ୟନାରାୟଣ ସେଠୀ, ଜିପିଡିଓ ସ୍ୱାଗତିକା ଗୋପାଳା, ବିଏସଏସଓ ଚନ୍ଦ୍ରିକା କାନ୍ଦେଲକର, ବୋରିଗୁମ୍ମା ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଏବଂ ପ୍ରମୁଖ ବ୍ଲକସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ। ଏଥିରେ ଉପସ୍ଥିତ ଗ୍ରାମବାସୀଙ୍କ ଠାରୁ ଅଭିଯୋଗ ଗ୍ରହଣ କରିବା ସହ ବିଭିନ୍ନ ଯୋଜନା ବିଷୟରେ ସଚେତନତା କରାଯାଇଥିଲା। ପିଇଓ ରାମ କୃଷ୍ଣ ମିଶ୍ରଙ୍କ ସୂଚନା ଅନୁଯାୟୀ, ଏହି ଶିବିରରେ ମୋଟ ୩୨ଟି ଅଭିଯୋଗ ଆସିଥିବାବେଳେ ବି. ସିଂହପୁର ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ଥିବା ଆଦି ଅଭିଯୋଗ ଆସିଥିବା ନେଇ ଜଣାପଡ଼ିଛି। କୁମୁଲି ବିଜେପି ମଣ୍ଡଳ ସଭାପତି ସୁବିମଳ ଭଟ ଗ୍ରାମପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଡ୍ରାଗନ ଫଳ ଚାଷ ଓ ଲିମନ ଚାଷ ନାଁ ରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ଲିଖିତ ଅଭିଯୋଗ କରିଛନ୍ତି। କିନ୍ତୁ ଏହି ପଞ୍ଚାୟତରେ ଗୋଟିଏ ମଧ୍ୟ ଡ୍ରାଗନ ଗଛର ଚିହ୍ନ ବର୍ଣ୍ଣ ନଥିବା ଦର୍ଶାଇ ଅଭିଯୋଗ କରିଥିବା ଜଣାପଡ଼ିଛି। ବିଡ଼ିଓ ଶ୍ରୀ ପଟନାୟକ ଏହି ଅଭିଯୋଗକୁ ବିଶେଷ ଗୁରୁତ୍ୱ ସହ ଗ୍ରାମବାସୀଙ୍କ ସମସ୍ତ ଅଭିଯୋଗ ଉପରେ ଗୁରୁତ୍ୱ ଦିଆଯାଇଥିବା ଦେଖିବାକୁ ମିଳିଛି। ଯେତେସବୁ ଅଭିଯୋଗ ଆସିଛି ସେହି ସବୁକୁ ଯଥାଶୀଘ୍ର ସମାଧାନ କରିବା ପାଇଁ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରିଥିବା ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଟନାୟକ କହିଛନ୍ତି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ରାମକୃଷ୍ଣ ମିଶ୍ର, ସମିତିସଭ୍ୟ ପ୍ରମୁଖ ସହଯୋଗ କରିଥିଲେ।

### ● ମୁଖ୍ୟ ଉନ୍ନୟନ ଅଧିକାରୀଙ୍କ ପୀରଜାହାନିଆଁ ଉନ୍ନତି କରଣ ପାଇଁ ପରିଦର୍ଶନ

## ଲବଣ ସତ୍ୟାଗ୍ରହ ପୀଠ କାର୍ଯ୍ୟକ୍ରମ ପାଇଁ ସ୍ଥିତି ପରଖିଲେ



**କାକଟପୁର/ଅସ୍ତରଙ୍ଗ,୧୯।୫(ସଂଚାର ବ୍ୟୁରୋ):** ପୁରୀଜିଲ୍ଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀରଜାହାନିଆଁ ବେଳାଭୂମି ସହ ପାରିପାର୍ଶ୍ୱିକ ଉନ୍ନତିକରଣ ପାଇଁ ସୋମବାର ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ପରିଦର୍ଶନ କରିଥିଲେ। ସୋମବାର ଦିନ ପୂର୍ବାହ୍ନ ରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଆସନ୍ତା ମେ ୨୧ତାରିଖ ରେ ଲବଣ ସତ୍ୟାଗ୍ରହ ପୀଠ ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ହେବାକୁ ଥିବା ବେଳେ କୁହୁଡି ଠାରେ ସ୍ଥିତି ଅନୁଧ୍ୟାନ କରିବା ସହ ଦିନ ୧୧ଟା ସମୟରେ ପୀର ଜାହାନିଆଁ ଠାରେ ପହଂଚି ପର୍ଯ୍ୟଟନ ସ୍ଥଳର ପିଇବା ପାଣି, ପରିମଳ, ପାର୍କିଙ୍ଗ ସହ ବିଭିନ୍ନ ଆବଶ୍ୟକୀୟ ସୁବିଧା ତଥା ବ୍ୟବସାୟୀ ମାନଙ୍କ ପାଇଁ ନୂତନ ଦୋକାନ ଗୃହ ନିର୍ମାଣ ସ୍ଥାନ ପରିଦର୍ଶନ କରିଥିଲେ ଏବଂ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପର୍ଯ୍ୟଟନ ସ୍ଥଳରେ ପର୍ଯ୍ୟଟକ ଙ୍କ ଆବଶକୀୟ ସୁବିଧା ଉପରେ ପୀରଜାହାନିଆଁ ବ୍ୟବସାୟୀ ସଂଘ ସଭାପତି ବୃନ୍ଦାବନ ବିଶ୍ୱାଳ ମୁଖ୍ୟ ଉନ୍ନୟନ ଅଧିକାରୀ ଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି, ଅସ୍ତରଙ୍ଗ ମଣ୍ଡଳ ଉନ୍ନୟନ ଅଧିକାରିଣୀ ସୁଶ୍ରୀ ସସ୍ମିତା ବେହେରା, କାକଟପୁର ମଣ୍ଡଳ ଉନ୍ନୟନ ଅଧିକାରୀ ବିଷ୍ଣୁ ଗୋବିନ୍ଦ, ସହକାରୀ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ପ୍ରମୁଖ ଗସ୍ତ ସମୟରେ ଉପସ୍ଥିତ ଥିଲେ।

## ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଉନ୍ନୟନ ସହାୟତା ରାଶି ବିନିଯୋଗରେ ଉଦାସୀନତା

### ● ୨୩ରେ ବିଜେଡି କରିବ ବିକ୍ଷୋଭ

**ନୀଳଗିରି,୧୯।୫(ସଂଚାର ବ୍ୟୁରୋ):** ନୀଳଗିରିର ବିଭିନ୍ନ ଭିତ୍ତିଭୂମି ଉନ୍ନୟନ ପ୍ରକଳ୍ପ ଓ ମନ୍ଦିରର ରକ୍ଷଣାବେକ୍ଷଣ ପାଇଁ ତତ୍କାଳୀନ ବିଜେଡ଼ି ସରକାର ମୁଖ୍ୟମନ୍ତ୍ରୀ ସ୍‌ବତନ୍ତ୍ର ଉନ୍ନୟନ ସହାୟତା ଯୋଗାଇ ଦେଇଥିଲେ। ଏନେଇ ୨୦୨୪ମସିହା ଫେବୃଆରୀ ୨୩ରେ ୧କୋଟି ୧୫ଲକ୍ଷ ୫୦ହଜାର ଟଙ୍କା ଏବଂ ମାର୍ଚ୍ଚ ୧ତାରିଖରେ ୫୫ଲକ୍ଷ ୫୦ହାଜର ଟଙ୍କାର ଅନୁଦାନ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ନୀଳଗିରିକୁ ପ୍ରଦାନ କରିଥିଲେ। ବିଭିନ୍ନ କାଳକ୍ଷେପଣ ନୀତି ଅବଲମ୍ବନ କରି ବିଭାଗୀୟ କର୍ତ୍ତୃପକ୍ଷ ଏହି କାର୍ଯ୍ୟଗୁଡ଼ିକ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ କରିନାହାନ୍ତି। ଫଳରେ ୧କୋଟି ୭୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ନୀଳଗିରି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ବିନିଯୋଗରୁ ବଞ୍ଚିତ ହୋଇଛି। ରାଜ୍ୟସରକାର ମଧ ଏଥିପ୍ରତି ଗୁରୁତ୍ୱାରୋପ କରିନାହାନ୍ତି।

## ସୁକ ନଈ ଓ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ଉପରେ ସେତୁ ନିର୍ମାଣ ବିଳମ୍ବ ପାଇଁ ଦାୟୀ କିଏ ?




**ମାହାଙ୍ଗା,୨୦।୫(ସଂଚାର ବ୍ୟୁର):** ମାହାଙ୍ଗା ବ୍ଲକର ନୃର୍ତ୍ତାଙ୍ଗ-ଧର୍ମାଗଡପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ସୁକ ନଈ ଏବଂ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲର ଖର୍ତ୍ତାଙ୍ଗ ଠାରେ ସେତୁ ନିର୍ମାଣର କାର୍ଯ୍ୟ ଚାଲିଛି। ତ୩୧.୦୧.୨୦୨୪ରିଖରେ ପୂର୍ବତନ ମନ୍ତ୍ରୀ ତଥା ମାହାଙ୍ଗାର ମାନ୍ୟବର ବିଧାୟକ ପ୍ରତାପ ଜେନା ସେତୁର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ସମ୍ପୃକ୍ତ ଠିକାଦାର ଜଣକ କାର୍ଯ୍ୟ ଆରମ୍ଭ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ସେତୁ ନିର୍ମାଣ କାର୍ଯ୍ୟ ଅଧାହୋଇ ପଡ଼ି ରହିଛି। କେନାଲ ଭିତରେ ଠିକାଦାର ଜଣକ ପୋଲ ନିର୍ମାଣ ପାଇଁ ରଡ୍ ବାନ୍ଧ କାମ ଅଧା ପକାଇଛନ୍ତି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ବଢ଼ିବାରେ ଲାଗିଛି। କେନାଲ ପାଣି ଆସିବା ପୂର୍ବରୁ ପୋଲ ନିର୍ମାଣ କାର୍ଯ୍ୟ ସରିବ ନାହିଁ ଯାହାଫଳରେ ପଟ୍ଟାମୁଣ୍ଡାଇ ମୁଖ୍ୟ କେନାଲ ବନ୍ଧରେ ଘାଇ ସୃଷ୍ଟିହେବାର ଆଶଙ୍କା ସୃଷ୍ଟି ହୋଇଛି। ସେତୁ ନିର୍ମାଣ ଦାୟିତ୍ୱରେ ଥିବା ମୁଖ୍ୟ ଯନ୍ତ୍ରୀଙ୍କ ଅବହେଳାକୁ ଦାୟୀ କାରାଯାଉଥିଲା ବେଳେ ଫଳକ ଭଙ୍ଗାକୁ ନେଇ ଏବେ ସାଧାରଣରେ ରାଜନୈତିକ ଆକ୍ରୋଷ ନେଇ ଚର୍ଚ୍ଚା ହେଉଛି। ସେତୁ ନିର୍ମାଣ କାର୍ଯ୍ୟ ସରି ନାହିଁ ହେଲେ ଫଳକ ଭାଙ୍ଗିଲା କିଏ। ଜନହିତକର କାର୍ଯ୍ୟକୁ ନେଇ ରାଜନୀତି ନ କରିବାକୁ ବୁଦ୍ଧିଜୀବି ମହଲରେ ଦାବି ହେଉଥିଲା ବେଳେ ତୁରନ୍ତ ସେତୁ ନିର୍ମାଣ କାର୍ଯ୍ୟ ଶେଷ କରିବା ନେଇ ମାହାଙ୍ଗାର ବିଧାୟକ ସାରଦା ପ୍ରଧାନ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି।

### ବିଡିଓଙ୍କ ନିଆରା ପ୍ରୟାସ

## ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା 'ଆସ ଖୋଜିବା' କାର୍ଯ୍ୟକ୍ରମ



**ବୋରିଗୁମ୍ମା, ୨୦।୫(ସଂଚାର ବ୍ୟୁର):** ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ସରକାରୀ ଅଧିକାରୀମାନେ ପ୍ରତ୍ୟେକ ଉନ୍ନୟନମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନା କରାଯାଉଛି।କିନ୍ତୁ କିଛି ଯୋଜନା ଉପାନ୍ତ ତଥା ଆଦିବାସୀ ଅଧୁଷିତ ଅଞ୍ଚଳରେ ପହଞ୍ଚି ପାରୁନି। ଏଥିପାଇଁ ଅଧିକାଂଶ ହିତାଧିକାରୀ ଯୋଜନାରୁ ବଞ୍ଚିତ ହୋଇ ହଇରାଣ ହେଉଛନ୍ତି।ଏହାକୁ ଦୃଷ୍ଟିରେ ରଖି ଲୋକଙ୍କ ନିକଟରେ ସରକାରୀ ଯୋଜନା ପହଞ୍ଚାଇବା ଲକ୍ଷ୍ୟରେ କୋରାପୁଟ ଜିଲ୍ଲାର ବୋରିଗୁମ୍ମା ବିଡିଓ ସୁକାନ୍ତ ପଟ୍ଟନାୟକଙ୍କ ନିଜସ୍ୱ ପ୍ରୟାସରେ ଏକ ନିଆରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। 'ଆସ ଖୋଜିବା'ଗ୍ରାମାଞ୍ଚଳର ଘରେ ଘରେ ପହଞ୍ଚି ସରକାରୀ ଯୋଜନାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଖୋଜି ବାହାର କରିବେ।ଆଜି ବି ଦୁର୍ଗମ ଗ୍ରାମ ଗୁଡ଼ିକରେ ହିତାଧିକାରୀମାନେ ମଧୁବାବୁ ଭତ୍ତା, ଆବାସ ଯୋଜନା, ଜାତୀୟ ଖାଦ୍ୟ ସୁରକ୍ଷାରୁ ବଞ୍ଚିତ ଥିବା ବେଳେ ଶିକ୍ଷିତ ଯୁବକ ଯୁବତୀଙ୍କୁ ଧନ୍ଦାମୂଳକ ତାଲିମ ମିଳିପାରୁନି।ତେଣୁ ଗାଁ ଗାଁରେ ପହଞ୍ଚି ସରକାରୀ ଯୋଜନାରୁ ବାଦ ପଡ଼ିଥିବା ଯୋଗ୍ୟ ହିତାଧିକାରୀଙ୍କୁ ଚିହ୍ନଟ କରି ବିଭିନ୍ନ ଯୋଜନାରେ ସାମିଲ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ। ଆଜିଠାରୁ ଏହି ଅଭିଯାନ ଆରମ୍ଭ ହୋଇଥିବା ବିଡିଓ ଶ୍ରୀ ପଟ୍ଟନାୟକ ସୂଚନା ଦେଇଥିଲେ। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା, ଜିଲ୍ଲା ପରିଷଦ ସଭ୍ୟ ମଞ୍ଜୁଳା ଘାସି, ପ୍ରସାଦ ବିଡ଼ିକା, ପିଙ୍କୁ ଶତପଥୀ, ସାଂସଦ ପ୍ରତିନିଧି ରାମ ଚନ୍ଦ୍ର ପାଢ଼ୀ, ବିଧାୟକ ପ୍ରତିନିଧି ଅଶୋକ ଗନ୍ତାୟତ ଓ ରାମକୃଷ୍ଣ ଭତ୍ରା ପ୍ରମୁଖଙ୍କ ସମେତ ବ୍ଲକର ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ବ୍ଲକର ସମସ୍ତ ବିଭାଗର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଦାଉଦପୁର ଗ୍ରାମପଞ୍ଚାୟତ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା



**ନିଶ୍ଚିନ୍ତକୋଇଲି,୧୯।୫(ସଂଚାର ବ୍ୟୁରୋ):** ଆତଙ୍କବାଦ ବିରୋଧ ଲଢ଼େଇ ସେନା ବାହିନୀ ଦ୍ୱାରା 'ଅପରେସନ ସିନ୍ଦୁର'ର ସଫଳତାରେ ଆମ ବୀର ଓ ସାହସୀ ଯବାନମାନଙ୍କର ଶୌର୍ଯ୍ୟ, ବୀରତ୍ୱ ଓ ପରାକ୍ରମ ଭାରତ ବର୍ଷର ପ୍ରତିଟି ନାଗରିକଙ୍କୁ ଗର୍ବିତ କରିଛି। ଭାରତୀୟ ସେନାର ଏହି ଅସୀମ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ନିଶ୍ଚିନ୍ତକୋଇଲି ବ୍ଲକ ଦାଉଦପୁର ଗ୍ରାମପଞ୍ଚାୟତ ସରପଞ୍ଚ ଶ୍ରୀଯୁକ୍ତ ଲଳିତେନ୍ଦୁ ବିଶୋଇଙ୍କ ନେତୃତ୍ୱରେ ପଞ୍ଚାୟତ ବାସୀଙ୍କ ଉପସ୍ଥିତରେ ଅପରାହ୍ନରେ ନଇଁଗୁଆଁ ଭାସ୍କର ମଣ୍ଡପ ଠାରୁ ରାଧାବଜାର ଛକ ପର୍ଯ୍ୟନ୍ତ ଏକ ବିଶାଳ 'ତ୍ରିରଙ୍ଗା ଶୋଭାଯାତ୍ରା" ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଶତାଧିକ ଜନସାଧାରଣ ମାନଙ୍କ ସମେତ ମଣ୍ଡଳ ସଭାପତି ବିନୋଦ କୁମାର ସାମଲ, ସମାଜସେବୀ ସନ୍ତୋଷ କୁମାର ମହାନ୍ତି, ସମିତି ସଭ୍ୟ ଆଶିଷ କୁମାର ମହାନ୍ତି, ହେମନ୍ତ କୁମାର ମହାନ୍ତି, ଗୌରାଙ୍ଗ ସ୍ୱାଇଁ ପ୍ରମୁଖ ଯୋଗଦେଇ ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତୀୟ ଯେତେବେଳେ ତ୍ରିରଙ୍ଗା ତଳେ ଏକଜୁଟ୍ ହେବେ ସେତେବେଳେ ବିଶ୍ୱର କୌଣସି ଦୁଷ୍ଟ ଶକ୍ତି ଆମକୁ ପ୍ରତିହତ କରିପାରିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ୱାର୍ଡ ସଭ୍ୟ ସଭ୍ୟା, ମହିଳା ଶୋୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ, ସମ୍ପାଦିକା, ସି.ଆର୍.ପି, ଏମ୍ବିକେଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ମାନେ କାର୍ଯ୍ୟକ୍ରମ ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ।

## ସ୍ୱାମୀ ମାଡ଼ରେ ସ୍ତ୍ରୀ ଗୁରୁତର

**ରାଇଘର,୧୯।୫(ସଂଚାର ବ୍ୟୁରୋ):** କୁନ୍ଦେଇ ଥାନା ଅଧୀନରେ ଥିବା ଖୁଡୁକ ଗ୍ରାମରେ ସ୍ୱାମୀ ବନସୁ ରାମ କାରିଗର ସ୍ତ୍ରୀ ଅନିତା କାରିଗର କୁ ମାଡ଼ ମାରିଥିଲେ।ଯାହା ଫଳରେ ସ୍ତ୍ରୀ ଅନିତା ରକ୍ତାକ୍ତ ଅବସ୍ଥାରେ ପ୍ରାଥମିକ ଚିକିତ୍ସା ପରେ ଥାନାର ଦ୍ୱାରସ୍ତ ହୋଇଥିଲେ।କୁନ୍ଦେଇ ଥାନା ଅଧିକାରି ଦୁର୍ଗା ପ୍ରସାଦ ବ୍ରହ୍ମା କେଶ ନମ୍ବର ୬୪ରେ ଏକ ମାମଲା ରୁଜୁ କରି ବନସୁ ଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।ପୋଲିସ ସୂତ୍ରରୁ ପ୍ରକାଶ ଯେ ରବିବାର ପ୍ରାୟ ୧୨ଟା ସମୟରେ ଅନିତା ବଜାର କୁ ନିଜ ମା କୁମାରୀ କାରିଗର ଙ୍କ ସହ ଯାଇଥିଲେ।ସ୍ୱାମୀ ବନସୁ ରାମ ଘରେ ଖୋଜି ନ ପାଇବା ପରେ ବଜାର କୁ ଯାଇ ସ୍ତ୍ରୀ ଅନିତାକୁ ପଇସା ମାଗିଥିଲେ।ଅନିତା ଦେବାକୁ ମନା କରିବାରୁ ପାଟିତୁଣ୍ଡ କରିବା ସହ ମାର ପିଟ କରିଥିଲେ।ଏଥିସହ କୋଳରେ ଥିବା ଦୁଇ ବର୍ଷର ଝିଅ କୁ ଟଣା ଓଟରା କରିଥିଲେ। ଏହାପରେ ଅନିତା ନିଜ ମା ସହ ସେଠାରୁ ଖସି ପଳେଇ ଆସି କୁନ୍ଦେଇ ଥାନାରେ ଜଣାଇବା ପରେ ବନସୁ କୁ ଗିରଫ କରି କୋର୍ଟ ଚାଲାଣ କରିଛି କୁନ୍ଦେଇ ପୋଲିସ।

## ନାଉଗାଁ ଫେଷ୍ଟିଭାଲର ଉଦଯାପିତ

**ନାଉଗାଁ,୧୯।୫(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗୋବରୀ ନଦୀ ପଠାର ମଣିକର୍ଣ୍ଣିକା ଘାଟ ନିକଟରେ ତୃତୀୟ ନାଉଗାଁ ଫେଷ୍ଟିଭାଲ ରବିବାର ଉଦଯାପିତ ହୋଇଯାଇଛି। ଏହି ଫେଷ୍ଟିଭାଲ କେବଳ ମନୋରଞ୍ଜନ ନୁହେଁ କଳା, ସଂସ୍କୃତିକୁ ବଞ୍ଚାଇ ରଖିବାର ଏକ ଅଭିନବ ପ୍ରୟାସ। ଅତୀତ ଦିନରେ ଯେଉଁ ସବୁ ସ୍ମୃତି ଥିଲା ତାହାକୁ ମନେ ପକାଇବାର ଏହା ଏକ ମାଧ୍ୟମ। ଗୋଟିଏ ଜାତି ପାଇଁ, ଗୋଟିଏ ଅଞ୍ଚଳ ପାଇଁ ଏହି ଫେଷ୍ଟିଭାଲ ଅତ୍ୟନ୍ତ ଗୁରୁତ୍ୱ ବହନ କରେ ବୋଲି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୂର୍ବତନ ବିଧାୟକ ତଥା ପ୍ରଦେଶ କଂଗ୍ରେସ କମିଟିର ଉପସଭାପତି ଡା. ଲଲାଟେନ୍ଦୁ ମହାପାତ୍ର ମତବ୍ୟକ୍ତ କରିଥିଲେ। ଫେଷ୍ଟିଭାଲର ସମ୍ପାଦକ ଡଃ. ଚୌଧୁରୀ ସତ୍ୟ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାହିତ୍ୟିକ ଡଃ. ଧରଣୀଧର ନାଥ, ଡଃ. କୃଷ୍ଣଚନ୍ଦ୍ର ଆଇଚ, ସମ୍ମାନିତ ଅତିଥି ଭାବେ ସମାଜସେବୀ ଅଭିଳାଷ ମାଣିଆ, ମଞ୍ଜୁଶ୍ରୀ ଶାସ୍ତ୍ରୀ ପ୍ରମୁଖ ଯୋଗ ଦେଇଥିଲେ।



## ଏମକେସିଜିରେ ଆଇନଜୀବୀଙ୍କୁ ସ୍ୱତନ୍ତ୍ର ଟିକେଟ୍ ସୁବିଧା ଯୋଗାଇଦେବାକୁ ଦାବି

**ବ୍ରହ୍ମପୁର,୧୯।୫(ସଂଚାର ବ୍ୟୁରୋ):** ବହି ବିଭାଗ କାଉଣ୍ଟର ନଂ -୩ ରେ ଡାକ୍ତର,ସାମ୍ବାଦିକ, ପୁଲିସ, ସୈନିକ ଓ ଭିନ୍ନକ୍ଷମ ପାଇଁ ସମସ୍ତ ପ୍ରକାର ପରୀକ୍ଷା ନିମନ୍ତେ ଖୋଲା ଯାଇଥିବା ସ୍ୱତନ୍ତ୍ର ଟିକଟ ଘରରେ ଆଇନଜୀବୀ ମାନଙ୍କୁ ମଧ ସେହି ସ୍ୱତନ୍ତ୍ର ସୁବିଧା ସୁଯୋଗ ଯୋଗାଇ ଦେବାକୁ ଦାବି ହୋଇଛି। ଏନେଇ ଏମକେସିଜି ଅଧୀକ୍ଷକଙ୍କୁ ଲିଖିତ ଭାବେ ଜଣାଇଛନ୍ତି ଗଞ୍ଜାମ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ।ସେ କହିଛନ୍ତି କି ଆଇନଜୀବୀ ମାନେ ସମାଜରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରନ୍ତି। ସେମାନେ ଏକା ଧାରରେ ସମାଜସେବୀ ଓ ବୁଦ୍ଧିଜୀବୀ ମଧ ଅଟନ୍ତି । ଅଦାଲତ ମାନଙ୍କରେ ନିଜ ମହକିଲ ମାନଙ୍କ ପାଇଁ ଠିକ ସମୟରେ କାର୍ଯ୍ୟ କରୁକରୁ ନିଜ ସ୍ୱାସ୍ଥ୍ୟ କଥା ବୁଝିବା ପାଇଁ ସମୟ ବାହାର କରିପାରନ୍ତି ନାହିଁ। ଯଦି ବା ଆପଣଙ୍କ ଡାକ୍ତରଖାନାକୁ ଯାଆନ୍ତି ଟିକଟ ଘର ସାମନାରେ ଲମ୍ବାଧାଡିରେ ଠିଆ ହୋଇ ଟିକଟ ନେବା ତାଙ୍କ ପକ୍ଷେ ସମ୍ଭବ ହେଉନାହିଁ ।

## ବିଦ୍ୟାଳୟରୁ ଚୋରିର ଲାଇଭ ଦୃଶ୍ୟ



**ବାଲିପାଟଣା,୧୯।୫(ସଂଚାର ବ୍ୟୁରୋ):** ବାଲିପାଟଣା ବ୍ଲକ ଅନ୍ତର୍ଗତ ସରିପୁର୍ ବାଗଦେବୀ ବିଦ୍ୟାମନ୍ଦିର ରୁ ଚୋରି ହେଉଥିବା ସମୟର ଲାଇଭ ଦୃଶ୍ୟ ସି ସି ଟିଭି ରେ କଯଦ ହୋଇଛି। ସୂଚନା ଅନୁସାରେ ବର୍ତ୍ତମାନ୍ ଗ୍ରୀଷ୍ମ ଅବକାଶ ଚାଲିଥିବାରୁ ବିଦ୍ୟାଳୟ ବନ୍ଦ ରହିଛି, ଏହାର ସୁଯୋଗ ନେଇ ଗତ ମେ ମାସ ୧୬ ତାରିଖ ବିଳମ୍ବିତ ରାତିରେ ଜଣେ ଦୁର୍ବୃତ୍ତ ବିଦ୍ୟାଳୟ ତାଲା ଭାଙ୍ଗି ଅଫିସ ଭିତରେ ପଶି ୨୦ ହଜାର ଟଙ୍କା ଚୋରି କରି ଛୁ ମାରିଥିବା ର ଦୃଶ୍ୟ କ୍ୟାମେରା ରେ କଯଦ ହୋଇଯାଇଛି। ଆଜି ସକାଳୁ ବିଦ୍ୟାଳୟ ରଙ୍ଗ କରିବା ଉଦ୍ଦେଶ୍ୟରେ ଆସିଥିବା କର୍ମଚାରୀ ବିଦ୍ୟାଳୟ ର ତାଲା ଭାଙ୍ଗିଥିବା ଦେଖିବା ସହିତ ଅଫିସ୍ ଖୋଲା ଥିବା ଦେଖିବାକୁ ପାଇ ସମ୍ପାଦକ ଅଭିମନ୍ୟୁ ନାୟକ ଙ୍କୁ ଖବର ଦେଇଥିଲେ। ସମ୍ପାଦକ ଘଟଣା ସ୍ଥାନରେ ପହଞ୍ଚି ଚୋରି ହୋଇଥିବା ଜାଣିବା ପରେ ବାଲିପାଟଣା ଥାନରେ ଏଫ୍ ଆଇ ଆର ଦେଇଥିଲେ। ପୋଲିସ୍ ଘଟଣା ସ୍ଥଳରେ ପହଂଚି ପ୍ରାଥମିକ ତଦନ୍ତ କରିଥିବା ଜଣାପଡ଼ିଛି।

## ତ୍ରିରଙ୍ଗା ଶୋଭାଯାତ୍ରା

**ସାଲେପୁର, ୧୯।୫ (ସଂଚାର ବ୍ୟୁରୋ):** ଆଜି ସାଲେପୁରଠାରେ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରେସନ୍ ସିନ୍ଦୁରର ସଫଳତା ପରେ ଭାରତୀୟ ସେନାକୁ ସମ୍ମାନ ଦେବାପାଇଁ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଟାଙ୍ଗୀ-ସାଲେପୁର ରାଷ୍ଟ୍ରୀୟ ସୁରକ୍ଷା ନାଗରିକ ସମାଜ ପକ୍ଷରୁ ବିଜେପି ନେତା ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଏହି ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଶତାଧିକ ମହିଳା ଓ ମାଛୁଆତି ତାରିଣୀ ଛକରୁ ହାତରେ ତ୍ରିରଙ୍ଗା ପତାକା ଧରି ଏକ ଶୋଭାଯାତ୍ରାରେ ବାହାରି ଭାରତୀୟ ସେନା ଜିନ୍ଦାବାଦ ସ୍ଲୋଗାନ୍ ଦେଇ ସାଲେପୁର ବଜାର ପରିକ୍ରମା କରି ସାହେଶ୍ୱରୀ ପୀଠରେ ପହଞ୍ଚିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ଦାଶ, ଅର୍ନ୍ତ୍ୟାମୀ ସାହୁ, ମାନସ କରର, ତୀର୍ଥାଂଶୁ ସାହୁ, ଅଜୟ ସ୍ୱାଇଁ, ସୁକାନ୍ତ ବେହେରା, ରାଜୀବ ଦ୍ୱିବେଦୀ, ଲୋକନାଥ ସାହୁଙ୍କ ସମେତ ଶତାଧିକ ବ୍ୟକ୍ତି ଏହି ତ୍ରିରଙ୍ଗା ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ସଫଳ ହେବ କି ତାଳଗଛ ରୋପଣ ଯୋଜନା ?




**କାକଟପୁର/ଅସ୍ତରଙ୍ଗ, ୧୯।୫ (ସଂଚାର ବ୍ୟୁରୋ):** ରାଜ୍ୟରେ କୋଟି କୋଟି ତାଳ ଗଛ ଲଗାଯିବ। ସେଥିରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ମଧ୍ୟ ତାଳ ଗଛ ବୃକ୍ଷରୋପଣ କରାଯାଇଛି ଏହା ସହ ଆଗକୁ ମଧ୍ୟ କରାଯିବ। କିନ୍ତୁ ବୃକ୍ଷ ରୋପଣ ଗୋଟେ ପଟେ ହେଉଥିବା ବେଳେ ତାଳଗଛ ପାଇଁ ଗୋଟମା ଆବଶ୍ୟକ। ଏହି ତାଳ ଗୋଟମା ତାଳ ପାଚିଲେ ଅର୍ଥାତ ସେପ୍ଟେମ୍ବର ଶେଷ ବେଳକୁ ଉପଲବ୍ଧ ହେବ। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳର ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ତାଳଗଛ ରୁ ତାହାରଛୋଟ ଫଳ ଯାହା ତାଳସଜ ନାମରେ ନାମିତ ତାକୁ ବ୍ୟବସାୟୀ ଲୋଭରେ କାଟି ପକାଉଛନ୍ତି। ଅବଶ୍ୟ ତାଳସଜ ଏହି ସିଜିନ ରେ ବେଶ ଆଦୃତ। କିନ୍ତୁ ଭବିଷ୍ୟତ ବଂଶ ବୃଦ୍ଧି ପାଇଁ ପ୍ରତିଗଛରେ ଅନ୍ତତଃ ଗୋଟିଏ କାନ୍ଦି ତାଳ ମଞ୍ଜି ପାଇଁ ଛାଡୁନାହାନ୍ତି। ଅନ୍ୟ ପକ୍ଷରେ ଏବେ ସମୟ ଆସିଛି ଘର ତିଆରି ପାଇଁ ତାଳ ଗଛ ନ କାଟି ଜୀବନ ରକ୍ଷା ପାଇଁ ତାଳ ଗଛ ଲଗାଇବା ଜରୁରୀ। ଅଳ୍ପ ଦିନ ହେବ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ ବଜ୍ରପାତ ଜନିତ ମୃତ୍ୟୁ ହୋଇଛି। ଏଭଳି ପରିସ୍ଥିତି ରେ ତାଳ ଗୋଟମାରୁ ସୃଷ୍ଟି ତାଳଗଛ ଗାଁରେ ଏକ ପ୍ରାକୃତିକ ସୁରକ୍ଷା ଢାଲ ଭାବେ କାମ କରୁଛି। ଏହା ଏକ ପାରମ୍ପରିକ ଲାଇଟନିଂ ଭାବେ କାମ କରେ। ଯାହା ଗାଁ ଓ ଘରଗୁଡିକର ସୁରକ୍ଷା କରେ। ତାଳ ଗଛର ଉଚତା ଓ ଏହାର ପ୍ରାକୃତିକ ଗୁଣ ବିଜୁଳିର ଶକ୍ତିକୁ ନିୟନ୍ତ୍ରଣ କରିବାରେ ସହାୟକ ହୁଏ। ଏହା ଦ୍ୱାରା ଆଖପାଖ ଘର ଓ ମଣିଷ, ପଶୁସମ୍ପଦ ବିଜୁଳି ଆଘାତରୁ ରକ୍ଷା ପାଇଥାନ୍ତି। ଏହି ପଦ୍ଧତି ବୈଜ୍ଞାନିକ ଭାବେ ସଠିକ ଏବଂ ଖର୍ଚ୍ଚ କମ୍ ହେବା ସହ ପରିବେଶ ଅନୁକୂଳ ମଧ୍ୟ। ଏହା ଗ୍ରାମାଞ୍ଚଳରେ ଏକ ସହଜ ଓ ସୁଲଭ ବିକଳ୍ପ ଭାବେ କାମ କରୁଛି। ତେବେ ଏହାର ରକ୍ଷଣାବେକ୍ଷଣ ଓ ନିୟମିତ ଯାଞ୍ଚ ଆବଶ୍ୟକ। ଅବଶ୍ୟ ସରକାର ତାଳଗଛ ଲଗାଇବାକୁ ପ୍ରାଥମିକତା ଦେବା ସହ ତାଳଗଛ ସଂରକ୍ଷଣ ଆଇନି ଆଣିଛନ୍ତି ଏବଂ ତାଳଗଛ କାଟିବାକୁ ନିଷେଧ କରିଛନ୍ତି।

### କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା

# ଉଦାହରଣ ହେବ ଡ୍ରପ୍ଆଉଟ୍ ସଂକ୍ରାନ୍ତ ସର୍ବେକ୍ଷଣ



## ପିଏମ-ଶ୍ରୀ, ଏନ୍ଇପି, ଭିତ୍ତିଭୂମି ବିକାଶ ନେଇ ଆଲୋଚନା

ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କାର୍ଯ୍ୟାନ୍ୱୟନ ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ରାଜ୍ୟର ବିଦ୍ୟାଳୟ ଶିକ୍ଷା ପରିପୁଷ୍ଟ, ସ୍କୁଲ ଭିତ୍ତିଭୂମିର ଉନ୍ନତିକରଣ, ଜାତୀୟ ପାଠ୍ୟକ୍ରମ ରୂପରେଖ ସହ ସମନ୍ୱୟ ରଖି ପାଠ୍ୟପୁସ୍ତକ ଓ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିବା, ଶିକ୍ଷକଙ୍କ ଦକ୍ଷତା ବିକାଶ, ଜାତୀୟ ଶିକ୍ଷା ନୀତି (ଏନ୍ଇପି)-୨୦୨୦ର କାର୍ଯ୍ୟାନ୍ୱୟନ, ପ୍ରଧାନମନ୍ତ୍ରୀ ପୋଷଣ ଓ ସମଗ୍ର ଶିକ୍ଷା ସମେତ ଅନ୍ୟାନ୍ୟ କ୍ଷେତ୍ରୀୟ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ। ଏହି ବୈଠକରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉପସ୍ଥିତ ଥିବା ସହ କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ସଚିବ ସଞ୍ଜୟ କୁମାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତ, ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଅନନ୍ୟା ଦାସଙ୍କ ସମେତ କେନ୍ଦ୍ର ସରକାରଙ୍କ ଉଚ୍ଚପଦସ୍ଥ ଅଧିକାରୀ ଓ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପିଏମ-ପୋଷଣ ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ, ଏସସିଇଆରଟି ନିର୍ଦ୍ଦେଶକ ମନୋଜ କୁମାର ପାଢ଼ୀ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ରଘୁରାମ୍ ଆର୍ ଆୟର ପ୍ରମୁଖ ଯୋଗଦେଇଥିଲେ।

ବୈଠକରେ ଓଡ଼ିଶାରେ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରାଯାଇଥିଲା। ରାଜ୍ୟରେ ଏନ୍ଇପି-୨୦୨୦ ର କାର୍ଯ୍ୟକାରିତାକୁ ତ୍ୱରାନ୍ୱିତ କରିବା ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି। ପ୍ରାଥମିକ ଶିକ୍ଷାଠାରୁ ଆରମ୍ଭ କରି ଉଚ୍ଚ ମାଧ୍ୟମିକ ଶିକ୍ଷା ପର୍ଯ୍ୟନ୍ତ ସମସ୍ତ ଭିତ୍ତିଭୂମିର ବିକାଶ, ରାଜ୍ୟରେ ପିଏମ-ଶ୍ରୀ ଯୋଜନାର ସଫଳ କାର୍ଯ୍ୟକାରିତା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଆବାସିକ ବିଦ୍ୟାଳୟ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟକୁ ଅଧିକରୁ ଅଧିକ ପିଲାଙ୍କ ନିକଟରେ ପହଞ୍ଚାଇବା, ପ୍ରାକ୍-ବିଦ୍ୟାଳୟ ଶିକ୍ଷାକୁ ଗୁରୁତ୍ୱ ଦେବା, ପାଠ୍ୟପୁସ୍ତକ ପ୍ରସ୍ତୁତିରେ ରାଜ୍ୟର ଯୋଗଦାନ, ଆଇସିଟି ଓ ଡିଜିଟାଲ ଶିକ୍ଷାର ପ୍ରସାର, ପ୍ରାଥମିକଠାରୁ ଉଚ୍ଚ ମାଧ୍ୟମିକ ପର୍ଯ୍ୟନ୍ତ ଉନ୍ନୀତ କରି ଅଧିକରୁ ଅଧିକ ସଂଯୁକ୍ତ ବିଦ୍ୟାଳୟ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହ ଚଳିତ ଶିକ୍ଷା ବର୍ଷରୁ ପିଏମ-ପୋଷଣ ସମନ୍ୱୟରେ ମୁଖ୍ୟମନ୍ତ୍ରୀ ପୋଷଣ ଯୋଜନାକୁ ଗ୍ରହଣ କରିଥିବା ନେଇ ସୂଚନା ଦିଆଯାଇଥିଲା। ଏହି ଅବସରରେ ଶ୍ରୀ ପ୍ରଧାନ ରାଜ୍ୟରେ ଶିକ୍ଷାର ସମୃଦ୍ଧ ଯୋଜନା ପ୍ରସ୍ତୁତି ଓ ଡ୍ରପ୍ ଆଉଟ୍ ହାର ରୋକିବା ପାଇଁ ଘରକୁ ଘର ବୁଲି ୦-୧୮ ବର୍ଷ ବୟସ ପର୍ଯ୍ୟନ୍ତ ପିଲାମାନଙ୍କର ଚାଲିଥିବା ସର୍ବେକ୍ଷଣକୁ ପ୍ରଶଂସା କରିଛନ୍ତି। ଏହି ସର୍ବେକ୍ଷଣ ଦ୍ୱାରା ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଚିହ୍ନଟ କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ସରକାରଙ୍କ ଉଦ୍ୟମ ଦେଶ ପାଇଁ ଉଦାହରଣ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଏଥିସହ ସେ କହିଛନ୍ତି ଯେ ଏହି ସର୍ଭେ ଦ୍ୱାରା ପିଲାଙ୍କ ମାତୃଭାଷା ତଥା ଭିନ୍ନକ୍ଷମ ଶିଶୁ ସମ୍ପର୍କିତ ସୂଚନା ମଧ୍ୟ ଉପଲବ୍ଧ ହୋଇପାରିବ ଓ ଆଗାମୀ ବର୍ଷରେ ବିଦ୍ୟାଳୟରେ ନାମ ଲେଖାଇବାକୁ ଥିବା ପିଲାଙ୍କ ସୂଚନା ମିଳିପାରିବ।

### ଉପମୁଖ୍ୟମନ୍ତ୍ରୀଙ୍କ ଭୁଟାନ ଗସ୍ତ

## ବିଶ୍ୱ ବ୍ୟାଙ୍କ ଆୟୋଜିତ କନଫରେନ୍ସରେ ଯୋଗଦେବେ



ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଦକ୍ଷିଣ ଏସିଆ ଲେବର୍ ମୋବିଲିଟି କନଫରେନ୍ସରେ ଯୋଗଦେବା ସକାଶେ ଆଜି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭୁଟାନ ଗସ୍ତରେ ଯାଇଛନ୍ତି। ଆସନ୍ତା ୨୦ ଓ ୨୧ ତାରିଖରେ ଏହି କନ୍ଫରେନ୍ସ ଭୁଟାନର ଥିମ୍ପୁଠାରେ ଆୟୋଜିତ ହେବ। ଏଥିରେ ଶ୍ରୀ ସିଂହଦେଓ ଭାରତର ପ୍ରତିନିଧିତ୍ୱ କରିବେ। ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ ଶ୍ରୀ ସିଂହଦେଓ ବର୍ତ୍ତମାନ ଓଡ଼ିଶାର ଦାଦନ ଶ୍ରମିକ ବିସ୍ଥାପନ ଟାସ୍କଫୋର୍ସର ଚେୟାରମ୍ୟାନ ଅଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱ ବ୍ୟାଙ୍କ ପକ୍ଷରୁ ଆୟୋଜିତ ହେବାକୁ ଥିବା ଅନ୍ତର୍ଜାତୀୟ ସମ୍ମିଳନୀରେ ଶ୍ରୀ ସିଂହଦେଓ ଭାରତର ପ୍ରତିନିଧିତ୍ୱ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ଶ୍ରୀ ସିଂହଦେଓଙ୍କ ଯୋଗଦାନ ଦାଦନ ଶ୍ରମିକ ଭଳି ସମସ୍ୟାର ସ୍ଥାୟୀ ସମାଧାନ ପନ୍ଥା, ନୀତି ନିରୂପଣ ଦିଗରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି। ପ୍ରମୁଖ ଶାସନ ସଚିବ, ଶ୍ରମିକ ଓ କର୍ମଚାରୀ ରାଜ୍ୟ ବୀମା ଚିତ୍ରା ଅରୁମୁଗମ ମଧ୍ୟ ଉପମୁଖ୍ୟମନ୍ତ୍ରୀଙ୍କ ସହ ଭୁଟାନ୍ ଗସ୍ତରେ ଯାଇଛନ୍ତି। ଭୁଟାନ, ମଧ୍ୟପ୍ରାଚ୍ୟ ରାଷ୍ଟ୍ର, ଉତ୍ତର ଆଫ୍ରିକା, ଇଟାଲୀ, ଅଷ୍ଟ୍ରେଲିଆ, ଆରବ ଦେଶ, ଫିଲିପାଇନ୍ସ, ପପୁଆ ନ୍ୟୁ ଗିନିଆ, ମାଳଦ୍ୱୀପ, ଶ୍ରୀଲଙ୍କା, ନେପାଳ, ଜାମାଇକା, ବାଂଲାଦେଶରୁ ପ୍ରତିନିଧିଙ୍କ ସହ ବିଶ୍ୱ ବ୍ୟାଙ୍କର ପ୍ରତିନିଧି ଓ ସରକାରୀ ଅଧିକାରୀଙ୍କ ସମେତ ପ୍ରାୟ ୧୦୦ ଜଣ ଏହି ସମ୍ମିଳନୀରେ ଅଂଶଗ୍ରହଣ କରିବେ।

## ବଙ୍ଗୋପସାଗରରେ ଲଘୁଚାପ, ଆଜିଠୁ ବଦଳିବ ପାଣିପାଗ



ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ସମ୍ପ୍ରତି ରାଜ୍ୟରେ ଭୀଷଣ ତାତି ସହ ଗୁଳୁଗୁଳି ଅନୁଭୂତ ହେଉଛି। ପ୍ରବଳ ଗ୍ରୀଷ୍ମପ୍ରବାହରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେବେ ଆସନ୍ତାକାଲିଠାରୁ ରାଜ୍ୟବାସୀଙ୍କୁ ଭୀଷଣ ତାତିରୁ ତ୍ରାହି ମିଳିବ। କାରଣ ସମ୍ପ୍ରତି ବଙ୍ଗୋପସାଗର ଉପରେ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିବାରୁ ଏହାର ପ୍ରଭାବରେ ଆସନ୍ତାକାଲିଠାରୁ ପାଣିପାଗରେ ପରିବର୍ତ୍ତନ ଘଟିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଓଡ଼ିଶା ଉପରେ ଏହି ଲଘୁଚାପର ପ୍ରଭାବ ପଡ଼ିବା ନେଇ ସମ୍ଭାବନା ବ୍ୟକ୍ତ କରାଯାଇଛି। ଦକ୍ଷିଣ-ପଶ୍ଚିମ ଓ ତତସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ କେନ୍ଦ୍ରୀଭୂତ ହୋଇଛି। ଫଳରେ ବାତ୍ୟାପ୍ରବଣ ଓଡ଼ିଶାରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ଘୂର୍ଣ୍ଣିବଳୟ ପ୍ରଭାବରେ ପଶ୍ଚିମ-କେନ୍ଦ୍ରୀୟ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହେଉଛି ମେଘଖଣ୍ଡ। ତେଣୁ ଆସନ୍ତାକାଲିଠାରୁ ପ୍ରବଳ ତାତିରେ କଷ୍ଟ ସହୁଥିବା ସାଧାରଣ ଲୋକଙ୍କୁ ଆଶ୍ୱସ୍ତି ମିଳିବ। ଏଥିସହ ଆସନ୍ତା ୪ ଦିନ ବିଭିନ୍ନ ଅଞ୍ଚଳରେ କାଳବୈଶାଖୀଜନିତ ବର୍ଷା ନେଇ ମଧ୍ୟ ପୂର୍ବାନୁମାନ କରାଯାଇଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପ୍ରବଳ ବର୍ଷା ହେବା ନେଇ ଅନୁମାନ କରାଯାଇଛି।

ଆସନ୍ତାକାଲି ପାଇଁ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ଗଜପତି ଓ ଗଞ୍ଜାମ ଆଦି ୯ଟି ଜିଲ୍ଲାରେ ବର୍ଷା ଓ ଘଡ଼ଘଡ଼ି ସହ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ବହିବା ନେଇ ସତର୍କ କରାଇ ଦିଆଯାଇଛି। ତା'ଛଡ଼ା ଆସନ୍ତା ୨୧ ତାରିଖ ପାଇଁ ୧୬ଟି ଜିଲ୍ଲାକୁ ବିଜୁଳି ଓ ଘଡ଼ଘଡ଼ି ନେଇ ୟେଲୋ ଆଲର୍ଟ ଜାରି କରାଯାଇଥିବା ଜଣାପଡ଼ିଛି। ଅଧିକନ୍ତୁ ଆସନ୍ତା ୨୨ ଓ ୨୩ ତାରିଖରେ ମଧ୍ୟ ଦକ୍ଷିଣ ଓଡ଼ିଶା, ଉତ୍ତର ଓଡିଶା ସହ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ବର୍ଷା ହେବା ନେଇ ପୂର୍ବାନୁମାନ କରାଯାଇଛି। ଅନ୍ୟପକ୍ଷରେ ପୁରୀ, ଖୋର୍ଦ୍ଧା, ନୟାଗଡ଼, କଟକ, ଜଗତସିଂହପୁର ଓ ଗଞ୍ଜାମ ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଉଷ୍ମ ଓ ଆର୍ଦ୍ର ସ୍ଥିତି ରହିବ ବୋଲି କୁହାଯାଇଛି।

ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ଭଦ୍ରକ, ମାଲକାନଗିରି, କୋରାପୁଟ, ରାୟଗଡ଼ା ଓ ଗଜପତି ଜିଲ୍ଲାରେ ଘଡ଼ଘଡ଼ି, ବିଜୁଳି ସହ ଝଡ଼ବର୍ଷା ସମ୍ଭାବନା ରହିଛି। ଏହି ସମୟରେ ଘଣ୍ଟା ପ୍ରତି ୪୦ରୁ ୫୦ କିମି ବେଗରେ ପବନ ବହିବା ଆକଳନ କରାଯାଇଛି। ସେହିପରି ୧୩ଟି ଜିଲ୍ଲା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଥିବା ବେଳେ ଆଜି ଅପରାହ୍ନରେ କଟକରେ ପ୍ରବଳ ବର୍ଷା ହୋଇଛି। କାଳବୈଶାଖୀ କାରଣରୁ ଘଡଘଡି ଓ ବର୍ଷାରେ ବେହାଲ ହୋଇଛି କଟକ। ତଳିଆ ଅଞ୍ଚଳରେ ବର୍ଷା ପାଣି ଜମିଥିବା ବେଳେ ଜୀବନ ଯାତ୍ରା ପ୍ରଭାବିତ ହୋଇଥିବା ଜଣାପଡ଼ିଛି।

### ସୁଗମ ନିର୍ବାଚନ ନେଇ ସଂଚାଳନା କମିଟି ବୈଠକ

# ବୁଥ୍ଗୁଡ଼ିକୁ ଦିବ୍ୟାଙ୍ଗ ଉପଯୋଗୀ କରିବାକୁ ନିର୍ଦ୍ଦେଶ



## 'ସକ୍ଷମ୍' ଆପ୍ରେ ଦିବ୍ୟାଙ୍ଗଙ୍କ ପଞ୍ଜିକରଣକୁ ଗୁରୁତ୍ୱ

ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ରାଜ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଉପରେ ନିର୍ବାଚନ ଆୟୋଗ ସବୁବେଳେ ଗୁରୁତ୍ୱ ଦେଇଆସିଛନ୍ତି। ଭାରତୀୟ ନିର୍ବାଚନ କମିଶନ୍ (ଇସିଆଇ)ଙ୍କ ସମସ୍ତ ନିର୍ଦ୍ଦେଶାବଳୀର ଅନୁପାଳନ ପୂର୍ବକ ରାଜ୍ୟରେ ଶାନ୍ତିଶୃଙ୍ଖଳା ସହ ସମସ୍ତ ଭୋଟରଙ୍କୁ ସହଜ ଢଙ୍ଗରେ ନିର୍ବାଚନ ପ୍ରକ୍ରିୟାରେ ସାମିଲ କରିବା ମୁଖ୍ୟ ନିର୍ବାଚନ ଆୟୋଗଙ୍କ ପ୍ରାଥମିକ ଲକ୍ଷ୍ୟ। ତେଣୁ ନିର୍ବାଚନ ସମୟରେ ଦିବ୍ୟାଙ୍ଗମାନେ ଯେପରି ସହଜରେ ବୁଥ୍କୁ ଆସି ସେମାନଙ୍କ ବହୁମୂଲ୍ୟ ମତାଧିକାର ସାବ୍ୟସ୍ତ କରିପାରିବେ, ସେଥିପ୍ରତି ଗୁରୁତ୍ୱ ଦେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଆୟୋଗ ଆର୍.ଏସ୍ ଗୋପାଳନ କମିଟି ସଦସ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

ଇସିଆଇର ମାର୍ଗଦର୍ଶିକା ଅନୁଯାୟୀ ଆଜି ମୁଖ୍ୟ ନିର୍ବାଚନ ଆୟୋଗଙ୍କ ସମ୍ମିଳନୀ କକ୍ଷରେ 'ସୁଗମ ନିର୍ବାଚନ' ନେଇ ସଂଚାଳନା କମିଟିର ପ୍ରଥମ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଦିବ୍ୟାଙ୍ଗ ଭୋଟରଙ୍କ ଚିହ୍ନଟ, ନିର୍ବାଚନ ବୁଥ୍ର ଦିବ୍ୟାଙ୍ଗଙ୍କ ଲାଗି ରାମ୍ପ, ସୂଚନାଫଳକ, ଶୌଚାଳୟ, ପାନୀୟଜଳ ବ୍ୟବସ୍ଥା, ଆଇଇସି ଜରିଆରେ ସଚେତନତା ସୃଷ୍ଟି, ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ଉପଯୋଗ ଓ ଦିବ୍ୟାଙ୍ଗଙ୍କ ସୁବିଧା ପାଇଁ କେଉଁସବୁ ପଦକ୍ଷେପ ନିଆଯାଇପାରିବ, ସେନେଇ ବିସ୍ତୃତ ଆଲୋଚନା ହୋଇଛି।

ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶାନ୍ତ କୁମାର ମିଶ୍ର, ଉପନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ, ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ନିଲୁ ମହାପାତ୍ର, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଅତିରିକ୍ତ ଶାସନ ସଚିବ ରଜନୀ ଜାନୀ, ଓସେପାର ଯୁଗ୍ମ ନିର୍ଦ୍ଦେଶକ ସୁଚିସ୍ମିତା ସାହୁ, ନେହରୁ ଯୁବକେନ୍ଦ୍ରର ଶିବାଜୀ ଖରାତ, ଉଚ୍ଚଶିକ୍ଷା ବିଭାଗର ଉପଶାସନ ସଚିବ ଡ. ରମେଶ ଚନ୍ଦ୍ର ବେହେରା ଉପସ୍ଥିତ ଥିଲେ।

## ପ୍ରସ୍ତୁତ ହେବ ସମାଜ କଲ୍ୟାଣ ବୋର୍ଡର ପୁନରୁଦ୍ଧାର ରୋଡ୍ମ୍ୟାପ

ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ଆଜି ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡାଙ୍କ ଅଧ୍ୟକ୍ଷତାରେ ସମାଜ କଲ୍ୟାଣ ବୋର୍ଡର ଗଠନ ଓ କାର୍ଯ୍ୟପ୍ରଣାଳୀ ସମ୍ବନ୍ଧରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ସମାଜ କଲ୍ୟାଣ ବୋର୍ଡ ତୃଣମୂଳ ସ୍ତରରେ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକ୍ରମଗୁଡ଼ିକୁ ସଠିକ ଭାବେ ପହଞ୍ଚାଇବା ଦିଗରେ କାର୍ଯ୍ୟ କରିବ ବୋଲି ଶ୍ରୀମତୀ ପରିଡା କହିଛନ୍ତି। ରାଜ୍ୟର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ସୁପ୍ରତିଷ୍ଠିତ ଅଣସରକାରୀ ସଂଗଠନକୁ ସମାଜ




କଲ୍ୟାଣ ବୋର୍ଡ ଦ୍ୱାରା ତାଲିକାଭୁକ୍ତ କରାଯାଇ ସେମାନଙ୍କ ମାଧ୍ୟମରେ ଗାଁ ଗାଁରେ ଜନସଚେତନତା ସୃଷ୍ଟି କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ମତ ରଖିଛନ୍ତି। ବୋର୍ଡର କାର୍ଯ୍ୟ ପରିସରକୁ ଆହୁରି ସମ୍ପ୍ରସାରିତ କରିବା ନିମନ୍ତେ ବାର୍ଷିକ କାର୍ଯ୍ୟାବଳୀ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୋର୍ଡର ଭିତ୍ତିଭୂମି ବିକାଶ ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକ ମୋନିଷା ବାନାର୍ଜୀ ଓ ଅନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ବାଂଲାଦେଶୀଙ୍କୁ ହଟାଇବାକୁ ଆରମ୍ଭ ହେଲା ପ୍ରକ୍ରିୟା



ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ରାଜ୍ୟରେ ଜଣେ ବି ବାଂଲାଦେଶୀ ରହିବେ ନାହିଁ। ସେମାନଙ୍କୁ ହଟାଇବା ସକାଶେ ପ୍ରକ୍ରିୟା ଆରମ୍ଭ ହୋଇଛି ବୋଲି ଆଜି ସୂଚନା ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ ଇଞ୍ଜିନିୟରିଂ ବିଭାଗଗୁଡ଼ିକ ସହ ଏ ସଂକ୍ରାନ୍ତରେ ଆଲୋଚନା ହୋଇଛି। ବିଭିନ୍ନ ଏଜେନ୍ସିରେ କାମ କରୁଥିବା ବାଂଲାଦେଶୀଙ୍କୁ ଚିହ୍ନଟ କରାଯିବ। ସାରା ରାଜ୍ୟରେ ଚିହ୍ନଟ ପ୍ରକ୍ରିୟା କରାଯିବ। କୌଣସି ଅଣନାଗରିକଙ୍କୁ ଓଡ଼ିଶାରେ ରହିବାର ସୁଯୋଗ ଦିଆଯିବ ନାହିଁ ବୋଲି ମନ୍ତ୍ରୀ କହିଛନ୍ତି। ଅନ୍ୟପକ୍ଷରେ ବାଂଲାଦେଶୀଙ୍କ ହଟସ୍ପଟ ପାଲଟିଛି ତଟବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ। ଏହିସବୁ ଜିଲ୍ଲାରେ ବାଂଲାଦେଶୀମାନଙ୍କୁ ଚିହ୍ନଟ କରାଯିବା ସକାଶେ ପ୍ରକ୍ରିୟା ଜାରି ରହିଛି। ରାଜ୍ୟରେ ବେଆଇନ ଭାବେ ରହୁଥିବା ବାଂଲଦେଶୀଙ୍କୁ ଖୁବଶୀଘ୍ର ବିଦା କରାଯିବ। ରାଜ୍ୟ ସରକାରଙ୍କର ନିର୍ଦ୍ଦେଶ ପରେ ନୋଡାଲ୍ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି ଏସଟିଏଫ୍। ସେମାନଙ୍କୁ ଚିହ୍ନଟ କରାଯିବା ସକାଶେ ସବୁ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସମସ୍ତ ଏଜେନ୍ସିକୁ ନିର୍ଦ୍ଦେଶ ଦିଆଯାଇଛି।

## ଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ୍



ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ପ୍ରଭୁ ଶ୍ରୀଲିଙ୍ଗରାଜ ମନ୍ଦିର ଉପରେ ଉଡ଼ିଲା ଡ୍ରୋନ। ଆଜି ଅପରାହ୍ନ ୫ଟା ୧୫ ମିନିଟ୍ରୁ ସାଢ଼େ ୫ଟା ମଧ୍ୟରେ ଉକ୍ତ ଡ୍ରୋନ୍ଟି ମନ୍ଦିର ଉପରେ ଉଡୁଥିବା ଦେଖିବାକୁ ମିଳିଛି। ମନ୍ଦିର ଉପରେ ଡ୍ରୋନ ଉଡିବା ନେଇ ଡିଜିପିଙ୍କ କଡ଼ା କଟକଣା ଜାରି କରିଥିଲେ ହେଁ ଏହାକୁ ଉଲ୍ଲଙ୍ଘନ କରି କିଏ ଓ କାହିଁକି ଏପରି ବେଆଇନ କାର୍ଯ୍ୟ କରିଛି, ତା' ଜାଣିବା ସକାଶେ ସ୍ଥାନୀୟ ପୁଲିସ୍ ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ମନ୍ଦିରର ସେବାୟତମାନେ ପୁଲିସ୍କୁ ଅବଗତ କରିଥିଲେ।

## ବଳାତ୍କାର ମାମଲାରେ ବାପାକୁ ଆଜୀବନ ଜେଲ୍

ବରଗଡ଼,୧୯।୫(ସଂଚାର ବ୍ୟୁରୋ): ବରଗଡ଼ ଜିଲ୍ଲାରେ ଗତ ୨୦୨୦ରେ ସଂଘଟିତ ଏକ ବଳାତ୍କାର ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଏହି ମାମଲାରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ସ୍ୱତନ୍ତ୍ର ପକ୍ସୋ ଜଜ୍ ଅଭିଯୁକ୍ତ ବାପାକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ପୀଡ଼ିତା ନାବାଳିକାଙ୍କୁ ୧୦ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ଦିଗରେ ପଦକ୍ଷେପ ନେବାକୁ ଡିଏଲ୍ଏସ୍ଏଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ ଯେ ଗତ ୨୦୨୦ ଫେବୃଆରୀ ୨୨ ତାରିଖରେ ଏହି ଘଟଣାକୁ ନେଇ ବରଗଡ଼ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମାମଲାରେ ୧୮ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ ଆଜି ରାୟ ପ୍ରକାଶ ପାଇଛି। ପୀଡ଼ିତାଙ୍କ ପକ୍ଷରୁ ଆଇନଜୀବୀ ଦ୍ୟୁତିଶ ଆଚାର୍ଯ୍ୟ ମାମଲା ପରିଚାଳନା କରୁଥିଲେ।

## ମଲ୍ରେ ଚଢ଼ାଉ: ଲକ୍ଷେ ଟଙ୍କା ଜୋରିମାନା

ଗୁଣୁପୁର,୧୯।୫(ସଂଚାର ବ୍ୟୁରୋ): ଖାଦ୍ୟ ସୁରକ୍ଷା ଅଧିକାରୀ ସୋମବାର ଏକ ବଡ଼ ଧରଣର ଚଢ଼ାଉ କରିଛନ୍ତି। ଅଧିକାରୀମାନେ ରାୟଗଡ଼ା ସଦର ମହକୁମାରେ ଥିବା ଏକ ମଲ୍ରେ ଚଢ଼ାଉ କରିବା ସହ ମଲ୍ରେ ବିକ୍ରି ହେଉଥିବା ଖାଦ୍ୟ ସାମଗ୍ରୀର ଯାଞ୍ଚ କରିଥିଲେ। ଯାଞ୍ଚ୍ ସମୟରେ ଅଧିକାରୀମାନେ ମଲ୍ରେ ଅବଧି ଅତିକ୍ରମ କରିଯାଇଥିବା ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଜାଣିବାକୁ ପାଇଥିଲେ। ଏନେଇ ଅଧିକାରୀମାନେ ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ମଲ୍ ଉପରେ ୧ ଲକ୍ଷ ଟଙ୍କା ଜୋରିମାନା କରିଥିବା ଜଣାପଡ଼ିଛି। ଏପରିକି ଅଧିକାରୀମାନେ ମଲ୍ ମାଲିକଙ୍କ ନାଁରେ ଏକ ନୋଟିସ ଜାରି ମଧ୍ୟ କରିଥିବା ସୂଚନା ମିଳିଛି।

## ଏସିଡ ମାଡ଼ ଧମକ ଦେଇ ଯୁବକ ଗିରଫ



ଭୁବନେଶ୍ୱର,୧୯।୫(ସଂଚାର ବ୍ୟୁରୋ): ଯୁବତୀଙ୍କୁ ଏସିଡ ମାଡ଼ ଧମକ ଦେଇ ଗିରଫ ହୋଇଛନ୍ତି ଜନୈକ ଯୁବକ। ସୁନୀଲ ସେଠୀ ନାମକ ଏହି ଅଭିଯୁକ୍ତ ଜଣଙ୍କ ଉକ୍ତ ଯୁବତୀଙ୍କ ଫଟୋ ଭାଇରାଲ୍ କରିନାହାନ୍ତି ବୋଲି କହିଛନ୍ତି। ଏଥିସହ ତାଙ୍କ ବିରୋଧରେ ଏସିଡ୍ ମାଡ଼ କରିବା ସକାଶେ ଧମକ ଦେଇଥିବା ନେଇ ଆସିଥିବା ଅଭିଯୋଗକୁ ମଧ୍ୟ ସେ ଖଣ୍ଡନ କରିଛନ୍ତି। ବରଂ ତାଙ୍କ ସ୍ତ୍ରୀ ଉକ୍ତ ଯୁବତୀଙ୍କ ଫଟୋକୁ ଭାଇରାଲ୍ କରିଛନ୍ତି ବୋଲି ସେ କହିଛନ୍ତି। ପତ୍ନୀଙ୍କ ସହ ତାଙ୍କର ମତଭେଦ ରହିଥିବାରୁ ଏନେଇ କୋର୍ଟରେ ଏବେ ଛାଡ଼ପତ୍ର ମାମଲା ବିଚାରାଧୀନ ରହିଛି ବୋଲି ସୁନୀଲ କହିଛନ୍ତି। ସମ୍ପୃକ୍ତ ଯୁବତୀ ସୁନୀଲଙ୍କ ବିରୋଧରେ ଅଭିଯୋଗ କରିଥିଲେ ଯେ ସୁନୀଲ ତାଙ୍କୁ ଏକତରଫା ଭଲ ପାଇବା ସହ ଅନ୍ୟ କାହାକୁ ବିବାହ କଲେ ତାଙ୍କୁ ଏସିଡ୍ ମାଡ଼ କରିବେ ବୋଲି ଧମକ ଦେଇଥିଲେ। ଏହାଛଡ଼ା ସୁନୀଲ ମଧ୍ୟ ତାଙ୍କର ଫଟୋ ଭାଇରାଲ୍ କରିଥିଲେ। ଏପରିକି ସୁନୀଲ ତାଙ୍କ ଘରେ ୨ ଜଣ ବନ୍ଧୁଙ୍କ ସହ ପହଞ୍ଚିଥିଲେ ଓ ହାତରେ ତାଙ୍କର ଏସିଡ୍ ବୋତଲ ମଧ୍ୟ ଥିଲା। କିନ୍ତୁ ସେ ଚିତ୍କାର କରିବାରୁ ସୁନୀଲ ଓ ତାଙ୍କର ସାଙ୍ଗମାନେ ସେଠାରୁ ପଳାଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ପହଞ୍ଚି ସୁନୀଲଙ୍କୁ କାବୁ କରି ସ୍ଥାନୀୟ ଶହୀଦ ନଗର ଥାନା ପୁଲିସ୍ ଜିମା ଦେଇଥିଲେ। କିନ୍ତୁ ସୁନୀଲ ଏପରି ଅଭିଯୋଗରେ ସତ୍ୟତା ନାହିଁ ବୋଲି କହିଛନ୍ତି। ତାଙ୍କ କହିବା କଥା ଯେ ସେ ପୂର୍ବରୁ ସମ୍ପୃକ୍ତ ଯୁବତୀଙ୍କୁ ଭଲ ପାଉଥିଲେ। କିନ୍ତୁ ତାଙ୍କ ସହ ବିବାହ ହୋଇପାରିନଥିଲା। ସେ ଅନ୍ୟ ଜଣଙ୍କୁ ବିବାହ କରିଥିଲେ। କିନ୍ତୁ ପାରିବାରିକ କଳହରୁ ସୁନୀଲ ଓ ତାଙ୍କ ପତ୍ନୀଙ୍କ ଭିତରେ କୋର୍ଟରେ ଛାଡ଼ପତ୍ର ମାମଲା ବିଚାରାଧୀନ ରହିଛି। ପତ୍ନୀଙ୍କୁ ଛାଡ଼ପତ୍ର ଦେବା ପରେ ପୁରୁଣା ପ୍ରେମିକା ସହ ସମ୍ପର୍କ ରଖିବାକୁ ମଧ୍ୟ ସେ ଚାହୁଁଥିଲେ। କିନ୍ତୁ ଏ ବିଷୟରେ ଜାଣିପାରି ତାଙ୍କ ସ୍ତ୍ରୀ ଉକ୍ତ ଯୁବତୀଙ୍କ ତାଙ୍କ ଫୋନରୁ ପୁରୁଣା ଫଟୋ ବାହାର କରି ଭାଇରାଲ କରୁଥିବା ସୁନୀଲ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଫଟୋ ଭାଇରାଲ୍ ହେବା ପରେ ମାମଲା ସମାଧାନ ପାଇଁ ଯୁବତୀ ଜଣଙ୍କ ତାଙ୍କୁ ଡାକିଥିଲେ। ତାଙ୍କ ଅନୁରୋଧ ରକ୍ଷା କରି ସେ ଯୁବତୀଙ୍କ ଘରକୁ ଯାଇଥିଲେ। କିନ୍ତୁ ଯୁବତୀ ଜଣଙ୍କ ଯୋଜନାବଦ୍ଧ ଭାବେ ତାଙ୍କ ଭାଇମାନଙ୍କୁ ଡାକି ତାଙ୍କୁ ମାଡ଼ ମାରିଥିବା ସୁନୀଲ ଅଭିଯୋଗ କରିଛନ୍ତି।

## ୨୦ କିଲୋ ଗଞ୍ଜେଇ ଜବତ, ଦାଦା-ଝିଆରୀ ଗିରଫ



ଜଳେଶ୍ୱର,୧୯।୫(ସଂଚାର ବ୍ୟୁରୋ): ଓଡିଶାରୁ ପଶ୍ଚିମବଙ୍ଗକୁ ବସରେ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଦାଦା ଏବଂ ଝିଆରୀକୁ ଗିରଫ କଲା ଅବକାରୀ ବିଭାଗ । ବାଲେଶ୍ୱର ଜିଲ୍ଲା ଭୋଗରାଇ ଏବଂ ଜଳେଶ୍ୱର ଅବକାରୀ ବିଭାଗ ମିଳିତ ଭାବରେ ଚଢଉ କରିଛି । ସୂଚନା ଅନୁସାରେ ଭଦ୍ରକରୁ ବସରେ ପଶ୍ଚିମବଙ୍ଗକୁ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା । କୌଣସି ସୂତ୍ରରୁ ଖବର ପାଇ ଅବକାରୀ ବିଭାଗ ଜଳେଶ୍ୱର ଓଭରବ୍ରିଜ ନିକଟରେ ସେମାନଙ୍କୁ ଧରିବାରେ ସଫଳ ହୋଇଛି । ସେମାନଙ୍କ ଠାରୁ ୨୦ କିଲୋ ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ଗିରଫ ହୋଇଥିବା ଉଭୟଙ୍କ ଘର ଭଦ୍ରକ ଜିଲ୍ଲା ନରେନ୍ଦ୍ରପୁର ଅଞ୍ଚଳର ବୋଲି ଜଣା ପଡିଛି । ଏନେଇ ଉଭୟ ଦାଦା ଝିଆରୀକୁ ଗିରଫକରି ଅବକାରୀ ବିଭାଗ ଅଧିକ ତଦନ୍ତ କରୁଛି ।

# ମାସକ ଭିତରେ ହେବନି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ



ଭୁବନେଶ୍ୱର,୧୯।୫: ଓଡିଶାରେ ମନ୍ତ୍ରୀମଣ୍ଡଳ ସମ୍ପ୍ରସାରଣ, ବିଭିନ୍ନ ନିଗମ, ଏକାଡେମୀ, ବୋର୍ଡ ସମେତ ଅନ୍ୟ ସରକାରୀ ପଦ ପଦବୀରେ ରାଜନୈତିକ ଥଇଥାନ ଏବଂ ସର୍ବୋପରି ରାଜ୍ୟ ବିଜେପି ସଂଗଠନର କର୍ମକର୍ତ୍ତା ନିଯୁକ୍ତି ଅନ୍ତତଃ ମାସକ ମଧ୍ୟରେ ହେବାର ସମ୍ଭାବନା କ୍ଷୀଣ। ଆଗାମୀ ଜୁନ୍ ୧୨ ତାରିଖରେ ମୋହନ ଚରଣ ମାଝୀଙ୍କ ସରକାରର ବର୍ଷପୂର୍ତ୍ତି ଉତ୍ସବ ପାଳିତ ହେବାକୁ ଯାଉଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଓ କେନ୍ଦ୍ରମନ୍ତ୍ରୀ ଯୋଗଦେବାର ସମ୍ଭାବନା ରହିଛି। ଏଥିପାଇଁ ଏବେଠାରୁ ସରକାରୀ ଓ ଦଳୀୟ ସ୍ତରରେ ବ୍ୟାପକ ପ୍ରସ୍ତୁତି ଚାଲିଛି। ଏହାଛଡା ପାକ୍ ଆତଙ୍କବାଦୀଙ୍କୁ ଜବାବ ଦେବାଲାଗି ଭାରତୀୟ ଜବାନମାନେ ସଫଳତାର ସହ 'ଅପରେସନ ସିନ୍ଦୂର' କରିଥିବା ଦୃଷ୍ଟିରୁ ଦଳମତ ନିର୍ବିଶେଷରେ ପରାକ୍ରମ କାର୍ଯ୍ୟକ୍ରମ ସାରା ରାଜ୍ୟରେ ଚାଲିଛି। ଏଥିରେ ବି ସରକାରୀ ଅଧିକାରୀମାନଙ୍କ ସମେତ ରାଜ୍ୟର ମନ୍ତ୍ରୀ ଓ ଦଳୀୟ କର୍ମକର୍ତ୍ତାମାନେ ସାମିଲ ହେଉଛନ୍ତି।

ଇତି ମଧ୍ୟରେ କଂଗ୍ରେସ ଓ ବିଜେଡି ସେମାନଙ୍କର ରାଜ୍ୟଶାଖା ସଂଗଠନର କର୍ମକର୍ତ୍ତା ଘୋଷଣା କରିସାରିଛନ୍ତି। ୬ ମାସ ହେବ ବିଜେପି ରାଜ୍ୟ ସଂଗଠନର କର୍ମକର୍ତ୍ତା ଘୋଷଣା ହେବ ହେବ ବୋଲି ବାରମ୍ବାର ଗଣମାଧ୍ୟମରେ ଚର୍ଚ୍ଚା ଚାଲୁଛି। ସେହିଭଳି ରାଜ୍ୟ ମନ୍ତ୍ରିମଣ୍ଡଳରେ ଆଉ ୬ ଜଣ ମନ୍ତ୍ରୀଙ୍କୁ ନିଆଯିବାର ସମ୍ଭାବନା ଥିବା ଦୃଷ୍ଟିରୁ ମନ୍ତ୍ରିମଣ୍ଡଳରେ ଅଦଳବଦଳ ହେବ ବୋଲି ବି ଚର୍ଚ୍ଚା ଜାରି ରହିଛି। ବିଜେପି ଓ ଏହି ଦଳକୁ ସମର୍ଥନ ଦେଇଆସୁଥିବା ବହୁ ବ୍ୟକ୍ତି ରାଜ୍ୟ ସରକାରଙ୍କ ବିଭିନ୍ନ ନିଗମ, କମିଶନ, ବୋର୍ଡ, ଏକାଡେମୀ ଆଦିରେ ଥଇଥାନ ହେବେ ବୋଲି ପାଖାପାଖି ବର୍ଷେ ହେବ ଲବି ଚଳାଇଆସିଛନ୍ତି। ସେମାନଙ୍କ ଭିତରୁ ଅନେକଙ୍କର ଧୈର୍ଯ୍ୟବନ୍ଧ ମଧ୍ୟ ଭାଙ୍ଗିବାକୁ ବସିଲାଣି। ଇତିମଧ୍ୟରେ ବିଜେପିର କେନ୍ଦ୍ରୀୟ ସଭାପତି ଜେପି ନଡ୍ଡା ଓଡିଶା ଗସ୍ତରେ ଆସି ସ୍ପଷ୍ଟ ବାର୍ତ୍ତା ଦେଇଯାଇଛନ୍ତି ଯେ କେଉଁ ବ୍ୟକ୍ତି ପଦପଦବୀରେ ରହିବେ, ନ ରହିବେ ତାହା ବଡ଼ କଥା ନୁହେଁ, ବଡ଼ କଥା ହେଉଛି ବିଜେପି ସରକାର ଓଡ଼ିଶାରେ ଦୀର୍ଘବର୍ଷ ଧରି କିଭଳି ସଫଳତାର ସହ କାମ କରିବ, ସେଦିଗରେ ଦଳର ସମସ୍ତ ନେତା ଓ କର୍ମୀ ସମର୍ପିତ ଭାବନେଇ କାମ କରିବା ଆବଶ୍ୟକ।

ପୂର୍ବରୁ କୁହାଯାଉଥିଲା ଯେ ବିଧାନସଭା ଅଧିବେଶନ ପରେ ପରେ ସରକାର ଓ ସଂଗଠନରେ ନିଯୁକ୍ତି ଦିଆଯିବ ବୋଲି। ଅନ୍ତତଃ ପକ୍ଷେ ଓଡିଶାରେ ବିଜେପି ସରକାର ବର୍ଷ ପୂର୍ତ୍ତି କରିବା ପୂର୍ବରୁ ଏଭଳି ନିଯୁକ୍ତି ମିଳିଯିବ ବୋଲି ଗତ କିଛିଦିନ ଧରି ଚର୍ଚ୍ଚା ଚାଲୁଥିଲା । ଏବେ କିନ୍ତୁ ଅପରେସନ ସିନ୍ଦୁରକୁ ନେଇ ଚାଲିଥିବା ପରାକ୍ରମ ସମାବେଶ ଓ ରାଜ୍ୟ ସରକାରଙ୍କ ବର୍ଷପୂର୍ତ୍ତି ପାଳନ ନେଇ ଜୋରଦାର ପ୍ରସ୍ତୁତି ଚାଲୁଥିବାରୁ ରାଜନୈତିକ ନିଯୁକ୍ତି ଚର୍ଚ୍ଚା କାଳୁଆ ପଡିଯାଇଛି। ରାଜ୍ୟ ବିଜେପି ସଂଗଠନରେ ପରିବର୍ତ୍ତନ ହେବ କି ନାହିଁ, ମନ୍ତ୍ରୀମଣ୍ଡଳରେ ଅଦଳ ବଦଳ ସହ ନୂଆ ମନ୍ତ୍ରୀ ନିଯୁକ୍ତ ହେବେ କି ନାହିଁ ଏବଂ ସରକାରୀ ପଦ ପଦବୀରେ କେଉଁ ନେତାମାନେ ଥଇଥାନ ହେବେ କି ନାହିଁ, ସେଥିଯେନି ଦଳର କେନ୍ଦ୍ରୀୟ ଓ ରାଜ୍ୟ ସଂଗଠନ ଦାୟିତ୍ୱରେ ଥିବା ନେତାମାନେ ନିର୍ଦ୍ଦିଷ୍ଟ ଭାବେ କିଛି ଘୋଷଣା କରିପାରୁନଥିବାବେଳେ ଠିକଣା ସମୟରେ ଠିକଣା ନିଷ୍ପତ୍ତି ନିଆଯିବ ବୋଲି କିନ୍ତୁ କୁହାଯାଉଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର




# ଲଞ୍ଚ ହେଲା ଶକ୍ତିଶାଳୀ ଲମ୍ବୋରଘିନି ଟେମେରାରିଓ କାର୍



**ନୂଆଦିଲ୍ଲୀ, ୧୯।୫:** ଚକାଚକ୍ ଲୁକ୍ ଦମଦାର୍ ଫିଚର୍ସ ଷ୍ଟାଇଲିସ୍ ଡିଜାଇନ୍। ଲଞ୍ଚ ହେଲା ଲମ୍ବୋରଘିନି ର ନୂଆ ମଡେଲ୍। ଯଦି ଆପଣ ଜଣେ ସୁପରକାର ଲଭର୍, ତେବେ ଆପଣଙ୍କ ପାଇଁ ଗୁଡ୍ ନ୍ୟୁଜ। ଭାରତରେ ଲଞ୍ଚ ହେଲା ବିଶ୍ୱର ସବୁଠାରୁ ଶକ୍ତିଶାଳୀ ହାଇବ୍ରିଡ୍ ସୁପରକାର୍ଲମ୍ବୋରଘିନି ଟେମେରାରିଓ। ଏହା ଏକ ହାଇ-ପରଫରମାନ୍ସ ହାଇବ୍ରିଡ୍ ସୁପରକାର୍, ଯାହା ଏହାର ପାୱାରଫୁଲ୍ ଇଞ୍ଜିନ ଏବଂ ଆଡଭାନ୍ସ ଫିଚର୍ସ ପାଇଁ ସାରା ବିଶ୍ୱରେ ଭାରି ଫେମସ୍। ହାଇବ୍ରିଡ୍ ସୁପରକାର୍ ଟେମେରାରିଓ ମାତ୍ର ୯ ମାସ ପୂର୍ବରୁ ଇଣ୍ଟରନ୍ୟାସନାଲ ମାର୍କେଟରେ ଲଞ୍ଚ ହୋଇଥିଲା। ଯାହା ଏବେ ଭାରତରେ ମଧ ଉପଲବ୍ଧ। ଏହାର ପ୍ରାରମ୍ଭିକ ମୂଲ୍ୟ ପ୍ରାୟ ୬ କୋଟି ଟଙ୍କା। ଟେମେରାରିଓ ହେଉଛି ଲାମ୍ବୋର୍ଗିନିର ଫେମସ୍ ହୁରାକାନ ସିରିଜର ଏକ ଅପଗ୍ରେଡେଡ୍ ଭର୍ସନ ଏବଂ ପ୍ରଥମ ଥର ପାଇଁ ଏଥିରେ ହାଇବ୍ରିଡ୍ ଟେକ୍ନୋଲୋଜି ସହିତ ଡ୍ରିଫ୍ଟ ମୋଡ୍ ଭଳି ଫିଚର୍ସ ପ୍ରଦାନ କରାଯାଇଛି। ତେବେ ଆସନ୍ତୁ ଜାଣିବା ଏହାର ଇଞ୍ଜିନ, ଡିଜାଇନ୍, ଟେକ୍ନୋଲୋଜି ଏବଂ ଅନ୍ୟାନ୍ୟ ଫିଚର୍ସଗୁଡ଼ିକ ବିଷୟରେ। ପ୍ରଥମ ଥର ପାଇଁ, ଟେମେରାରିଓରେ ଏକ ଡ୍ରିଫ୍ଟ ମୋଡ୍ ରହିଛି, ଯାହା ସାହାଯ୍ୟରେ ଡ୍ରାଇଭରମାନେ କଣ୍ଟ୍ରୋଲର ସହିତ ଷ୍ଟାଇଲିସ୍ ସ୍ଲାଇଡ୍ କରିପାରିବେ। ଏଥିରେ ଚାରୋଟି ଡ୍ରାଇଭ୍ ମୋଡ୍ ଅଛି –ପ୍ରଥମ ସିଟା ଯାହା କେବଳ ଇଲେକ୍ଟ୍ରିକ୍ ମୋଡ୍, ଦ୍ୱିତୀୟ ଷ୍ଟ୍ରାଡା ଯାହା ନିତିଦିନିଆ ଡ୍ରାଇଭ୍ ପାଇଁ, ତୃତୀୟ ସ୍ପୋର୍ଟ ଯାହା ହାଇ ସ୍ପିଡ୍ ପାଇଁ, ଏବଂ ଚତୁର୍ଥ କୋର୍ସା ଯାହା ରେସ୍ ଟ୍ରାକ୍ ପାଇଁ। ବ୍ରେକିଂ ସିଷ୍ଟମ ଫ୍ରଣ୍ଟରେ ୪୧୦ଏମଏମ ଡିସ୍କ ବ୍ରେକ୍ ଏବଂ ପଛ ଭାଗରେ ୩୯୦ଏମଏମ ଡିସ୍କ ବ୍ରେକ୍ ରହିଛି, ଯାହା କାରକୁ ମାତ୍ର ୩୨ ମିଟରରେ ୧୦୦ ରୁ ୦ କିଲୋମିଟର/ଘଣ୍ଟା ବେଗରେ ଅଟକାଇ ପାରିବ।

ଟେମେରାରିଓର ଡିଜାଇନ୍ ବହୁତ ଷ୍ଟାଇଲିସ୍ ଏବଂ ହାଲକା। ଏଥିରେ ସମ୍ପୂର୍ଣ୍ଣ ଆଲୁମିନିୟମ୍ ଫ୍ରେମ୍ ଅଛି ଯାହା ଯୋଗୁଁ ଏହାର ଓଜନ ମାତ୍ର ୧,୭୧୫ କିଲୋଗ୍ରାମ। ଏହାର ଓଜନ ୧,୬୯୦ କିଲୋଗ୍ରାମକୁ ହ୍ରାସ ପାଇଥାଏ। ଏଥିରେ ଏକ କାର୍ବନ ଫାଇବର ରିୟର ୱିଙ୍ଗ, ସ୍ପେଶାଲ ଆଲୟ ହ୍ୱିଲ୍ ଏବଂ ଏକ ନୂଆ ବମ୍ପର ସାମିଲ ରହିଛି।

ଏହାର ଇଣ୍ଟେରିୟର ଏକ ଫାଇଟର୍ ଜେଟ୍ ପରି ଦେଖାଯାଉଛି। ଏଥିରେ ୧୨.୩ ଇଞ୍ଚ ଡିଜିଟାଲ୍ କ୍ଲଷ୍ଟର, ୮.୪ ଇଞ୍ଚ ଫ୍ଲୋଟିଂ ଟଚସ୍କ୍ରିନ୍ ଏବଂ ୯.୧ ଇଞ୍ଚ ପ୍ୟାସେଞ୍ଜର ଡିସପ୍ଲେ ଅଛି। ଏହା ସହିତ, ଏଥିରେ ୧୮-ୱେ ପାୱାର ଆଡଜଷ୍ଟେବଲ୍ ସିଟ୍ ଅଛି, ଯାହା ହିଟିଂ ଏବଂ ଭେଣ୍ଟିଲେସନ୍ ସହିତ ଆସିଥାଏ। ଅନ୍ୟାନ୍ୟ ଫିଚର୍ସ ଗୁଡ଼ିକ ମଧରେ ଅଗମେଣ୍ଟେଡ୍ ରିଆଲିଟି ନାଭିଗେସନ୍, ଅନବୋର୍ଡ ଟେଲିମେଟ୍ରି ଏବଂ ଏକ ଡ୍ୟାସକ୍ୟାମ୍ ଆଦି ସାମିଲ ରହିଛି। ୬ ଫୁଟ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ଡ୍ରାଇଭର ମଧ ଏଥିରେ ଆରାମରେ ବସିପାରିବେ। ଏହା ଅଧିକ ପାୱାର, ଆଡଭାନ୍ସ ଟେକ୍ନୋଲୋଜି ଏବଂ ସାନଦାର ଷ୍ଟାଇଲ୍ ଦେଇଥାଏ ଯାହା ଏହାକୁ ସ୍ୱତନ୍ତ୍ର କରିଥାଏ।

## ଟେଲିକମ୍ କମ୍ପାନିଙ୍କୁ ଝଟକା

# ଭୋଡାଫୋନ୍ ଆଇଡିଆ, ଏୟାରଟେଲ୍‌କୁ ଏଜିଆର୍ ଛାଡ଼ ପାଇଁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୫: ଦୂରସଂଚାର କମ୍ପାନିଗୁଡ଼ିକୁ ସୁପ୍ରିମକୋର୍ଟରୁ ବଡ଼ ଝଟକା ଲାଗିଛି। ଭୋଡାଫୋନ୍ ଆଇଡିଆ, ଏୟାରଟେଲ୍ ଓ ଟାଟା ଟେଲି ସର୍ଭିସେସ୍‌ର ଆଡ୍‌ଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ (ଏଜିଆର) ବକେୟାକୁ ଛାଡ଼ କରିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ୍ ଜେ ବି ପାରଦିବାଲା ଓ ଜଷ୍ଟିସ୍ ଆର ମହାଦେବନଙ୍କ ଖଣ୍ଡପୀଠ କହିଛନ୍ତି ଯେ ଭୁଲ ଭାବରେ ଆବେଦନକୁ ପ୍ରସ୍ତୁତ କରାଯାଇଛି। ଭୋଡାଫୋନ୍ ପାଇଁ ପକ୍ଷ ରଖୁଥିବା ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀଙ୍କୁ ଖଣ୍ଡପୀଠ କହିଥିଲେ, 'ଏହି ଯାଚିକା ଦେଖି ଆମେ ସତରେ ଆଶ୍ଚର୍ଯ୍ୟ। ଏକ ବହୁରାଷ୍ଟ୍ରୀୟ କମ୍ପାନିଠାରୁ ଏହି ଆଶା କରାଯାଇନପାରେ। ଆମେ ଏହାକୁ ଖାରଜ କରିବୁ।' ଟେକିଲମ୍ କମ୍ପାନିଙ୍କୁ ସହାୟତା ପ୍ରଦାନ କରିବା ନେଇ ସରକାରଙ୍କ ରାସ୍ତାରେ ଆସିବେନି ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଭୋଡାଫୋନ୍ ଆଇଡିଆ ନିଜ ଏଜିଆର ବକେୟାରେ ସୁଧ, ଜରିମାନା ଓ ଜରିମାନା ଉପରେ ସୁଧ ବାବଦରେ ୩୦ ହଜାର କୋଟି ଟଙ୍କା ଛାଡ଼ ପାଇଁ ଅନୁରୋଧ କରିଥିଲା। ରୋହତଗି ପୂର୍ବରୁ କହିଥିଲେ ଯେ ଟେଲିକମ୍ ସେକ୍ଟରରେ ପ୍ରତିଯୋଗିତା ବଜାୟ ରଖିବା ପାଇଁ ଆବେଦନକାରୀ କମ୍ପାନି ଅସ୍ତିତ୍ୱରେ ରହିବା ଜରୁରି। ଭୋଡାଫୋନ୍ ଆଇଡିଆ ଯୁକ୍ତି ରଖିଥିଲା ଯେ ଏଜିଆର ନିଷ୍ପତ୍ତି ଦ୍ୱାରା ଲଗାଯାଇଥିବା କଟକଣା ଯୋଗୁଁ ଭବିଷ୍ୟତରେ ସରକାରୀ ସହାୟତା ମିଳିପାରିବ ନାହିଁ। ଭିଆଇ ନିଜ ସ୍ପେକ୍ଟ୍ରମ୍ ବକେୟାକୁ ଇକ୍ୱିଟିରେ ପରିବର୍ତ୍ତନ କରି ସରକାରଙ୍କୁ ଅଂଶଧନ ଦେଇଛି। ଏବେ କମ୍ପାନିରେ ସରକାରଙ୍କ ପାଖରେ ମୋଟ ୪୯ ପ୍ରତିଶତ ଇକ୍ୱିଟି ସେୟାର ରହିଛି। କମ୍ପାନି ଉପରେ ଏବେବି ସରକାରଙ୍କ ଏଜିଆର ଓ ସ୍ପେକ୍ଟ୍ରମ ମାମଲାରେ ୧.୯୫ ଲକ୍ଷ କୋଟି ଟଙ୍କା ବକେୟା ରହିଛି। କମ୍ପାନି ଏହା ମଧ କହିଛି ଯେ ସରକାରଙ୍କ ସମର୍ଥନ ବିନା ସେ ଆର୍ଥିକ ବର୍ଷ ୨୦୨୫-୨୬ ପରେ କାର୍ଯ୍ୟ କରିପାରିବ ନାହିଁ। କମ୍ପାନି ଦେବାଳିଆ ଘୋଷଣା ପାଇଁ ନ୍ୟାସନାଲ୍ କମ୍ପାନି ଲ୍ ଟ୍ରିବୁନାଲର ଦ୍ୱାରସ୍ଥ ହେବାକୁ ପଡ଼ିପାରେ। ଅନ୍ୟପଟେ ଏୟାରଟେଲ୍ ଓ ଭାରତୀ ହେକ୍ସାକମ୍ ଯୁକ୍ତି ରଖିଥିଲା ଯେ ବିନା ଛାଡ଼ରେ ବକେୟା ଜାରି ରହିବା ଦ୍ୱାରା କେବଳ କମ୍ପାନିର ପରିଚାଳନାରେ ନୁହେଁ ବରଂ ପୂରା ଟେଲିକମ୍ ସେକ୍ଟର ଉପରେ ପ୍ରଭାବ ପଡ଼ିବ। ଯାଚିକାରେ କୁହାଯାଇଛି ଯେ ସୁଧ ଓ ଜରିମାନା କାରଣରୁ ମୂଳ ପୈଠ ରାଶି ୯୨୩୫ କୋଟି ଟଙ୍କାରୁ ବଢି ୪୩,୯୮୦ କୋଟି ଟଙ୍କା ହୋଇଛି।



# ଲଞ୍ଚ ହେଲା ମହିନ୍ଦ୍ରା ବୋଲେରୋର ନୂଆ ବୋଲ୍ଡ ଏଡିସନ୍

ନୂଆଦିଲ୍ଲୀ, ୧୯।୫: ଭାରତୀୟ ବଜାରରେ ମହିନ୍ଦ୍ରାର ଏସୟୁଭି ଖୁବ ଲୋକପ୍ରିୟ। ମାରୁତି ସୁଜୁକି ପରେ ମହିନ୍ଦ୍ରା ଏକମାତ୍ର କମ୍ପାନୀ ଯିଏ ସର୍ବାଧିକ ସଂଖ୍ୟକ ଏସୟୁଭି ସେଲ୍ କରେ। ଏହି ସଫଳତାକୁ ଆହୁରି ବୃଦ୍ଧି କରିବା ପାଇଁ, ମହିନ୍ଦ୍ରା ଏବେ ଦୁଇଟି ନୂଆ ବୋଲେରୋ ଏବଂ ବୋଲେରୋ ନିଓର ସ୍ପେଶାଲ୍ "ବୋଲ୍ଡ ଏଡିସନ" ଲଞ୍ଚ କରିଛି। କମ୍ପାନୀ ଏହି ନୂଆ ଭର୍ସନର ନାମ "ବୋଲ୍ଡ ଏଡିସନ୍" ରଖିଛି। ଏହା କେବଳ ଏକ ନାମ ନୁହେଁ ବରଂ ଏହି ଏସୟୁଭିର ନୂଆ ଲୁକ୍ ଏବଂ ଷ୍ଟାଇଲକୁ ପ୍ରତିଫଳିତ କରେ। ତେବେ ଆସନ୍ତୁ ଜାଣିବା ବୋଲେରୋ ଏବଂ ବୋଲେରୋ ନିଓ ବୋଲ୍ଡ ଏଡିସନରେ କ'ଣ ବିଶେଷ ଅଛି।

ମହିନ୍ଦ୍ରା ଏହାର ଲୋକପ୍ରିୟ ଏସୟୁଭି ବୋଲେରୋର ଏକ ନୂଆ ଭର୍ସନ ବୋଲ୍ଡ ଏଡିସନ୍ ରୂପରେ ଲଞ୍ଚ କରିଛି। ଯାହା ପୂର୍ବ ଅପେକ୍ଷା ଅଧିକ ଷ୍ଟାଇଲିସ୍ ଏବଂ ଆକର୍ଷଣୀୟ ଦେଖାଯାଉଛି। ଏହି ନୂଆ ଭର୍ସନ ସେହି ଗ୍ରାହକମାନଙ୍କ ପାଇଁ ଯେଉଁମାନେ ଡ଼ିସପ୍ଲେ ଏବଂ ଷ୍ଟାଇଲ୍ ସହିତ କୌଣସି ଆଡ଼ଜଷ୍ଟ କରିବାକୁ ଚାହାଁନ୍ତି ନାହିଁ। ଏହି ଭର୍ସନର ସବୁଠାରୁ ସ୍ୱତନ୍ତ୍ର କଥା ହେଉଛି ଏହାର ଦମଦାର ଏକ୍ସଟେରିୟର୍ ଏବଂ ଡାର୍କ କ୍ରୋମ୍ ଥିମ୍, ଯାହା ବୋଲେରୋକୁ ଏକ ନୂଆ ଏବଂ ବୋଲ୍ଡ ଲୁକ୍ ପ୍ରଦାନ କରେ। ମହିନ୍ଦ୍ରା କାରର ଇଣ୍ଟେରିୟରରେ ମଧ କିଛି ବଡ଼ ପରିବର୍ତ୍ତନ କରିଛି।

ବୋଲେରୋ ବୋଲ୍ଡ ଭର୍ସନରେ ପ୍ରିମିୟମ୍ ବ୍ଲାକ୍ ଇଣ୍ଟେରିୟର ବ୍ୟବହାର କରାଯାଇଛି, ସ୍ପୋର୍ଟି ବ୍ଲାକ୍ ଫ୍ରଣ୍ଟ ବମ୍ପର ମଧ ଯୋଡାଯାଇଛି। ଏହି ଫିଚର୍ସ ବିଶେଷ ଭାବରେ ସେମାନଙ୍କୁ ଆକର୍ଷିତ କରିବ ଯେଉଁମାନେ ଏସୟୁଭିକୁ କେବଳ ଏକ ସାଧାରଣ ଗାଡି ଭାବରେ ନୁହେଁ ବରଂ ଏକ ଡ୍ରିମ୍ କାର୍ ଭାବରେ ଦେଖନ୍ତି। ତଥାପି, ଏହି ଭର୍ସନରେ କୌଣସି ମେକାନିକାଲ୍ ପରିବର୍ତ୍ତନ କରାଯାଇ ନାହିଁ ଅର୍ଥାତ୍ ଏହାର ଇଞ୍ଜିନ ଏବଂ ପାୱାରଟ୍ରେନ୍ ପୁରୁଣା ଇଞ୍ଜିନ ଭଳି। ମହିନ୍ଦ୍ରା ଏହାର ବୋଲେରୋ ପରିବାରରେ ଆଉ ଏକ ବଢିଆ ଭାରିଆଣ୍ଟ ବୋଲେରୋ ନିଓ ବୋଲ୍ଡ ଏଡିସନ୍ ଯୋଡିଛି।

ଯାହା ପାୱାର ଏବଂ ଷ୍ଟାଇଲର ଏକ ବଢିଆ ମିଶ୍ରଣ। କାରର ଇଣ୍ଟେରିୟରରେ ପ୍ରିମିୟମ୍ ବ୍ଲାକ୍ କଲର୍ ବ୍ୟବହାର କରାଯାଇଛି, ଯାହା ଏହି କାରର ସୌନ୍ଦର୍ଯ୍ୟକୁ ଆହୁରି ବୃଦ୍ଧି କରିଛି। ଏହା ବ୍ୟତୀତ, ବୋଲେରୋ ନିଓ ବୋଲ୍ଡ ଭର୍ସନରେ କିଛି ଏକ୍ସଟ୍ରା ଫିଚର୍ସ ମଧ ଯୋଡାଯାଇଛି ଯାହା ଏହାକୁ ନିୟମିତ ଭର୍ସନଠାରୁ ଭିନ୍ନ କରିଥାଏ। ଏଗୁଡ଼ିକ ମଧ୍ୟରୁ ପ୍ରମୁଖ ହେଉଛି – ରୁଫ୍ ରେଲ୍, ଯାହା କାରକୁ ଏକ ସ୍ପୋର୍ଟି ଏବଂ ଆଗ୍ରେସିଭ୍ ଲୁକ୍ ଏବଂ ରିୟର ଭ୍ୟୁ କ୍ୟାମେରା ଦେଇଥାଏ ଯାହା ପାର୍କିଂ ଏବଂ ବ୍ୟାକିଂକୁ ସହଜ ଏବଂ ସୁରକ୍ଷିତ କରିଥାଏ।



# ଆମେରିକାରେ ନଷ୍ଟ ହେଲା ୪କୋଟିର ଭାରତ ଆମ୍ବ

**ୱାଶିଂଟନ, ୧୯।୫:** ଭାରତରୁ ଆମ୍ବ କିଣିବାର ସବୁଠାରୁ ବଡ଼ କ୍ରେତା ହେଉଛି ଆମେରିକା। ନିକଟରେ ଆମେରିକା ଭାରତରୁ ବିମାନ ଯୋଗେ ପଠାଯାଇଥିବା ଆମ୍ବ ସାମଗ୍ରୀ ଫେରାଇ ଦେଇଛି। ଏହାର କାରଣ ଡକ୍ୟୁମେଣ୍ଟରେ ଥିବା ଅସଙ୍ଗତି ବୋଲି କୁହାଯାଇଥିଲା। ଆମେରିକୀୟ ଅଧିକାରୀମାନେ କହିଛନ୍ତି ଯେ ଏହି ଆମ୍ବଗୁଡ଼ିକୁ ଆମେରିକାରେ ହିଁ ନଷ୍ଟ କରାଯିବା ଉଚିତ ନଚେତ୍ ଭାରତକୁ ଫେରାଇ ଦିଆଯିବା ଉଚିତ। ଏଥି ସହ ଏହି ଆମ୍ବଗୁଡ଼ିକର ମୂଲ୍ୟ ୪ କୋଟି ଟଙ୍କାରୁ ମଧ ଅଧିକ ହେବ ବୋଲି କୁହାଯାଉଛି। ଏକ ରିପୋର୍ଟ ଅନୁଯାୟୀ, ଆମ୍ବ ନଷ୍ଟ ହୋଇଯିବା ଏବଂ ଭାରତକୁ ଫେରାଇ ଆଣିବାର ଅଧିକ ଖର୍ଚ୍ଚ ହେତୁ, ସମସ୍ତ ରପ୍ତାନିକାରୀମାନେ ଏହାକୁ ନଷ୍ଟ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ଆମ୍ବଗୁଡ଼ିକୁ ୮ ଏବଂ ୯ ମେ ତାରିଖରେ ମୁମ୍ବାଇରେ ରେଡିଏସନ୍ କରାଯାଇଥିଲା। ଏହି ସାମଗ୍ରୀଗୁଡ଼ିକୁ ଲସ୍ ଆଞ୍ଜେଲସ୍, ସାନ୍ ଫ୍ରାନ୍ସିସ୍କୋ ଏବଂ ଆଟଲାଣ୍ଟା ଭଳି ବିମାନବନ୍ଦରରେ ଅଟକାଯାଇଥିଲା। ଆମେରିକୀୟ ଅଧିକାରୀମାନେ ରେଡିଏସନ୍ ପ୍ରକ୍ରିୟା ସହିତ ଜଡିତ କାଗଜପତ୍ରରେ ଥିବା ତ୍ରୁଟି ପ୍ରତି ଇଙ୍ଗିତ କରିଥିଲେ। ରପ୍ତାନିକାରୀଙ୍କ ଅନୁଯାୟୀ, ସମସ୍ୟାଟି କୀଟପତଙ୍ଗ ଯୋଗୁଁ ନୁହେଁ ବରଂ କୃମିନାଶକ ପ୍ରକ୍ରିୟା ପାଇଁ କାଗଜପତ୍ରରେ ଅସଙ୍ଗତି ଯୋଗୁଁ ହୋଇଥିଲା। ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଏହି ଆମ୍ବଗୁଡ଼ିକୁ କୃମିମୁକ୍ତ କରିବାର ପ୍ରକ୍ରିୟା ସଠିକ୍ ଭାବରେ ଅନୁସରଣ କରାଯାଇ ନଥିଲା। ଏଥି ସହ ଅଧିକାରୀଙ୍କ ଅନୁଯାୟୀ, ରେଡିଏସନ୍ ପ୍ରକ୍ରିୟାରେ କିଛି ଅନିୟମିତତା ସାମ୍ନାକୁ ଆସିଛି। ନାମ ଗୋପନ ରଖିବା ସର୍ତ୍ତରେ ଦୁଇଜଣ ରପ୍ତାନିକାରୀ ଚିନ୍ତା ପ୍ରକାଶ କରିଛନ୍ତି। ଜଣେ ରପ୍ତାନିକାରୀ କହିଛନ୍ତି ଯେ ରେଡିଏସନ୍ ସୁବିଧାରେ ତ୍ରୁଟି ଥିଲା। ସେ କହିଥିଲେ ଯେ ରେଡିଏସନ୍ ପ୍ରକ୍ରିୟା ନଭି ମୁମ୍ବାଇର ଏକ କେନ୍ଦ୍ରରେ ହୋଇଥାଏ। ଆମେରିକାର କୃଷି ବିଭାଗ (ୟୁଏସଡିଏ)ର ଜଣେ ଅଧିକାରୀ ମଧ ସେଠାରେ ଉପସ୍ଥିତ ଅଛନ୍ତି। ଏହି ଅଧିକାରୀ ପିପିକ୍ୟୁ୨୦୩ ଫର୍ମକୁ ପ୍ରମାଣିତ କରିବା ପାଇଁ ଦାୟୀ। ଆମେରିକା ଯାଉଥିବା ଆମ୍ବ ପାଇଁ ଏହି ଫର୍ମ ଆବଶ୍ୟକ। ରପ୍ତାନିକାରୀ ଆହୁରି କହିଛନ୍ତି ଯେ ରେଡିଏସନ୍ ସୁବିଧାରେ ହୋଇଥିବା ଭୁଲ ପାଇଁ ତାଙ୍କୁ ଦଣ୍ଡ ଦିଆଯାଉଛି।



# ଓଡ଼ିଶା ପାଲଟୁଛି ଅକ୍ଷୟ ଶକ୍ତି ବିନିର୍ମାଣ ହବ୍

**ଭୁବନେଶ୍ୱର, ୧୯।୫:** ରାଜ୍ୟକୁ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ କରିବା ଦିଗରେ ରାଜ୍ୟରେ ବିଭିନ୍ନ ଯୋଜନା ଏବେ ପ୍ରଣୟନ ହେଉଛି। ରାଜ୍ୟରେ ସୋଲାର ଫଟୋଭୋଲଟିକ ସେଲ୍, ଇଲେକ୍ଟ୍ରୋଲାଇଜର, ବ୍ୟାଟେରୀ ଷ୍ଟୋରେଜ ସିଷ୍ଟମ ଭଳି କ୍ଷେତ୍ରରେ ନିବେଶ ଲାଗି କମ୍ପାନି ଏବେ ଆଗଭର ହେଉଛନ୍ତି। ଓଡ଼ିଶାକୁ ଅକ୍ଷୟ ଶକ୍ତି ଯନ୍ତ୍ରାଂଶ ଉତ୍ପାଦନରେ ଟପ୍ ୧୦ ରାଜ୍ୟରେ ସାମିଲ କରାଇବା ଲକ୍ଷ୍ୟ। ମେକ୍ ଇନ୍ ଓଡ଼ିଶାରେ ଅକ୍ଷୟ ଶକ୍ତି କ୍ଷେତ୍ର ୪.୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ ପାଇଛି। ଏହା ରାଜ୍ୟକୁ ଅକ୍ଷୟ ଶକ୍ତି ବିନିର୍ମାଣ ହବ୍ ଭାବେ ବିକଶିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ଶିଳ୍ପ ବିଭାଗ ପକ୍ଷରୁ ଆଶା କରାଯାଇଛି।

ଶିଳ୍ପ ବିଭାଗ ସୂଚନା ମୁତାବକ ଶିଳ୍ପ କ୍ଷେତ୍ରରେ ୨୫% ଅକ୍ଷୟ ଶକ୍ତି ବ୍ୟବହାର ଯୋଜନା ମଧ ରହିଛି। ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତି କ୍ଷେତ୍ରରେ ନିଯୁକ୍ତିକୁ ୧.୫ ଗୁଣ ବଢ଼ାଇବେ ରାଜ୍ୟ ସରକାର। ବାର୍ଷିକ ୩ରୁ ୫ ନିୟୁତ ଟନ୍ ଗ୍ରୀନ ହାଇଡ୍ରୋଜେନ ଉତ୍ପାଦନ ଦିଗରେ ରାଜ୍ୟ ଅଗ୍ରସର ହେଉଛି। ଏହା ଦ୍ୱାରା ପୂର୍ବ ଏବଂ ଦକ୍ଷିଣ ଭାରତରେ ଗ୍ରୀନ ଇଣ୍ଡଷ୍ଟ୍ରିଆଲ କରିଡର ନିର୍ମାଣରେ ସହାୟକ ହେବ। ରାଜ୍ୟ ଏବେ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ, ଗ୍ରୀନ ହାଇଡ୍ରୋଜେନ ଯାନ ଚଳାଚଳ, ଏନର୍ଜି ଷ୍ଟୋରେଜ, ହାଇଡ୍ରୋଜେନ କ୍ଷେତ୍ରରେ ଗବେଷଣା ପ୍ରତିଷ୍ଠାନ, ହାଇଡ୍ରୋଜେନ ଟେଷ୍ଟିଂ ଲ୍ୟାବ ଏବଂ ସେଣ୍ଟର ଅଫ୍ ଏକ୍ସିଲେନ୍ସ ଦ୍ୱାରା ନବସୃଜନ ଏବଂ ଟେକ୍ନୋଲୋଜି କ୍ଷମତାକୁ ବଢ଼ାଇବାକୁ ଯୋଜନା ରଖିଛନ୍ତି। ସେହିଭଳି ଉପଯୁକ୍ତ ଭୂମିର ଉପଲବ୍ଧତା ଅଭାବକୁ ନଜରରେ ରଖି ବଡ଼ ଜଳାଶୟ ଗୁଡ଼ିକରେ ଭାସମାନ ସୋଲାର ପିଭି ପ୍ରକଳ୍ପ ଉପରେ ମଧ ରାଜ୍ୟ ଫୋକସ କରୁଛି। ଏ କ୍ଷେତ୍ରରେ ଅକ୍ଷୟ ଶକ୍ତି ଜମି ଲିଜ୍ ନୀତି ଉପରେ କାମ ହେଉଛି। ଏହା ଦ୍ୱାରା ପତିତ ଜମି ଗୁଡ଼ିକୁ ସୌର ପ୍ରକଳ୍ପ ଲାଗି ବ୍ୟବହାର କରାଯାଇପାରିବ। ବିକଶିତ ଭାରତ ୨୦୪୭କୁ ନଜରରେ ରଖି ରାଜ୍ୟ ବିଜୁଳି ରପ୍ତାନି ଭାବେ ଉଭା ହେବାକୁ ଲକ୍ଷ୍ୟ ରଖିଛି। ରାଜ୍ୟ ସରକାରଙ୍କ ଯୋଜନା ଏବଂ ପିଏମ୍ କୁସୁମ ଦ୍ୱାରା କୃଷି କ୍ଷେତ୍ରରେ ୫୦% ଅକ୍ଷୟ ଶକ୍ତି ବ୍ୟବହାର ଯୋଜନା ରହିଛି। ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ନୂଆ ଅକ୍ଷୟ ଶକ୍ତି ନୀତି ଦ୍ୱାରା ନିବେଶ, ଶିଳ୍ପ ସହ ଗୋଷ୍ଠୀ ବିକାଶ ଭଳି ଦିଗକୁ ପ୍ରାଥମିକତା ଦିଆଯାଇଛି। ପ୍ରକଳ୍ପ ଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ, ଅକ୍ଷୟ ଶକ୍ତିକୁ ଗ୍ରହଣୀୟତାକୁ ତ୍ୱରାନ୍ୱିତ କରିବା ଏବଂ ଭବିଷ୍ୟପନ୍ଥୀ ଗ୍ରୀଡ ଭଳି ବିକାଶ ଉପରେ ବିସ୍ତୃତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି। ଦେଶର ନେଟ୍ ଜିରୋ ଲକ୍ଷ୍ୟ ଦିଗରେ ଓଡ଼ିଶା ଏକ ମଡେଲ ରାଜ୍ୟ ହେବା ଦିଗରେ ଅଗ୍ରସର। ମେକ୍ ଇନ୍ ଓଡ଼ିଶାରେ ମିଳିଥିବା ୪.୪୦ ଲକ୍ଷ କୋଟିର ଅକ୍ଷୟ ଶକ୍ତି ନିବେଶ ପ୍ରସ୍ତାବ ମଧରେ ୨.୦୬ ଲକ୍ଷ କୋଟିର ୩୫ ଗିଗାୱାଟ୍ ପମ୍ପଡ ଷ୍ଟୋରେଜ ପ୍ରକଳ୍ପ, ୧.୧୦ ଲକ୍ଷ କୋଟି ଟଙ୍କାର ୨୧ ଗିଗାୱାଟର ସୋଲାର ପ୍ରକଳ୍ପ ରହିଛି। ରାଜ୍ୟ ଅକ୍ଷୟ ଶକ୍ତି ନୀତି ୨୦୨୨ ଲାଗୁ ହେବା ପରେ ୧୨,୩୧୮ କୋଟିର ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ରାଜ୍ୟ ୨୦୩୦ ସୁଦ୍ଧା ୧୦.୯୬ ଗିଗାୱାଟ ଅକ୍ଷୟ ଶକ୍ତି କ୍ଷମତା ଯୋଡିବାକୁ ଲକ୍ଷ୍ୟ ରଖିଛି। ଏଥିରେ ୭.୫ ଗିଗାୱାଟ ସୋଲାର ଏବଂ ୨ ଗିଗାୱାଟ ପବନ ଶକ୍ତି କ୍ଷମତା ସାମିଲ ରହିବ।




## ମେକ୍ ଇନ୍ ଓଡ଼ିଶାରେ ମିଳିଛି ୪.୪ ଲକ୍ଷ କୋଟିର ନିବେଶ ପ୍ରସ୍ତାବ

## ଆଜିର ସୁନା, ରୁପା ଦର



ବଢ଼ୁଛି ସୁନା ଦର। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୫, ୫୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୫୫୦ ଟଙ୍କା ଛୁଇଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୫୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭, ୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୬୬୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୫୧୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭, ୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୫, ୫୧୦ ଓ ୮୭, ୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୮,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଦେଶରେ ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ ଜାରି କରାଯାଇଛି। ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୬୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୩. ୨୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୫୨ ପଇସା ରହିଛି।




# ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍

# ପୁରୁଷଙ୍କୁ ବିପଦ ଅଧିକ



ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ମୁଖ୍ୟତଃ ଯୁବାବସ୍ଥାରେ ହୋଇଥାଏ। ଜଣଙ୍କ ବୟସ ୨୦ରୁ ୪୦ବର୍ଷ ହୋଇଥିବା ବେଳେ ଏହା ଆରମ୍ଭ ହୋଇଥାଏ। ଏହାର ଚିକିତ୍ସା ସମ୍ଭବ। କିନ୍ତୁ ଚିକିତ୍ସାରେ ଅବହେଳା ଯୋଗୁଁ ବୟସ ବଢ଼ିବା ବେଳକୁ ଏହି ରୋଗୀମାନଙ୍କ ସକ୍ରିୟତା କମି ଯାଇଥାଏ। କ୍ରମଶଃ ସେମାନେ ଆବଶ୍ୟକ ଚଳପ୍ରଚଳ କରିପାରି ନଥାନ୍ତି। ବରଂ ସେମାନଙ୍କ ଶରୀର ନମନୀୟତା ହରାଇଥାଏ। ଯଦି ଆରମ୍ଭରୁ ଏହି ରୋଗର ଚିକିତ୍ସା କରାଯାଏ, ତେବେ ରୋଗୀ ସୁସ୍ଥ ହୋଇପାରିବେ। ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ଏକପ୍ରକାରର ଗଣ୍ଠିବାତ, ଯାହା ସମୟ ସହିତ ମେରୁଦଣ୍ଡ, ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। କ୍ରମଶଃ ରୋଗୀର ମେରୁଦଣ୍ଡର ନମନୀୟତା ମଧ ନଷ୍ଟ ହୋଇଯାଏ। ପରିଣାମ ସ୍ୱରୂପ, ଧୀରେ ଧୀରେ ରୋଗୀର ଶରୀର ବଙ୍କା ହୋଇଯାଇଥାଏ। ଏହି ରୋଗର ପ୍ରକୃତ କାରଣ ଏଯାଏ ଜଣାପଡ଼ି ନାହିଁ। ପ୍ରାୟତଃ ବଂଶଗତ ଓ ପରିବେଶର ପ୍ରଭାବରେ ଏହି ରୋଗ ହୋଇଥାଏ। ଏଚ୍ଏଲ୍ଏ-ବି୨୭ ନାମକ ଏକ ଜିନ୍ ଏହି ରୋଗୀମାନଙ୍କଠାରେ ଦେଖାଦେଇଥାଏ। ଆଙ୍କାଇଲୋଜି ସ୍ପଣ୍ଡିଲାଇଟିସ୍ ମହିଳାଙ୍କ ଅପେକ୍ଷା ପୁରୁଷଙ୍କ ଠାରେ ଅଧିକ ଦେଖା ଦେଇଥାଏ।

**ରୋଗର ଲକ୍ଷଣ**

ଏହି ସ୍ପଣ୍ଡିଲାଇଟିସ୍ ଆରମ୍ଭ ପର୍ଯ୍ୟାୟରେ ଅଣ୍ଟାର ନିମ୍ନ ଭାଗରେ ଯନ୍ତ୍ରଣା ହେବା ସହ ଷ୍ଟିଫ୍ ହୋଇଯାଇଥାଏ। ଏହି ଯନ୍ତ୍ରଣା ବିଶେଷତଃ ସକାଳ ସମୟରେ କିମ୍ବା ଶରୀର ନିଷ୍କ୍ରିୟ ହେବା ପରେ ଅନୁଭୂତ ହୋଇଥାଏ। ଏହି ରୋଗ ହେବା ପରେ ବେକରେ ଯନ୍ତ୍ରଣା ଓ ଥକାପଣ ଅନୁଭବ ହୁଏ। ସମୟ ସହିତ ଏସବୁ ଲକ୍ଷଣରେ ପରିବର୍ତ୍ତନ ଆସିଥାଏ। ଏହାର କେତେକ ମୁଖ୍ୟ ଲକ୍ଷଣ ହେଉଛି:

୧. ସକାଳୁ ଉଠିବା ପରେ ପ୍ରାୟ ଘଣ୍ଟାଏ ପର୍ଯ୍ୟନ୍ତ ଅଣ୍ଟା ଦରଜ ରହିବା।

୨. ରାତିରେ ଶୋଇବା ସମୟରେ ପିଠି ଦରଜ ବଢ଼ିଯିବା।

୩. ବେକ ଦରଜ ହେବା ସହ ବୁଲାଇବାରେ ମଧ ଯନ୍ତ୍ରଣା ହେବା।

୪. ଅନ୍ୟାନ୍ୟ ଗଣ୍ଠି, ଯେପରିକି ଜଂଘସନ୍ଧି, ଆଣ୍ଠୁ, କାନ୍ଧ ଓ କହୁଣି ଆଦି ଫୁଲିବା ସହ ଦରଜ ହେବା।

୫. ସକାଳୁ ଉଠି ଭୂଇଁରେ ପାଦ ପକାଇବାରେ କଷ୍ଟ ହେବା।

୬. ଆଖି ଲାଲ ପଡ଼ିବା ସହ ଯନ୍ତ୍ରଣା ଅନୁଭୂତ ହେବା।

ପ୍ରାୟ ୯୦ ଭାଗ ଅଙ୍କାଇଲୋଜିଂ ସ୍ପଣ୍ଡିଲାଇଟିସ୍ ରୋଗୀଙ୍କଠାରେ ଏଚ୍ଏଲ୍ଏ-ବି୨୭ ଜିନ୍ ରହିଥିବା ଜଣାପଡ଼ିଛି।

**ଚିହ୍ନଟ କରିବେ କେମିତି**

ଯଦି କୌଣସି ଲୋକ ନିୟମିତ ଭାବେ ସକାଳୁ ଉଠିବା ସମୟରେ ଅଣ୍ଟାରେ ଯନ୍ତ୍ରଣା ହୋଇଥାଏ, କିନ୍ତୁ

> ଏହା ଏପରି ଏକ ଗଣ୍ଠିବାତ, ଯାହା ମେରୁଦଣ୍ଡ, ହାତ ଓ ଏହାର ଆଖପାଖ ଗଣ୍ଠି ସମୂହକୁ ପ୍ରଭାବିତ କରିଥାଏ। ଧୀରେଧୀରେ ରୋଗୀର ଶରୀର ବଙ୍କା ହୋଇଯାଇଥାଏ।

କିଛି ସମୟର କାର୍ଯ୍ୟକଳାପ ପରେ ଏହି ଯନ୍ତ୍ରଣା କମିଯାଇଥାଏ ତେବେ ଏହା ଆଙ୍କାଇଲୋଜିଂ ସ୍ପଣ୍ଡିଲାଇଟ୍ସ ବୋଲି ସନ୍ଦେହ କରାଯାଇପାରେ। ଏହି ପରିସ୍ଥିତିରେ ତୁରନ୍ତ ରୁମାଟୋଲୋଜିଷ୍ଟଙ୍କ ପରାମର୍ଶ ନେବା ଉଚିତ। ଏଥିପାଇଁ ବିଭିନ୍ନ ପ୍ରକାରର ରକ୍ତ ପରୀକ୍ଷା କରାଯାଏ ଯେପରି ଇଏସ୍ଆର୍, ସି.ଆର୍.ପି. ଓ ଅଣ୍ଟା ଏକ୍ସରେ ମାଧ୍ୟମରେ ଏହି ରୋଗକୁ ଚିହ୍ନଟ କରାଯାଏ। ଏହା ବ୍ୟତୀତ ରୋଗର ଚିହ୍ନଟ ପାଇଁ ଏମ୍.ଆର୍.ଆଇ. ଓ ଏଚ୍ଏଲ୍ଏ-ବି୨୭ ଜିନ୍ର ପରୀକ୍ଷା ମଧ କରାଯାଇଥାଏ।

**ଚିକିତ୍ସା ଓ ନିୟନ୍ତ୍ରଣର ଉପାୟ**

ରୋଗକୁ ନିୟନ୍ତ୍ରଣ କରିବା ପାଇଁ ଆଧୁନିକ ଚିକିତ୍ସା ବିଜ୍ଞାନରେ ବହୁପ୍ରକାର ଔଷଧ ଉପଲବ୍ଧ ହେଲାଣି, ଯାହାକୁ ଡିଜିଜ୍ ମୋଡିଫାଇଙ୍ଗ୍ ଆଣ୍ଟିରୁମାଟିକ୍ ଡ୍ରଗ୍ସ କୁହାଯାଏ। ସ୍ପଣ୍ଡିଲାଇଟିସ୍କୁ ସଂପୂର୍ଣ୍ଣ ଭଲ କରାଯାଇ ନପାରିଲେ ମଧ ଲକ୍ଷଣକୁ ଦେଖି ନିୟନ୍ତ୍ରଣ କରାଯାଇପାରିବ। ଏଥିସହିତ ତୀବ୍ର ବେଗରେ ବଢୁଥିବା ରୋଗର ଗତିକୁ ହ୍ରାସ କରିଦିଆଯାଇପାରେ।

ଦୈନନ୍ଦିନ ଜୀବନରେ ବିଭିନ୍ନ ଆହ୍ୱାନକୁ ସାମନା କରିବା ପାଇଁ ବିଭିନ୍ନ ପ୍ରକାରର ପୋଷକତତ୍ତ୍ୱର ଆବଶ୍ୟକତା ରହିଛି। ଶରୀର ପାଇଁ ଫଳ, ପନିପରିବା, ବିଭିନ୍ନ ଶସ୍ୟଜାତୀୟ ଖାଦ୍ୟ ସହ ସତେଜ ଓ ସୁସ୍ଥକର ଖାଦ୍ୟ ଦରକାର। ଅଧିକ ମଦ୍ୟପାନ ଓ ଧୂମପାନ ନ କରିବା ଭଲ। ପର୍ଯ୍ୟାପ୍ତ ମାତ୍ରାର କ୍ୟାଲ୍ସିୟମ୍ ଓ ଭିଟାମିନ୍ ଡି ଖାଇଲେ ଭଲ। ଏହି ଦୁଇ ପୋଷକତତ୍ତ୍ୱ ହାଡ଼କୁ ମଜଭୁତ କରିଥାଏ। ବୟସ୍କଙ୍କ କ୍ଷେତ୍ରରେ ଦିନକୁ ୧୦୦୦ରୁ ୧୨୦୦ ମି.ଗ୍ରା. କ୍ୟାଲ୍ସିୟମ୍ ଆବଶ୍ୟକ ହୋଇଥାଏ। କିନ୍ତୁ ନିଜ ପାଇଁ କେତେ କ୍ୟାଲ୍ସିୟମ୍ ଆବଶ୍ୟକ, ତାହା ଡାକ୍ତରଙ୍କ ସହ ପରାମର୍ଶ କଲେ ଜଣାପଡ଼ିବ। କ୍ୟାଲ୍ସିୟମ୍ଯୁକ୍ତ ଖାଦ୍ୟପଦାର୍ଥ ମଧରେ ଦୁଗ୍ଧ ଜାତୀୟ ଉତ୍ପାଦ, କଦଳୀ, ବ୍ରୋକୋଲି, ଶସ୍ୟଜାତୀୟ ଖାଦ୍ୟ ଓ ଜୁସ୍ ଆଦି ରହିଛି। ସେହିପରି ଭିଟାମିନ୍ ଡି କେତେକ ମାଛ ଓ ସୂର୍ଯ୍ୟକିରଣରେ ରହିଛି। ଏହା ସହିତ ଓଜନକୁ ନିୟନ୍ତ୍ରଣରେ ରଖନ୍ତୁ।

**ଚିକିତ୍ସା ନିର୍ଦ୍ଦେଶକ,ଓଡ଼ିଶା ଆର୍ଥ୍ରାଇଟିସ୍ ଓ ରୁମାଟୋଲୋଜି କେନ୍ଦ୍ର**
**ସହିଦନଗର, ଭୁବନେଶ୍ୱର**

# କ୍ରୋଧ କମାଉଛି ଓମେଗା-୩

ଏକ ଖାଦ୍ୟ ପରିପୂରକ ଭାବେ ବ୍ୟବହୃତ ତଥା ମାଛ ତେଲରେ ରହିଥିବା ଓମେଗା-୩ ପରି ଚର୍ବିକାମ୍ଳ ଆମର ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟ ଠିକ୍ ରଖିବା ସହ ଆମର ଆକ୍ରମଣାତ୍ମକ ମନୋଭାବ କମାଇଥାଏ ବୋଲି ଏକ ସଦ୍ୟ ଅଧ୍ୟୟନରୁ ଜଣାଯାଇଛି। ପୂର୍ବରୁ ସିଜୋଫ୍ରେନିଆ ରୋଗର ପ୍ରତିରୋଧକ ଭାବେ ଏହି ଓମେଗା-୩କୁ ବିବେଚନା କରାଯାଉଥିଲା। ଏହି ଅବସରରେ କୌଣସି ପୋଷକତତ୍ତ୍ୱର ଅଭାବକୁ ପୀଡ଼ିତର ଆକ୍ରମଣାତ୍ମକ ମନୋଭାବ ଓ ଅସାମାଜିକ ବ୍ୟବହାର ପାଇଁ ଦାୟୀ କରାଯାଉଥିଲା। ଆମେ ଯାହା ଭକ୍ଷଣ କରୁଛୁ, ତାହା ଆମର ମସ୍ତିଷ୍କ ରସାୟନକୁ ପ୍ରଭାବିତ କରିଥାଏ ବୋଲି ସ୍ପଷ୍ଟ ହୋଇଥିଲା। ତେବେ ପେନ୍ସିଲ୍ଭାନିଆ ବିଶ୍ୱବିଦ୍ୟାଳୟର ଗବେଷକମାନଙ୍କ ଅନୁଯାୟୀ, ଏହି ଓମେଗା-୩ ମଧ ଆକ୍ରମଣାତ୍ମକ କାର୍ଯ୍ୟକଳାପକୁ ପ୍ରଭାବିତ କରୁଛି। ୧୯୯୬ ମସିହାରୁ ୨୦୨୪ ମଧରେ ଏକ ଦୀର୍ଘମିଆଦୀ ଅନୁଧାନରେ ୩,୯୧୮ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ପ୍ରାୟ ୨୯ ପ୍ରକାର ନିୟନ୍ତ୍ରିତ ପରୀକ୍ଷା ନିରୀକ୍ଷା ଚଳାଇ ସେମାନେ ଏହି ନିର୍ଯାସରେ ପହଞ୍ଚିପାରିଛନ୍ତି। ବୟସ-ଲିଙ୍ଗ ନିର୍ବିଶେଷରେ ପ୍ରାୟ ୧୬ ସପ୍ତାହର ଓମେଗା-୩ ପ୍ରୟୋଗ ଦ୍ୱାରା ପ୍ରାୟ ୨୮ ପ୍ରତିଶତ ଆକ୍ରମଣାତ୍ମକ ମନୋଭାବ କମିପାରୁଛି ବୋଲି ଜାଣିବାକୁ ମିଳିଛି। ପେନ୍ସିଲ୍ଭାନିଆ ଗବେଷକମାନଙ୍କ ଏହି ନୂତନ ସିଦ୍ଧାନ୍ତ ଏକ ସକାରାତ୍ମକ ପରିଣାମ ଆଣିପାରିବାର ଆଶା ସଂଚାର କରିଛି। ବିଶେଷ କରି ଏପରି ଆକ୍ରମଣାତ୍ମକ ବ୍ୟବହାର ପ୍ରଦର୍ଶନ ଦେଖାଉଥିବା ଶିଶୁଙ୍କୁ ସପ୍ତାହକୁ ସ୍ୱାଭାବିକଠାରୁ ଟିକେ ଅଧିକ ପରିମାଣର ମାଛ ଖାଇବାକୁ ଦେଇ ତାହାକୁ ନିୟନ୍ତ୍ରଣ କରିହେବ ବୋଲି ସେମାନେ ଆଶାବାଦୀ ଅଛନ୍ତି। ସେହିପରି ଶରୀରରେ ଏହି ଓମେଗା-୩ ଚର୍ବିକାମ୍ଳର ସନ୍ତୁଳନ ହିଁ ସମାଜରେ ହିଂସାତ୍ମକ କାର୍ଯ୍ୟକଳାପ ରୋକିବାରେ ଅନ୍ୟତମ ଭୂମିକା ନିଭାଇବ ବୋଲି ଆଶା କରାଯାଉଛି।



# ମହିଳାଙ୍କ ଉପରେ ଧୂମପାନର କୁପ୍ରଭାବ

ଧୂମପାନ ମହିଳାଙ୍କ ସ୍ୱାସ୍ଥ୍ୟ ଉପରେ ବିଭିନ୍ନ ପ୍ରକାର କୁପ୍ରଭାବ ପକାଇଥାଏ। ଧୂମପାନ କରୁଥିବା ମହିଳାମାନଙ୍କ ଶରୀର ଭିତରକୁ ବିଭିନ୍ନ ପ୍ରକାର ଅପକାରୀ ରାସାୟନିକ ଓ କର୍କଟ ସୃଷ୍ଟିକାରୀ କାର୍ସିନୋଜେନ ପ୍ରବେଶ କରି ବିଶେଷ କରି ଫୁସ୍ଫୁସ୍ କର୍କଟ, ସ୍ତନ କର୍କଟ ଓ ଜରାୟୁ କର୍କଟ ଆଦିର ଆଶଙ୍କା ବଢ଼ାଇଥାଏ। ସେହିପରି ଶରୀରର ରକ୍ତକଣିକାଗୁଡ଼ିକ ସଂକୁଚିତ ହୋଇ ରକ୍ତଚାପ ବଢ଼ାଇବା ସହ ହୃଦ୍ଘାତ ଆଶଙ୍କା ଆଣିଥାଏ। ଏହା ଶ୍ୱାସନଳୀରେ କ୍ଷତି ପହଞ୍ଚାଇ ବ୍ରୋଙ୍କାଇଟିସ୍, ଏମ୍ଫାଇସେମା ଓ ଅନ୍ୟାନ୍ୟ ଶ୍ୱାସକ୍ରିୟା ଜଡ଼ିତ ରୋଗ ସୃଷ୍ଟି କରିଥାଏ। ମହିଳାଙ୍କ ଶରୀରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ହରମୋନ୍ କ୍ଷରଣରେ ଅସନ୍ତୁଳନ ଆଣି ପ୍ରଜନନ ବା ଗର୍ଭଧାରଣ କ୍ଷମତା କମାଇ ଦେଇଥାଏ। ଏହା ମଧ ମହିଳାଙ୍କର ଗର୍ଭାଶୟ ବାହାରେ ଗର୍ଭଧାରଣ (ଇକ୍ଟୋପିକ୍ ପ୍ରେଗ୍ନାନ୍ସି) ସମସ୍ୟା ଆଣିବା ସହ ଶୀଘ୍ର ରଜନିବୃତ୍ତି (ମେନୋପଜ୍) କରାଇଥାଏ। ଅନିୟମିତ ଋତୁସ୍ରାବ ସହିତ ମାସିକ ଋତୁ ବେଳେ ଭୀଷଣ ତଳିପେଟ ଯନ୍ତ୍ରଣା ହୋଇଥାଏ। ଧୂମପାନ ଯୋଗୁଁ ଗର୍ଭପାତର ଆଶଙ୍କା ରହିବା ସହ ଅକାଳ ପ୍ରସବରେ ଅପରିପକ୍ୱ ଶିଶୁ ତଥା ଅଳ୍ପ ଓଜନର ଶିଶୁ ଜନ୍ମ ସହ ନବଜାତ ଠାରେ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ଲାଗି ରହିଥାଏ। ସେହିପରି ଏହା ଶରୀରର ଅସ୍ଥିଗୁଡ଼ିକୁ ଦୁର୍ବଳ କରିଦେବା ସହ ତ୍ୱଚାର ନମନୀୟତା ନଷ୍ଟ କରି ଅକାଳ ବାର୍ଦ୍ଧକ୍ୟ ଆଣିଥାଏ। ଏହା ଶରୀରର ରୋଗପ୍ରତିରୋଧ ଶକ୍ତିକୁ ଦୁର୍ବଳ କରିଦେଇଥାଏ। ଧୂମପାନ ଦ୍ୱାରା ଫୁସ୍ଫୁସ୍ର ଶ୍ୱାସକ୍ରିୟା କ୍ଷମତାରେ ହ୍ରାସ ଘଟି ମାଂସପେଶୀ ଦୁର୍ବଳ ହୋଇଯାଏ, ଶରୀର କୌଣସି କାର୍ଯ୍ୟ ପାଇଁ ଅନୁପଯୁକ୍ତ ହୋଇପଡ଼େ।



# ଓଜନ ହ୍ରାସ ପାଇଁ ଆୟୁର୍ବେଦ ଉପାୟ



ଆଧୁନିକ ଜୀବନଚର୍ଯ୍ୟାରେ ସମ୍ପ୍ରତି ମେଦବହୁଳତା ବା ଓଜନବୃଦ୍ଧି ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି। ଜୀବନଶୈଳୀ ସାଙ୍ଗକୁ ଅସ୍ୱାସ୍ଥ୍ୟକର ଖାଦ୍ୟାଭ୍ୟାସ ଯୋଗୁଁ ଖୁବ୍ ଅଳ୍ପ ବୟସର କିଶୋରକିଶୋରୀଙ୍କ ଠାରେ ହୃଦ୍ଘାତ ଓ ମଧୁମେହ ପରି ରୋଗ ଦେଖାଦେଉଛି। ତେଣୁ ଶରୀରର ବର୍ଦ୍ଧିତ ଓଜନକୁ କମାଇବା ଲାଗି ଅନେକଙ୍କ ଆଖିରୁ ନିଦ ହଜିଯାଇଛି। ଏହାର ଉପଚାର ପାଇଁ ବଜାରରେ ଆଧୁନିକ ଚିକିତ୍ସା ପଦ୍ଧତି ଓ ଔଷଧ ଉପଲବ୍ଧ। ତେବେ ଆମ ପାରମ୍ପରିକ ଚିକିତ୍ସା ପଦ୍ଧତି ଆୟୁର୍ବେଦରେ ବି ରହିଛି ଏହାର ଉପଚାର। ଏହି ଚିକିତ୍ସା ପଦ୍ଧତି ମଣିଷର ଶରୀର, ମନ ଓ ଚେତନା ମଧରେ ତାଳମେଳ ରଖି ସ୍ୱାଭାବିକ ସ୍ୱାସ୍ଥ୍ୟ ବଜାୟ ରଖିବାରେ ସାହାଯ୍ୟ କରେ। ଏହି କ୍ରମରେ ଏପରି ଅନେକ ଆୟୁର୍ବେଦୀୟ ଉପାୟ ରହିଛି, ଯାହା ଶରୀରରେ ଅନାବଶ୍ୟକ ଭାବେ ଗଚ୍ଛିତ ଚର୍ବିକୁ ତରଳାଇ ଓଜନ କମାଇବାରେ ସହାୟକ ହୁଏ। ଏହି ଧାରାରେ ପ୍ରଥମେ ଆସେ ପିପଳି। ଏହା ହଜମ ପ୍ରକ୍ରିୟାକୁ ସୁଗମ କରିବା ସହ ଓଜନ ହ୍ରାସ ପାଇଁ ଏକ ଅମୋଘ ଅସ୍ତ୍ର ଭାବେ କାମ କରିଥାଏ। ପିପଳିରେ ଥିବା ପିପରମିନ୍ ନାମକ ଉପାଦାନ ଶରୀରରେ ତାପ ସୃଷ୍ଟି କରି ବଳକା ଚର୍ବିକୁ ଜଳାଇଦେଇଥାଏ। ଏଥି ସହିତ ଏହାର ଆଣ୍ଟିଅକ୍ସିଡାଣ୍ଟ୍ ଗୁଣ ଶରୀରରେ ସୃଷ୍ଟ କ୍ଷତିକାରକ ମୁକ୍ତ ଅଣୁସମୂହକୁ ପ୍ରତିରୋଧ କରି ସ୍ୱାସ୍ଥ୍ୟ ଠିକ୍ ରଖିଥାଏ। ଏହା କୋଷୀୟ କ୍ରିୟା ଓ ଶରୀର ଗଠନରେ ମଧ ସହାୟକ ହୋଇଥାଏ। ଡାଲଚିନି ହେଉଛି ଅନ୍ୟତମ ମହୌଷଧି, ଯାହା ରକ୍ତଶର୍କରା ନିୟନ୍ତ୍ରଣ ଓ ଶରୀର ଗଠନକୁ ନିୟମିତ କରିଥାଏ। ଡାଲଚିନି ମନରେ ପୂର୍ଣ୍ଣତା ଭାବ ଆଣିବା ସହ କ୍ଷୁଧା ଦୂର କରି ଓଜନବୃଦ୍ଧିକୁ ରୋକିଥାଏ। ଏହା ମଧ ପିପଳି ଅନୁରୂପ ଚର୍ବି ଦହନକୁ ପ୍ରୋତ୍ସାହିତ କରି ମେଦବହୁଳତା କମାଇଥାଏ।

ଭାରତୀୟ କିନୋ ବୃକ୍ଷ ଭାବେ ପରିଚିତ ପିଆଶାଳ କାଠ ରସର ମଧ ଓଜନହ୍ରାସ ଗୁଣ ରହିଛି। ଏହା ଶରୀରର ପୋଷକତତ୍ତ୍ୱ ଆହରଣ କ୍ଷମତାକୁ ବଢ଼ାଇବା ସହ କୋଲେଷ୍ଟେରଲ ସ୍ତର ଓ ଚର୍ବିସୃଷ୍ଟିକୁ କମାଇଥାଏ। ତ୍ରିଫଳା (ହରିଡ଼ା, ବାହାଡ଼ା ଓ ଅଁଳାର ସମାହାର) ଅନ୍ତନାଳୀରେ ଖାଦ୍ୟପଦାର୍ଥର ଗତିକୁ ସୁଗମ କରି କୋଷ୍ଠକାଠିନ୍ୟ ଦୂର କରିଥାଏ। ଶରୀରରୁ ବିଷାକ୍ତ ଉପାଦାନ ନିଷ୍କାସନ କରିବାର ଗୁଣ ମଧ ଏହାର ରହିଛି। ତେଣୁ ତ୍ରିଫଳା ଗୁଣ୍ଡ ସେବନ ଦ୍ୱାରା ଚର୍ବି ଓ ଓଜନ ହ୍ରାସ ହୋଇଥାଏ। ବାଡ଼ିବଗିଚାରେ ବଢୁଥିବା ଗୁଳୁଚିର ଓଜନହ୍ରାସ ଦିଗରେ ଗୁରୁ ଭୂମିକା ରହିଛି। ଏହା ଶରୀରର ରୋଗପ୍ରତିରୋଧକତା ବଢ଼ାଇବା ସହ ଶରୀର ଗଠନକୁ ଉନ୍ନତ କରି ଶାରୀରିକ ଓଜନକୁ ନିୟନ୍ତ୍ରିତ କରିଥାଏ। ଜଣେ ଆୟୁର୍ବେଦ ଚିକିତ୍ସକଙ୍କ ସହ ପରାମର୍ଶ ପରେ ଏସବୁ ଗ୍ରହଣୀୟ।





# ଆଖି ତଳ ଦାଗ ଉପଚାରରେ 'ଫିଲର୍ସ'

ଅନେକଙ୍କର ଆଖି ତଳେ ଗାଢ଼ ରଙ୍ଗର ଦାଗ ଦେଖାଦେଇଥାଏ। ଏହା ଜଣଙ୍କୁ କ୍ଳାନ୍ତ ଅଥବା ବୟସ୍କ ହୋଇଥିବାର ଭାବନା ଆଣିଥାଏ। ଏପରି କଳା ଦାଗ ଲିଭାଇବା ପାଇଁ ପ୍ରଚୁର ସୁଖନିଦ୍ରା ସହ ଅଧିକ ପାନୀୟ ସେବନ ଓ ନାନା ପ୍ରକାର ରାସାୟନିକ ପ୍ରଲେପ ବୋଳିବା ପାଇଁ ପରାମର୍ଶ କରାଯାଇଥାଏ। ତେବେ ସେଗୁଡ଼ିକ କ୍ଷଣସ୍ଥାୟୀ ଉପଚାର କହିଲେ ଅତ୍ୟୁକ୍ତି ହେବନାହିଁ। ଅପରପକ୍ଷେ, ଏବେ ସେହି କଳାଦାଗ ଚିରଦିନ ପାଇଁ ଲିଭାଇବା ଲାଗି ଚର୍ମ ତଳେ 'ଅଣ୍ଡର-ଆଇ ଫିଲର୍ସ' ନାମକ ଏକ ପ୍ରକାର ତରଳ ପଦାର୍ଥର ଉପଯୋଗ ଲୋକପ୍ରିୟ ହେବାରେ ଲାଗିଛି। ଆମ ଶରୀରର ଚର୍ମକୁ ଚିକ୍କଣ ତଥା ଆର୍ଦ୍ର ରଖିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଥିବା ହ୍ୟାଲୁରୋନିକ ଏସିଡ୍(ଏଚଏ) ପରି ପ୍ରାକୃତିକ ସାମଗ୍ରୀରୁ ସ୍ୱତନ୍ତ୍ର ଭାବରେ ସୃଷ୍ଟ ଏହି 'ଅଣ୍ଡର-ଆଇ ଫିଲର୍ସ'କୁ ସାଧାରଣତଃ ଇଞ୍ଜେକ୍ସନ ସାହାଯ୍ୟରେ ଉପଯୋଗ କରାଯାଇଥାଏ। ଉଲ୍ଲେଖଯୋଗ୍ୟ, ଚର୍ମ ପତଳା ହୋଇଗଲେ କି ଚର୍ମତଳେ ଚର୍ବି ଅଂଶ କି କୋଲାଜେନ୍ ପରିମାଣ କମିଗଲେ ଆଖିତଳେ ଏପରି କଳାଦାଗ ଦେଖାଦେଇଥାଏ। ତେବେ ଅଣ୍ଡର-ଆଇ ଫିଲର୍ସ ଆଖି ତଳେ ପ୍ରବେଶ କରିବା ମାତ୍ରେ ତାହା ଧୀରେଧୀରେ ସଂପୃକ୍ତ ସ୍ଥାନକୁ ଉଜ୍ଜ୍ୱଳ ତଥା ତାଜା କରିଦେବା ସହ ଚର୍ମର ଆର୍ଦ୍ରତା ଓ ନମନୀୟତା ବଢ଼ାଇ ତ୍ୱଚାର ପୂର୍ବରୂପ ଫେରାଇ ଆଣିଥାଏ। ମାତ୍ର ୧୫ରୁ ୩୦ ମିନିଟ ଭିତରେ ସାଧିତ ହୋଇ ପାରୁଥିବା ଏହି ଫିଲର୍ସ ଉପଯୋଗ ପ୍ରକ୍ରିୟା ଏକ ଅଣ-ଅସ୍ତ୍ରୋପଚାର ପଦ୍ଧତି ହେବା ସହ ଏହାର ତତ୍କାଳ ଫଳାଫଳ ପାଇଁ ଏହାର ଚାହିଦା ବଢ଼ିବାରେ ଲାଗିଛି।



**ବିରଳ ଶ୍ରବଣ ସମସ୍ୟାର ସମ୍ମୁଖୀନ ହୋଇଥିଲେ ଅଲକା ୟାଗ୍ନିକ**

# ଉଚ୍ଚ ସ୍ୱରରେ ଗୀତ ଶୁଣିଲେ ହରାଇପାରନ୍ତି ଶ୍ରବଣ ଶକ୍ତି

ଉତ୍ତମ ସଂଗୀତ ଶ୍ରୁତିମଧୁର ହେବା ସହ ମନରେ ଶାନ୍ତି ଜାଗ୍ରତ କରାଇଥାଏ। ତେବେ ଉଚ୍ଚସ୍ୱରରେ ସଂଗୀତ ଶୁଣିଲେ ଶ୍ରବଣ ବିଶୃଙ୍ଖଳା ଦେଖାଦେବା ସହ ସ୍ଥଳବିଶେଷରେ ଶ୍ରବଣଶକ୍ତି ହରାଇବାକୁ ପଡ଼ିଥାଏ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଆସୁଛନ୍ତି। ବଲିଉଡ଼ର ଲୋକପ୍ରିୟ କଣ୍ଠଶିଳ୍ପୀ ଅଲକା ୟାଗ୍ନିକ ମଧ ଏଭଳି ଶ୍ରବଣ ସମସ୍ୟାର ଶିକାର ହୋଇଥିଲେ। କିଛି ଦିନ ତଳେ ଅଲକା ଇନ୍ଷ୍ଟାଗ୍ରାମ୍ରେ ତାଙ୍କ ଅବସ୍ଥା ସମ୍ପର୍କରେ ଜଣାଇଥିଲେ। ଶୁଣିବାରେ ହଠାତ୍ ସମସ୍ୟା ଦେଖାଦେବାରୁ ସେ ଡାକ୍ତରଙ୍କ ପାଖକୁ ଯାଇଥିଲେ। କ୍ରମେ ସେ କିଛି ବି ଶୁଣିପାରିନଥିଲେ। ତେବେ ପରୀକ୍ଷା ନିରୀକ୍ଷା ପରେ ତାହା ଏକ ବିରଳ ଭୂତାଣୁ ଜନିତ ସ୍ନାୟବିକ ଶ୍ରବଣହୀନତା ବୋଲି ଜଣାପଡ଼ିଥିଲା। ଚିକିତ୍ସା ପରେ ସେ ଧୀରେଧୀରେ ତାଙ୍କ ଶ୍ରବଣ ଶକ୍ତି ଫେରି ପାଇଥିଲେ। ଏଥି ସହିତ ସଂଗୀତପ୍ରେମୀମାନେ ଉଚ୍ଚ ସ୍ୱରରେ ସଂଗୀତ ନଶୁଣିବା ପାଇଁ ଅଲକା ପରାମର୍ଶ କରିଛନ୍ତି।

ବିଶେଷଜ୍ଞଙ୍କ କହିବାନୁଯାୟୀ, କର୍ଣ୍ଣ ଗହ୍ୱରରେ ବିଭିନ୍ନ କୋଷ ଓ କ୍ଷୁଦ୍ର ଲୋମରାଶି ରହିଛି, ଯାହା ଆମକୁ ଶୁଣିବାରେ ସାହାଯ୍ୟ କରିଥାଏ। ତେବେ ଦୀର୍ଘ ସମୟ ଧରି ଉଚ୍ଚ ସ୍ୱରରେ ସଂଗୀତ ଶୁଣିବା ଦ୍ୱାରା ସେଗୁଡ଼ିକର କ୍ଷତି ଘଟିଥାଏ। ଆମ କାନ ପାଇଁ ୭୦ ଡେସିବଲ୍ ତୀବ୍ରତାର ଶବ୍ଦ ନିରାପଦ। ସେଥିରୁ ଅଧିକ ଡେସିବଲ୍ ଶ୍ରବଣଶକ୍ତି ନଷ୍ଟ କରିଦେବାର ଆଶଙ୍କା ରହିଛି। ସେହିପରି ଏକାଦିକ୍ରମେ ସଂଗୀତ ଶୁଣିବା ଅବଧିକୁ କମାଇବା ସହ ଶ୍ରବଣ ବିଶୃଙ୍ଖଳାର କୌଣସି ପ୍ରକାର ଲକ୍ଷଣ ଦେଖାଗଲେ ତୁରନ୍ତ ବିଶେଷଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରିବା ଜରୁରି।

# ଅଣ୍ଟା ଯନ୍ତ୍ରଣାର ସରଳ ଉପଚାର

ଜିକାଲି ଅଣ୍ଟା ଯନ୍ତ୍ରଣା ଏକ ସାଧାରଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ନିୟମିତ ଚାଲିବା ହେଉଛି ଏଭଳି ଏକ ବିପଦହୀନ ବ୍ୟାୟାମ, ଯାହା ଅଣ୍ଟା ଯନ୍ତ୍ରଣାକୁ ଦୂର କରିଦେଇପାରିବ ବୋଲି ଅଷ୍ଟ୍ରେଲିଆର ମାକ୍ୱାରି ବିଶ୍ୱବିଦ୍ୟାଳୟର ଗବେଷକମାନେ ଦାବି କରିଛନ୍ତି। ଏକ ଅନୁଧ୍ୟାନରେ ୭୦୧ ଜଣ ସ୍ୱେଚ୍ଛାସେବୀଙ୍କୁ ସାମିଲ କରି ସେମାନେ ଏହି ସିଦ୍ଧାନ୍ତରେ ପହଞ୍ଚିଛନ୍ତି। ସୂଚନାଯୋଗ୍ୟ, ଅଣ୍ଟାରେ ଯନ୍ତ୍ରଣା ଏଭଳି ଏକ ଅସୁସ୍ଥତା, ଯାହା ଥରେ ଆରମ୍ଭ ହେଲେ ଲାଗି ରହିଥାଏ। ଚିକିତ୍ସା ଦ୍ୱାରା ଉପଶମ ଲାଭ କରିଥିବା ପୀଡ଼ିତଙ୍କ ଭିତରୁ ପ୍ରାୟ ୭୦% ବର୍ଷକ ପରେ ପୁଣି ଅଣ୍ଟାରେ ଯନ୍ତ୍ରଣା ଅନୁଭବ କରିଥା'ନ୍ତି। ତେବେ ବିନା ଖର୍ଚ୍ଚରେ ଯେ କୌଣସି ସ୍ଥାନରେ ଓ ଯେ କୌଣସି ସମୟରେ ଉପଲବ୍ଧ ହୋଇପାରୁଥିବା 'ଚାଲିବା' ବ୍ୟାୟାମ ହିଁ ଏ ଦିଗରେ ସର୍ବଶ୍ରେଷ୍ଠ ଆଶ୍ୱସ୍ତି ପ୍ରଦାନ କରିବ ବୋଲି ଗବେଷକମାନେ କହିଛନ୍ତି। ତେବେ ଚାଲିବା ଦ୍ୱାରା ଅଣ୍ଟା ଯନ୍ତ୍ରଣା ଦୂର ହେବାର ଠୋସ୍ କାରଣ ସେମାନେ ପାଇନାହାନ୍ତି। ସମ୍ଭବତଃ ଚାଲିଲେ ଆମର ମେରୁହାଡ଼, ସ୍ନାୟବିକ ସଂରଚନା ଓ ମାଂସପେଶୀଗୁଡ଼ିକ ଦୃଢ଼ ହୋଇଥାଏ, ଫଳରେ ଅଣ୍ଟାଯନ୍ତ୍ରଣା ଦୂର ହୋଇଥାଏ।



